# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Monday, November 6/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୪୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 341 ମୂଲ୍ୟ ₹୭/-




Govt. of Uttarakhand | G20 भारत 2023 INDIA वसुधैव कुटुम्बकम् ONE EARTH • ONE FAMILY • ONE FUTURE | Azadi Ka Amrit Mahotsav



**Pushkar Singh Dhami**
Chief Minister, Uttarakhand

Unveiling Uttarakhand's Opportunities

# YOUR GATEWAY FROM
# Peace to Prosperity



The construction of developed India for the 21st century rests on two primary pillars - pride in heritage and, second every possible effort for the development. Today, both these pillars are being strengthened by Uttarakhand. This decade will be the decade of Uttarakhand.

**Narendra Modi**
Prime Minister

## DESTINATION UTTARAKHAND
GLOBAL INVESTORS SUMMIT 2023

December, 2023 Dehradun (Uttarakhand) Peace To Prosperity

## MUMBAI ROAD SHOW

Monday, 6th November, 2023 | 11:30 Onwards | Venue : Hotel Taj Mahal Palace, Apollo Bunder, Colaba, Mumbai




## FOCUS SECTORS

- Automobile and Auto components
- Pharmaceuticals
- IT/ ITeS
- Electronics
- Renewable Energy
- AYUSH & Wellness
- Herbs & Aromatics
- Food Processing
- Agriculture & allied
- Tourism & Hospitality
- Education
- Film Shooting
- Bio Technology
- Horticulture and Floriculture
- Natural Fibers

## KEY POLICIES

• Service Sector Policy 2023 • Solar Energy Policy 2023 • MSME Policy 2023 • Start-Up Policy 2023 • Customized Package • Logistics Policy 2023 • Film Policy 2015 (as amended in 2019) • Private Industrial Park Policy 2023 • Mega Industrial Policy 2015 • Export Policy 2021 • Tourism Policy 2023-30 • Drone Policy 2023 • IT Policy 2019 • Wellness & Ayush Policy • Biotechnology Policy 2018-23 • Food Processing Policy • Pump Storage Projects Policy 2023

## Be Our Growth Partner

- Transparent tax policies and swift approvals for the projects.
- Large number of engineering and management Institutes including IIT & IIM.
- Fractional cost of setting up of Industrial units as compared to NCR or other cities.
- Good Governance and image as a peaceful state.
- Good quality of life for employees due to healthy environment.
- Attractive investment policy of State Govt.
- Availability of suitable industrial land to start business at a cheap rate.
- Good connectivity by Rail, Road and Air with NCR.
- So far, MoUs worth Rs. 94000 crore have been signed with various industrial groups in various road shows organized in the country and abroad for investment in Uttarakhand. Work is in progress on priority basis for their grounding.
- Along with Ease of Doing Business, Achievers category in the LEADS Ranking of the Department for Promotion of Industry and Internal Trade and Leader category in the Startup Ranking.
- The size of GSDP increased to Rs 3.03 lakh crore in the year 2022-23 which was Rs. 2.65 lakh crore in the last year 2021-22.
- Per capita income of the state more than the national per capita income.
- Unprecedented progress in Road, Rail, Ropeway (RRR) as well as air connectivity in the state.
- According to NITI Aayog, Uttarakhand is at 4th place in SDG Ranking.
- UPCL ranked 1st among Himalayan States in Consumer Service Rating by Ministry of Power, Government of India.
- First position among Himalayan states, 9th position in the entire country in the ranking of NITI Aayog's Export Preparedness Index for the year 2021.
- Uttarakhand Tourism awarded as the Best Adventure Tourism Destination by the Ministry of Tourism, Government of India.
- Award of Best Tourism Village to Sarmoli village of Pithoragarh district by the Ministry of Tourism, Government of India.
- The Char Dham Road Project strengthened the road connectivity of Char Dham as well as Tanakpur-Pithoragarh.
- After the construction of Delhi-Dehradun elevated road, one can go from Delhi to Dehradun in just two and a half hours.
- Work on Rishikesh-Karnprayag rail project is progressing fastly.
- International Convention Center and Wellness City proposed in Rishikesh.

For more detail please log on **investuttarakhand.uk.gov.in**
Or Scan QR Code
/ukgis2023

Issued in Public Interest by Department of Information and Public Relations, Uttarakhand | www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

ଧରିତ୍ରୀ
DHARITRI



# ଭାରତର ବିରାଟ ବିଜୟ


ବିରାଟ କୋହଲି

## ଜନ୍ମଦିନରେ କୋହଲିଙ୍କ ଶତକ ଭେଟି | ଜାଡେଜାଙ୍କୁ ୫ ଉଇକେଟ

**କୋଲକାତା, ୫।୧୧**

ଜନ୍ମଦିନରେ ବିରାଟ କୋହଲିଙ୍କ ଶତକ ଏବଂ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ସହାୟତାରେ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୨୪୩ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୨୬ ରନ କରିଥିଲା। ମ୍ୟାଚ ଆଗେଇବା ସହ ଇଡେନ ଗାର୍ଡେନ୍ସ ପିଚ୍ କ୍ରମେ ସ୍ଲୋ ହୋଇଯାଇଥିବା ବେଳେ ଦକ୍ଷିଣ ଆଫ୍ରିକା ୨୭.୧ ଓଭରରେ ମାତ୍ର ୮୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ଏହା ସର୍ବନିମ୍ନ ସ୍କୋର। ୨୦୦୭ରେ ଗ୍ରସ୍ ଆଇଲେଟ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ କରିଥିବା ୧୪୯ ରନ ସର୍ବନିମ୍ନ ଥିଲା। ଶତକୀୟ ଇନିଂସ ପାଇଁ ବିରାଟ କୋହଲି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟର ଏକମାତ୍ର ଦଳଭାବେ ଭାରତ ୮ ମ୍ୟାଚରୁ ୮ ବିଜୟ ସହ ୧୬ ପଏଣ୍ଟ ପାଇ ଅପରାଜେୟ ରହିଛି। କେବଳ ସେତିକି ନୁହେଁ, ଦଳ ରନ୍ ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇ ପଏଣ୍ଟ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ମଧ୍ୟ ଦୃଢ଼ କରିଛି।

ଇଡେନର ପିଚ୍‌କୁ ଠିକ୍‌ଭାବେ ପଢ଼ିପାରିଥିଲେ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାଭିଡ। ତେଣୁ ଟସ୍ ଜିତିବା ପରେ ସ୍ୱାଭାବିକଭାବେ ଫିଲ୍ଡିଂ ପସନ୍ଦ କରୁଥିବା ରୋହିତ ଏଠାରେ କିନ୍ତୁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ☞ପୃଷ୍ଠା-୨

# ଫସଲହାନିରୁ ଭାଗଚାଷୀଙ୍କ ଆତ୍ମହତ୍ୟା

**ନୟାଗଡ଼/ରଣପୁର,୫।୧୧**
**(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଥାନା ଜଙ୍କିଆ ପଞ୍ଚାୟତ ଓସ୍ତପଡ଼ା ଗାଁର ଗୋବିନ୍ଦ ସାହୁ(୬୫) ନାମକ ଜଣେ ଭାଗଚାଷୀ ରବିବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଛନ୍ତି । ଧାନ ଫସଲ ହାନି ଯୋଗୁ ଗୋବିନ୍ଦ ପ୍ରାଣ ହରାଇଥିବା ତାଙ୍କ ସ୍ତ୍ରୀ ଗେଲି ସାହୁ ଓ ସମ୍ପର୍କୀୟ ବିକ୍ରମ ସାହୁ ଅଭିଯୋଗ କରିଛନ୍ତି । ଖବର ପାଇ କୃଷି ବିଭାଗର ଏକ ଟିମ୍ ତଦନ୍ତ କରି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସଣ୍ଢୁଆଣି ଆକ୍ରମଣ**

# ଓଡ଼ିଶାରେ କମୁଛି ଦୁଗ୍ଧ ଉତ୍ପାଦନ

**ରାଜ୍ୟରେ ଦୁଗ୍ଧ ଉତ୍ପାଦନ କମୁଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। ଗୋପାଳନ ଉପରେ ନିର୍ଭର କରୁଥିବା ଗରିବ ଏବଂ ନାମମାତ୍ର ଚାଷୀଙ୍କ ଆୟ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଉଚିତ ପ୍ରାପ୍ୟ ଓ ପ୍ରୋତ୍ସାହନ ମିଳୁ ନ ଥିବାରୁ ଚାଷୀମାନେ ଗୋପାଳନରୁ ମୁହଁ ଫେରାଉଛନ୍ତି। ନିକଟରେ ନ୍ୟାଶନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଆଣ୍ଡ୍ ରୁରାଲ ଡେଭେଲପମେଣ୍ଟ(ନାବାର୍ଡ) ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ଯଦିଓ ଓଡ଼ିଶା ଗାଇ ସଂଖ୍ୟାରେ ଦେଶର ୧୦ ଶ୍ରେଷ୍ଠ ରାଜ୍ୟ ମଧ୍ୟରେ ରହିଛି। ଏହା ସତ୍ତ୍ୱେ ୨୦୨୧-୨୨ରେ ଦୁଗ୍ଧ ଉତ୍ପାଦନରେ ୧୮ତମ ସ୍ଥାନରେ ରହିଛି ଓଡ଼ିଶା।**



**ଭୁବନେଶ୍ୱର,୫।୧୧(ଅନିଲ ଦାସ)**

ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ସୁପାରିସ ଅନୁଯାୟୀ ଦୈନିକ ଜଣେ ବ୍ୟକ୍ତିର ପୁଷ୍ଟି ସାଧନ ପାଇଁ ଅତି କମ୍‌ରେ ୩୦୦ ଗ୍ରାମ୍ ଦୁଗ୍ଧର ଆବଶ୍ୟକତା ରହିଛି। ଜାତୀୟ ହାର ତୁଳନାରେ ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ କମ୍ ରହିଛି। ଜାତୀୟ ସ୍ତରରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ ୪୪୪ ଗ୍ରାମ୍ ରହିଥିବା ବେଳେ ଓଡ଼ିଶାରେ ଏହା ୧୪୪ ଗ୍ରାମ୍ ରହିଛି। ୨୦୨୩ ସୁଦ୍ଧା ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୭୯ କୋଟି। ଆଇସିଏମ୍‌ଆର୍ ସୁପାରିଶ ଅନୁଯାୟୀ ରାଜ୍ୟ ପାଇଁ ୫.୨୫ ନିୟୁତ ଟନ(ଏମ୍‌ଟି)ଦୁଗ୍ଧର ଆବଶ୍ୟକତା ଥିବାବେଳେ ୨୦୨୨-୨୩ରେ ଉତ୍ପାଦନ ହୋଇଛି ମାତ୍ର ୨.୪୮ ଏମ୍‌ଟି। ଏହା ରାଜ୍ୟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ।

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ହ୍ରାସ ହେବା ପଛରେ ଅନେକ କାରଣକୁ ଦାୟୀ କରାଯାଇଛି। ରାଜ୍ୟରେ ଯେଉଁ ଗାଈ ଅଛନ୍ତି, ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହ୍ରାସ ପାଇବା ସହ ଗୋଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା, କୃତ୍ରିମ ପ୍ରଜନନର ଅଭାବ ରହିଛି। ଏଥିସହିତ ଅଚଳ କିମ୍ବା ସ୍ୱଳ୍ପ ସମୟ ପାଇଁ ଚାଲୁଥିବା ଦୁଗ୍ଧ ସମବାୟ ସମିତିଗୁଡ଼ିକ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ରିପୋର୍ଟରେ କୁହାଯାଇଛି।

ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଚାଷ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ☞ପୃଷ୍ଠା-୨







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାକୁର ନ ସ୍ୱପ୍ନେଇଲେ ଭୋଗ ପାଆନ୍ତି ନାହିଁ,
ଛୁଆ ନ କାନ୍ଦିଲେ ମା' କ୍ଷୀର ଦିଏ ନାହିଁ ।**

ନିଜର ମନୋଭାବ ପ୍ରକାଶ ନ କଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ତେଣୁ ନିଜର ସାବ୍ୟସ୍ତ ବା ଅଧିକାର ପାଇବା ପାଇଁ ସ୍ୱର ଉତ୍ତୋଳନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଡିମ୍ବ ତିଅଣ କି
ଆଇଁଷେ ଲେଖା ?**

ସାଧାରଣତଃ ଅଳ୍ପ ବୟସ୍କ ଶିଶୁଙ୍କଠାରେ ପରିପକ୍ୱତା ଆସି ନ ଥାଏ ଓ ସେମାନଙ୍କ ଅଭିଜ୍ଞତା କମ୍ ରହିଥାଏ । ତେଣୁ ଏପରି ଶିଶୁ ସଂସାରରେ ଜଣେ ବୋଲି ପରିଚିତ ବା ବିବେଚିତ ହେବା ଆଶା କ୍ଷୀଣ ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ଏଭଳି ପ୍ରଶ୍ନବାଚୀ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଟେରାକୋଟା ମୃତ୍ତିକା ପ୍ରଦର୍ଶନୀରେ ରବିବାର ଜଣେ ମହିଳା କାରିଗର କଳାକୃତିରେ ଶେଷ ସ୍ପର୍ଶ ଦେଉଛନ୍ତି। **(ଫଟୋ: ବିକାଶ ନାୟକ)**

# କୀଟନାଶକ ପରିବର୍ତ୍ତେ ଏବେ ଆଲୋକ ଯନ୍ତା

**ଫସଲକୁ କୀଟ ଦାଉରୁ ରକ୍ଷା କରିବ**

**■ ଏନ୍‌ଆର୍‌ଆର୍‌ଆଇ ବୈଜ୍ଞାନିକଙ୍କ ଉଦ୍ଭାବନ**

**କଟକ,୫।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଏଣିକି ଫସଲ ନଷ୍ଟ କରୁଥିବା ପୋକ ବା କୀଟମାନଙ୍କୁ ମାରିବା ପାଇଁ ଚାଷୀଙ୍କୁ ଆଉ କ୍ଷତିକାରକ ରସାୟନ ପ୍ରୟୋଗ କରିବାକୁ ପଡ଼ିବ ନାହିଁ। ଫସଲକୁ କୀଟ ଦାଉରୁ ରକ୍ଷା କରିବା ପାଇଁ ଉଦ୍ଭାବନ ହୋଇଛି ଏକ ଯନ୍ତା, ଯାହାକି ପରିବେଶ ଅନୁକୂଳ। ଯାହାର ନାମ ହେଉଛି ସୌରଶକ୍ତି ୨୪/୭ ଇନ୍‌ସେକ୍ଟ ଟ୍ରାପ୍ ବା ଆଲୋକ ଯନ୍ତା। ଏହି ଯନ୍ତା ଉଦ୍ଭାବନ କରିଛନ୍ତି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ର ଓଡ଼ିଆ ବୈଜ୍ଞାନିକ ଶ୍ୟାମରଞ୍ଜନ ଦାସ ମହାପାତ୍ର। ଏହି ଯନ୍ତା ବ୍ୟବହାର କଲେ ଚାଷଜମିରେ ଆଉ କେମିକାଲ ବା କୀଟନାଶକ ପ୍ରୟୋଗ କରିବାକୁ ପଡ଼ିବ ନାହିଁ ବୋଲି ବୈଜ୍ଞାନିକ ମହାପାତ୍ର କହିଛନ୍ତି।

ସାଧାରଣତଃ ସନ୍ଧ୍ୟା ହେଲେ ଚାଷଜମିକୁ ବହୁସଂଖ୍ୟାରେ କୀଟପତଙ୍ଗ ଆସି କ୍ଷତି କରିଥାଆନ୍ତି। ସେମାନଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଏହି ମେସିନ ବେଶ୍ ଲାଭଦାୟକ ହେବ। ପୋକଗୁଡିକ ଆଲୋକ ପ୍ରତି ଆକର୍ଷିତ ହୋଇଥାନ୍ତି। ସେମାନଙ୍କ ଏହି ପ୍ରବୃତ୍ତିକୁ ଆଧାର କରି ଆଲୋକ ଯନ୍ତା ଉଦ୍ଭାବନ ହୋଇଛି। ସେହିଭଳି ବହୁସଂଖ୍ୟାରେ କୀଟ




ସୌରଶକ୍ତି ୨୪/୭ ଇନସେକ୍ଟ ଟ୍ରାପ ବା ଆଲୋକ ଯନ୍ତା।

ଆସିବାର ଅଛି କିମ୍ବା କେଉଁ କେଉଁ ପ୍ରଜାତିର କୀଟପତଙ୍ଗ ଆସୁଛନ୍ତି ସେ ସବୁ ମଧ ଏହି ଯନ୍ତା ସାହାଯ୍ୟରେ ଜାଣିହେବ। ଏହି ଯନ୍ତା ସମ୍ପୂର୍ଣ୍ଣ ଭାବେ ସୌରଚାଳିତ ଓ ସହଜରେ ଯେକୌଣସି ସ୍ଥାନରେ ରଖାଯାଇ ପାରିବ। ୩ଟି ଭାଗରେ ବିଭକ୍ତ ଏହି ଯନ୍ତାରେ ଏଲ୍‌ଇଡି ବଲ୍‌ବ ଲଗାଯାଇଛି। ଏହି ବଲ୍‌ବକୁ ଏକ ବ୍ୟାଟେରି ଓ ବ୍ୟାଟେରିକୁ ସୋଲାର



ଓଡ଼ିଆ ବୈଜ୍ଞାନିକ ଶ୍ୟାମରଞ୍ଜନ ଦାସ ମହାପାତ୍ର

ପ୍ୟାନେଲ ସହିତ ସଂଯୋଗ କରାଯାଇଛି। ଏହି ଯନ୍ତାରେ ଏକ ଟାଇମର୍ ଲଗାଯାଇଛି। ସ୍ୱୟଂଚାଳିତ ଯନ୍ତାରେ ପୋକଗୁଡିକ ପାଇଁ ଦୁଇଟି ଚାମ୍ବର ଅଛି, ଯାହାଦ୍ୱାରା ଉପକାରୀ ଓ ଅପକାରୀ ପୋକଙ୍କୁ ଅଲଗା କରାଯାଇପାରିବ। ପୋକଗୁଡ଼ିକ ଯନ୍ତାରେ ପଶିବା ପରେ କ୍ଷତିକାରକ ପୋକଗୁଡ଼ିକୁ ନଷ୍ଟ କରିହେବ ଓ ଉପକାରୀ ପୋକକୁ ପୁଣି ଫସଲରେ ଛଡ଼ାଯାଇ ପାରିବ।

ଏହାକୁ ଫସଲ କିଆରି ନିକଟରେ ରଖିଦେଲେ କାମ ଆରମ୍ଭ କରିଦିଏ। ସୂର୍ଯ୍ୟାସ୍ତ ପରେ ଟାଇମର୍‌ଟି ବଲ୍‌ବକୁ ୩/୪ ଘଣ୍ଟା ପର୍ଯ୍ୟନ୍ତ ଜଳାଇ ରଖିଥାଏ। ୪ ଘଣ୍ଟା ପରେ ଏହି ଯନ୍ତା ସ୍ୱୟଂ ବନ୍ଦ ହୋଇଯାଏ। ଆଲୋକ ପ୍ରତି ଆକର୍ଷିତ ହୋଇ ପୋକଗୁଡ଼ିକ ଏହି ଯନ୍ତାରେ ପଶିବା ପରେ ଆଉ ବାହାରକୁ ବାହାରି ପାରନ୍ତି ନାହିଁ। କେବଳ ରାତି ନୁହଁ ଦିନରେ ମଧ ଏହା କାର୍ଯ୍ୟ କରିଥାଏ। ଏପରି କି ପୋକଗୁଡିକ କେତେକ ରଙ୍ଗ ପ୍ରତି ମଧ ଆକର୍ଷିତ ହୋଇଥାନ୍ତି। ଏହାକୁ ଆଧାର କରି ହଳଦିଆ ଓ ନୀଳ ରଙ୍ଗର ଯନ୍ତା ମଧ ରହିଛି, ଯାହା ଦିନରେ ମଧ ପୋକଙ୍କୁ ଆକର୍ଷିତ କରିପାରେ। ଏହି ଯନ୍ତା ମେଘୁଆ ପାଗରେ ବି ୪ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ ବୋଲି ଶ୍ୟାମରଞ୍ଜନ କହିଛନ୍ତି।

ଏହି ଯନ୍ତାକୁ ବୈଜ୍ଞାନିକ ୨ ଭାଗରେ ବିଭକ୍ତ କରିଛନ୍ତି। ଗୋଟିଏ ହେଉଛି ପର୍ଯ୍ୟବେକ୍ଷଣ ଓ ଅନ୍ୟଟି ହେଉଛି ମାସ୍ ଟ୍ରାପିଂ (ସମୂହ ପୋକଧରା)। ପର୍ଯ୍ୟବେକ୍ଷଣ ପାଇଁ ୧ ହେକ୍ଟର ଜମିରେ ଗୋଟିଏ ଆଲୋକ ଯନ୍ତା ବ୍ୟବହାର କରାଯିବ। ସେହିପରି ମାସ୍ ଟ୍ରାପିଂ ପାଇଁ ୧ ହେକ୍ଟର ଜମିରେ ୩ଟି ଯନ୍ତା ବ୍ୟବହାର ହେବ। ଏଥିପାଇଁ ୨ ପ୍ରକାର ଯନ୍ତା ମଧ ରହିଛି। ଗୋଟିଏ ହେଉଛି ଡେ ନାଇଟ ଟ୍ରାପ୍–୩, ଯାହାର ମୂଲ୍ୟ ୯୫୦ ଟଙ୍କା ଓ ଅନ୍ୟଟି ଡେ ନାଇଟ ଟ୍ରାପ୍–୬, ଯାହାର ମୂଲ୍ୟ ୧୦୫୦ ରହିଛି। ମହାରାଷ୍ଟ୍ରର ଏକ କମ୍ପାନୀ ଏହାକୁ ପ୍ରସ୍ତୁତ କରି ବିକ୍ରି କରୁଛି। ଏପରି କି ଫ୍ଲିପ୍‌କାର୍ଟ, ଆମାଜନରେ ମଧ ଏହା ଉପଲବ୍ଧ ରହିଛି। ଗୁଜରାଟ, ବିହାର, ଛତିଶଗଡ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡରେ ଏହାର ବେଶ୍ ଚାହିଦା ରହିଛି।

ସାଧାରଣତଃ ଫସଲ ନଷ୍ଟ କରୁଥିବା କୀଟମାନଙ୍କୁ ମାରିବା ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର ଔଷଧ ପ୍ରୟୋଗ କରିଥାନ୍ତି। ଏହିସବୁ ଔଷଧ ପରିବେଶ ପାଇଁ କ୍ଷତିକାରକ ହେବା ସହ ଚାଷୀଙ୍କ ଉପରେ ଆର୍ଥିକ ବୋଝ ବଢ଼ାଇଥାଏ। ଏହା ବ୍ୟତୀତ ଔଷଧ ପ୍ରୟୋଗ ଦ୍ୱାରା ଅନେକ ଉପକାରୀ ପୋକ ମଧ ମରିଯାଇଥାନ୍ତି। ତେଣୁ ଆମେ ଏମିତି ଏକ ପଦ୍ଧତି ବାହାର କରିବା ପାଇଁ ଚାହିଁଲୁ, ଯେଉଁଥିରେ କେବଳ କ୍ଷତିକାରକ ପୋକଙ୍କୁ ଧରାଯାଇପାରିବ ଓ ଯନ୍ତାଟି ଶସ୍ତା ହେବା ସହ ସବୁ ସମୟରେ ବ୍ୟବହାର କରାଯାଇପାରୁଥିବ। ୨୦୧୩ରୁ ସୌରଶକ୍ତି ଆଲୋକ ଯନ୍ତା ନିର୍ମାଣ ଆରମ୍ଭ ହୋଇଥିଲା। କେବଳ ଭାରତ ନୁହେଁ, ଭାରତ ବାହାରେ ମଧ ଏହାର ଚାହିଦା ରହିବ ବୋଲି ଶ୍ୟାମରଞ୍ଜନ କହିଛନ୍ତି।

# ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ପରିବାର ସଦସ୍ୟଙ୍କୁ କିଟ୍‌ରେ ମିଳିଲା ନିଯୁକ୍ତି

**ଭୁବନେଶ୍ୱର, ୫।୧୧(ଅସମାପିକା ସାହୁ)**

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ଓଡ଼ିଶାର ମୃତ ଯାତ୍ରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଓ ପିଲାଙ୍କୁ କିଟ୍‌ରେ ମାଗଣା ପାଠ ପଢ଼ାଇବାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କରିଥିବା ଘୋଷଣାକୁ ଏବେ କାର୍ଯ୍ୟକାରୀ କରିଛନ୍ତି। ରବିବାର ୨୦ଜଣଙ୍କୁ କିଟ୍ ଓ କିସ୍‌ରେ ନିଯୁକ୍ତି ଦିଆଯାଇଛି। ଏଥିସହ ୨ ମୃତକଙ୍କ ପିଲାଙ୍କୁ କିଟ୍‌ରେ ଉଚ୍ଚତର ଶିକ୍ଷା ପାଇଁ ନାମ ଲେଖାଯାଇଛି। ନିଯୁକ୍ତି ପାଇଁ ପୂର୍ବରୁ କିଟ୍ ପକ୍ଷରୁ ଇଚ୍ଛା ପ୍ରକାଶ କରିଥିବା ମୃତକଙ୍କ ପରିବାର ସଦସ୍ୟଙ୍କୁ ବିଧିବଦ୍ଧ ପ୍ରକ୍ରିୟା ମାଧ୍ୟମରେ ସାକ୍ଷାତ୍‌କାର ନିଆଯାଇଥିଲା।



କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଟ୍ରେନ୍ ଦୁର୍ଘଟଣା ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ରବିବାର କିଟ୍‌ରେ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଡ. ସାମନ୍ତ ଭେଟିଥିଲେ। ଏଭଳି ସହାୟତା ପାଇଁ ମୃତକଙ୍କ ପରିବାର ସଦସ୍ୟମାନେ ଆନନ୍ଦ ପ୍ରକାଶ କରିବା ସହ ଅସମୟରେ ସହାୟତାର ହାତ ବଢ଼ାଇବା ଓ କର୍ମସଂସ୍ଥାନ ଯୋଗାଇ ଦେଇଥିବାରୁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେମାନେ କୃତଜ୍ଞତା ଜଣାଇଥିଲେ।

# ଗୋଟିଏ ବାଘ ଯନ୍ତାରେ ପଡ଼ିଲା, ଅନ୍ୟଟି ଗାଁ ପାଖରେ ଘୂରି ବୁଲୁଛି

**ନୂଆପଡ଼ା,୫।୧୧(ମକାରୁ ବେମାଲ)**

ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ପାହାଡ଼ ତଳି ଗାଁରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ ଶନିବାର ବିଳମ୍ବିତ ରାତିରେ ଯନ୍ତାରେ ଧରା ପଡିଛି। ଟ୍ରାଙ୍କୁଲାଇଜର ସ୍କ୍ୱାଡ୍ ଭବାନୀପାଟଣା ଓ ନୂଆପଡା ବନ ବିଭାଗ କର୍ମଚାରୀଙ୍କ ମିଳିତ ଉଦ୍ୟମରେ କଲରାପତରିଆ ବାଘକୁ କାବୁ କରିଛନ୍ତି। ଗୋଟିଏ ବାଘ ଯନ୍ତାରେ ପଡ଼ିଲା ପରେ ଅନ୍ୟ ଏକ ବାଘ ଜଙ୍ଗଲରେ ଘୂରି ବୁଲୁଛି। ମାଈ ଅଣ୍ଡିରା ଦୁଇଟି ବାଘ ସାଙ୍ଗ ହୋଇ ଶିକାର କରି ଖାଉଥିଲେ। ଗୋଟିଏ ବାଘ ଯନ୍ତାରେ ପଡିଲା ପରେ ଅନ୍ୟଟି ସାଥୀ ବାଘକୁ ଖୋଜିବା ପାଇଁ ଗାଁ ପାଖ ଜଙ୍ଗଲରେ ଘୂରି ବୁଲୁଛି। ବାଘ ଉକ୍ତ ଅଞ୍ଚଳରେ ଏବେ ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇ ରହିଛନ୍ତି। ଏ ସଂକ୍ରାନ୍ତରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ପ୍ରାଣୀସମ୍ପଦ ବିଭାଗ ଉପ ନିର୍ଦ୍ଦେଶକ ଡ.କେ. ପାର୍ଥ ସାରଥି ଦୋରା ବାଘର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବାଘ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ନିୟମାନୁଯାୟୀ ୬ ଲକ୍ଷ ଟଙ୍କା ପାଇବା କଥା। ନଗଦ ୬୦ ହଜାର ଟଙ୍କା ଦିଆଯାଇଛି। ବାକି ଟଙ୍କା କାଗଜାତ ହେବା ପରେ ଚେକ୍ ଆକରେ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାରତର ବିରାଟ ...

ଉଭୟ ରୋହିତ ଓ ଶୁବମନ ଗିଲ୍ ବଢ଼ିଆ ଆରମ୍ଭ ମଧ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୩୫ ବଲ୍‌ରୁ ୬୨ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ବିସ୍ଫୋରକ ଆରମ୍ଭ କରିଥିବା ରୋହିତଙ୍କୁ ୬ଷ୍ଠ ଓଭରର ୫ମ ବଲ୍‌ରେ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ କାଗିଶୋ ରାବାଡ଼ା। ୨୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୬ ଚୌକା ଓ ୨ ଛକା ସହାୟତାରେ ୪୦ ରନ୍ କରିଥିଲେ। ଗିଲ୍ ୨୪ ବଲ୍‌ରୁ ୨୩ ରନ୍‌କରି ପ୍ୟାଭିଲିୟନ ଫେରିଥିଲେ। ମ୍ୟାଚ୍ ଆଗେଇବା ସହ ପିଚ୍ କ୍ରମେ ସ୍ଲୋ ହେବାରେ ଲାଗିଥିଲା। ଫଳରେ ବିରାଟ କୋହଲି ସତର୍କତାର ସହ ବ୍ୟାଟିଂ କରି ଭାରତୀୟ ଇନିଂସକୁ ଆଗେଇ ନେବାକୁ ନିଷ୍ପତ୍ତି ନେଇଥିଲେ। କାରଣ ସେତେବେଳେ ଆଉ ଏକ ଉଇକେଟର ପତନ ଦଳପାଇଁ ବଡ଼ କ୍ଷତି ପହଞ୍ଚାଇଥାନ୍ତା। କୋହଲିଙ୍କୁ ଉପଯୁକ୍ତ ସାଥ୍ ଦେଇଥିଲେ ଶ୍ରେୟସ ଆୟର। ଦୁହେଁ ତୃତୀୟ ଉଇକେଟରେ ୧୫୮ ବଲ୍‌ରୁ ୧୩୪ ରନର ଭାଗୀଦାରି ଗଢ଼ି ଭାରତ ଇନିଂସକୁ ଦୃଢ଼ କରିଥିଲେ। ୩୭ତମ ଓଭରର ୫ମ ବଲ୍‌ରେ ଆୟରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଲୁନ୍‌ଗି ଏନ୍‌ଗିଡି। ଆୟର ୮୭ ବଲ୍‌ରୁ ୭୭ (୭ ଚୌକା, ୨ ଛକା) ରନ କରିଥିଲେ। ମିଡିଲ ଅର୍ଡରରେ ଲୋକେଶ ରାହୁଲ (୮) ଓ ସୂର୍ଯ୍ୟକୁମାର ଯାଦବ (୨୨) ଅଧିକ ସମୟ ତିଷ୍ଠି ପାରି ନ ଥିଲେ ମଧ ବିରାଟ ଓ ରବୀନ୍ଦ୍ର ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ମାତ୍ର ୨୪ ବଲ୍‌ରୁ ୪୧ ରନ୍ ଯୋଗକରି ଭାରତ ସ୍କୋରକୁ ୩୨୬ରେ ପହଞ୍ଚାଇ ଦେଇଥିଲେ। ଏହି ଅବସରରେ ବିରାଟ ହାସଲ କରିଥିଲେ କ୍ୟାରିୟରର ୪୯ତମ ଦିନିକିଆ ଶତକ। ଜନ୍ମ ଦିନରେ ନିଜ ପ୍ରଶଂସକଙ୍କୁ ଦେଇଥିଲେ ଶତକୀୟ ଭେଟି। ଏଥିସହ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସଚିନ ୪୫୨ ଇନିଂସରେ ଏହି ସଫଳତା ପାଇଥିବାବେଳେ କୋହଲି ୨୭୭ ଇନିଂସରୁ ଏହା ହାସଲ କରି ନେଇଥିଲେ। ୧୨୧ ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୧୦ ଚୌକା ସହାୟତାରେ ୧୦୧ ରନକରି ଅପରାଜିତ ରହିଥିଲେ। ଜାଡେଜା ୧୫ ବଲ୍‌ରୁ ୨୯ (୩ ଚୌକା, ୧ ଛକା) ରନ୍‌ରେ ଅପରାଜିତ ଥିଲେ। ଏହି ସଫଳତା ପାଇଁ ବିରାଟଙ୍କ ନିକଟକୁ ମାଷ୍ଟର ବ୍ୟାଟର ସଚିନଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡି, ମାର୍କୋ ଜାନସେନ, କାଗିଶୋ ରାବାଡ଼ା, କେଶବ ମହାରାଜ ଓ ସାମ୍‌ସି ଟାବ୍ରାଇଜ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

କେବଳ ନେଦରଲାଣ୍ଡ ବିପକ୍ଷ ମ୍ୟାଚକୁ ଛାଡ଼ିଦେଲେ ଚଳିତ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଦକ୍ଷିଣ ଆଫ୍ରିକା ଏଠାରେ ଆଶ୍ଚର୍ଯ୍ୟଜନକଭାବେ ଲଢ଼େଇ କରିବା ପରିବର୍ତ୍ତେ ଆତ୍ମସମର୍ପଣ କରିବାଭଳି ପ୍ରଦର୍ଶନ କରିଥିଲା। ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଫର୍ମରେ ଥିବା କ୍ୱିଣ୍ଟନ ଡି'କକ୍ ହୁଅନ୍ତୁ କିମ୍ବା ରସି ଭାନ୍ ଡର୍ ଡୁସେନ କେହି ଭାରତୀୟ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ୨୭.୧ ଓଭରରେ ମାତ୍ର ୮୩ ରନରେ ଦକ୍ଷିଣ ଆଫ୍ରିକା ଇନିଂସ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଥିଲା। ମାର୍କୋ ଜାନସେନ ସର୍ବାଧିକ ୧୪ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ନିଜ ୯ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ୩୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ଦ୍ୱିତୀୟ ୫ ଉଇକେଟ ସଫଳତା। କୁଲଦୀପ ଯାଦବ ୭ରନରେ ୨ଟି, ମହମ୍ମଦ ଶାମି ୧୮ ରନରେ ୨ଟି ଓ ମହମ୍ମଦ ସିରାଜ ୧୧ ରନରେ ଗୋଟିଏ ଉଇକେଟ ପାଇଥିଲେ। ଯଶପ୍ରୀତ୍ ବୁମ୍‌ରା ଉଇକେଟ ପାଇ ନ ଥିଲେ ହେଁ ନିଜ ୫ ଓଭର ସ୍ପେଲ୍‌ରେ ମାତ୍ର ୧୪ ରନ ବ୍ୟୟ କରିଥିଲେ।

## ଫସଲହାନିରୁ ...

ଫେରିଛନ୍ତି । ଗୋବିନ୍ଦ ସାହୁ ଜଣେ ଭାଗଚାଷୀ । ସେ ୨ ମାଣ ଜମି ଭାଗ ଚାଷ କରିଥିଲେ । ଧାନ ଚାଷ ପାଇଁ ଧାର କରଜ କରିଥିବା ଟଙ୍କା କିପରି ପରିଶୋଧ କରିବେ ସେ ନେଇ ଚିନ୍ତା ଘାରିଥିଲା । ରବିବାର ପୂର୍ବାହ୍ନରେ ବିଲ ପାଖରେ ଥିବା ଏକ ଗଛରେ ରଶି ବାନ୍ଧି ସେ ଆତ୍ମହତ୍ୟା କରିଥିଲେ । ଖବର ପାଇ ପରିବାର ଓ ଗାଁ ଲୋକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କୁହନ୍ତି, ଭାଗଚାଷୀ ଆତ୍ମହତ୍ୟା କରିବା ଖବର ପାଇବା ପରେ ଏକ ଟିମ୍ ତଦନ୍ତ କରି ଫେରିଛି । ପାରିବାରିକ କଳହରୁ ଗୋବିନ୍ଦ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତେବେ କୃଷି ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଓଡ଼ିଶାରେ କମୁଛି ...

ଅଧିକାଂଶ ଗୋ ସମ୍ପଦଙ୍କ କ୍ଷୀର ଉତ୍ପାଦନ କ୍ଷମତା କମ୍ ରହିଛି। ରାଜ୍ୟରେ ଥିବା ଜର୍ସି ଗାଈଗୁଡ଼ିକ ଦୈନିକ ୬.୭୬ ଲିଟର କ୍ଷୀର ଦେଉଥିବାବେଳେ ଦେଶୀ ଗାଈଗୁଡ଼ିକ ଦୈନିକ ୨.୬୬ ଲିଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଗାଈଗୁଡ଼ିକ ମାତ୍ର ୧.୪୨ ଲିଟର କ୍ଷୀର ଦେଉଛନ୍ତି। ଅନ୍ୟପକ୍ଷରେ ଜାତୀୟ ସ୍ତରରେ ଜର୍ସି ଗାଈ ଦୈନିକ ୮.୩୨ ଲିଟର, ଦେଶୀ ୪.୦୭ ଏବଂ ଅନ୍ୟାନ୍ୟ ପ୍ରଜାତିର ଗାଈ ୨.୮୩ ଲିଟର କ୍ଷୀର ଦେଉଛନ୍ତି। ରିପୋର୍ଟରେ ଏକଥା ମଧ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ରାଜ୍ୟ ଦୁଗ୍ଧ ଉତ୍ପାଦନ ମହାସଂଘ(ଓମ୍‌ଫେଡ୍) ଏବଂ ରାଜ୍ୟ ସରକାରଙ୍କ ଦୁଗ୍ଧ ସମବାୟ ସମିତିଗୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ମିଳି ପାରୁ ନାହିଁ। ରାଜ୍ୟ ଓ ଜିଲାସ୍ତରରେ ଥିବା ଦୁଗ୍ଧ ମହାସଂଘ ଏବଂ ତୃଣମୂଳ ସ୍ତରରେ ଥିବା ଦୁଗ୍ଧ ଉତ୍ପାଦନ ସମବାୟ ସମିତିଗୁଡ଼ିକ ସହଯୋଗରେ ଓମ୍‌ଫେଡ ରାଜ୍ୟରେ କ୍ଷୀର ଉତ୍ପାଦନ, ଚିଲିଂ, ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଏବଂ ବଜାର ଆଦି ପରିଚାଳନା କରୁଛି। ତେବେ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଠିକ୍ ସମୟରେ ମିଳୁ ନ ଥିବାବେଳେ ପରିଚାଳନାଗତ ତ୍ରୁଟି ଯୋଗୁ ଦୁଗ୍ଧ ସମବାୟ ସମିତିଗୁଡ଼ିକ ଅଚଳ ହୋଇପଡୁଛି। ଚାଷୀ ଓ ଦୁଗ୍ଧ ମହାସଂଘଗୁଡ଼ିକୁ ପ୍ରାପ୍ୟ ପ୍ରଦାନରେ ଅନିୟମିତତା ଯୋଗୁ ଗ୍ରାମାଞ୍ଚଳରେ ଗୋ ଚାଷ ସମ୍ପ୍ରସାରଣ ହେବା ପରିବର୍ତ୍ତେ ଧୀରେ ଧୀରେ କମିବାରେ ଲାଗିଛି ବୋଲି ରିପୋର୍ଟରେ କୁହାଯାଇଛି। ଏଭଳି ଅବସ୍ଥା ଦୂର କରିବାକୁ ଓମ୍‌ଫେଡ୍‌କୁ ଅଧିକ କ୍ରିୟାଶୀଳ କରିବା ସହିତ ଘରୋଇ ଦୁଗ୍ଧ ଯୋଗାଣକାରୀ ସଂସ୍ଥା ସହ ପ୍ରତିଯୋଗିତା କରିବାକୁ ଓମ୍‌ଫେଡକୁ ପ୍ରସ୍ତୁତ କରିବାକୁ ନାବାର୍ଡ ପରାମର୍ଶ ଦେଇଛି। ଏହାଛଡ଼ା ଗୋଖାଦ୍ୟ ଅଭାବ ମଧ ଦେଶୀ ଗାଈମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତାକୁ ହ୍ରାସ କରିଛି। ପୂର୍ବବର୍ଷଗୁଡ଼ିକ ତୁଳନାରେ ଗାଈଙ୍କ ଖାଦ୍ୟ ଯଥା ଘାସ ଓ ନଡ଼ାକୁଟା ମଧ ଯଥାକ୍ରମେ ୪୮.୪ ପ୍ରତିଶତ ଓ ୨୩.୫ ପ୍ରତିଶତକୁ ହ୍ରାସ ପାଇଛି। ପଛୁଆ ଅଞ୍ଚଳ ଓ ଅନୁନ୍ନତ ଜିଲାଗୁଡ଼ିକରେ କ୍ଷୀର ସଂଗ୍ରହ ବ୍ୟବସ୍ଥା ସୁଦୃଢ଼ ହୋଇପାରୁ ନାହିଁ। ଏଥିଯୋଗୁ ଗୋପାଳନ ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସି ପାରୁ ନ ଥିବା ରିପୋର୍ଟରେ କୁହାଯାଇଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନାବାର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲା ଗରଦପୁରର ନାମମାତ୍ର ଚାଷୀ ବିଜୟ ସାହୁ କହିଛନ୍ତି, ପରିବାର ଚଳାଇବା ପାଇଁ ଆମ ବାପା ଅଜା ଅମଳରୁ ଘରେ ଗାଈ ରଖି ଆସୁଛୁ। ୮ରୁ ୧୦ ଗାଈ ବାଛୁରି ଥିଲେ। କ୍ଷୀର ବିକ୍ରି ନ ହେବା, ଘାସ ଚରିବାକୁ ପଡ଼ିଆ ଅଭାବ ଓ ଗୋଖାଦ୍ୟ ଦର ବଢ଼ିବା ଯୋଗୁ ଏବେ ୨ଟି ଗାଈ ରଖିଛୁ। ଯଦି ୫ ଟଙ୍କା ଲାଭ ନ ମିଳିବ ତେବେ ଗାଈ ରଖି ଲାଭ କ'ଣ। କେବଳ ଘରେ କ୍ଷୀର ଖାଇବା ପାଇଁ ଗାଈ ଅଛନ୍ତି। ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଅଧକ୍ଷ ରବି ବେହେରା କହିଛନ୍ତି, ଗୋ ପାଳନ ଉପରେ ମୁଖ୍ୟତଃ ଗ୍ରାମାଞ୍ଚଳର ମହିଳା, ନାମମାତ୍ର ଚାଷୀ ଓ କ୍ଷୁଦ୍ର ଚାଷୀ ନିର୍ଭର କରି ଥାଆନ୍ତି। ଗୋଚର ଜମି ଲୋପ ପାଇବା ସହ ଗୋଖାଦ୍ୟ ଦର ବଢ଼ି ଚାଲିଛି। ଗାଈମାନଙ୍କ ପିଛା ଯେତିକି ଖର୍ଚ୍ଚ ହେଉଛି ଦୁଗ୍ଧ ଦର ସେହି ଅନୁପାତରେ ବଢୁ ନାହିଁ। ଏଥିସହିତ ଗୋପାଳନ ପାଇଁ ଋଣ ମଧ କମ୍ ସୁଧରେ ମିଳୁନାହିଁ। ଫଳରେ ଗୋପାଳନ ପ୍ରତି ଚାଷୀମାନଙ୍କର ଆଗ୍ରହ କମିବାରେ ଲାଗୁଛି। ମହାସଂଘ ପକ୍ଷରୁ ୨୦୧୪–୧୫ରେ ଓମ୍‌ଫେଡ୍‌ର ତତ୍କାଳୀନ ଅଧକ୍ଷ, ମୁଖ୍ୟ ଶାସନ ସଚିବ ଏବଂ କୃଷି ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସହ ଦୁଗ୍ଧଚାଷୀଙ୍କ ସମସ୍ୟା ନେଇ ଆଲୋଚନ କରାଯାଇଥିଲା। ମଧାହ୍ନଭୋଜନ ଓ ଅଙ୍ଗନୱାଡିରେ ସପ୍ତାହକୁ ଥରେ ପିଲାମାନଙ୍କୁ ପନିର ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସରକାର ତୁରନ୍ତ ଦୁଗ୍ଧଚାଷୀ ମହାସଂଘ, ବ୍ୟାଙ୍କ, ନାବାର୍ଡ ସହ ବୈଠକ ଡାକି ସମସ୍ୟା ସମାଧାନ କରିବା ଦରକାର ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଚତୁର୍ଥଚନ୍ଦ୍ର ପ୍ରଭାବରେ ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧରେ ଯାତ୍ରା କରିବାକୁ ବାଧ୍ୟ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହୁଥିବାରୁ ଟେନସନ୍ କମିବା ସକାଶେ ଚେଷ୍ଟା କରିବେ।

**ବୃଷ** କର୍ମସ୍ଥ ଶନି ହେତୁ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ମିଥୁନ** ଧନାଧିପତି ସ୍ୱଗୃହରେ ରହିଥିବାରୁ ଆର୍ଥିକ ଅନଟନ କ୍ରମଶଃ ଦୂରେଇଯିବ। ସାମାଜିକ ସ୍ତରରେ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ଆରଦ୍ରା ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର ମନଗଢା କଥା ଶୁଣି ବ୍ୟସ୍ତତା ଅନୁଭବ କରିବେ।

**କର୍କଟ** ଚନ୍ଦ୍ର ପ୍ରଭାବରେ ମନ ଖୁସି ହେଲା ଭଳି କୌଣସି ଖବର ଅସମର୍ଥିତ ସୂତ୍ରରୁ ପାଇବେ। ରବିଙ୍କ ଦୁର୍ବଳତା କାରଣରୁ ଆର୍ଥିକ ସ୍ଥିତିରେ ଅବନତି ଘଟିପାରେ। କୌଣସି ବ୍ୟକ୍ତି ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** ତୃତୀୟସ୍ଥ ବୁଧ ହେତୁ ଆକସ୍ମିକ ଭାବରେ ଖୋଜୁଥିବା ଜିନିଷ କିମ୍ବା ଧନ ଓ ସମ୍ମାନ ପାଇବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବାକୁ ମନ ବଳାଇବେ। ମଘା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ଚତୁଃଗ୍ରହ ଯୋଗରୁ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିଜ ପରିସରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କଠୋର ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** କର୍ମାଧିପତି ସ୍ୱଗୃହରେ ଥିବାରୁ ଦୀର୍ଘ ଦିନର ଆଶା ପୂରଣ ହେବା ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସୁବିଧା ଥାଇ ମଧ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବିଛା** ପାପଯୁକ୍ତ କର୍ମାଧିପତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସଂଘର୍ଷମୟ ସ୍ଥିତିରେ ମଧ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଅନୁରାଧା ନକ୍ଷତ୍ର ଉଚ୍ଚବର୍ଗଙ୍କ ସହାୟତା ପ୍ରାପ୍ତିରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ଧନୁ** ବୁଧ ପ୍ରଭାବରେ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅଭାବ ନ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ଲାଭ କରି କାମ ହାସଲ କରିବେ।

**ମକର** ରାଜଯୋଗ କାରଣରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା ଫଳପ୍ରସୂ ହୋଇପାରେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ବୃହସ୍ପତିଙ୍କ ସୁପ୍ରଭାବରୁ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିବ।

**ମୀନ** ଶନିଙ୍କ ଦୃଷ୍ଟିଜନିତ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବ। ଅବଶ୍ୟ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ମାତ୍ର ରେବତୀ ନକ୍ଷତ୍ର ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି କାର୍ତ୍ତିକ କୃଷ୍ଣ ନବମୀ ସୋମବାର, ନଭେମ୍ବର ୬ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର ଦିବା ଘ.୦୧।୨୨ ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୪।୫୩ ଗତେ, ଘ.୦୭।୧୭ ମଧ୍ୟେ, ଘ.୦୮।୫୩ ଗତେ, ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୭ ଗତେ, ଘ.୦୮।୪୧ ମଧ୍ୟେ ରାହୁକାଳ।

# ଥାନାରେ ଭଙ୍ଗାରୁଜା, ପୋଲିସ ନିରୁପାୟ

ବରଗଡ଼, ୫।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ଥାନାରେ ରବିବାର ତୁମୂଳକାଣ୍ଡ ଘଟିଛି। ଶତାଧିକ ଲୋକ ଅତର୍କିତ ଭାବେ ଥାନା ଭିତରକୁ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଫଳରେ ଥାନାରେ ରହିଥିବା କମ୍ପ୍ୟୁଟର, ଚୌକି, ଟେବୁଲ ଆଦି ନଷ୍ଟ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଥାନା ଭିତରେ ଭଙ୍ଗାରୁଜା ଚାଲିଥିବାବେଳେ ସେଠାରେ ଉପସ୍ଥିତ ପୋଲିସ ନିୟନ୍ତ୍ରଣ କରି ନ ପାରି ନିରୁପାୟ ରହିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏହି ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକମାନେ ଏଭଳି କାଣ୍ଡ ଘଟାଇଥିବା ଚର୍ଚ୍ଚା ଚାଲିଛି। ଅମ୍ବାଭୋନା ଅଞ୍ଚଳର ଏକ ପର୍ଯ୍ୟଟନସ୍ଥଳୀକୁ ଭୋଜିରେ ଯାଇଥିବାବେଳେ ନିଶାଦ୍ରବ୍ୟ ରଖିଥିବା ସନ୍ଦେହରେ ପୋଲିସ କିଛି ଲୋକଙ୍କୁ ଯାଞ୍ଚ କରିଥିଲା। ଏହାକୁ ନେଇ ଭୋଜିରୁ ଫେରିବା ବାଟରେ ସେମାନେ ଥାନା ଭିତରେ ଭଙ୍ଗାରୁଜା କରିଥିବା କୁହାଯାଉଛି। ଚାପା ଉତ୍ତେଜନା ଲାଗି ରହିଥିବାରୁ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓଙ୍କ ମତାମତ ମିଳିପାରିନାହିଁ।


ଭଙ୍ଗାରୁଜାରେ କ୍ଷତିଗ୍ରସ୍ତ କମ୍ପ୍ୟୁଟର ଏବଂ ଆସବାବପତ୍ର।

## ଉଦ୍‌ଘାଟିତ ହେଲା ପଶ୍ଚିମ ଓଡ଼ିଶାର ବଡ ବୋଟିଂ

# ଗାଈଖାଇ ଇକୋ ପର୍ଯ୍ୟଟନ ପ୍ରକଳ୍ପ ଉଦ୍‌ଘାଟିତ

■ ବଲାଙ୍ଗୀର ପର୍ଯ୍ୟଟନ କ୍ଷେତ୍ରରେ ଯୋଡି ହେଲା ନୂଆ ଫର୍ଦ୍ଦ: ମନ୍ତ୍ରୀ

■ ସ୍ୱପ୍ନ ବାସ୍ତବତା ରୂପ ନେବା ଦେଖି ଖୁସି ଲାଗୁଛି: ବିଧାୟକ

ବଲାଙ୍ଗୀର/ଲୋଇସିଂହା, ୫।୧୧
(ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ନିକଟସ୍ଥ ଗାଈଖାଇ ଇକୋ ପର୍ଯ୍ୟଟନ ପ୍ରକଳ୍ପକୁ ରବିବାର ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ଉଦ୍‌ଘାଟନ କରିବା ପରେ ମନ୍ତ୍ରୀ ଅମାତ୍ କହିଥିଲେ ଯେ ଗାଈଖାଇ ବଲାଙ୍ଗୀର ଜିଲାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ ଯୋଡିଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ପର୍ଯ୍ୟଟନ ବିକାଶ ସହ ଅର୍ଥନୈତିକ ଉନ୍ନତି ହୋଇପାରିବ। ଅତ୍ୟତମ ଅତିଥି ଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ସେ ବିଧାୟକ ହେବା ପରେ ଏହି ପ୍ରକଳ୍ପକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ତାହା ବାସ୍ତବ ରୂପ ନେବା ଦେଖି ଖୁସି ଲାଗୁଛି। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ସହ ଜିଲା ଏବଂ ଆଖପାଖ ଜିଲାର ଲୋକଙ୍କୁ ପର୍ଯ୍ୟଟନ କ୍ଷେତ୍ରରେ ଆକୃଷ୍ଟ କରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଜିଲା ପରିଷଦ ସଭାପତି ଦେବକୀ ସାହୁ, ଆରସିସିଏଫ୍ ଅଶ୍ୱିନୀ କୁମାର କର, ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଆଗଲପୁର ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ଜିଲା ପରିଷଦ ସଦସ୍ୟା ବୀଣାପାଣି ଦାଶ, ରେଞ୍ଜ ଅଧିକାରୀ ପାଉଲ୍ ହରିପାଲ, ଫରେଷ୍ଟର ବିମ୍ବାଧର ବେହେରା ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପାଇଁ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଡିଏଫ୍‌ଓ ନୀତିଶ କୁମାର ସୂଚନା ଦେଇଛନ୍ତି। ଏହି ଇକୋ ଟୁରିଜମ୍ ପ୍ରକଳ୍ପରେ ଥିବା ବୋଟିଂ କମ୍ପ୍ଲେକ୍ସକୁ ପଶ୍ଚିମ ଓଡ଼ିଶାର ସବୁଠୁ ବଡ ବୋଟିଂ ସେଣ୍ଟର କୁହାଯାଇଛି। ଏହି ପ୍ରକଳ୍ପରେ ଗୋଟିଏ ସ୍ପିଡ୍ ବୋଟ୍ ବା କ୍ଷୀପ୍ର ଚଳିତ ଡଙ୍ଗା ରହିଛି। ଏଥିରେ ୭ ଜଣ ବସିପାରିବେ। ଜଣ ପିଛା ଟିକଟ ମୂଲ୍ୟ ୧ ଶହ ଟଙ୍କା ଏବଂ ସମୁଦାୟ ବୋଟ ପାଇଁ ୬୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଏହି ଡଙ୍ଗା ଥରକରେ ୧୦ ମିନିଟ୍ ପର୍ଯ୍ୟନ୍ତ ବୁଲିବ। ଏଠାରେ ଏକ ୱାଟର ସ୍କୁଟର ମଧ୍ୟ ରହିଛି। ଏଥିରେ ଜଣେ ମାତ୍ର ୫ ମିନିଟ୍ ପାଇଁ ବୁଲିପାରିବେ ଓ ଜଣକୁ ୨୫୦ ଟଙ୍କା ଦେବାକୁ ପଡିବ। ଦୁଇ ସିଟ୍ ବିଶିଷ୍ଟ ଡଙ୍ଗା ପାଇଁ ଜଣକୁ ୫୦ ଓ ଡଙ୍ଗାକୁ ୧୦୦ ଟଙ୍କା, ୪ ସିଟ୍ ବିଶିଷ୍ଟ ଡଙ୍ଗା ପାଇଁ ଜଣକୁ ୫୦ ଟଙ୍କା ଓ ସମୁଦାୟ ଡଙ୍ଗାକୁ ୧୭୫ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ୨ ସିଟ୍ ବିଶିଷ୍ଟ ସ୍ୱାନ୍ ବୋଟ୍ ପାଇଁ ଜଣକୁ ୬୦ ଟଙ୍କା ଓ ସମୁଦାୟ ଡଙ୍ଗାକୁ ୧୨୦ ଟଙ୍କା ଏବଂ କୟାଙ୍କ ବୋଟ୍ ୭୦ ଟଙ୍କା ମୂଲ୍ୟ ରଖାଯାଇଛି। ଏହା ସହିତ ଏଠାରେ ଏକ ୱାଟର ସାଇକଲ, ଟ୍ରାଇ ସାଇକଲ ଏବଂ ୱାଟର ବଲ୍, ୱାଟର ରୋଲର ଓ ଡୁ-ନଟ୍ ବୋଟ ଭଳି ଅତ୍ୟାଧୁନିକ ସବୁଧା ରହିଛି। ଏଠାରେ ସ୍ମାର୍ଟ ଟିକଟ ସୁବିଧା ମଧ୍ୟ କରାଯାଇଛି ବୋଲି ଡିଏଫଓ କୁମାର ସୂଚନା ଦେଇଛନ୍ତି। ଏଠାରେ ଆଗକୁ ୩୦ ଲକ୍ଷ ଟଙ୍କାରେ ଏକ ପାର୍କ ତିଆରି ହେବ। ଏହାପରେ ପିକ୍‌ନିକ୍ ପିଣ୍ଡି ଏବଂ ଇକୋ-କୋଟେଜ୍ ବ୍ୟବସ୍ଥା କରାଯିବ ବୋଲି ଡିଏଫ୍‌ଓ କୁମାର କହିଛନ୍ତି। ପ୍ରକଳ୍ପ ଉଦ୍‌ଘାଟନ ପରେ ସମସ୍ତ ଅତିଥି ମୋଟର ବୋଟରେ ଗାଈଖାଇ ଜଳଭଣ୍ଡାରରେ ବୋଟିଂର ମଜା ନେଇଥିଲେ। ଏହି ପ୍ରକଳ୍ପ ଏକ ଲୋକପ୍ରିୟ ପ୍ରକଳ୍ପ ହେବ ବୋଲି କୁହାଯାଇଛି। ଏହି ପ୍ରକଳ୍ପ ପାଇଁ ପିସିସିଏଫ୍ ୱାଇଲ୍ଡ ଲାଇଫ୍ ଟୁରିଜମ୍ ଫଣ୍ଡରୁ ୭୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି।


ଗାଈଖାଇ ଇକୋ ଟୁରିଜମ୍ ପ୍ରକଳ୍ପକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଅଶୋକ


@ ପୂର୍ଣ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।







72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୁତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍‌ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bargarh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dungripali 9937006819, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Padampur 9668826075 Rajkhariar 9437072917, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ସଣ୍ଟୁଆଶି ଆକ୍ରମଣ

ଏକବିଂଶ ଶତାବ୍ଦୀରେ ମଣିଷକୁ ବାଘ ଖାଇଯିବା କଥା ଆଶ୍ଚର୍ଯ୍ୟଜନକ ମନେହୁଏ। ପୃଥିବୀଟା କେତେ ବଡ଼ ଏବଂ ଆମେ ନିଜର ଗୁରୁତ୍ୱକୁ ଅତ୍ୟଧିକ ମାତ୍ରାରେ ବଡ଼ ଭାବି ଚାଲିଛୁ ବୋଲି ବାସ୍ତବତା ଜାଣିପାରୁ ନାହୁଁ। ଆମ ରାଜ୍ୟ ଓଡ଼ିଶାରେ ନଈକୂଳ ବସତିରୁ କେତେବେଳେ କୁମ୍ଭୀର ଆକ୍ରମଣ କରି ମଣିଷକୁ ପାଣି ଭିତରକୁ ଟାଣିନେଇ ମାରିଦେଉଛି ଓ ଅନ୍ୟ କେତେବେଳେ ନୂଆପଡ଼ା ଭଳି ସ୍ଥାନରେ ବାଘର ଶିକାର ହେଉଛି ମଣିଷ। ନୂଆପଡ଼ା ଜିଲାର ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ଗତ ୬ ଦିନ ମଧ୍ୟରେ କଲରାପତରିଆ ବାଘ ଦୁଇଜଣଙ୍କୁ ମାରି ଖାଇଦେଇଛି। ୩୦ ଅକ୍ଟୋବରରେ ଭରୁଆମୁଣ୍ଡି ପଞ୍ଚାୟତ କଟିଙ୍ଗପାଣି ଗାଁର ୭ ବର୍ଷର ବାଳକକୁ ମାରିଥିବା ବାଘ ୪ ନଭେମ୍ବରରେ ସିଲିଆରିବାହାରା ଗାଁରେ ୫୦ ବର୍ଷୀୟା ଜଣେ ମହିଳାଙ୍କୁ ମଧ୍ୟ ମାରି ଖାଇଦେଇଛି। ବନ ବିଭାଗ ଏହାକୁ ସ୍ୱୀକାର କରିଛି। ଗତ ମାର୍ଚ୍ଚରେ ୭୦ ବର୍ଷୀୟା ଜଣେ ମହିଳାଙ୍କୁ ମଧ୍ୟ ବାଘ ଖାଇଦେଇଥିବା ସେତେବେଳେ ହୁରି ପଡ଼ିଥିଲା। ଇତିମଧ୍ୟରେ ସେହି ମଣିଷଖିଆ ବାଘକୁ ଧରାଯାଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଉ ଗୋଟେ କଲରାପତରିଆ ବାଘ ଉକ୍ତ ଅଞ୍ଚଳରେ ୫ ନଭେମ୍ବରରେ ବୁଲୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜନବସତି ଆଡ଼କୁ ବାଘ ମାଡ଼ିଆସିବା ଯୋଗୁ ସମ୍ପୃକ୍ତ ଅଞ୍ଚଳବାସିନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି।

ବିଶେଷଜ୍ଞଙ୍କ ମତରେ ବାଘଗୁଡ଼ିକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରିଥାଆନ୍ତି। ଗୋଟେ ଅଣ୍ଡିରା ବାଘ ୩୦ରୁ ୩୫ ବର୍ଗ କିଲୋମିଟର ଅଞ୍ଚଳରେ ବୁଲିଥାଏ। କେବଳ ସଙ୍ଗମ ସମୟରେ ଏହା ମାଈ ବାଘକୁ ତା' ଅଞ୍ଚଳକୁ ପ୍ରବେଶ କରିବା ଲାଗି ଅନୁମତି ଦେଇଥାଏ। ହେଲେ ଦୁଇଟି ଅଣ୍ଡିରା ବାଘ ଗୋଟେ ଅଞ୍ଚଳରେ ଥିବା ଦେଖାଯାଇ ନ ଥାନ୍ତି। କୁହାଯାଏ ବାଘ ଛୁଆ ଅଢ଼େଇ ମାସର ହୋଇଗଲେ ନିଜ ମା'ଠାରୁ ଅଲଗା ହୋଇ ନିଜର ନୂଆ ଅଞ୍ଚଳ ବାଛିଥାଏ। ଦେଖିବାକୁ ଗଲେ ବାଘ ତା' ଇଲାକାରେ ଘୂରି ବୁଲୁଥାଏ ଓ ଜଙ୍ଗଲ ଜନ୍ତୁ ଶିକାର କରେ। ସେମାନଙ୍କ ମଧ୍ୟରୁ କିଛି ହିଂସ୍ର ହୋଇ ମଣିଷକୁ ହାବୁଡ଼ରେ ପାଇଲେ ମାରିଥାଆନ୍ତି। ସାଧାରଣରେ ଅନେକ ବାଘ ଜନବସତିଠାରୁ ଦୂରେଇ ରହିଥାଆନ୍ତି। ବାଘ ମଣିଷକୁ ଖାଇବା ନେଇ ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟରେ ତାମିଲନାଡୁର ଏରିଗ୍ନାର ପ୍ରାଣୀଉଦ୍ୟାନ ଭେଟେରିନାରି ସର୍ଜନ ଡକ୍ଟର ଶ୍ରୀଧର କେ. କହିଥିଲେ ଯେ, ବାଘଗୁଡ଼ିକର ଚରିତ୍ର ହେଉଛି ଲୁଚି ପଳାଇବା। କିନ୍ତୁ ଯଦି ସେଗୁଡ଼ିକ ମଧ୍ୟରୁ କିଛି ମଣିଷ ମାରିବା ଆରମ୍ଭ କରିଥାଆନ୍ତି କିମ୍ବା ଜନବସତି ଆଡ଼କୁ ଯାଇଥାଆନ୍ତି, ତାହାର କାରଣ ଅଲଗା ଥାଇପାରେ। ତେବେ ଏହି ପରିପ୍ରେକ୍ଷୀରେ ନୂଆପଡ଼ାର ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ବାଘ ହିଂସ୍ର ହେବା ପଛରେ ସମ୍ଭବତଃ ମଣିଷ ସେମାନଙ୍କ ଇଲାକା ଭିତରକୁ ପ୍ରବେଶ କରିଯାଉଥିବ। ସେହିଭଳି ବାଘର ନିର୍ଦ୍ଦିଷ୍ଟ ଅଞ୍ଚଳ ସଙ୍କୁଚିତ ହୋଇଯାଉଥିବାରୁ ସେ ଜନବସତି ମୁହାଁ ହୋଇ ମଣିଷକୁ ଆକ୍ରମଣ କରୁଛି। ବିଗତ କିଛିବର୍ଷ ହେବ ହାତୀ–ମଣିଷ ଲଢ଼େଇ ସର୍ବୋଚ୍ଚରେ ପହଞ୍ଚିଯାଇଛି। କେଉଁଠାରେ ଶିକାରୀ ହାତୀକୁ ମାରି ତା'ର ଦାନ୍ତ ବିକି ଦେଉଥିବା ବେଳେ ଅନ୍ୟ କେଉଁଠାରେ ହାତୀ ମଣିଷକୁ ଦଳିଦେଉଥିବାର ଖବର ନିୟମିତ ପ୍ରକାଶ ପାଉଛି। ଏହାର ମୁଖ୍ୟ କାରଣ ମଧ୍ୟ ମଣିଷର ଲୋଭ। ଜଙ୍ଗଲ ଅଞ୍ଚଳକୁ ପଦା କରି ସେଠାରେ ମଣିଷ କାରଖାନା କିମ୍ବା ଅନ୍ୟାନ୍ୟ ପ୍ରକଳ୍ପ ଗଢୁଥିବାରୁ ହାତୀ ଇତସ୍ତତଃ ହୋଇ ବିଚରଣ କରୁଛନ୍ତି। ଏହି ବିଷୟକୁ ସମସ୍ତେ ହୃଦୟଙ୍ଗମ କରୁଥିଲେ ମଧ୍ୟ ମଣିଷ ଲୋଭକୁ ଛାଡ଼ି ନ ପାରି ହାତୀକୁ ବେଘର କରିଚାଲିଛି। ସେହିଭଳି ଭାଲୁ ଭଳି ଜନ୍ତୁ ମଧ୍ୟ ଲୋକଙ୍କ ଘର ଭିତରକୁ ପଶିଆସୁଥିବା ଖବର ଜଙ୍ଗଲ ପାଖ ଅଞ୍ଚଳରୁ ବାରମ୍ବାର ଶୁଣିବାକୁ ମିଳୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ସବୁ ଜଙ୍ଗଲୀ ଜନ୍ତୁ ମଣିଷକୁ ଭୟ କରନ୍ତି ଓ ତା'ଠାରୁ ଦୂରେଇ ରହନ୍ତି। ତେବେ ହାତୀ, ବାଘ, ଭାଲୁ କାହିଁକି ଏବେ ଗାଁ ପାଖକୁ ଆସୁଛନ୍ତି ତାହା ଚିନ୍ତାର ବିଷୟ। ବନ୍ୟଜନ୍ତୁଙ୍କ ଅଞ୍ଚଳ କିଭଳି ସଙ୍କୁଚିତ ନ ହେବ ସେହି ଦିଗରେ ସରକାର କାର୍ଯ୍ୟ କରିବା ଦରକାର। କେବଳ ବନ ବିଭାଗ ଉପରେ ଦାୟିତ୍ୱ ପକାଇଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଖଣି, ଶିଳ୍ପ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ମିଳିତ ଟାସ୍କଫୋର୍ସ ଗଠନ କରାଯାଇ ଏ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଦରକାର। ଏହାର ଅର୍ଥ ନୁହେଁ, କେବଳ ମଣିଷଙ୍କୁ ସୁରକ୍ଷିତ ରଖାଯାଇ ବନ୍ୟଜନ୍ତୁଙ୍କୁ ଲୋପ କରିଦିଆଯିବ। ସନ୍ତୁଳନତା ଧ୍ୱଂସ ପାଇଲେ ମଣିଷ ମଧ୍ୟ ବଞ୍ଚିବ ନାହିଁ। ଏହି ସାଧାରଣ ବିଷୟ ଜାଣିବା ପାଇଁ ବାବା ଭାଙ୍ଗାଙ୍କ ବାଣୀକୁ ଶୁଣିବା ଦରକାର ନାହିଁ। ମଣିଷ ସୁରକ୍ଷିତ ରହିବା ସହିତ ସବୁପ୍ରକାର ପଶୁପକ୍ଷୀଙ୍କ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ଭୁବନେଶ୍ୱର ନିକଟ ଭରତପୁର ଏବଂ ବାଙ୍କୀ–ଡମପଡ଼ା ଅଭୟାରଣ୍ୟକୁ ଯେଉଁଭଳି ଚାରିଆଡୁ ସଣ୍ଟୁଆଶି ଆକ୍ରମଣ କରାଯାଉଛି ତାହା ସମସ୍ତେ ଦେଖୁଛନ୍ତି। ଏହାର ପ୍ରତିକାର ଆଜି ଏବଂ ଏବେ ହେବା ଦରକାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | 9 | | | 5 | |
| | 1 | | | | | | | |
| | | | | | | | | |
| | | | | | | | 2 | 4 |
| 1 | | | 3 | | 6 | 7 | | |
| 7 | | | | 4 | | 9 | | |
| | | 8 | | | 7 | | | |
| | | | 1 | | 9 | | 3 | |
| | 3 | | 8 | | | 2 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 2 | 4 | 7 | 9 | 6 | 1 | 3 |
| 7 | 4 | 3 | 6 | 1 | 2 | 5 | 9 | 8 |
| 6 | 1 | 9 | 8 | 3 | 5 | 2 | 7 | 4 |
| 2 | 6 | 8 | 1 | 4 | 7 | 3 | 5 | 9 |
| 4 | 9 | 1 | 5 | 8 | 3 | 7 | 6 | 2 |
| 5 | 3 | 7 | 9 | 2 | 6 | 8 | 4 | 1 |
| 3 | 7 | 4 | 2 | 5 | 1 | 9 | 8 | 6 |
| 1 | 2 | 6 | 7 | 9 | 8 | 4 | 3 | 5 |
| 9 | 8 | 5 | 3 | 6 | 4 | 1 | 2 | 7 |

ଗତକାଲିର ଉତ୍ତର

# ସରକାରକା ମାଲ୍



ନିରଞ୍ଜନ ସାହୁ

ବ୍ୟକ୍ତିଗତ ସମ୍ପତ୍ତିକୁ ବଢ଼େଇବା ପାଇଁ ଆମେ ସମସ୍ତେ ଲାଗିଛନ୍ତି। ତାକୁ ସୁରକ୍ଷା ଦେବା ପାଇଁ କୌଣସି ଟିକିଏ ସମ୍ଭାବନା ବା ସୁଯୋଗକୁ ହାତଛଡ଼ା କରୁନାହାନ୍ତି। ଆଗ କାଳରେ କୁହାଯାଉଥିଲା ଗୋରୁ, ଭୂମି ଓ କନ୍ୟା, ଏସବୁ ଭାଗ୍ୟରେ ଥିଲେ ପ୍ରାପ୍ତହୁଏ। ଏବେ ସେସବୁ କଥା ପୁରୁଣା ହୋଇଗଲାଣି। ଉଦ୍‌ଯୋଗ କଲେ ଲକ୍ଷ୍ମୀଙ୍କର ଆଗମନ ହୁଏ। ଏହା ବେଶ୍ ଭଲ କଥା। ଗୋଟିଏ ଦେଶର ସମ୍ପଦ କହିଲେ ସବୁ ଲୋକଙ୍କ ସାମୂହିକ ସମ୍ପଦ ନୁହେଁ ତ ଆଉ କ'ଣ! ହେଲେ ଆପଣମାନେ ଲକ୍ଷ୍ୟ କରୁଥିବେ ବ୍ୟକ୍ତିଗତ ସମ୍ପତ୍ତି ପାଇଁ ଆମେ ଯେତିକି ଯତ୍ନଶୀଳ, ସର୍ବସାଧାରଣ ସମ୍ପତ୍ତି ପ୍ରତି ସେତିକି ନିସ୍ପୃହ ବା ବୀତସ୍ପୃହ। କଥାରେ ଅଛି Everybody's responsibility is nobody's responsibility। ଅର୍ଥାତ୍ ଆମର ସର୍ବସାଧାରଣ ସମ୍ପତ୍ତି ପରି ଆମର ସାଧାରଣ ଦୃଷ୍ଟିଭଙ୍ଗୀ ଏହିପରି ଉଦାସୀନ।

ବାସ୍ତବରେ ସର୍ବସାଧାରଣ ସମ୍ପତ୍ତି ଲୋକଙ୍କ ସମ୍ପତ୍ତି ବୋଲି ଆପଣ ଯାଉଣୁଆସୁଣୁ ଅନେକ ବୋର୍ଡ ଝୁଲୁଥିବା ଦେଖିଥିବେ, ମାତ୍ର ସେ ସବୁକୁ ଆମେ ଯେତେ ପଢ଼ିଲେ ବି ସେଥିରେ କାହିଁକି ନିଜକୁ ସାମିଲ କରିପାରନ୍ତି ନାହିଁ ଏକଥା କେବେ ଆମେ ନିଜକୁ ପଚାରିଛେ କି? ଆମେସବୁ ଧରିନେଉ ଯେ ସରକାର ହିଁ ସରକାରୀ ଜମି, ରାସ୍ତା, କୋଠାବାଡ଼ି, ପାର୍କ ଆଉ ଯାହାସବୁ ସର୍ବସାଧାରଣ ବ୍ୟବସ୍ଥା ଅଛି ତା'ର ରକ୍ଷଣାବେକ୍ଷଣ କରିବେ। ଆପଣ କେବେ ନିଜକୁ ପଚାରିଛନ୍ତି କି ଆଜି ଯେଉଁଟିକୁ ଆପଣଙ୍କର ବ୍ୟକ୍ତିଗତ ସମ୍ପତ୍ତି ବୋଲି ଆପଣଙ୍କ ପାଖରେ କାଗଜପତ୍ର ଅଛି, କାଲି କୌଣସି ବିଶେଷ ସର୍ବସାଧାରଣ କାମ ପାଇଁ ସରକାର ମଧ୍ୟ ଜମି ଅଧିଗ୍ରହଣ କରି ନେଇଯାଇପାରିବେ। ଆମ ସମ୍ବିଧାନ ନିଜସ୍ୱ ସମ୍ପତ୍ତି ଉପରେ ଆମକୁ ନାଗରିକ ଅଧିକାର ପ୍ରଦାନ କରିନାହିଁ। ଏହା କେବଳ ଏକ ଆଇନଗତ ଅଧିକାର। ଆଉ ଗୋଟିଏ କଥା ହେଲା, ଆମେ ସରକାରଙ୍କୁ ଖୁବ୍ ବେଶି ଗୁରୁତ୍ୱ ଦେଉଛୁ। ସେ ସବୁ କ୍ଷମତାର ଅଧୀଶ୍ୱର ବୋଲି ଗୋଟାଏ ଧାରଣା ସୃଷ୍ଟି ହୋଇଛି। ସଂସ୍କୃତରେ ତ ସରକାରଙ୍କୁ କୁହାଯାଏ–ସର୍ବକାର। ବାସ୍ତବରେ ଆମ ପାଇଁ ଆମର ଦେଶ ବା ରାଷ୍ଟ୍ର ହେଉଛି ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ। ଦେଶ ପରିଚାଳନା କରିବାକୁ ଆମେ ସରକାର ଗଠନ କରିଛେ। ତେଣୁ ସରକାର କଥା ଉଠିଲେ ସିନା ଆମେ ସରକାରଙ୍କ ସପକ୍ଷବାଦୀ କିମ୍ବା ନୁହେଁ, ସେ କଥା ଉଠୁଛି; ମାତ୍ର ଯଦି ଆମେ ଅନୁଭବ କରିବା ଯେ ଯେ ସବୁ ସମ୍ପତ୍ତି ଆମ ଦେଶର ଏପରି କି ଆମେ ସବୁ ମଧ୍ୟ ଦେଶର ସମ୍ପତ୍ତି, ତା'ହେଲେ ହୁଏତ ଆମର ଅବବୋଧରେ ସାମାନ୍ୟ ପରିବର୍ତ୍ତନ ହୋଇପାରନ୍ତା।

ସରକାର କହିଲେ ଆମର ଅନେକ ଲୋକ ନାକ ଟେକନ୍ତି; ମାତ୍ର ସରକାରୀ ଚାକିରି ତାଙ୍କ ପିଲା କିମ୍ବା ବନ୍ଧୁବାନ୍ଧବ ପାଇଲେ ଖୁସି ହୁଅନ୍ତି। ତା'ର କାରଣ ହେଲା ସରକାର ଯେହେତୁ ରାଷ୍ଟ୍ରର ଅନେକ କ୍ଷମତାକୁ ପ୍ରୟୋଗ କରନ୍ତି, କ୍ଷମତାପ୍ରାପ୍ତ ଅଧିକାରୀମାନେ ସେଇ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେହୁଅନ୍ତି। ସରକାରୀ



କର୍ମଚାରୀମାନେ ଲୋକଙ୍କୁ ସାଙ୍ଗରେ ନେଇ କାମ କରିବାକୁ ଇଚ୍ଛୁକ ହୁଅନ୍ତି ନାହିଁ। କ୍ଷମତା ଭାଗଭାଗ କରିବାକୁ କିଏ ବା ଚାହେଁ? ମାତ୍ର ଯେଉଁଦିନ ସରକାରୀ ବାବୁମାନେ ଅନୁଭବ କରନ୍ତେ ରାଜନୈତିକ ହସ୍ତକ୍ଷେପ ବୋଲି କହି ସେମାନେ ଯାହାକୁ ଡରୁଛନ୍ତି ଥରେ ଯଦି ମନ ଭିତରେ ଗ୍ରହଣ କରିଦେବେ ଯେ ରାଜନୈତିକ ସହଯୋଗ ମିଳିଲେ ସେମାନେ ଅଧିକ କାମ କରିପାରିବେ, ସେଦିନ ପରିସ୍ଥିତିରେ ପରିବର୍ତ୍ତନ ହୋଇପାରନ୍ତା। ସରକାରୀ ସମ୍ପତ୍ତି ଯତ୍ନ ନେବା ତ ଦୂରର କଥା ସେଗୁଡ଼ିକୁ କିପରି ହଡ଼ପ କରାଯାଇପାରିବ, କିପରି ଅଚଳ କରାଯାଇପାରିବ, କିପରି ସେଥିରୁ ବ୍ୟକ୍ତିଗତ ମୁନାଫା କମାଯାଇପାରିବ, ସେ ବିଷୟରେ ଅନେକେ ଆପଣଙ୍କୁ ଜ୍ଞାନ ଦେଇପାରିବେ। କେଉଁଠି ସରକାରୀ କଥା ନିରବଧି ଗୋଦାମର ସିମେଣ୍ଟ ବାବୁଙ୍କ ଅପାରଗତାରୁ ମୁଣ୍ଡା ହୋଇ ବ୍ୟବହାର ଅନୁପଯୋଗୀ ପାଲଟିଯାଏ, କେଉଁଠି ସରକାରୀ ନିର୍ମାଣ ପାଇଁ ରଖାଯାଇଥିବା ଦ୍ରବ୍ୟ ରାତିରେ ଉଭାନ ହୋଇଯାଏ ତା'ର କେତେ ନା କେତେ ଉଦାହରଣ ଆମ ପାଖରେ ଅଛି। ସେଇଥିପାଇଁ କାହିଁ କେତେ ଯୁଗରୁ ଲୋକେ କୁହାକୁହି ହୁଅନ୍ତି 'ସରକାରକା ମାଲ ଦରିଆ ମେ ଡାଲ'। ହିନ୍ଦୀ ଭାଷାରେ କୁହାଯାଇଥିବା ଏଇ କଥାଟି ଆମର ସରକାରୀ ସମ୍ପତ୍ତି ପ୍ରତି ଅନାଗ୍ରହର ଅନେକ କାହାଣୀ ଅବତାରଣା କରେ। ସମୁଦ୍ରରେ ଯେମିତି କିଛି ଜିନିଷ ଫିଙ୍ଗିଦେଲେ କିଛି ଫରକ ପଡ଼େନି, କେତେ ନଦନଦୀ ସମୁଦ୍ରରେ ମିଶି ନିଜର ଅସ୍ତିତ୍ୱ ହରେଇ ଦିଅନ୍ତି। କେତେ ବିଶାଳ ଅନନ୍ତ ଏଇ ସାଗର, ତା' ଭିତରେ କିଏ ବା ଲକ୍ଷ୍ୟ କରୁଛି କ'ଣ ହେଉଛି। ଏଠାରେ କିଛି ଭଲ ଜିନିଷର ଆଦର ନାହିଁ, ଖରାପ କଥା କିଏ ବା ପଚାରୁଛି?

ପ୍ରତି ଗ୍ରାମରେ ଅନେକ ସରକାରୀ ଜମି ରହିଛି। କେଉଁଠି ରାସ୍ତା ପାଇଁ ତ କେଉଁଠି ଚାରଣ ଭୂମି ପାଇଁ ଉଦ୍ଦିଷ୍ଟ, କେଉଁ ଜାଗାରେ ଭବିଷ୍ୟତ ଉନ୍ନୟନ ପାଇଁ ଜମି ସଂରକ୍ଷିତ ହୋଇଛି, କେଉଁଠି ପୁଣି ଗ୍ରାମ୍ୟ ଜଙ୍ଗଲ; ମାତ୍ର ଆଜି ଦିନରେ ସେଗୁଡ଼ିକର ଅବସ୍ଥା କେତେ ଶୋଚନୀୟ ଓ ଦୟନୀୟ ତାହା ଆପଣଙ୍କୁ ଜଣାଅଛି କି? ଜବରଦଖଲ ଏକ ସାଧାରଣ ପ୍ରକ୍ରିୟା ପାଲଟିଯାଇଛି। ଉଚ୍ଛେଦ ପ୍ରକ୍ରିୟା ଏତେ ବିଭ୍ରାନ୍ତିକାରୀ ଓ ସେ ଦାୟିତ୍ୱରେ ଥିବା ଅଫିସରମାନେ ଏତେ ବେପିଙ୍କର ନ କହିଲେ ଚଳେ। ଯଦିଓ ରାଜସ୍ୱ ବିଭାଗର ଯେତେ ଦାୟିତ୍ୱ ଅଛି ତା'ର ସର୍ବାଗ୍ରେ ହେଲା ସରକାରୀ ଜମିର ସଂରକ୍ଷଣ। ସର୍ବସାଧାରଣ ଜମି ବହୁ ବର୍ଷ ଜବରଦଖଲ ହେଲା ପରେ ନ୍ୟାୟାଳୟମାନେ ମଧ୍ୟ ବେଳେବେଳେ ୩୦ ବର୍ଷରୁ ଅଧିକ ସମୟ ଧରି ଜବରଦଖଲ ହୋଇଥିଲେ ସେଥିରେ ସ୍ଥାୟୀ ପଟ୍ଟା ଦେବାକୁ ନିର୍ଦ୍ଦେଶ ଦିଅନ୍ତି। ଏହିପରି ଏକ ପ୍ରାଚୀନ ନିୟମ ପାଇଁ ବହୁ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇ ନ ପାରି କୋର୍ଟ କଚେରିରେ ଝୁଲୁଛି।

କିଛି ବର୍ଷ ତଳେ ମୁଁ ଗୋଟିଏ ଜାତୀୟ ରାଜପଥରେ ଯାତ୍ରା କରୁଥିଲା ବେଳେ ଏକ ଅଦ୍ଭୁତ ମାଇଲ୍‌ଷ୍ଟୋନ୍ ମୋ ନଜରକୁ ଆସିଲା। ଯେଉଁଥିରେ ଲେଖାଥିଲା ଏଇଠୁ ଅମୁକ ଜିଲାଧୀଶଙ୍କ କ୍ଷମତା ପରିସର ଆରମ୍ଭ ହେଲା। ବଡ଼ ବିଚଳିତ ଲାଗିଲା ସେଇଟିକୁ ଦେଖି। ଯଦି ଆଧୁନିକ ଯୁଗର ସରକାରୀ ବାବୁମାନେ ନିଜକୁ ମଧ୍ୟଯୁଗୀୟ ଜମିଦାର ବୋଲି ଭାବିବେ ସେମାନଙ୍କୁ ସହଯୋଗ କରିବା ପାଇଁ ସାଧାରଣ ଲୋକ ବା ଗୋଷ୍ଠୀ ଆଗେଇ ଆସିବେ ବା କାହିଁକି? କେବଳ ଅଭିମାନ କଲେ ତ ଆମେ ଚଳିବ ନାହିଁ, ଲୋକମାନେ ବୁଝିବା ଦରକାର ଏଇ ସମ୍ପତ୍ତି ସରକାରୀ ସମ୍ପତ୍ତି କହିଲେ ଯଦି ତାହା ଆମ ଭିତରେ ନିଜସ୍ୱ ଭାବ ସୃଷ୍ଟି କରୁନାହିଁ ଏହାକୁ ସର୍ବସାଧାରଣ ସମ୍ପତ୍ତି ବା ଆମ ରାଜ୍ୟ କିମ୍ବା ରାଷ୍ଟ୍ରର ସମ୍ପତ୍ତି ବୋଲି ଭାବିବା। ଆଜିକାଲି କେଉଁଠି ପାଣି ପାଇପ୍‌ଟାଏ ଖୋଲାହୋଇ ପାଣି ବହିଯାଉଛି, ଆମେ ନିର୍କର୍ତ୍ତବ୍ୟ ଭାବରେ ସେଇ ବାଟେ ଚାଲିଯାଉଛୁ, କେଉଁଠି ରାସ୍ତା ଉପରେ ଆବର୍ଜନା କୁଢ଼େଇ ଦେଉଛୁ ଅନାୟାସେ, ରାସ୍ତା କଡ଼ରେ ଆମେ ଘର କରିଛୁ ବୋଲି ସାହି ପିଲାଙ୍କୁ ମତେଇ ସେଇଠି ଦୁଇ ଦୁଇଟା ହିଡ଼ ଭଳି ରମ୍ବଲର ଗଢ଼ି ଦେଉଛୁ ରାତାରାତି। ଯେ ସବୁ ଯଦି ଚାଲୁ ରହେ ଆମେ ହିଁ ତା'ର ପରିଣତି ଭୋଗିବା। ଆଜି ନ ହେଲେ କାଲି। ସହରାଞ୍ଚଳରେ ଜମିର ଦର ଆକାଶଛୁଆଁ ହୋଇ ବଢୁଛି। କିଛି ଲୋକ କୌଶଳରେ ସରକାରୀ ଜମିକୁ କବ୍‌ଜା କରି ସେଥିରେ ଘର ତିଆରି କରି ଭଡ଼ା ଦେଇଛନ୍ତି ବସ୍ତିବାସିନ୍ଦାଙ୍କୁ। ଅନେକେ ନିଜ ଜମିର ଯେତିକି ଅଞ୍ଚଳ ଘର ତିଆରି ପାଇଁ ପ୍ରାଧିକୃତ ତା'ଠାରୁ ବେଶି ଜମି ଆବୋରି ପକାନ୍ତି, ଆଉ ସମୟକ୍ରମେ ଆମର ଉନ୍ନୟନ କର୍ତ୍ତୃପକ୍ଷ ତାକୁ ବୈଧ କରିଦିଅନ୍ତି କିଛି ଜରିମାନାର ଲୋକଦେଖାଣିଆ ବେଭାରରେ। ବେଆଇନ ନିର୍ମାଣକୁ ପରବର୍ତ୍ତୀ ସମୟରେ ବୈଧୀକରଣ ଏକ ଅତ୍ୟନ୍ତ ବିପଜ୍ଜନକ ପ୍ରକ୍ରିୟା। ଏହା ବେଆଇନ ନିର୍ମାଣ କରୁଥିବା ଲୋକଙ୍କୁ ଦୁଃସାହସୀ କରେ। ସେମାନେ ଆଇନକୁ ପରବାୟ ନ କରି ପରବର୍ତ୍ତୀ 'ସର୍ବକ୍ଷମା' ପର୍ଯ୍ୟନ୍ତ ଅପେକ୍ଷା କରନ୍ତି। ସଫଳ ବି ହୁଅନ୍ତି। ଏହା କେତେ ନିନ୍ଦନୀୟ ଭାବନ୍ତୁ। ଆମର ଅନେକ ପ୍ରାକୃତିକ ସମ୍ପଦ ଯେପରି ବନ ସମ୍ପଦ, ଖଣିଜ ସମ୍ପଦ, ଜଳ ସମ୍ପଦ ଠିକ୍ ଭାବରେ ପରିଚାଳନା କରାଯାଉନାହିଁ। ଏଗୁଡ଼ିକ ସବୁଦିନ ଆମ ପାଇଁ ଉପଲବ୍ଧ ହେବ ତା'ର କିଛି ଗ୍ୟାରେଣ୍ଟି ନାହିଁ। ଆଜିଠୁ ସାଧୁ ସାବଧାନ। ନ ହେଲେ ନେଡ଼ିଗୁଡ଼ କହୁଣିକୁ ବହିଗଲେ ଆଉ କିଛି କରିବା ସମ୍ଭବ ହେବନି।

ମୋ: ୯୪୩୮୪୨୯୧୧

# ଫସଲ ବିବିଧୀକରଣ



ଡି ଶୁଭମ୍

ସତୁରି ଅଶୀ ଦଶକରେ ଯେପରି ଚାଷ ହେଉଥିଲା, ଏବେ ସେସବୁରେ ପରିବର୍ତ୍ତନ ଆସିଲାଣି। ଆପଣ ଲକ୍ଷ୍ୟକରନ୍ତୁ ଏବେ ଯୁବକମାନେ ବି ଚାଷ ପାଇଁ ଆଗ୍ରହ ପ୍ରକାଶ କଲେଣି। ଷ୍ଟାର୍ଟଅପ୍ ନାଁରେ ବିଭିନ୍ନ କୃଷି ଉଦ୍ୟୋଗ ଯୁବକମାନେ ପ୍ରତିଷ୍ଠାକରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ମଧ୍ୟ ଦେଉଛନ୍ତି। ତେବେ କଥା ହେଉଛି ଆଗରୁ ଯେଉଁ ଧାରଣା ଥିଲା ଚାଷ ଏକ ନିମ୍ନମାନର କାର୍ଯ୍ୟ ଏହାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ମୂଳପୋଛ କରିଦେବା ପାଇଁ ମୋ ତରଫରୁ ଅନ୍ତତଃ ଆପଣମାନଙ୍କୁ ଅନୁରୋଧ ରହିବ। ଦ୍ୱିତୀୟରେ ପିଲା ଯଦି ଛୋଟବେଳେ ପାଠ ନ ପଢ଼ି ଦୁଷ୍ଟ ହେଉଛି ତାକୁ ଆକଟ କରନ୍ତୁ, ଏହା ଠିକ୍ ଅଛି କିନ୍ତୁ କଥା ଛଳରେ କୁହନ୍ତୁନି ଯେ– ଆରେ ପାଠ ନ ପଢ଼ିଲେ ଜମିରେ ଚାଷ କରିବୁ, ନ ହେଲେ ଛେଳି ଚରେଇବୁ। କେବଳ ପାଠ ପଢ଼ିଲେ ଯେ ଚାକିରି କରି ସ୍ୱାବଲମ୍ବୀ ହୋଇଯିବ, ଆଉ ସବୁ ଅପାଠୁଆମାନେ ଚାଷ କରନ୍ତି, ଏ କଥାକୁ ବି ମନରୁ ପୋଛିବାକୁ ଅନୁରୋଧ। ଦିନ ଥିଲା, ଯେଉଁଠି ଯୁବକମାନେ ଚାଷ କରିବାକୁ ମଙ୍ଗୁ ନ ଥିଲେ ଆଜି ସେମାନଙ୍କ ଜମିରେ ସବୁଜିମା ଲହଡ଼ି ଭାଙ୍ଗୁଛି। ଉନ୍ନତ କୃଷି ହିଁ ଜୈବବିବିଧତାକୁ ରକ୍ଷାକରେ। ତେବେ ଚାଷକ୍ଷେତ୍ରରେ ଏବେ ବିଭିନ୍ନ ନୂଆ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ ହେଲାଣି। ଏପରିକି ଆଉ ସେ ଅଶୀ ଦଶକର ପ୍ରଣାଳୀ ନ ଆପଣେଇ ସହଜ ଓ କମ୍ ସମୟରେ କିପରି ଚାଷ କରିହେବ ସେ ଦିଗରେ ପ୍ରାଧାନ୍ୟ ଦିଆଯାଉଛି। ଏହା ଭିତରୁ ଏକ ପ୍ରମୁଖ ମାଧ୍ୟମ ହେଉଛି ଫସଲ ବିବିଧୀକରଣ।

ପ୍ରଥମ କଥା ଫସଲ ବିବିଧୀକରଣ କ'ଣ, ଏ କଥାକୁ ଟିକେ ଭଲଭାବେ ବୁଝିବା ଓ ଜାଣିବା ଦରକାର। କାରଣ ଚାଷୀ ଏହାର ଉପକାରିତା ବିଷୟରେ ନ ଜାଣିଲେ ଏ ଦିଗରେ ଆଗକୁ ଯାଇପାରିବେ ନାହିଁ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରାରେ ଅନିଶ୍ଚିତତା ନିହାତି ଭାବେ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ତେଣୁ ଏହାସହ ତାଳ ଦେଇ ଆମକୁ ଉତ୍ପାଦନରେ ବୃଦ୍ଧି ଆଣିବା ଆହ୍ୱାନ। ଫସଲ ବିବିଧୀକରଣ ଏହି ଆହ୍ୱାନ ଭିତରୁ ଅନ୍ୟତମ। ଫସଲ ବିବିଧୀକରଣ ହେଉଛି ଇଣ୍ଟରକ୍ରପ ଆକାରରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାରର ଫସଲ ଚାଷ କରିବାର ଅଭ୍ୟାସ। ଗୋଟିଏ ଫସଲ ଉପରେ ନିର୍ଭର ନ କରି, ଏହାକୁ ପ୍ରମୁଖ ପ୍ରାଧାନ୍ୟ ନ ଦେଇ ଏକାଧିକ ଫସଲ ଚାଷ କରିବାର ମାଧ୍ୟମ ହିଁ ଫସଲ ବିବିଧୀକରଣ। ଏହାଦ୍ୱାରା ସ୍ୱଳ୍ପ ଅର୍ଥକରୀ ଫସଲକୁ ପରିବର୍ତ୍ତନ କରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରେ। ଧାନ ପରେ ଧାନ ନ କରି ଅନ୍ୟ ଫସଲ ଚାଷ କରିବା ଫସଲ ବିବିଧୀକରଣର ଆହ୍ୱାନ। ଏହା କୃଷିକ୍ଷେତ୍ରରେ ଅନିଶ୍ଚିତତା ହ୍ରାସ କରିବା ସହ ପରିବେଶର ବିବିଧତା ଆଣିବାରେ ସାହାଯ୍ୟ କରେ। ଏହାସହ ଫସଲର ବିବିଧତା ମୃତ୍ତିକାର ଉର୍ବରତାକୁ ଉନ୍ନତ କରିଥାଏ, କୀଟନାଶକ ଏବଂ ରୋଗପୋକ ନିୟନ୍ତ୍ରଣ କରିଥାଏ। ଏତଦ୍‌ଭିନ୍ନ ଏହା ଅମଳର ସ୍ଥିରତା, ପୁଷ୍ଟିକର ବିବିଧତା ମଧ୍ୟ ଆଣିଥାଏ। କୃଷିକ୍ଷେତ୍ରରେ ମୃତ୍ତିକାର ଉର୍ବରତା ରକ୍ଷଣାବେକ୍ଷଣ ପାଇଁ ଏକ ପରିବେଶଗତ ବିକଳ୍ପ ଭାବରେ ଏହାକୁ ବିବେଚନା କରାଯାଇପାରେ। ତେଣୁ ଏହା ସୂଚିତ କରେ ଯେ ଫସଲର ବିବିଧୀକରଣ ଗୋଟିଏ ଉପାୟରେ ଉନ୍ନତି କରି ତିନୋଟି ମୁଖ୍ୟ ଦିଗରେ ଉନ୍ନତି ଆଣିଥାଏ; ଉତ୍ପାଦକତା, ଜୀବିକାରେ ସ୍ଥିରତା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ।



ଗ୍ରାମ୍ୟ ଜୀବନ ଆମ ଦେଶର ମୁଖ୍ୟ ପରିମାପକ। ଏହି ଗ୍ରାମ୍ୟ ପରିପାଟୀ ଭିତରେ ମୁଖ୍ୟ ଜୀବନଜୀବିକା ଭାବେ ଲୋକେ କୃଷିକୁ ହିଁ ଗ୍ରହଣ କରିଥାନ୍ତି। ପାଖାପାଖି ୯୩ ପ୍ରତିଶତ କୃଷକଙ୍କ ପାଖରେ ୪ ହେକ୍ଟରରୁ କମ୍ ଜମି ଅଛି ଏବଂ ସେମାନେ ପ୍ରାୟ ୫୫ ପ୍ରତିଶତ ଚାଷଜମିରେ ଚାଷ କରନ୍ତି। ଆମ ଦେଶରେ ବହୁସଂଖ୍ୟକ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରାଯାଏ। ଏହାକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ– ଖାଦ୍ୟଶସ୍ୟ ଫସଲ ଏବଂ ବ୍ୟବସାୟିକ ଫସଲ। ବର୍ଦ୍ଧିତ ଜନସଂଖ୍ୟାକୁ ଯଦି ନଜର ପକାଇବା ତେବେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ଏକ ପ୍ରଥମ ପ୍ରାଥମିକତା ବୋଲି ଗ୍ରହଣ କରିବାକୁ ହେବ। ତେବେ ଏହି ଅଭାବର ଅନୁଭୂତି ହେତୁ ଗତ ୫୦ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳତା ଆମ ନୀତିର ମୂଳଦୁଆ ପାଲଟିଛି।

ଫସଲର ବିବିଧକରଣ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବିଭିନ୍ନ ଫସଲ ଉତ୍ପାଦନ କରିବାର ଏକ ନିଆରା ମାଧ୍ୟମ, ଯାହାଦ୍ୱାରା ବିଭିନ୍ନ ଫସଲ ଉପରେ ଉତ୍ପାଦନ ସମ୍ବନ୍ଧୀୟ କାର୍ଯ୍ୟକଳାପ ବିସ୍ତାର ହୋଇପାରିବ ଏବଂ ଫସଲ ଉତ୍ପାଦନ ଓ ଅମଳ କମ୍‌ର ବିପଦ ମଧ୍ୟ ହ୍ରାସ ପାଇବ। ଆମଦାନି ହ୍ରାସ କରିବା ଏକ ପ୍ରମୁଖ ଲକ୍ଷ୍ୟ ହେବା ସହ ଏହାଦ୍ୱାରା ଜମିର ଗୁଣାତ୍ମକ ମାନ ବୃଦ୍ଧି ପାଇଥାଏ। ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟାର ଆଗମନ ସହିତ, ବିଶେଷକରି ଷାଠିଏ ଦଶକର ଶେଷ ତଥା ସତୁରି ଦଶକର ସବୁଜ ବିପ୍ଳବ ସମୟରେ ଫସଲ ଦୃଷ୍ଟିରୁ ବିବିଧ କୃଷି ପାଇଁ କ୍ରମାଗତ ବୃଦ୍ଧି ଘଟିଛି।

ଭାରତୀୟ କୃଷି ବିଭିନ୍ନ କାରଣରୁ ଅଧିକରୁ ଅଧିକ ପ୍ରଭାବିତ ହେଉଛି, ଯେପରିକି ଜଳସେଚନ ସମ୍ପ୍ରସାରଣ, ଗ୍ରାମୀଣ ବଜାରର ଅନୁପ୍ରବେଶ, ସ୍ୱଳ୍ପ ସମୟର ବିକାଶ ଏବଂ ବିସ୍ତାର ଓ ମରୁଡ଼ି ପ୍ରତିରୋଧକ ଫସଲ ପ୍ରଯୁକ୍ତିବିଦ୍ୟା ପ୍ରମୁଖ। କୃଷି ଉଦାରୀକରଣ ଏବଂ ଜଗତୀକରଣ ନୀତି ପରିପ୍ରେକ୍ଷୀରେ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ମଧ୍ୟ ମାଇକ୍ରୋ ଏବଂ ମାକ୍ରୋସ୍ତରରେ ଫସଲ ରଚନା ନିର୍ଣ୍ଣୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ଅବସ୍ଥାରେ ଯେଉଁଠାରେ କୃଷି ଅଭିବୃଦ୍ଧି କ୍ଷେତ୍ର ବିସ୍ତାର ଅପେକ୍ଷା ଉତ୍ପାଦକତାରୁ ଅଧିକ ଫଳାଫଳ ପାଇଥାଏ, ସେଠାରେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ବାଟ ଖୋଲିପାରେ।

ଫସଲ ବିବିଧୀକରଣ ପ୍ରକ୍ରିୟାରେ ଅନୁଭୂତ ବିଭିନ୍ନ ସମସ୍ୟା ଯୋଗୁ ଏହା ଅଧିକରୁ ଅଧିକ ବିନିଯୋଗ ହୋଇପାରୁନାହିଁ। ଯେପରିକି ଦେଶ ସ୍ୱାଧୀନତା ପରଠାରୁ ପନିପରିବା ସମେତ ବ୍ୟବସାୟିକ ଫସଲ ଅଧୀନରେ ଦେଶରେ ଫସଲର ବିବିଧତା ବୃଦ୍ଧିପାଉଛି। ଅବଶ୍ୟ ଗତ ଦଶନ୍ଧିରେ ଏହା ପନିପରିବା ଏବଂ ଫସଲ ଅଧୀନରେ ବୃଦ୍ଧି ହୋଇଥିବା କ୍ଷେତ୍ରକୁ ସୁଦୃଢ଼ କରିପାରିଛି। ଏହାକୁ ବାଦ୍ ଦେଲେ ଚିନି, କପା ଏବଂ ତୈଳବୀଜ ଫସଲ ଭଳି ବ୍ୟବସାୟିକ ଫସଲ ଉପରେ ମଧ୍ୟ କିଛିମାତ୍ରାରେ ବୃଦ୍ଧିପାଇଛି। ତେବେ ଏଥିରେ ଦେଖାଯାଉଥିବା ସମସ୍ୟାକୁ ଯଦି ଲକ୍ଷ୍ୟ କରିବା ତା'ହେଲେ ଉଥିବା ଅଞ୍ଚଳର ୧୧୭ ମିଟର/ହେକ୍ଟର ପ୍ରତି ୬୩–୬୫ ପ୍ରତିଶତ ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏହା ବ୍ୟତୀତ ଜଳଉତ୍ସ ପରି ସମ୍ବଳର ଅତ୍ୟଧିକ ବ୍ୟବହାର, ପରିବେଶ ତଥା କୃଷିର ସ୍ଥାୟିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଉନ୍ନତଧରଣର କ୍ଷମତାଯୁକ୍ତ ମଞ୍ଜିର ଅଭାବ, କୃଷିରେ ଆଧୁନିକୀକରଣ ସହ ଠିକ୍‌ଭାବେ ଭିତ୍ତିଭୂମିର ଅଭାବ, ଅମଳ ପରବର୍ତ୍ତୀ କୃଷି ଉତ୍ପାଦ ପ୍ରସ୍ତୁତ ତଥା ସଠିକ୍ ଜ୍ଞାନ ଏବଂ କୃଷକମାନଙ୍କ ଭିତରେ ସଚେତନତାର ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର,**
**ମୋ–୯୪୩୮୪୬୭୦୭୯**

## ଏଇ ଭାରତରେ

ଫିଲ୍ମରେ ଦେଖିବାକୁ ମିଳିଥାଏ କୁକୁର କିପରି ତା'ର ମାଲିକକୁ ଅପେକ୍ଷା କରି ବସିଥାଏ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେରଳର କୋଝିକୋଡେରେ। ଯେଉଁଠାରେ କୁକୁର ମାଲିକଙ୍କ ମୃତ୍ୟୁ ପରେ ବି ଶବାଗାର ବାହାରେ ଅପେକ୍ଷା କରି ବସିଛି। ବୋଧହୁଏ ସେ ଜାଣିନି ତା' ମାଲିକ ଆଉ ଏହି ଦୁନିଆରେ ନାହାନ୍ତି। କିନ୍ତୁ କାଳେ ମାଲିକ ଶବାଗାରରୁ ଆସିବେ ସେଥିପାଇଁ କୁକୁର ଅପେକ୍ଷା କରି ବସି ରହିଛି। ଏହି କୁକୁର ବିଷୟରେ ସୋସିଆଲ ମିଡିଆରେ ୟୁଜରମାନେ ଅନେକ ପ୍ରତିକ୍ରିୟା ଦେଇଛନ୍ତି। କେହି କେହି ଏହାକୁ ମଣିଷର ସାଥୀ ବୋଲି କହୁଥିବା ବେଳେ ଅନ୍ୟମାନେ ଏହାକୁ ପ୍ରକୃତ ବିଶ୍ୱସ୍ତତା ବୋଲି କହୁଛନ୍ତି। ଚାରିମାସ ଧରି କେରଳର କନ୍ନୁର ଜିଲା ଡାକ୍ତରଖାନାର ଶବାଗାର ବାହାରେ ଏକ କୁକୁର ଅପେକ୍ଷା କରିଛି। ଡାକ୍ତରଖାନା ଅଧିକାରୀମାନେ କୁକୁରର ମାଲିକଙ୍କୁ ଚିହ୍ନଟ କରିବାରେ ଅସମର୍ଥ ହୋଇଛନ୍ତି। ହସ୍ପିଟାଲ କର୍ମଚାରୀ ରାଜେଶ କୁମାର କହିଛନ୍ତି, ପ୍ରଥମ ଦିନରେ ଆମେ କୁକୁର ପ୍ରତି ଧ୍ୟାନ ଦେଇ ନ ଥିଲୁ। କିନ୍ତୁ ପରଦିନ ସେ ସେଠାରେ ଜଗି ବସିଥିଲା। ଯେତେବେଳେ ଆମେ ସ୍ଥାନୀୟ ଲୋକଙ୍କୁ ଏ ବିଷୟରେ ପଚାରିଲୁ, ସେମାନେ କହିଥିଲେ, ଏହି କୁକୁରଟି ଜଣେ ରୋଗୀଙ୍କ ସହିତ ଡାକ୍ତରଖାନାକୁ ଆସିଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିଛି। କୁକୁରଟିକୁ ମୃତଦେହ ନିଆଯାଉଥିବା ରାମ୍ପରେ ବସିଥିବାର ଦେଖିବାକୁ ମିଳୁଛି। କୁକୁରଟି ନିକଟସ୍ଥ ଫିଜିଓଥେରାପି ବିଭାଗ ବିଲ୍ଡିଂକୁ ଯାଉଛି ରାତିରେ ଶବାଗାରକୁ ଫେରିଆସୁଛି। କୁକୁରକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ କନ୍ନୁରରୁ ଜଣେ ମହିଳା ଇଚ୍ଛା ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୮

- ରାଜ୍ୟର ବରିଷ୍ଠ ଇଞ୍ଜିନିୟର ଅଖିଳ ଚନ୍ଦ୍ର ମହାନ୍ତ 'ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ' ସମ୍ମାନରେ ସମ୍ମାନିତ।
- କଟକର ମହାନଦୀ ପୋଲ ଉପରୁ ଏକ ଘରୋଇ ବସ୍ ପୋଲ ଭାଙ୍ଗି ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୫୦ରୁ ଊର୍ଦ୍ଧ୍ୱ ମୃତ।

## ଚିରନ୍ତନୀ

ରଖି ଦେବ ନାହିଁ କି ଆଜି ଏ ବାଆ ?
ତିଳେ ହେଲେ ତାର ଗୋ ନାହିଁ ତ ମାୟା।
ଦିନେ ପରା ବଇଁଶୀ ଶବଦ ଶୁଣି
ତିଆରିଲେ ଲାଜ ଗୋ ଗୋପ ତରୁଣୀ।
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏତେ ଭୂତ ବସ୍ ଚାଲୁଥିଲା କିପରି

ମହାଶୟ,

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରିବହନ ବିଭାଗକୁ ଘରୋଇ ବସ୍ ଚଳାଚଳର ତଥ୍ୟ ହସ୍ତାନ୍ତର ହେବା ଏବଂ ପଞ୍ଜୀକୃତ ଘରୋଇ ବସ୍‌ରେ ଗଡ଼ବଡ଼ ଘଟଣା ସାମ୍ନାକୁ ଆସିବା ପରେ ପରିବହନ ବିଭାଗ ତତ୍ପର ହୋଇଉଠିବା ଘଟଣା ଜନସାଧାରଣଙ୍କୁ ଚକିତ କରିଛି। ବିଶେଷକରି ଚାଲୁଥିବା ଭୂତ ବସ୍‌କୁ ଖୋଜିବା ପାଇଁ ପରିବହନ ବିଭାଗର ଫତୁଆ ଜାରି ପରେ ପ୍ରଶ୍ନ ଉଠେ ଏତେ ପରିମାଣର ଘରୋଇ ବସ୍ ଭୂତ ଆକାରରେ ଚାଲୁଥିଲେ ମଧ୍ୟ ପରିବହନ ବିଭାଗ ଜାଣିପାରି ନ ଥିଲା କିପରି? ସେହି ବସ୍ ମାଲିକମାନେ ଦୀର୍ଘ ସମୟ ଧରି ଟିକସ ଫାଙ୍କୁଥିଲେ ମଧ୍ୟ ପରିବହନ ବିଭାଗ ଜାଣିପାରିଲା ନାହିଁ କେମିତି? ଏପରିକି ପୁରୁଣା ବସ୍‌ଗୁଡ଼ିକର ପରମିଟ ବାତିଲ କରା ନ ଯିବା ଘଟଣା ଅଧିକ ଚକିତ କରିଛି। ଆଞ୍ଚଳିକ ପରିବହନ ବିଭାଗ ଏବଂ ଏଭଳି ବସ୍ ମାଲିକଙ୍କ ମଧ୍ୟରେ ସଲାସୁତରା କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଚର୍ଚ୍ଚା ହେଉଛି।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ମହିଳା ଅଫିସରଙ୍କୁ ଘରେ ପଶି ହତ୍ୟା



ବେଙ୍ଗାଲୁରୁ,୫।୧୧: କର୍ନାଟକ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ମହିଳା ଅଫିସରଙ୍କୁ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ହତ୍ୟା କରିଛନ୍ତି। ଶନିବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ପ୍ରତିଭା ନାମ୍ନୀ ଏହି ଅଫିସର ଜଣକ କର୍ନାଟକର ଖଣି ଓ ଭୂତତ୍ତ୍ୱ ବିଭାଗରେ ଉପନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ। ସୁବ୍ରମନ୍ୟପୋରାସ୍ଥିତ ବାସଭବନରେ ତାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ବେଳେ ସ୍ୱାମୀ ଓ ପୁଅ ଘରେ ନ ଥିଲେ। ପ୍ରତିଭାଙ୍କ ଭାଇ ଶନିବାର ରାତି ଓ ରବିବାର ସକାଳେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ନ ମିଳିବାରୁ କ'ଣ ହୋଇଛି ଜାଣିବା ପାଇଁ ସେ ଭଉଣୀ ଘରେ ପହଞ୍ଚି ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ।

## ଗାଜାରେ ଅଣୁଅସ୍ତ୍ର ପକାଇବା ଚାହାନ୍ତି ଇସ୍ରାଏଲ୍ ମନ୍ତ୍ରୀ

ଜେରୁଜେଲମ୍,୫।୧୧: ଗାଜା ଉପରେ ଅଣୁଅସ୍ତ୍ର ଆକ୍ରମଣ କରାଯିବା ଦରକାର ବୋଲି ଇସ୍ରାଏଲ୍‌ର ଜଣେ ମନ୍ତ୍ରୀ କହି ବିବାଦ ଘେରକୁ ଆସିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଖଣ୍ଡନ କରିଛନ୍ତି। ଗାଜା ଉପରେ ଇସ୍ରାଏଲ ସେନା ଆଣବିକ ଆକ୍ରମଣ କରିବ କି ବୋଲି ଏକ ସାକ୍ଷାତ୍‌କାରରେ ପ୍ରଶ୍ନ ହେବାରୁ ମନ୍ତ୍ରୀ ଅମିହାଇ ଏଲିୟାହୁ କହିଥିଲେ, ସେଠାରେ ପରମାଣୁ ବୋମା ପକାଯିବା ଆବଶ୍ୟକ ଏବଂ ଯୁଦ୍ଧରେ ଏହାର ସମ୍ଭାବନା ରହିଛି। ତାଙ୍କୁ ନେତାନ୍ୟାହୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ନିଲମ୍ବନ କରିଛନ୍ତି। ଗତ ମାସ ୭ ତାରିଖରେ ହମାସ୍ ବିରୋଧରେ ଇସ୍ରାଏଲ୍ ଯୁଦ୍ଧ ଘୋଷଣା କରିବାବେଳେ ସୁରକ୍ଷା କ୍ୟାବିନେଟରେ ଏଲିୟାହୁ ନ ଥିଲେ।

## ସୀମାନ୍ତ ଅପରାଧ ରୋକିବାକୁ ଭାରତ-ବାଂଲା ତାରବାଡ଼ରେ ମହୁଫେଣା ଲଗାଉଛି ବିଏସ୍‌ଏଫ୍

**କୋଲକାତା,୫।୧୧:** ବାଂଲାଦେଶ ପାର୍ଶ୍ୱରେ ସୀମାପାର ଅପରାଧ ରୋକିବା ପାଇଁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏକ ଅଭିନବ ପଦକ୍ଷେପ ଆପଣାଇଛି। ଗୋରୁ ଚୋରାଚାଲାଣ ଓ ଅନ୍ୟାନ୍ୟ ଅପରାଧ ଘଟାଇବା ପାଇଁ ଦୁର୍ବୃତ୍ତମାନେ ତାରବାଡ଼ କାଟୁଥିବାରୁ ଏହାକୁ ରୋକିବା ପାଇଁ ସେଠାରେ ଯବାନମାନେ ମହୁଫେଣା ଲଗାଉଛନ୍ତି। ଏହି ମହୁଫେଣାଗୁଡ଼ିକ ସ୍ଥାନୀୟ ଲୋକଙ୍କୁ ଜୀବିକା ମଧ୍ୟ ଯୋଗାଇଦେଇପାରିବ। ବିଏସ୍‌ଏଫ୍‌ର ୩୨ତମ ବାଟାଲିୟନ ପକ୍ଷରୁ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ନଦିଆ ଜିଲାର ସୀମାନ୍ତ ଅଞ୍ଚଳରେ ମହୁଫେଣା ଲଗାଯାଉଛି। ଏହା ସୀମା ସୁରକ୍ଷାରେ ସହାୟକ ହେବା ସହ ଲୋକେ ମହୁଚାଷ କରି ରୋଜଗାର କରିପାରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ୪,୦୯୬ କିଲୋମିଟର ସୀମା ଥିବାବେଳେ ସେଥିରୁ ପଶ୍ଚିମବଙ୍ଗରେ ରହିଛି ୨,୨୧୭ କିଲୋମିଟର।

# ବିଶ୍ୱର ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ

## ରାଜଧାନୀ ବାୟୁ ପ୍ରଦୂଷଣ ଡବ୍ଲ୍ୟୁଏଚ୍‌ଓ ଧାର୍ଯ୍ୟ ସୀମାର ୯୭ ଗୁଣ

**ନୂଆଦିଲ୍ଲୀ,୫।୧୧**

ଦିଲ୍ଲୀର ବାୟୁ ମାନ ରବିବାର ପୁଣିଥରେ ଅତି ଉତ୍କଟ ସ୍ତରରେ ପହଞ୍ଚିଛି। ଫଳରେ ଜାତୀୟ ରାଜଧାନୀ ଦେଶର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ରାଜଧାନୀର ବିଭିନ୍ନ ଭାଗରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୫୦ରୁ ଅଧିକ ରହିଛି। ୱାଜିରପୁର ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ରବିବାର ମଧ୍ୟାହ୍ନରେ ଏକ୍ୟୁଆଇ ସର୍ବାଧିକ ୮୫୯ ରେକର୍ଡ କରାଯାଇଛି। ଦିଲ୍ଲୀ ଆକାଶକୁ ଧୂଳିକଣା ଓ ଧୂଆଁ ଆଚ୍ଛାଦିତ କରି ରଖିଥିବାରୁ ଖୁବ୍ କମ୍ ଦୂରତା ପର୍ଯ୍ୟନ୍ତ ଦୃଶ୍ୟ ହେଉଛି। ବିଶ୍ୱର ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ ସମେତ କୋଲକାତା ଓ ମୁମ୍ବାଇ ରହିଛି। ଶୀତଦିନ ଆରମ୍ଭ ହୋଇଥିବାରୁ ତାପମାତ୍ରା କମ୍ ସାଙ୍ଗକୁ ବାୟୁ ପ୍ରବାହ ହ୍ରାସ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ଏଭଳି ସ୍ଥିତିରେ ପହଞ୍ଚିଥିବା ଅଧିକାରୀମାନେ କହିଛନ୍ତି। ଏଠାରେ ରହୁଥିବା ୨ କୋଟି ଲୋକଙ୍କ ମଧ୍ୟରୁ ଅଧିକାଂଶ ଆଖି ପୋଡ଼ିବା ଓ ଗଳା କୁଣ୍ଡେଇହେବା ଅଭିଯୋଗ କରିଛନ୍ତି। ଦିଲ୍ଲୀ ବାୟୁ ଘଞ୍ଚ ଧୂସର ହୋଇଯାଇଛି। ଶିଶୁମାନେ କ୍ରମାଗତ କାଶୁଥିବାବେଳେ ପିଲାଙ୍କ ଶ୍ୱାସକ୍ରିୟା



ପ୍ରଖର ହେଉଛି ବୋଲି ଜଣେ ଡାକ୍ତର ସୋସିଆଲ ମିଡିଆରେ ଲେଖିଛନ୍ତି। ଦିଲ୍ଲୀର ପିଏମ୍‌୨.୫ ସାନ୍ଦ୍ରତା ସ୍ତର ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଧାର୍ଯ୍ୟ କରିଥିବା ବାୟୁମାନ ଗାଇଡ୍‌ଲାଇନ୍‌ସ ସୀମାର ୯୬.୨ ଗୁଣ ରହିଛି। ବାୟୁରେ ରହିଥିବା କଣିକା ତତ୍ତ୍ୱ୨.୫(ପିଏମ୍‌୨.୫) ଅତି ସୂକ୍ଷ୍ମ ଓ ପ୍ରଶ୍ୱାସରେ ନେଇହେବ। ଏହାର ବ୍ୟାସ ହେଉଛି ୨.୫ ମାଇକ୍ରୋମିଟର ବା ତା'ଠୁ କମ୍। ପ୍ରଶ୍ୱାସରେ ଯାଇ ଏହା ରକ୍ତସ୍ରୋତରେ ମିଶିବା ସହ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଦିଲ୍ଲୀ ବାୟୁରେ ଏହି ସ୍ତର ଘନମିଟର ପ୍ରତି ୪୮୧ ମାଇକ୍ରୋଗ୍ରାମ ରହୁଛି। ଏଥିସହିତ ଦିଲ୍ଲୀ ଓ ଏହାର ଆଖପାଖ ସହରରେ ଥିବା ବାୟୁରେ ପିଏମ୍‌୧୦ ମୁଖ୍ୟ ଦୂଷିତ ପଦାର୍ଥ ଭାବେ ରହିଛି।

ପ୍ରଦୂଷଣ ହ୍ରାସ କରିବା ପାଇଁ ଦିଲ୍ଲୀ କର୍ତ୍ତୃପକ୍ଷ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜଧାନୀରେ ଅତି ଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯିବା ସହ ଡିଜେଲ ଟ୍ରକ୍ ଓ ଭାରି ଯାନ ଚଳାଚଳ ସାମୟିକ ଭାବେ ବନ୍ଦ ରହିଛି। ଜନସାଧାରଣଙ୍କୁ ବ୍ୟକ୍ତିଗତ ଗାଡ଼ି ବ୍ୟବହାର ନ କରି ସର୍ବସାଧାରଣ ପରିବହନ ବ୍ୟବସ୍ଥାର ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି। କ୍ରିକେଟ ମ୍ୟାଚ୍ ବେଳେ ବାଣ ଫୁଟାଇବାକୁ ଦିଲ୍ଲୀ, ମୁମ୍ବାଇରେ ଆୟୋଜକମାନେ ବନ୍ଦ ରଖିଛନ୍ତି।

### ୧୦ ଯାଏ ଦିଲ୍ଲୀର ପ୍ରାଥମିକ ସ୍କୁଲ୍ ଛୁଟି

ବାୟୁ ପ୍ରଦୂଷଣର ଉତ୍କଟ ସ୍ଥିତିକୁ ଦେଖି ଦିଲ୍ଲୀ ସରକାର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ପିଲାଙ୍କ ପାଇଁ ଅନ୍‌ଲାଇନ କ୍ଲାସ୍ ବ୍ୟବସ୍ଥା କରାଯାଇଥିବା ଦିଲ୍ଲୀ ଶିକ୍ଷାମନ୍ତ୍ରୀ ଅତିଶି ଏକ୍ସରେ ପୋଷ୍ଟ କରିଛନ୍ତି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରାଥମିକ ସ୍କୁଲ୍‌କୁ ଶନିବାର ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲେ।

## ପାଲେଷ୍ଟାଇନ୍ ରାଷ୍ଟ୍ରପତିଙ୍କୁ ଭେଟିଲେ ବ୍ଲିଙ୍କେନ୍



ଆଣ୍ଟୋନି ବ୍ଲିଙ୍କେନ୍

**ରାମାଲ୍ଲା,୫।୧୧**

ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ୱେଷ୍ଟବ୍ୟାଙ୍କକୁ ଅଚାନକ ଗସ୍ତ କରି ପାଲେଷ୍ଟିନୀୟ ରାଷ୍ଟ୍ରପତି ମହମ୍ମଦ ଆବ୍ବାସଙ୍କୁ ଭେଟିଛନ୍ତି। ଯୁଦ୍ଧବେଳେ ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କରେ ହିଂସା ବଢୁଥିବାରୁ ଏହାକୁ ନେଇ ବିଶ୍ୱବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ବ୍ଲିଙ୍କେନ୍ ଜୋର୍ଡାନ ଓ ଇସ୍ରାଏଲ୍ ଗସ୍ତ କରିଥିବାବେଳେ ସୁରକ୍ଷାଗତ କାରଣରୁ ୱେଷ୍ଟବ୍ୟାଙ୍କ ଗସ୍ତ ସମ୍ପର୍କରେ ଆଗରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଜୋର୍ଡାନର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କୁ ଭେଟିବା ବେଳେ ବ୍ଲିଙ୍କେନ୍ ୱେଷ୍ଟବ୍ୟାଙ୍କରେ ହିଂସା ବୃଦ୍ଧିକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ଓ ଉକ୍ତ ଅଞ୍ଚଳରେ ଶାନ୍ତି ସ୍ଥାପନ ଲାଗି ଆମେରିକା ସମସ୍ତ ସହଯୋଗ କରିବ ବୋଲି କହିଥିଲେ।



ନେପାଳ ଯାଜରକୋଟ୍ ଜିଲାରେ ଭୂକମ୍ପରେ ପୁଅ, ବୋହୂ ଓ ନାତିକୁ ହରାଇଥିବା ଜଣେ ମହିଳା ଭଙ୍ଗା ଘର ନିକଟରେ କାନ୍ଦୁଛନ୍ତି।

## ୭ରେ ମହୁଆଙ୍କ ବିରୋଧରେ ଏଥିକ୍ସ କମିଟି ରିପୋର୍ଟ

**ନୂଆଦିଲ୍ଲୀ,୫।୧୧(ପି.ଟି.)**

ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ଲୋକ ସଭା ଏଥିକ୍ସ କମିଟି ବୈଠକ ଆସନ୍ତା ୭ ତାରିଖରେ ବସି ଚିଠା ରିପୋର୍ଟ ଗୃହୀତ ହେବ। ଭାଜପା ଏମ୍‌ପି ବିନୋଦ କୁମାର ସୋଙ୍କରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତଦନ୍ତ ଶେଷ କରିଛି। ଗତ ୨ ତାରିଖରେ ଏଥିକ୍ସ କମିଟି ବୈଠକ ବସିଥିଲେ ମଧ୍ୟ ସଦସ୍ୟମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ମଙ୍ଗଳବାର ବୈଠକରେ ରିପୋର୍ଟ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି।

## ମହିଳା ଯବାନଙ୍କୁ ମିଳିବ ମାତୃତ୍ୱ ଛୁଟି

**ନୂଆଦିଲ୍ଲୀ,୫।୧୧(ପି.ଟି.)**

### ପ୍ରସ୍ତାବକୁ ରାଜନାଥଙ୍କ ଅନୁମୋଦନ

ମହିଳା ସେନା ଅଫିସରଙ୍କ ଭଳି ତିନି ବାହିନୀର ମହିଳା ଯବାନମାନଙ୍କୁ ମାତୃତ୍ୱ, ଶିଶୁର ଯତ୍ନ ଓ ଶିଶୁ ପୋଷ୍ୟଗ୍ରହଣ ପାଇଁ ଛୁଟି ମିଳିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏଭଳି ଏକ ପ୍ରସ୍ତାବକୁ ରବିବାର ଅନୁମୋଦନ କରିଛନ୍ତି। ସଶସ୍ତ୍ର ବଳରେ ଥିବା ସମସ୍ତ ମହିଳାଙ୍କ ସମାବେଶୀ ଭାଗୀଦାରି ପ୍ରତିରକ୍ଷା ମନ୍ତ୍ରୀ ଚାହାନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ସୈନ୍ୟବାହିନୀରେ ମହିଳାଙ୍କ ପାଇଁ କାର୍ଯ୍ୟ ସ୍ଥିତିରେ ଉନ୍ନତି ହେବାକୁ ଯାଉଛି। ଏହା ସେମାନଙ୍କ ପେସାଦାର ଜୀବନ ଏବଂ ପାରିବାରିକ ଜୀବନ ମଧ୍ୟରେ ଉତ୍ତମ ସମନ୍ୱୟ ଆଣିପାରିବ। ସେନାରେ ସମସ୍ତଙ୍କୁ ସମାନ ସୁବିଧା ମିଳିବ। ପୂର୍ବ ବ୍ୟବସ୍ଥା ଅନୁଯାୟୀ କେବଳ ମହିଳା ସେନା ଅଫିସରମାନଙ୍କୁ ଦୁଇଟି ଶିଶୁ ଜନ୍ମ ପର୍ଯ୍ୟନ୍ତ ପ୍ରତିଥର ୧୮୦ ଦିନ ସବୈତନିକ ମାତୃତ୍ୱ ଛୁଟି ମିଳିଆସୁଛି। ଏଥିସହିତ ମୋଟ ସେବା କ୍ୟାରିୟର ମଧ୍ୟରେ ସେମାନଙ୍କୁ ପିଲାର ଯତ୍ନ ନେବା ପାଇଁ ୩୬୦ ଦିନ ଛୁଟି ମିଳୁଛି। ସେହିପରି କୌଣସି ମହିଳା ଅଫିସର ଶିଶୁ ପୋଷ୍ୟଗ୍ରହଣ କରୁଥିଲେ, ତାଙ୍କୁ ୧୮୦ ଦିନ ଛୁଟି ପ୍ରଦାନର ବ୍ୟବସ୍ଥା ରହିଛି।

**କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହତ୍ୟା**

## ପ୍ରମାଣ ମାଗିଲା ଭାରତ

**ନୂଆଦିଲ୍ଲୀ,୫।୧୧**

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାକାଣ୍ଡରେ ନୂଆଦିଲ୍ଲୀର ସମ୍ପୃକ୍ତି ଥିବା ପ୍ରମାଣ ଦେବାକୁ କାନାଡାରେ ଭାରତର ଉଚ୍ଚାୟୁକ୍ତ ସଞ୍ଜୟ କୁମାର ବର୍ମା ଓଟାୱାକୁ କହିଛନ୍ତି। କାନାଡ଼ାସ୍ ଗ୍ଲୋବ୍ ଆଣ୍ଡ ମେଲ୍ ଖବରକାଗଜକୁ ଏକ ସାକ୍ଷାତକାର ଦେଇ ବର୍ମା କହିଛନ୍ତି, କାନାଡା ହତ୍ୟା ମାମଲାର ତଦନ୍ତରେ ଜାଲିଆତି କରିଥିବା ସେଠାର ଉଚ୍ଚସ୍ତରୀୟ ଅଧିକାରୀ ସର୍ବସାଧାରଣରେ ବିବୃତି ଦେଇଛନ୍ତି। ଯଦି ହତ୍ୟାରେ ଭାରତ ସମ୍ପୃକ୍ତ ତେବେ ପ୍ରମାଣ କାହିଁ? ତଦନ୍ତର ନିଷ୍କର୍ଷ କେଉଁଠି ବୋଲି ବର୍ମା ପ୍ରଶ୍ନ କରିଛନ୍ତି। ଗତ ଜୁଲାଇରେ କାନାଡାର ସୁରି ସହରରେ ଆତଙ୍କବାଦୀ ନିଜ୍ଜରଙ୍କୁ ହତ୍ୟା ଘଟଣାରେ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ



ହରଦୀପ୍ ସିଂ ନିଜ୍ଜର

ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସେପ୍ଟେମ୍ବରରେ ଅଭିଯୋଗ ଆଣିବା ପରେ ଭାରତ-କାନାଡା ସମ୍ପର୍କ ଖରାପ ହୋଇଥିଲା। ଅଭିଯୋଗକୁ ଭିତ୍ତିହୀନ ଓ ମନଗଢ଼ା କହି ନୂଆଦିଲ୍ଲୀ ଏହାକୁ ଖଣ୍ଡନ କରିଆସିଛି। ଦୃଢ଼ ପ୍ରତିବାଦ ସତ୍ତ୍ୱେ କାନାଡା ଏପର୍ଯ୍ୟନ୍ତ ହତ୍ୟାରେ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ଥିବା ନେଇ କୌଣସି ନିର୍ଦ୍ଦିଷ୍ଟ କିମ୍ବା ଆନୁଷଙ୍ଗିକ ତଥ୍ୟ ଦେଇପାରିନାହିଁ।

## ବଢ଼ିବ ଆତଙ୍କବାଦୀ ଆକ୍ରମଣ, ଭୟଙ୍କର ହେବ ପାଗ

**ନୂଆଦିଲ୍ଲୀ,୫।୧୧**

ପ୍ରଖ୍ୟାତ ଭବିଷ୍ୟବକ୍ତା ବୁଲ୍‌ଗେରିଆର ସନ୍ଥ ବାବା ବଙ୍ଗା ୨୦୨୪ ବର୍ଷ ପାଇଁ ଭବିଷ୍ୟବାଣୀ କରିଯାଇଛନ୍ତି। ଆସନ୍ତାବର୍ଷ ଆତଙ୍କବାଦୀ ଆକ୍ରମଣ ବଢ଼ିବା ସହ ପାଗ ଭୟଙ୍କର ହେବ ବୋଲି ସେ କହିଛନ୍ତି। ୧୯୯୬ରେ ପ୍ରାଣ ହରାଇଥିବା ଏହି ରହସ୍ୟମୟ ବାବା ତାଙ୍କ ମୃତ୍ୟୁର ପରବର୍ତ୍ତୀ ବହୁବର୍ଷ ପର୍ଯ୍ୟନ୍ତ କ'ଣ ଘଟିବ ତା'ର ପୂର୍ବାନୁମାନ କରିଯାଇଛନ୍ତି। ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଛି। ଭବିଷ୍ୟତରେ କ'ଣ ସବୁ ଘଟିବ, ତାହା ସେ ବହୁ ପୂର୍ବରୁ କହିଥିଲେ। ବାଲକାନ୍ସର ନୋଷ୍ଟ୍ରାଡମସ୍ ଭାବେ ପରିଚିତ ବାବା ବଙ୍ଗା ୯/୧୧



ଆତଙ୍କବାଦୀ ଆକ୍ରମଣ, ପ୍ରିନ୍ସ ଡାଏନାଙ୍କ ମୃତ୍ୟୁ, ଚେର୍ନୋବିଲ୍ ବିପର୍ଯ୍ୟୟ ଏବଂ ବ୍ରେକ୍‌ଜିଟ୍ ସମ୍ପର୍କରେ ପୂର୍ବରୁ ସୂଚନା ଦେଇଥିଲେ ବୋଲି କୁହାଯାଏ।

ବାବା ବଙ୍ଗା ୨୦୨୪ ବର୍ଷ ପାଇଁ ୭ଟି ଭବିଷ୍ୟବାଣୀ କରିଛନ୍ତି। ଆସନ୍ତାବର୍ଷ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ

### ୨୦୨୪ ପାଇଁ ବାବା ବଙ୍ଗାଙ୍କ ଭବିଷ୍ୟବାଣୀ

ତାଙ୍କ ନିଜ ଦେଶର ଜଣେ ବ୍ୟକ୍ତି ହତ୍ୟା କରିବ ବୋଲି ଏଥିରେ ଉଲ୍ଲେଖ ରହିଛି। ୟୁରୋପରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇବ ଏବଂ ଏକ ବଡ଼ ଦେଶ ଜୈବିକ ଅସ୍ତ୍ର ପରୀକ୍ଷା କରିବ କିମ୍ବା ଏଥିରେ ଆକ୍ରମଣ କରିବ। ତୃତୀୟରେ ଆସନ୍ତାବର୍ଷ ଗୁରୁତର ଆର୍ଥିକ ସଙ୍କଟ ଦେଖାଦେବ ଏବଂ ଏହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ। ଋଣ ସ୍ତର ବୃଦ୍ଧି ଏବଂ ଭୂରାଜନୈତିକ ଉତ୍ତେଜନା ଯୋଗୁ ଏଭଳି ସ୍ଥିତି ଉପୁଜିବ ବୋଲି ବାବା ଭବିଷ୍ୟବାଣୀ କରିଯାଇଛନ୍ତି। ଆସନ୍ତାବର୍ଷ ଭୟଙ୍କର ପାଗ ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ ହେବ। ସାଇବର ଆକ୍ରମଣ ବୃଦ୍ଧି ପାଇବ। ହ୍ୟାକରମାନେ ବିଦ୍ୟୁତ୍ ଗ୍ରୀଡ୍, ଜଳ ପରିଚାଳନା ପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଟାର୍ଗେଟ କରିବେ ଓ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବେ। ୨୦୨୪ରେ ଆଲଜିମର ଏବଂ କ୍ୟାନ୍‌ସର ଚିକିତ୍ସାର ନୂଆ ପଦ୍ଧତି ବାହାରିବ। କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ବଡ଼ ପରିବର୍ତ୍ତନ ଆସିବ ବୋଲି ଭବିଷ୍ୟବାଣୀରେ କୁହାଯାଇଛି। ସୂଚନାଯୋଗ୍ୟ, ୧୯୧୧ରେ ବାବା ବଙ୍ଗାଙ୍କ ଜନ୍ମ। ୧୨ ବର୍ଷ ବୟସରେ ଏକ ଝଡ଼ ଯୋଗୁ ରହସ୍ୟଜନକ ଭାବେ ତାଙ୍କ ଦୃଷ୍ଟିଶକ୍ତି ଚାଲିଯାଇଥିଲା। କିଛିଦିନ ପରେ ପରିବାର ଲୋକେ ତାଙ୍କୁ ଖୋଜି ପାଇଥିଲେ।

**ଫୁର୍‌ସତ୍**



## ବାନ୍ଧବୀଙ୍କୁ ବିବାହ କରିବେ ରଣଦୀପ ହୁଡା

**ମୁମ୍ବାଇ:** ବଲିଉଡ ଅଭିନେତା ରଣଦୀପ ହୁଡା ତାଙ୍କ ଦୀର୍ଘଦିନର ବାନ୍ଧବୀ ଲିନ ଲୈଶ୍ରାମଙ୍କୁ ଖୁବଶୀଘ୍ର ବିବାହ କରିବା ନେଇ ଚର୍ଚ୍ଚା ଜୋର ଧରିଛି। ଖବର ଅନୁଯାୟୀ ଚଳିତ ମାସ ଶେଷରେ ରଣଦୀପ ବିବାହ କରିବେ। ବିବାହ ପରେ ହିଁ ସେ ଏହାର ଅଫିସିଆଲ ଘୋଷଣା କରିବେ ବୋଲି ଅଭିନେତା କହିଛନ୍ତି। କିଛି ଦିନ ପୂର୍ବରୁ ରଣଦୀପ ପ୍ରେମିକାଙ୍କ ସହ ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଥିଲେ। ସେ ଲିନଙ୍କ ଜନ୍ମଦିନରେ ଏକ ପ୍ରେମ ଭରା ପୋଷ୍ଟ ଶେୟାର କରି ସମ୍ପର୍କକୁ ନିଶ୍ଚିତ କରିଥିଲେ। ଗର୍ଲଫ୍ରେଣ୍ଡଙ୍କ ଘର ମଣିପୁର। ସେ ମଡେଲିଂ ସହିତ ଅଭିନୟ ମଧ୍ୟ କରନ୍ତି। ରଣଦୀପଙ୍କଠାରୁ ସେ ପ୍ରାୟ ୧୦ ବର୍ଷ ସାନ।

## ନିର୍ମାଣର ଘଣ୍ଟାଏ ପରେ ରାସ୍ତା ଉଭାନ୍



**ପାଟନା**

ସାଧାରଣତଃ ଚୋରମାନେ ଟଙ୍କା, ସୁନା ରୁପା କିମ୍ବା ଦାମି ଜିନିଷ ଚୋରି କରିଥାନ୍ତି। ଧରା ନ ପଡ଼ିବା ପାଇଁ ଚୋର ବେଶ୍ ଚତୁରତାର ସହ ଚୋରି କରିଥାଏ। ହେଲେ ନିର୍ମାଣ ସରିବାର ଘଣ୍ଟାଏ ନ ପୂରୁଣୁ ଏକ ଢଳେଇ ରାସ୍ତା ସମ୍ପୂର୍ଣ୍ଣ ଚୋରି ହୋଇଯିବା କଥା ଶୁଣିଲେ ଯେକେହି ବିସ୍ମିତ ହେବେ। ଏବେ ଗ୍ରାମବାସୀ ପୂରା ରାସ୍ତାକୁ ଚୋରି କରି ନେଇଯାଇଥିବା ଘଟଣା ସାମ୍ନାକୁ ଆସିଛି। କାରଣ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକେ ମୁଣ୍ଡରେ ହାତ ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ବିହାରର ଜହାନାବାଦର ମଖଦୁମପୁରର ଔଦାନ ବିଘା ଗାଁରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୁଯାୟୀ ଏକ ରାସ୍ତା ନିର୍ମାଣ ହେବାର ଥିଲା। ଅନୁମତି ମିଳିବା ପରେ ଗ୍ରାମରେ କଂକ୍ରିଟ ସଡ଼କ କାମ ଆରମ୍ଭ ହୋଇଥିଲା। ଠିକାଦାର ମଧ୍ୟ ଉପସ୍ଥିତ ରହି ରାସ୍ତାକାମ ତଦାରଖ କରିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଠିକାଦାର ଏବଂ ମଜୁରିଆ ଚାଲିଯାଇଥିଲେ। ଏହା ପରେ ଆରମ୍ଭ ହୋଇଯାଇଥିଲା ଚୋରି। ଭାଇରାଲ ଭିଡିଓରୁ ଜଣାପଡୁଛି ଯେ, ଗ୍ରାମବାସୀମାନେ ପ୍ରଥମେ ପାଣି ପକାଇ କଂକ୍ରିଟକୁ ଓଦା କରିଥିଲେ। ପରେ ଘରୁ କୁଣ୍ଡ, ବାସନ ଆଣି ବୁହାଇ ନେଇଯାଇଥିଲେ। କିଛି ସମୟ ପରେ ରାସ୍ତା ଉପରୁ ସବୁତକ କଂକ୍ରିଟ ଉଠିଯାଇଥିଲା। ଦୁଇଘଣ୍ଟା ପରେ ଠିକାଦାର ସେଠାକୁ ଫେରିବା ପରେ ଯାହା ଦେଖିଲେ ତାଙ୍କ ହୋସ୍ ଉଡିଯାଇଥିଲା। ଯେଉଁ ରାସ୍ତାକୁ ନିର୍ମାଣ କରି ଯାଇଥିଲେ ତାହା ନ ଥିବା ଦେଖି ସେ ବିଶ୍ୱାସ କରିପାରୁ ନ ଥିଲେ। ରାସ୍ତାକୁ ଚୋରି କରିବାର ଏହି ଭିଡିଓ ସୋସିଆଲ ମିଡିଆର ଭିନ୍ନ ଭିନ୍ନ ପ୍ଲାଟଫର୍ମରେ ଶେୟାର କରାଯାଇଛି। ଏଥିରେ ଲୋକେ ମଜାଦାର ପ୍ରତିକ୍ରିୟା ଦେଉଛନ୍ତି।

## ଅନ୍‌ଲାଇନରେ ମିଲ୍କଶେକ୍ ବଦଳରେ ଆସିଲା ପରିସ୍ରା

ଆଜିକାଲି ମାର୍କେଟ ଯିବା ପରିବର୍ତ୍ତେ ଲୋକେ ଘରେ ବସି ଅନଲାଇନ୍‌ରେ ଜିନିଷ ଅର୍ଡର କରିବାକୁ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ବେଳେବେଳେ ଅନ୍‌ଲାଇନ୍‌ରେ ଜିନିଷ ଭଲ ପଡୁଥିବାବେଳେ ଆଉ କେତେକ ସମୟରେ ଖରାପ ପଡିଥାଏ। ନିକଟରେ ଅନ୍‌ଲାଇନ ଅର୍ଡର କରି ଫସିଯାଇଛନ୍ତି ଜଣେ ଯୁବକ। କାଲେବ ଉଡ୍ସ ନାମକ ଏହି ଯୁବକ ଜଣଙ୍କ ଫୁଡ୍ ଆପ୍ ଜରିଆରେ ମିଲ୍କଶେକ୍ ଅର୍ଡର କରିଥିଲେ, କିନ୍ତୁ ତାଙ୍କୁ ଏକ ପରିସ୍ରା ଡବା ମିଳିଥିବା ସେ ଅଭିଯୋଗ କରିଛନ୍ତି। ସେ ବହୁତ ଉତ୍ସୁକତାର ସହ ପାର୍ଶଲ ଖୋଲିଥିଲେ। ପାର୍ଶଲ ଖୋଲିବା ମାତ୍ରେ ସେ ଷ୍ଟ୍ର ଲଗାଇ ପିଇବାକୁ ଲାଗିଥିଲେ। ପରେ ଜାଣିବାକୁ ପାଇଥିଲେ, ସେ ଯାହା ପିଉଛନ୍ତି ତାହା ମିଲ୍କଶେକ୍ ନୁହେଁ, ପରିସ୍ରା ଥିଲା। ଏହାପରେ ସେ ତୁରନ୍ତ ଡେଲିଭରି ସଂସ୍ଥାକୁ ଫୋନ କରିଥିଲେ। ପରେ ଡେଲିଭରି ବୟ ନିଜ ଦୋଷ ମାନି କହିଥିଲେ, ବ୍ୟବସ୍ତବହୁଳ ସମୟରେ ସେ ଯେଉଁ ଡବାରେ ପରିସ୍ରା କରି ରଖିଥିଲେ ତାହା ଭୁଲ୍‌ରେ ସେ ଡେଲିଭରି କରି ଦେଇଛନ୍ତି। କାଲେବ ତୁରନ୍ତ ଏନେଇ କମ୍ପାନୀକୁ ସୂଚନା ଦେଇଥିଲେ। ଏହି ଘଟଣାରେ କମ୍ପାନୀ ସମ୍ପୃକ୍ତ ଡେଲିଭରି ବୟଙ୍କୁ କାର୍ଯ୍ୟରୁ ହଟାଇଛି।

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, BHAWANIPATNA
E-mail Id:liftirrigation_bpt@yahoo.in
**"E" Procurement Notice**
**BID IDENTIFICATION NO. OLIC-BPT-03/2023-24, Dt.04.11.2023**

**No.CAD-2712:** The Executive Engineer, Lift Irrigation Division, Bhawanipatna on behalf of OLIC invites percentage rate bids in single cover system to be received in Online Mode only for the work Installation and Energisation of New & Revival LIPs under different Blocks in Kalahandi District as detailed in the table below. The bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/ M.E.S./ Railways/ C.P.W.D. for execution of Civil Works with valid Electrical (H.T.) License issued by ELBO Odisha through Online in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this online tender process after necessary portal enrolment but shall have to subsequently undergo registration with appropriate authority of the State.
1. Name of the Works: Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos. of Package:-86. 3. Approximate Estimated Cost:- Rs.11.16 Lakhs to Rs.110.65 Lakhs. 4. Class of Contractor:- As mentioned against each package. 5. Period of Completion:- 90 days for all projects from the date of issue of work order. 6. Other details as follows:

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Bhawanipatna | OLIC-BPT-03/2023-24 | 10.11.2023 at 11.00 Hrs. | 23.11.2023 at 17.00 Hrs. | 20.11.2023 at 17.00 Hrs. | 24.11.2023 at 11.00 Hrs. |

(5% GST (CGST 2.5% & SGST 2.5%) on the paper cost should be deposited in the GSTIN No.21AAACO5986G1ZF in Legal Name/ Trade Name: Odisha Lift Irrigation Corporation Ltd. through e-challan).
• Details can be seen from the Website www.tendersodisha.gov.in.• Any Corrigendum/ Addendum will be displayed in the above website only.
OIPR-32148/11/0006/2324
**Sd./-EXECUTIVE ENGINEER, L.I.DIVISION, BHAWANIPATNA**

**ଦଳଗତ ନୃତ୍ୟରେ ରାଜ୍ୟସ୍ତରକୁ ମନୋନୀତ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଗତ ଅକ୍ଟୋବର ୩୧ରେ ହରେକୃଷ୍ଣ ମହତାବ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭିରେ ଉଛବପାଲି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଶିକ୍ଷକ ସୁଖଶ୍ୟାମ ମୁଦୁଲିଙ୍କ ନେତୃତ୍ୱରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ବିଇଓ ରୀନାକୁମାରୀ ବେହେରା ସଫଳତା କାମନା କରିଛନ୍ତି।

## ସଂକ୍ଷେପରେ

### ସୁରକ୍ଷିତ ଶ୍ରମିକ ଚାଲାଣ ନେଇ ସଚେତନତା

ଟିଟିଲାଗଡ,୫।୧୧(ଶରତ ମିଶ୍ର)

ସ୍ୱେଚ୍ଛାସେବୀ ସଂଗଠନ ଏଡ ଏଟ ଏକ୍ସନ ସହଭାଗିତାରେ ସ୍ଥାନୀୟ ପୋଲିସ ପକ୍ଷରୁ ଟିଟିଲାଗଡ ରେଳ ଷ୍ଟେଶନଠାରେ ସୁରକ୍ଷିତ ଶ୍ରମିକ ଚାଲାଣ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଦାଦନ ଶ୍ରମିକ ନିଜ ନାମ ନିଶ୍ଚିତଭାବେ ପଞ୍ଜିକରଣ କରନ୍ତୁ ବୋଲି ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର କହିଥିଲେ। ଅଣପଞ୍ଜିକୃତ ଶ୍ରମିକ ଚାଲାଣ ନେଇ ଖବର ପାଇଲେ ତୁରନ୍ତ ପୋଲିସକୁ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ଟିଟିଲାଗଡ ଥାନା ଆଇଆଇସି ମନୋଜ ପ୍ରଧାନ, ଆରପିଏଫ ଓଆଇସି ଧର୍ମେନ୍ଦ୍ର ମିଶ୍ର, ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଜୟଦେବ କର, ଡିଏସଡବ୍ଲ୍ୟୁଓ କାର୍ଯ୍ୟାଳୟ ଜିଲା ପରାମର୍ଶଦାତା ସନ୍ଧ୍ୟାରାଣୀ ପତି ବକ୍ତବ୍ୟ ରଖିଥିଲେ।

### ଅଭୟ ତ୍ରିପାଠୀଙ୍କୁ ମାଟି ଗୌରବ ସମ୍ମାନ

ଦେଓଗାଁ,୫।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବରକାନୀ ଗ୍ରାମର ଅଭୟ ଚରଣ ତ୍ରିପାଠୀ ମାଟି ଗୌରବ ସମ୍ମାନ-୨୦୨୩ରେ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସେ ବ୍ଲକର ରାମଚନ୍ଦ୍ରପୁର କନ୍ୟାଶ୍ରମରେ ଶିକ୍ଷକଭାବେ କାର୍ଯ୍ୟରତ। ଶିକ୍ଷକତା ସହ ସେ ପ୍ରତିଦିନ କନ୍ୟାଶ୍ରମର ୨୦୦ ଜଣ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଥାନ୍ତି। ଶିକ୍ଷାକୁ ଗ୍ରାମାଞ୍ଚଳରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଥିବାରୁ ତାଙ୍କୁ ଭୁବନେଶ୍ୱର ଜୟଦେବ ଭବନରେ ସୋମରୟ ଫାଉଣ୍ଡେସନ ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଫାଉଣ୍ଡେସନ ମୁଖ୍ୟ ସୋମ ରୟଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ମୁଖ୍ୟବକ୍ତା ପ୍ରଦ୍ୟୁମ୍ନ ଶତପଥି, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଭବାନୀ ଶଙ୍କର ମହାପାତ୍ର ଏବଂ ମୀରା ପରିଡା ଯୋଗଦେଇଥିଲେ ।

### ନୂଆପଡ଼ା ଗଉଁନ୍ତିଆଙ୍କ ପରଲୋକ

ଦେଓଗାଁ ୫।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ସଦର ବ୍ଲକ କୁଡାସିଂହା ପଞ୍ଚାୟତ ଅନ୍ତର୍ଗତ ନୂଆପଡା ଗାଁର ଗଉଁନ୍ତିଆ ରମାକାନ୍ତ ସିରଦାର (୬୪)ଙ୍କ ରବିବାର ପରଲୋକ ହୋଇଛି । ନାଟ୍ୟ ଅଭିନେତା, ହାରମୋନିୟମ, ବେଞ୍ଜୁ, ମାନ୍ଦଳ ଓ ମୃଦଙ୍ଗ



ବାଦକଭାବେ ସେ ବେଶ ପରିଚିତ ଥିଲେ। ଏହା ସହ ବୁଢାଡଙ୍ଗର ଦେବଙ୍କ ମୁଖ୍ୟ ସେବକ ଥିଲେ। କୁଡାସିଂହା, ଭୁଡିଆରବାହାଲ, ରଜାମୁଣ୍ଡା, କାଲିଝରଣ ଆଦି ଆଖ ପାଖ ଗାଁର ଗଉଁନ୍ତିଆ ଓ ଜନ ପ୍ରତିନିଧି ତଥା ଶତାଧିକ ଲୋକଙ୍କ ଉପସ୍ଥିତିରେ ଏକ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଆମ୍ବତୋଟାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ଗୌରଚନ୍ଦ୍ର ସିରଦାର ମୁଖାଗ୍ନି ଦେଇଥିଲେ।

# କମୁନି ଦାଦନ ଶ୍ରମିକ ଚାଲାଣ

କଣ୍ଟାବାଞ୍ଜି/ଖପ୍ରାଖୋଲ, ୫।୧୧
(ଗୁରୁଦୟାଲ ହଂସ/ଅଭୟ ତ୍ରିପାଠୀ)



କଣ୍ଟାବାଞ୍ଜି ଥାନାରେ ଉଦ୍ଧାର ଶ୍ରମିକମାନେ।

- କଣ୍ଟାବାଞ୍ଜିରୁ ୩୦, ଖପ୍ରାଖୋଲରୁ ୭ ଦାଦନ ଶ୍ରମିକ ଉଦ୍ଧାର
- ୨ ସର୍ଦ୍ଦାର,୨ ଗାଡ଼ି ଡ୍ରାଇଭରଙ୍କ ସହ ୫ ଗିରଫ

ସମସ୍ତ ପ୍ରକାର କର୍ମାଭିମୁଖୀ ଯୋଜନା ଓ ସଚେତନତା ସତ୍ତ୍ୱେ ବଲାଙ୍ଗୀର ଜିଲାରୁ ଦାଦାନ ଶ୍ରମିକ ଚାଲାଣ ଚାଲୁ ରହିଛି। ଶନିବାର ବିଳମ୍ବିତ ରାତିରେ କଣ୍ଟାବାଞ୍ଜି ଓ ଖପ୍ରାଖୋଲ ଥାନା ଅଞ୍ଚଳରେ ପୋଲିସ ବାହାର ରାଜ୍ୟକୁ ଚାଲାଣ ପାଇଁ ଉଦ୍ୟମ କରାଯାଉଥିବା ବେଳେ ପୋଲିସ ୩୭ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ବିନା କାଗଜପତ୍ରରେ ଚାଲାଣ କରାଯାଉଥିବା ଜଣାପଡିବା ପରେ ମଧ୍ୟସ୍ଥ, ୨ସର୍ଦ୍ଦାର ଓ ୨ଗାଡିର ଡ୍ରାଇଭରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦେଇଛି ପୋଲିସ।

କଣ୍ଟାବାଞ୍ଜି ପୋଲିସ ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ରେଲୱେ ଷ୍ଟେଶନକୁ ଆସୁଥିବା ୩୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ବାହାର ରାଜ୍ୟକୁ ଚାଲାଣ ଉଦ୍ଦେଶ୍ୟରେ ସେମାନଙ୍କୁ ବୋଲେରୋ ଯୋଗେ ଅଣା ଯାଉଥିଲା । ପୋଲିସ ସୂଚନା ଅନୁସାରେ ବେଲପଡା ଥାନା ସିହିନି, ସିଙ୍ଗଖମନ, ଖଲିପଥର ଓ କଣ୍ଟାବାଞ୍ଜି ଥାନା ଡଙ୍ଗାମରା ଗାଁର ଏହି ଶ୍ରମିକମାନଙ୍କୁ ବେଲପଡା ଥାନା ସିହିନି ଗ୍ରାମର ସର୍ଦ୍ଦାର ଉତ୍ତମ ସୁନା ଓ ଟେଙ୍ଗେରାର ପବନ ଛତ୍ରିଆ ବୋଲେରୋ (ନଂ.ଓଡି୦୫/ଜି-୨୦୪୪) ଯୋଗେ କଣ୍ଟାବାଞ୍ଜି ଷ୍ଟେଶନକୁ ନେଉଥିଲେ। ଖବର ପାଇ ଉକ୍ତ ଦାଦନ ଶ୍ରମିକମାନଙ୍କୁ ପଚରାଉଚରା କରାଯାଇଥିଲା। ଦୁଇ ସର୍ଦ୍ଦାର ଓ ବୋଲେରୋକୁ ଥାନାକୁ ଅଣାଯାଇଥିଲା। ତଦନ୍ତ ବେଳେ ସେମାନଙ୍କ ନିକଟରେ ଶ୍ରମିକ ଚାଲାଣ ସମ୍ପର୍କିତ କୌଣସି କାଗଜ ପତ୍ର ନ ଥିବା ଜଣାପଡିଥିଲା। ଏହାପରେ ବୋଲେରୋ ଜବତ କରିବା ସହ ଡ୍ରାଇଭର ଅଜାମିଲ ପୋଢ ଓ ଦୁଇ ସର୍ଦ୍ଦାର ଉତ୍ତମ ସୁନା, ପବନ ଛତ୍ରିଆଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ସବ୍‌ଜେଲ ହାଜତ ପଠାଯାଇଥିବା ଆଇଆଇସି ରଶ୍ମିତା ବେହେରା କହିଛନ୍ତି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୨୧ପୁରୁଷ ଓ ୯ଜଣ ମହିଳା ଓ ୪ଜଣ ଶିଶୁ ରହିଛନ୍ତି। ପରେ ଶ୍ରମିକମାନଙ୍କୁ ପୋଲିସ ସେମାନଙ୍କ ଗାଁକୁ ପଠାଇ ଦେଇଛି।

ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ ବେଳେ ହରିଶଙ୍କର ଛକ ନିକଟରୁ ୭ଜଣ ଦାଦନ ଶ୍ରମିକ ଉଦ୍ଧାର କରିଛି। ଚାଲାଣକାରୀ ମଧ୍ୟସ୍ଥ ଓ ଜଣେ ଗାଡି ଡ୍ରାଇଭରଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଲରମ୍ଭା ଥାନା ଦମାଇପାଲି ଗାଁର ନକୁଳ କୁମ୍ଭାର(୫୦) ଓ ରଞ୍ଜିତ ପଟେଲ (୩୨)। ଶନିବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ପୋଲିସ ପାଟ୍ରୋଲିଂ ବେଳେ ହରିଶଙ୍କର ଛକ ନିକଟରେ ଏକ କାରରେ କେତେକ ଶ୍ରମିକଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଥିବା ଜାଣି ଉଦ୍ଧାର କରିଥିଲା। ସମସ୍ତ ଶ୍ରମିକ ଦମାଇପାଲି ଗାଁର ବୋଲି ପୋଲିସ ସୂଚନା ଦେଇଛି। ପରେ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୨୦/୨୩) ରୁଜୁ ହୋଇଛି। ଶ୍ରମିକଙ୍କୁ ନିଆଯାଉଥିବା ଗାଡ଼ିକୁ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ଏକଜୁଟ ହୋଇ କାମକଲେ ବିଜୟ ନିଶ୍ଚିତ



ଭେଟ୍‌ଘାଟ ଓ କର୍ମୀ ସମ୍ମିଳନୀରେ ମଞ୍ଚାସୀନ ବିଜେଡି ନେତୃବର୍ଗ।

କଣ୍ଟାବାଞ୍ଜି, ୫।୧୧(ଗୁରୁଦୟାଲ ହଂସ)

**ବିଜେଡିର ନୂଆଁଖାଇ ଭେଟ୍‌ଘାଟ, କର୍ମୀ ସମ୍ମିଳନୀ**

- ପୂର୍ବତନ ବିଧାୟକ ଆୟୁବ ଖାନ୍ ଅନୁପସ୍ଥିତ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ନୂଆଁଖାଇ ଭେଟ୍‌ଘାଟ ଓ କର୍ମୀ ସମ୍ମିଳନୀ ରବିବାର ତୁରେକେଲା ସରକାରୀ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଚାଉଲସୁଖା ପଞ୍ଚାୟତ ସମିତି ସଭ୍ୟ ଗିରିରାଜ ସିଂ ମାଝିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ଓଡ଼ିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭବେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ରାଜୁ ଘିଭେଲା, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାଶ, ପୂର୍ବତନ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ, ପୂର୍ବତନ ଜିଲା ପରିଷଦ ସଭ୍ୟା ନିରୂପମା ମାଝି, ବିଜେଡି ମହିଳା ରାଜ୍ୟ ଉପସଭାନେତ୍ରୀ ଗୋପା ମହାନନ୍ଦ, ଜିଲା ମହିଳା ସମ୍ପାଦିକା ପିଙ୍କି ଖର୍ସେଲ, ଜିଲା ପରିଷଦ ସଭ୍ୟା ସମା ପରବିନ, ଉମାକାନ୍ତ ସାହୁ, ବିଷ୍ଣୁ ଯୁଏଡ, କୁଲୁ ସିଂଦେଓ, ଶରତ ସିଂଭୋଇ, ରାଜେନ୍ଦ୍ର ବେହେରା, ଶ୍ରୀଧର ମାଝି, ଦିବାକର ମାଝି, ମଣିଲାଲ ଜୈନ, ସରସ୍ୱତୀ ମେହେର, ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଷୀ, ବିଜେଡି ଲେଗାଲ ସେଲର ପ୍ରଫୁଲ୍ଲ ନାୟକ ମଞ୍ଚାସୀନ ଥିଲେ। ସଭାକୁ ତୁରେକେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଶାଦୁଲ୍ଲା ଖାନ ପରିଚାଳନା କରିଥିଲେ। ନବୀନ ସରକାରଙ୍କ ବିଭିନ୍ନ ଲୋକଭିମୁଖୀ ଯୋଜନାର ସୁଫଳ ସମାଜର ସବୁବର୍ଗର ଲୋକଙ୍କୁ ଉପକୃତ କରୁଛି। ବିରୋଧୀମାନେ ଅଯଥାରେ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଏହାର କୌଣସି ପ୍ରଭାବ ଲୋକଙ୍କ ଉପରେ ପଡିବନାହିଁ। ଗତ କଣ୍ଟାବାଞ୍ଜି ବିଧାନ ସଭା ଓ ବଲାଙ୍ଗୀର ଏମ୍‌ପି ନିର୍ବାଚନରେ ଏଠାରେ ହୋଇଥିବା ପରାଜୟକୁ ଭୁଲିବାକୁ ହେବ। ମନ ମାଳିନ୍ୟ ଭୁଲି ସମସ୍ତେ ଏକଜୁଟ ହୋଇ କାମ କଲେ ଆଗାମୀ ନିର୍ବାଚନରେ ଜନସାଧାରଣଙ୍କ ଆଶୀର୍ବାଦ ନିଶ୍ଚିତ ମିଳିବ। ତେବେ ବିଜୟ ନିଶ୍ଚିତ କରିବା ପାଇଁ ଏବେଠାରୁ କର୍ମୀମାନେ କାମ କରିବାକୁ ଦଳୀୟ ନେତୃବର୍ଗ ଆହ୍ୱାନ ଦେଇଥିଲେ। ତେବେ ବିଜେଡିର ନୂଆଁଖାଇ ଭେଟ୍‌ଘାଟ ଏବଂ କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ଅୟୁବ ଖାନ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ମୁରିବାହାଲ,୫।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବ୍ଲକ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ଏବଂ ଏନଏଚଏମଏମଆଇ ନାରାୟଣ ମଲ୍ଟି ସ୍ପେସିଆଲିଷ୍ଟି ହସ୍ପିଟାଲ ରାୟପୁର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା, ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ବଙ୍ଗୋମୁଣ୍ଡା ପଞ୍ଚାୟତ ସରପଞ୍ଚ ଅଜିତ କୁମାର ଯୋଶୀ, କଣ୍ଟାବାଞ୍ଜି ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ଶିକ୍ଷାବିତ ଡ଼. ନାରାୟଣ ମିଶ୍ର, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ଅନୀଲ ତ୍ରିପାଠୀ, ସହସମ୍ପାଦକ ଦିନେଶ ଜୈନ ଅତିଥିଭାବେ ଯୋଗଦେଇଥିଲେ। ସଂଘ ସମ୍ପାଦକ ହୁଲେଶ୍ୱର ହଂସ ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ ମଞ୍ଚ ପରିଚାଳନା କରିଥିଲେ। ନାରାୟଣ ହସ୍ପିଟାଲର ବିଶେଷଜ୍ଞ ସମୂହ, ସାମ୍ବାଦିକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ୩୮୯ ରୋଗୀଙ୍କୁ ପରାମର୍ଶ ଦିଆଯାଇଥିଲା।

# ବ୍ରାହ୍ମଣୀ ପାହାଡ଼ରେ ପର୍ଯ୍ୟଟନ ବିଭାଗ ପ୍ରତିନିଧି

ମୁରିବାହାଲ,୫।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମାଲିସିରା ପଞ୍ଚାୟତ ରହେନଛୁଆ ବ୍ରାହ୍ମଣି ପାହାଡ଼କୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଉକ୍ତ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ଅନୁରୋଧକ୍ରମେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରି ଏ ନେଇ ପର୍ଯ୍ୟଟନ ବିଭାଗକୁ ଅବଗତ କରିଥିଲେ। ଏହିକ୍ରମରେ ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳାଇ, ବରିଷ୍ଠ ଆର୍କିଟେକଚର ବର୍ତ୍ତିକା ଚଟ୍ଟୋପାଧ୍ୟାୟ, ପିଏମ୍‌ୟୁ କନସଲଟାଣ୍ଟ ଚିରଞ୍ଜିତ ଗୁପ୍ତା ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଡିଓ ପୂର୍ଣ୍ଣାନନ୍ଦ ପଟେଲ, ତହସିଲଦାର ଆୟୁବ ମଣ୍ଡଳ, ବନାଞ୍ଚଳ ଅଧିକାରୀ ନୀଳେନ୍ଦ୍ରି ଭୋଇ, ସହକାରୀ ଯନ୍ତ୍ରୀ ଅବିନାଶ ମୋଦି, ରାଜସ୍ୱ ନିରୀକ୍ଷକ ହିମାଂଶୁ ମେହେର, ମାଲିସିରା ସରପଞ୍ଚ ଦେବରାଜ ପାତ୍ର, ଇଓ ଅର୍ଜୁନ ଛୁରା, ପୁଲସ୍ତି ବେହେରା, ଦେବେନ୍ଦ୍ର ମେର୍ଲି, ଲଳିତ ମହାନ୍ତି, ଶେଷଦେବ ପଧାନ, ରାମଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ ।



ବ୍ରାହ୍ମଣୀ ପାହାଡ଼ରେ ପର୍ଯ୍ୟଟନ ବିଭାଗ ଅଧିକାରୀ ଓ ସ୍ଥାନୀୟ ଲୋକେ।

# ଶିଶୁ ଉଦ୍ୟାନ, ମୃଗ ବିହାର ଉଦ୍‌ଘାଟିତ

ଖପ୍ରାଖୋଲ,୫।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଜଙ୍ଗଲ ବିଭାଗ ଦାରା ନିର୍ମିତ ନୂତନ ଶିଶୁ ଉଦ୍ୟାନ ଓ ମୃଗବିହାର ପ୍ରକଳ୍ପ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ ଓ ପରିବେଶ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ୍ ଏହାକୁ ଉଦ୍‌ଘାଟନ କରିଥଇଲେ। ସମ୍ମାନୀତ ଅତିଥିଭାବେ ଓଡ଼ିଶା ବିଧାନ ସଭାର ଉପମୁଖ୍ୟ ସଚେତକ ତଥା ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଶିନୀ କୁମାର କର, ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ପ୍ରମୁଖ ଯୋଗଦେଇଥିଲେ। ମୃଗ ବିହାର ଓ ଶିଶୁ ଉଦ୍ୟାନ ପର୍ଯ୍ୟଟକଙ୍କୁ ଆହୁରି ଆକର୍ଷିତ କରିବ ବୋଲି ଅତିଥିମାନେ କହିଥିଲେ। ଏହାସହ ମୃଗ ବିହାର ସମ୍ପ୍ରସାରିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାଯାଇଛି। ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଡେପୁଟି ରେଞ୍ଜର ସୁନିଲ କୁମାର ମିଶ୍ର, ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ଅତିଥିମାନେ ହରିଶଙ୍କରରେ ଶିଶୁ ଉଦ୍ୟାନକୁ ଉଦ୍‌ଘାଟନ କରୁଛନ୍ତି।

# ଜଳ ଯୋଗାଣ ବ୍ୟବସ୍ଥା ତଦାରଖ, ପ୍ରକଳ୍ପ ପରିଦର୍ଶନ କଲେ ଅଧିକାରୀ

ଲୋଇସିଂହା, ୫।୧୦(ସୁଶାନ୍ତ ବାରିକ)

ପିଆର ଓ ଡିଡବ୍ଲ୍ୟୁ ବିଭାଗ ଆଡିସିନାଲ ସେକ୍ରେଟାରୀ ଅରିନ୍ଦମ ଡାକୁଆ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତରେ ଆସିଥିଲେ। କୁଶମେଲ ପଞ୍ଚାୟତର ଫଟାବାହାଲ ଓ ତଲିଉଡାର ପଞ୍ଚାୟତକୁ ଯାଇ ବସୁଧା ଯୋଜନା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଉଭୟ ଗ୍ରାମର ଘରକୁ ଘର ବୁଲି ଜଳଯୋଗାଣ ସମ୍ପର୍କରେ ପଚାରି ବୁଝିଥିଲେ। ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲକୁ ଯାଇ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ। ଗସ୍ତ ଅବସରରେ ତଲିଉଡାର ପଞ୍ଚାୟତ ଜଟିପାଲି ଗ୍ରାମରେ ଚାଲିଥିବା ଓଭରହେଡ ଟାଙ୍କି କାମ ବୁଲି ଦେଖିଥିଲେ ଆଡିସିନାଲ ସେକ୍ରେଟାରୀ ଡାକୁଆ । ଗସ୍ତ ବେଳେ ପିଡି ସୁଶାନ୍ତ ସିଂ, ଜଳ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗୌପ୍ୟରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ଆଶୁତୋଶ ଭଦ୍ରା, ଲୋଇସିଂହା ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ, କୁଶମେଲ ସରପଞ୍ଚ କୌସ୍ତୁବ ସାହୁ, ତଲିଉଡାର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

# ଟିଟିଲାଗଡ଼ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଟିଟିଲାଗଡ଼, ୫।୧୧(ଶରତ ମିଶ୍ର)

**ଗ୍ରୀନ ପାନ୍ଥର୍ସଙ୍କୁ ହରାଇଲା ସୁପରଷ୍ଟାର ଦଳ**

ସ୍ଥାନୀୟ ସିଟି ସ୍କୁଲ ଷ୍ଟାଡିୟମ ପରିସରରେ ରବିବାର ୪ର୍ଥ ବାର୍ଷିକୀ ଟିଟିଲାଗଡ଼ ପ୍ରିମିୟର ଲିଗ ଉଦ୍‌ଘାଟିତ ହୋଇଛି। ପୂର୍ବତନ ରଣଜୀ ଖେଳାଳି ସଞ୍ଜୟ ବେହେରା ମୁଖ୍ୟ ଅତିଥି, ପ୍ରାକ୍ତ କ୍ରୀଡାବିତ୍ ଶରତ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହାର ବିଧିବଦ୍ଧ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀତାରେ ହିଫଜୁଲ ରେହମାନଙ୍କ ପ୍ରାୟୋଜିତ ଷ୍ଟ୍ରାଇକର୍ସ, ଟିକେଶ ମିଶ୍ରଙ୍କ ଗ୍ରୀନ ପାନ୍ଥର, ଏମଡି ବିଲାଲଙ୍କ ସୁପର ଷ୍ଟାର ଏବଂ ଟିନୁ ଜୋନଙ୍କ ଟୁ ୱାରିୟର୍ସ ଭାଗ ନେଉଛନ୍ତି । ରବିବାର ସୁପରଷ୍ଟାର ଦଳ ଏବଂ ଗ୍ରୀନ ପାନ୍ଥର୍ସ ମୁହାଁମୁହିଁ ହୋଇଥିଲା। ପାନ୍ଥର୍ସର କାମେଶ ତାଣ୍ଡିଙ୍କ ଅର୍ଦ୍ଧଶତକ ସହ ଦଳର ରୋହିତ କୁମାର ୫ ଉଇକେଟ ହାସଲ ସତ୍ତ୍ୱେ ଦଳର ପରାଜୟ ଘଟିଥିଲା । ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟୀ ହୋଇଥିବା ସୁପରଷ୍ଟାର ଦଳର ସଚିକାନ୍ତ ଦାଶ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ କମିଟି ସଭାପତି ପ୍ରବୀଣ ଆଚାର୍ଯ୍ୟ, ସମ୍ପାଦକ ସୁନିଲ ଭୋଇ, ଆଶିଷ ଆଚାର୍ଯ୍ୟ, କୋଷାଧ୍ୟକ୍ଷ କ୍ଷୀରୋଦ ପଟ୍ଟନାୟକ, ପ୍ରଦୀପ ଜାଲ, ସୁଧୀର ଦାଶ, ସନ୍ଦୀପ ତ୍ରିପାଠୀ, ବୈକୁଣ୍ଠ ନାଗ,ପ୍ରଭାତ ଠାକୁର ଟୁର୍ନାମେଣ୍ଟ ଆୟୋଜନରେ ସହାୟତା କରିଥିଲେ।



ଅତିଥିବୃନ୍ଦ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ଡଙ୍ଗରବୁଡ଼ା ଫୁଟବଲ ଟୁର୍ନାମେଣ୍ଟ**

# ମୁରିବାହାଲ, ଚଲକି ବିଜୟୀ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ମୁରିବାହାଲ,୫।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି(ଖ) ଗ୍ରାମ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆରେ ୫ମ ବାର୍ଷିକ ଜୟ ଡଙ୍ଗରବୁଡ଼ା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ମୁରିବାହାଲ ଓ ବଙ୍ଗୋମୁଣ୍ଡା ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ମୁରିବାହାଲ ୪-୩ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଚଲକି ଓ ଖୋଲନ ମଧ୍ୟରେ ହୋଇଥିଲା। ଏଥିରେ ମଧ୍ୟ ଟାଇବ୍ରେକର ୫-୪ଗୋଲରେ ଚଲକି ବିଜୟୀ ଲାଭ କରିଥିଲା। ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି, ବିଶିଷ୍ଟ କ୍ରୀଡ଼ାବିତ ସିଦ୍ଧେଶ୍ୱର ଦାସ, ଗରଗଡ଼ବାହାଲ ସମିତି ସଭ୍ୟ ଭୂମିସୂତା ବାଗ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ରମେଶ ହିଆଲ, ଉପ ସଭାପତି ସୁରେଶ ଗହୀର, ସାଧାରଣ ସମ୍ପାଦକ ଜିତେନ ବାଗ ଓ କୋଷାଧ୍ୟକ୍ଷ ଚନ୍ଦ୍ରମଣି ହାତୀ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରୁଛନ୍ତି। ସୋମବାର ସିହିନୀ ବନାମ ମନିଗାଁ ଏବଂ କୁଡ଼ସୁଡ଼ ବନାମ ହଳଦୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ସୂତ୍ରରୁ ପ୍ରକାଶ।

**ଲାୟନ୍ସ କ୍ଲବର ସ୍ୱାସ୍ଥ୍ୟ ଶିବିର**

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଜମରତଲା ପଞ୍ଚାୟତରେ ରବିବାର ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୯୩ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଦିଆଯାଇଥିଲା। କ୍ଲବ ସଭାପତି ପ୍ରିତମ ମେହେରଙ୍କ ନେତୃତ୍ୱରେ ୨୫ ଜଣ ସଦସ୍ୟ ସହଯୋଗ କରିଥିଲେ। ଜମରତଲା ସରପଞ୍ଚ ଦୁଭୃଷ ଚାନ୍ଦ, ସୁରେଶ ଚାନ୍ଦ ଉପସ୍ଥିତ ଥିଲେ। ଉପଖଣ୍ଡ ଡାକ୍ତରଖାନାର ଡାକ୍ତର ସରୋଜ କୁମାର ସେଠ, ଡାକ୍ତର ଇ. ପି. ପାଣିଗ୍ରାହୀ, ଡାକ୍ତର ସୁମିତ ମିଶ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ

**ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ରୌପ୍ୟ ଶକ୍ତି ନଗର ଗଜଲକ୍ଷ୍ମୀ ପୂଜା ଉତ୍ସାହ ଉଦ୍ଦୀପନାର ସହିତ ଚାଲିଛି। ପୂଜାର ପଞ୍ଚମ ଦିବସରେ ପଡ଼ାର ସମସ୍ତ ବରିଷ୍ଠ ନାଗରିକଙ୍କୁ ପୂଜା ମଣ୍ଡପରେ ବସାଇ ତିଳକ, ଚନ୍ଦନ ଦେଇ ସମ୍ମାନିତ କରାଯାଇଥିଲା। ପୂଜାରେ ଶ୍ରୀକାନ୍ତ ତ୍ରିପାଠୀ, ସ୍ୱୀ ପିଙ୍କି ମୁଖ୍ୟକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ପୂଜାମଣ୍ଡପକୁ ଆସି ମାଁଙ୍କ ଆଶୀର୍ବାଦ ନେଇଥିଲେ। ପୂଜା କମିଟି ସଭାପତି ରାଜେଶ ନାୟକ, ଉପସଭାପତି ଟିଙ୍କୁ ନନ୍ଦ, ଦୀପକ ମିରୱାନୀ, ସମ୍ପାଦକ ବିକାଶ ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ଆଶୁତୋଷ ପ୍ରଧାନ, ଡା. ପ୍ରକାଶ ରଥ, ଚନ୍ଦନ ଦାଶ, କାଉନସିଲର ସୁନନ୍ଦା ପଣ୍ଡା ପ୍ରମୁଖ ସହଯୋଗ କରୁଛନ୍ତି।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

**ସୋହେଲା,୫।୧୧(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଅଧୀନ ମରେକେଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୟୁନିୟନ ବ୍ୟାଙ୍କ ଛୁରିଆପାଲି ଶାଖା ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଥିଲା। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ଶ୍ରୀବତ୍ସ ବରିହା ସ୍ୱାଗତ ଭାଷଣ ଦେଇଥିଲେ। ବ୍ୟାଙ୍କର ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦେହୁରୀ ଓ ଗଣେଶ ନାଏକ ସମାଜ ଉପରେ ଦୁର୍ନୀତିର କୁପ୍ରଭାବ ଉପରେ ବକ୍ତବ୍ୟ ଦେଇ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ଗୋବିନ୍ଦ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

**ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାରେ ଆୟୋଜିତ ସ୍ୱତନ୍ତ୍ର ପୂଜା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଲଳିତ ମୋହନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବ୍ୟକ୍ତିତ୍ୱର ବିକାଶ, ପାନୀୟ ଜଳ, ପରିମଳ, ସ୍ୱଚ୍ଛତା, ସଡକ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସଞ୍ଜୟ ଟିଗା ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଲାଭ କରିଥିବା ଶିବିରାର୍ଥୀଙ୍କୁ ପ୍ରଶଂସାପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ସରୋଜ ନାଏକ, ପୂର୍ଣ୍ଣଚନ୍ଦ୍ର ମିରିଗ, ପ୍ରମୋଦ ତ୍ରିପାଠୀ, ଚିତ୍ତରଞ୍ଜନ ସାହୁ, ହୃଷୀକେଶ ମିଶ୍ର, ମିଥୁନ ମେହେର ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଜୟକୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ପଥପ୍ରାନ୍ତ ନାଟକ, ବିପର୍ଯ୍ୟୟ ପ୍ରଶମନ ତାଲିମ

**ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଜାତୀୟ ସେବା ଶିବିରର ଷଷ୍ଠ ଦିବସରେ ଶିବିରାର୍ଥୀମାନଙ୍କ ଦ୍ୱାରା ସାମାଜିକ ଚେତନାଧର୍ମୀ ପଥପ୍ରାନ୍ତ ନାଟକ 'ଦୁର୍ନୀତି ଅସୁର' ଓ 'କନ୍ୟାଭ୍ରୁଣ ହତ୍ୟା' ପରିବେଷଣ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସଞ୍ଜୟ ଟିଗା, ସହ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବୁନି ସାହୁ, ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ,ନବକୃଷ୍ଣ ମିଶ୍ର, ବାଳଗୋପାଳ ମେହେର, ଦୟାନିଧି ବଗର୍ତ୍ତି, ଫଣୀନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଚାରପାଲି ଗ୍ରାମକୁ ସ୍ୱଚ୍ଛ, ସୁନ୍ଦର ଓ ସଚେତନ କରିବାକୁ ଶିବିରାର୍ଥୀମାନେ ସଚେତନ କରିଥିଲେ। ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବୃକ୍ଷରୋପଣର ମହତ୍ତ୍ୱ ବର୍ଣ୍ଣନ କରି ବୃକ୍ଷଚାରା ବଣ୍ଟନ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଜୀବ ଜଗତକୁ ଉଦ୍ଧାର କରିବାକୁ ତାଲିମ ପ୍ରଦାନ କରିଥିଲେ। ଗ୍ରାମ ମୁଖିଆ ଗୋବିନ୍ଦ ଦିଶ୍ରି ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଡ. ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ

## ପଣ୍ଡରାପିଟା ଓ ଲୁଣ୍ଡୁରୁବାହାଲ ଗ୍ରାମର ମିଳିତ ବୈଠକ


ବୈଠକରେ ଉପସ୍ଥିତ ଉଭୟ ଗ୍ରାମବାସୀ।

**ଘଣ୍ଟାପଡ଼ା,୫।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତସ୍ଥିତ ପଣ୍ଡରାପିଟା ଓ ଲୁଣ୍ଡୁରୁବାହାଲ ୱାର୍ଡବାସୀଙ୍କୁ ନେଇ ଗୌନ୍ତିଆ ଶ୍ରୀବତ୍ସ ଭୋଇଙ୍କ ସଭାପତିତ୍ୱରେ ଶୁକ୍ରବାର ଏକ ବୈଠକ ଲୁଣ୍ଡୁରୁବାହାଲଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାସ୍ତା ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ କରିବାକୁ ଉଭୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପୂର୍ବତନ ୱାର୍ଡ ସଭ୍ୟ ଭୀମସେନ ବିଶ୍ୱାଳ, ବଳରାମ ରଣା ଏବଂ ପୂର୍ବତନ ନାଏବ ସରପଞ୍ଚ ଜମ୍ନେଶ୍ୱର ରଣା, ଲୁଣ୍ଡୁରୁବାହାଲ ଗୌନ୍ତିଆ ଚିନ୍ମୟ ଭୋଇ ପ୍ରମୁଖ ବୈଠକରେ ଯୋଗଦେଇ ଏ ନେଇ ଆଲୋଚନା କରିଥିଲେ। ଘଣ୍ଟାପଡ଼ା ପଞ୍ଚାୟତର କୁନାଶିଳା ଛକରୁ ନାରାୟଣପ୍ରସାଦ ପଞ୍ଚାୟତର ପଣ୍ଡରାପିଟା ,ଲୁଣ୍ଡୁରୁବାହାଲ ଦେଇ ରିଙ୍ଗାପଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଦୟନୀୟ ହୋଇପଡିଛି। ମେଟାଲିଂ ପରିବର୍ତ୍ତେ କାଁଭାଁ ମୋରମ କାମ ହେଇଛି, ଫଳରେ ରାସ୍ତା ଦୁରାବସ୍ଥା ସୁଧୁରୁନି। ପୂର୍ବରୁ ଏହି ରାସ୍ତାରେ କେବଳ ଝାରବାହାଲି ନାଳ ହିଁ ବାଧକ ସାଜୁଥିଲା। ଅମୃତ ମହୋତ୍ସବର ୭୫ ବର୍ଷ ଦେଶ ପାଳନ କରୁଥିବା ବେଳେ ଉକ୍ତ ରାସ୍ତାରେ ପୋଲ ନିର୍ମାଣ ଏ ପର୍ଯ୍ୟନ୍ତ ହୋଇପାରୁନି। ଫଳରେ ବର୍ଷା ଚାରିମାସ ରାଶନ, ଭତ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରିହେଉ ନାହିଁ। ଉପରୋକ୍ତ ଦୁଇ ଗ୍ରାମଠାରୁ ପଞ୍ଚାୟତର ଦୂରତା ମାତ୍ର ୨କି.ମି.। ମାତ୍ର ରାସ୍ତା ଖରାପ ଓ ନାଳ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢା ମଧ୍ୟ ବ୍ୟାଘାତ ହେଉଛି। ଏପଟେ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ଆଦି ବିଭିନ୍ନ କାର୍ଯ୍ୟରେ ଘଣ୍ଟାପଡ଼ା ଉପରେ ନିର୍ଭର କରିବାକୁ ପଡ଼େ। ୩ କିମି.ଗଲେ ଭଲ ରାସ୍ତା ପଡ଼େ। ମାତ୍ର ୫ କି.ମି.ରାସ୍ତା ପାଇଁ ୨ ୱାର୍ଡ଼ର ପ୍ରାୟ ୮୦୦ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ସମସ୍ୟା ଯୋଗୁ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। କେହି ରୋଗୀ ଗୁରୁତର ହେଲେ କୁନାଶିଳା ଛକ ପର୍ଯ୍ୟନ୍ତ ଖଟିଆରେ ବୋହିବାକୁ ପଡିଥାଏ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅଞ୍ଚଳର ସମସ୍ୟା ନେଇ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନକୁ ବାରମାର ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ୨୦୨୪ ସାଧାରଣ ନିର୍ବାଚନକୁ ବର୍ଜନ କରିବାକୁ ଉଭୟ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିସହିତ ଉକ୍ତ ପଞ୍ଚାୟତ ସମିତି ଅଧୀନରେ ଥିବା ରାସ୍ତାକୁ ଆରଡି ରାସ୍ତା କରିବା ପାଇଁ ଦାବି ହୋଇଥିଲା। ଏନେଇ ବୌଦ୍ଧ ଜିଲାପାଳଙ୍କୁ ପୁଣି ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଏକତା ଦିବସରେ ସାମୂହିକ ଶପଥପାଠ


ଏକତା ଦିବସରେ କୋଶଲ ସ୍କୁଲ ଛାତ୍ରୀଛାତ୍ର ସଂକଳ୍ପ ନେଉଛନ୍ତି।

**ସରଣ୍ଡା,୫।୧୧(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲିସ୍ଥିତ କୋଶଳ ଇଂରାଜୀ ଆବାସିକ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏଥିରେ ୭୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ ୫୦ରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରି ଏକତା ପାଇଁ ସଂକଳ୍ପ ନେଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସ ଅବସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମୂହିକ ଏକତା ପାଠ କରିଥିଲେ। ଗୋପାଳ ଚାଟାର୍ଜୀ, ସୁଧୀର କୁମାର ବେହେରା ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରଣା ସମାଜ ଜିଲା କମିଟି ବୈଠକ


ବୈଠକରେ ଉପସ୍ଥିତ ସମାଜର ସଦସ୍ୟବୃନ୍ଦ।

**ବରପାଲି,୫।୧୧(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ରଣା ସମାଜ ଜିଲା କମିଟି ପକ୍ଷରୁ ବରପାଲି ବ୍ଲକ ବରମକେଲା ଗ୍ରାମ ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ସିଦ୍ଧେଶର ମନ୍ଦିରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଣା ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବରଗଡ଼ ଜିଲାରେ ସଙ୍ଗଠନ ମଜଭୁତ ପାଇଁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ଜିଲା ସଭାପତି ଲାବଣ୍ୟ କୁମାର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦକ କେତନ ରଣା, ଉପ ସଭାପତି ନିରଞ୍ଜନ ରଣା, ଉପଦେଷ୍ଟା ଚନ୍ଦ୍ରଶେଖର ରଣା, କୋଷାଧ୍ୟକ୍ଷ ସାନନ୍ଦ ରଣା, ନୀଳାମ୍ବର ରଣା, ବରପାଲି ବ୍ଲକ ସଭାପତି ଧୀରେନ ରଣା, ସମ୍ପାଦକ ପ୍ରେମଚାନ୍ଦ ରଣା, ପ୍ରେମାନନ୍ଦ ରଣା, ବରମକେଲା ଗ୍ରାମର କ୍ଷେତ୍ରମୋହନ ରଣା, ନାରାୟଣ ରଣା, ଲବ ରଣା, ଗ୍ରୀଣ୍ଡୋଲା ଗ୍ରାମର ବାବୁଲୁ ରଣା, ହେମନ୍ତ ରଣା, ଲବ ରଣା, ଦେବରାଜ ରଣା, ଜେହେରୁ ରଣା, ଦିଲୀପ ରଣା ପ୍ରମୁଖ ସହଯୋଗ କରିଥିଲେ।

## ମାତୃତୀର୍ଥ ପାଠାଗାର ନୂତନ ଗୃହର ଶିଳାନ୍ୟାସ

**ବରଗଡ଼ ୫।୧୧(ପ୍ରେମାନନ୍ଦ ଖମାରୀ)**


ଶିଳାନ୍ୟାସ ସମାରୋହରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି।

ବରଗଡ଼ ବ୍ଲକ ତାଲଶ୍ରୀଗିଡା ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମାତୃତୀର୍ଥ ପାଠାଗାରର ନୂତନ ଗୃହ ପାଇଁ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ ଉଲ୍ଲେଖ କରିବା ସହ ଆଗାମୀ ଦିନରେ ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ମଧ୍ୟ ଶୁଭାରମ୍ଭ ହେବ ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ରିକନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ରାଧେଶ୍ୟାମ ମହାପାତ୍ର, ରାଜୁ ସାହୁ, ଅଧ୍ୟାପକ ରାଧାକାନ୍ତ ମିଶ୍ରଙ୍କ ସମେତ ପାଠାଗାର ସଭାପତି ଓ ସମ୍ପାଦକ ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁସଂଖ୍ୟାରେ ମହିଳା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୫ ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ

**ଘଣ୍ଟାପଡ଼ା,୫।୧୧(ପ୍ରଭାତ କୁମାର ସାହୁ):** ସରକାର ଅସହାୟ, ଗରିବ, ବୃଦ୍ଧାବୃଦ୍ଧ ତଥା ବିଧବା ମହିଳାଙ୍କ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସାମାଜିକ ସୁରକ୍ଷା ଯୋଜନା ପ୍ରଣୟନ କରି ବାର୍ଷିକ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଅନେକ କ୍ଷେତ୍ରରେ ହିତାଧିକାରୀମାନେ ସରକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କଣ୍ଟାମାଳ ବ୍ଲକରେ ଏପରି ସମସ୍ୟା ଦେଖାଦେଇଛି। ଘଣ୍ଟାପଡ଼ା, ଆମ୍ବଗାଁ, ଖୁଣ୍ଟିଗୋରା, ବରଗାଁ, କଣ୍ଟାମାଳ, ପଲସାଗୋରା, ବରଗୋଛା ଆଦି ୨୪ଟି ପଞ୍ଚାୟତରେ ହିତାଧିକାରୀମାନେ ୪-୫ ମାସ ଭତ୍ତା ପାଇବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ ଭତ୍ତା ଟଙ୍କା ପଡୁଥିଲା, ସେମାନେ ଗତ ୪-୫ ମାସ ହେଲା ଭତ୍ତା ପାଉନାହାନ୍ତି। ଏ ସଂପର୍କରେ ବ୍ଲକ ସାମାଜିକ ଅଧିକାରୀ ସୂର୍ଯ୍ୟ କୁମାର ଦାସଙ୍କୁ ପଚାରିବାରେ କହିଛନ୍ତି, ଯେଉଁମାନଙ୍କର ଭତ୍ତା ବ୍ୟାଙ୍କ ଜମାଖାତାରେ ପଡୁଥିଲା, ତାଙ୍କୁ ସରକାର ବନ୍ଦ କରି ପୁଣି ସିଧାସଳଖ ହିତାଧିକାରୀଙ୍କୁ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ଏଭଳି ସମସ୍ୟା ଉପୁଜିଛି। ଏହା ପର୍ଯ୍ୟାୟ କ୍ରମେ ସମାଧାନ କରାଯାଉଛି। ଆସନ୍ତା ମାସ ମଧ୍ୟରେ ସବୁ ଠିକ୍‌ଠାକ ହୋଇ ସିଧାସଳଖ ପୂର୍ବ ବକେୟା ସହ ଭତ୍ତା ଟଙ୍କା ପାଇପାରିବେ ବୋଲି ସୂଚନା ଦେଇଛନ୍ତି।

## ଫଟୋଗ୍ରାଫର ଆସୋସିଏଶନର ବାର୍ଷିକୋତ୍ସବ

**ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁରଠାରେ ରାଜବୋଡାସମ୍ବର ଫଟୋଗ୍ରାଫର ଆସୋସିଏଶନର ୭ମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି। ଅଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁର୍ଲା ଭିମ୍‌ସାରର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି, ଓଡିଶା ଫଟୋଗ୍ରାଫର ମହାସଂଘ ସମ୍ପାଦକ ଶିଶିର ନାଏକ, କାର୍ଯ୍ୟ ନିର୍ବାହୀ ସମ୍ପାଦକ ଅବିନାଶ ପାତ୍ର, ସମାଜସେବୀ ନିରୋଜ ଦୋରା, ବରିଷ୍ଠ ଫଟୋଗ୍ରାଫର ଯଶୋବନ୍ତ ନାରାୟଣ ସିଂ ସମ୍ମାନୀତ ଅତିଥି ଏବଂ ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଆସୋସିଏଶନ ସଭାପତି ମନୋଜ ମହାନ୍ତି, ସମ୍ପାଦକ ତ୍ରିବିକ୍ରମ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଫଟୋ ପ୍ରଦର୍ଶନୀ ହୋଇଥିଲା। ଅନୀଲ ଫଟୋ ବୁକ୍ ସମ୍ବଲପୁର, ଆଲବମ ଷ୍ଟେଶନ ରାୟପୁର, ଗୁଜରାଟ ଅହମଦାବାଦରୁ ଯୁଡି ଗଙ୍ଗା ଡିଜିଟାଲ ଆସି ଆଲବମ ଷ୍ଟଲ୍ ଖୋଲିଥିଲେ। ଆସୋସିଏଶନ ସମ୍ପାଦକ ତ୍ରିବିକ୍ରମ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ରାମଚନ୍ଦାନୀ ସମସ୍ତ ଫଟୋଗ୍ରାଫରଙ୍କୁ ଏକତା ସୂତ୍ରରେ ବାନ୍ଧି ହୋଇ ରହିବା ଏକ ସୁନ୍ଦର ପ୍ରୟାସ ବୋଲି ମତପ୍ରକାଶ କରିଥିଲେ। ଉପଦେଷ୍ଟା ସୁଧାଂଶୁ ପଣ୍ଡା, ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ଚୋପଦାର, ସହ ସମ୍ପାଦକ ଓମ୍ ପ୍ରକାଶ ସାହୁ, ଉପସଭାପତି ସୁନୀଲ ଦାଶ, କୋଷାଧ୍ୟକ୍ଷ ରାଜେଶ ସାହୁ, କାର୍ଯ୍ୟ ନିର୍ବାହୀ ସଭ୍ୟ ଭୂପେଶ କୁମାର ସିଂ, ନରେନ୍ଦ୍ର ମେହେର, ଜିତେନ୍ଦ୍ର ତରିଆ, ସୁବାସ ମେହେର, ରମାକାନ୍ତ ପଧାନ, ପ୍ରଶାନ୍ତ ମିଶ୍ର, ଅଙ୍କିତ ସାହୁ ସହଯୋଗ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିରଞ୍ଜନ ତ୍ରିପାଠୀ, ସଞ୍ଜୀବ ମେହେର, ନୀଳ ଦୀପ, ହେମନ୍ତ ପ୍ରଧାନ, ଗୋପବନ୍ଧୁ ଶିକାଙ୍କୁ ସମ୍ମାନୀତ କରାଯାଇଥିଲା। ପଦ୍ମପୁର ସଙ୍ଗୀତ ସମିତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲା। ଆସୋସିଏଶନ ସଭାପତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନର ନୂଆଁଖାଇ ଭେଟ୍‌ଘାଟ୍



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୫।୧୧(ପ୍ରଦୀପ୍ତ ଦାଶ):** ମୁରଲୀ କ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ପଦ୍ମପୁରଠାରେ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ନଗରପାଳ ଶିରୀଶ ବହିଦାର ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ସେ ଜଣେ ଗରିବ କୃଷକ ପରିବାରରୁ ଆସି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠୋର ପରିଶ୍ରମ କରି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେଇପାରିଥିବା ମୁରଲୀ କ୍ରିଷ୍ଣା କହିଥିଲେ। ମୁଗ୍ଧା ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନାଟ୍ୟକାର ଅଶୋକ ବହିଦାର, ପ୍ରଫେସର କେଶରଞ୍ଜନ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦଲାଲ ନାୟକ, କଣ୍ଠଶିଳ୍ପୀ କମଳା ତାଣ୍ଡି, ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ, ବିଶ୍ୱନାଥ ସେଠ, ଚାଷୀ ଅଜିତ ବିଶ୍ୱାଳ ଏବଂ ନୃସିଂହନାଥ କଳାପରିଷଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡର ଢଲିଆଖୁସା ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

## ରାସ୍ତା ସଫେଇ କଲେ କୁଜାପାଲି ଗ୍ରାମବାସୀ


କୁଜାପାଲି ଗ୍ରାମବାସୀ ଗାଁ ରାସ୍ତା ସଫେଇ କରୁଛନ୍ତି।

**ସରଣ୍ଡା,୫।୧୧(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ କୁଜାପାଲି ଗ୍ରାମବାସୀ ନିଜ ଗାଁ ରାସ୍ତାକୁ ରବିବାର ସଫେଇ କରିଛନ୍ତି। ଗୋଡ଼ଭଗା -ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର କୁଜାପାଲି ଛକରୁ ଗାଁକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱ ଅନାବନା ଘାସ ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ଆସନ୍ତା ୧୨ ତାରିଖ ଗ୍ରାମରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେବ। ଏହି ରାସ୍ତା ଦେଇ ବହୁ ଲୋକ ଯିବାଆସିବା କରିବେ। ଏହାକୁ ଦୃଷ୍ଟିରେ ରଖି କୁଜାପାଲି ଶ୍ୟାମା ପୂଜା କମିଟି ଆହ୍ୱାନ କ୍ରମେ ଗୋଡ଼ଭଗା ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ, ବଜରଙ୍ଗ ଦଳ, ସତ୍‌ସଂଘ ବିହାର, ଜଗନ୍ନାଥପଡା, ଅନ୍ଧାରୀପତ୍ରା ଗଜଲକ୍ଷ୍ମୀ ପୂଜା କମିଟି ଆଦି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବାଳକୃଷ୍ଣ ସାହୁ, ଅକ୍ଷୟ କର୍ଣ୍ଣ, ପ୍ରସନ୍ନ ନାୟକ, ପ୍ରେମରାଜ ଛନ୍ଦ, ସରୋଜ ଭୋଇ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ବାବୁଲୁ ପ୍ରଧାନ, ଶ୍ରୀନିବାସ ଭୋଇ, ଅନିଲ ପ୍ରଧାନ, ବସନ୍ତ ଭୋଇ, ଉଦ୍ଧବ ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନ, ପୁରନ୍ଦର ଭୋଇ, ସଞ୍ଜୀବ ଭୋଇ, ରଙ୍କମଣି ପ୍ରଧାନ, ଅଜିତ ଭୋଇ ପ୍ରମୁଖ ସଫେଇ କାର୍ଯ୍ୟର ନେତୃତ୍ୱ ନେଇଥିଲେ।

## ବାର୍ଷିକ କ୍ରୀଡ଼ା ଖେଲୋ ବିକାଶ ଉଦ୍‌ଘାଟିତ

**ବରଗଡ଼,୫।୧୧(ପ୍ରେମାନନ୍ଦ ଖମାରୀ)**


ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି।

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଖେଲୋ ବିକାଶ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ବିକାଶ ହସ୍ପିଟାଲ ପରିସରସ୍ଥିତ ମନ୍ଦିରରୁ ଏକ ବିଶାଳ ମଶାଲ ଶୋଭାଯାତ୍ରାରେ କ୍ରୀଡ଼ାଜ୍ୟୋତିକୁ ଅଣାଯାଇ ବିକାଶ ପତାକାକୁ ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିକାଶ ସିବିଏସ୍‌ଇ ଏଣ୍ଡ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ହେଡ୍ ଚିତ୍ତରଞ୍ଜନ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଗ୍ରୁପ୍ ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା କ୍ଲଷ୍ଟର କ୍ରୀଡ଼ାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସର୍ବଭାରତୀୟ ସ୍ତରରେ ବିକାଶର ଛାତ୍ରୀଛାତ୍ରଙ୍କ କ୍ରୀଡ଼ାରେ ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ତଥା ବରଗଡ଼ ଜିଲା ବାର୍ ଆସୋସିଏଶନ ସମ୍ପାଦକ ଉତ୍ତର କୁମାର ସାହୁ ନିଜ ଛାତ୍ର ଜୀବନର କଥାକୁ ମନେ ପକାଇ ବିକାଶ ବିଦ୍ୟାଳୟ କ୍ରୀଡ଼ା ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଉଚ୍ଚପ୍ରଶଂସା କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କ୍ରୀଡ଼ା ମଣିଷ ଜୀବନର ଏକ ଅଭିନ୍ନ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ସମାରୋହରେ ବିକାଶ ଆବାସିକ ବିଦ୍ୟଳୟର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଘଣ୍ଟାପଡ଼ା ହାଇସ୍କୁଲରେ ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ

**ଘଣ୍ଟାପଡା, ୫।୧୧ (ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶରୀ ସରକାରୀ ହାଇସ୍କୁଲର ସଭାଗୃହରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ଏବିଇଓ ତ୍ରିନାଥ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ ଦିନ ଧରି ଚାଲିଥିବା ସାମର୍ଥ୍ୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ବିକଳାଙ୍ଗ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନଟ କରି ଶିକ୍ଷା ପ୍ରଦାନ କରିବା ସାମର୍ଥ୍ୟ ତାଲିମ ଶିବିରର ମୂଳଲକ୍ଷ୍ୟ ବୋଲି ଉପସ୍ଥିତ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ପ୍ରଧାନଶିକ୍ଷକ ପଣ୍ଡା ତାଲିମ ଗ୍ରହଣ କରିଥିବା ଶିକ୍ଷକଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବିରରେ କଣ୍ଟାମାଳ ବ୍ଲକର ୧୧ଟି କ୍ଲଷ୍ଟରର ମୋଟ ୪୩ ଜଣ ଶିକ୍ଷୟତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ଶିକ୍ଷକ ଲଳିତ ଧଳ, ଋଷଭ ନାଗ, ପ୍ରସନ୍ନ ସାହୁ ଓ କ୍ଷିରେନ୍ଦ୍ରୀ ତନୟା ବିଶାଳ ତାଲିମ ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ରାଜକିଶୋର ସା, ସତ୍ୟବାନ ପ୍ରଧାନ ଓ ଶିକ୍ଷକମାନେ ସହଯୋଗ କରିଥିଲେ।



## ସଂକ୍ଷେପରେ

### କାର୍ ପୋଡ଼ି ଘଟଣାରେ ୩ ଗିରଫ

**ରାଉରକେଲା,୫।୧୧(ଦିନେଶ ମିଶ୍ର):** ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ମାଲଗୋଦାମ ରାସ୍ତାକଡରେ ପାର୍କିଂ ହୋଇଥିବା ଏକ କାର୍‌କୁ ନିଆଁ ଲଗାଇ ଜାଳିଦେବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆକାଶ ନାଗ ଓରଫ ପିଣ୍ଟୁ, ସୌରଭ ଗିରି ଓରଫ ଲାଲୁ ଏବଂ ଆକାଶ ମଣ୍ଡଳ। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୪/୨୩) ରୁଜୁ କରିଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀ ବରଫ ଫ୍ୟାକ୍ଟ୍ରି ଅଞ୍ଚଳର ଗଣେଶ ବିଶୋଇ ଗତ ୩୧ ତାରିଖରେ ତାଙ୍କ କାର୍‌କୁ ମାଲଗୋଦାମ ଛକ ରାସ୍ତାକଡ଼ରେ ରଖିଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉକ୍ତ କାର୍‌ରେ ନିଆଁ ଲଗାଇ ଦେଇଥିଲେ।

### କବିତାଙ୍କୁ ସ୍ୱର୍ଣ୍ଣ ପଦକ

**ବନ୍ଧମୁଣ୍ଡା,୫।୧୨(ସୁବ୍ରତ ଡେ) :** ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ କବିତା ମହାତୋ ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କବିତାଙ୍କ ଏହି ସଫଳତା ପାଇଁ ପିତା ବିରେନ ମହତୋ, ତାଙ୍କ କ୍ଲାସ ଟିଚର ନିର୍ମଳ କୁମାର ମହାତୋ ଓ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ତାଙ୍କ ବନ୍ଧୁମାନେ ଖୁସି ବ୍ୟକ୍ତ କରିବା ସହିତ ତାଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ମଧ୍ୟ କବିତା ଦୌଡ଼ ପ୍ରତିଯୋଗିତାରେ ଅନେକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



### ସ୍କ୍ରାପ୍ ଜବତ, ୨ ଅଟକ

**ରାଉରକେଲା/ବେଦବ୍ୟାସ, ୫।୧୧(ଦିନେଶ ମିଶ୍ର/ଆଲୋକ ସ୍ୱାଇଁ):** ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କୁଲୁଙ୍ଗା ଅଞ୍ଚଳରେ ଥିବା ଏକ ଫ୍ୟାକ୍ଟ୍ରିରୁ ପୋଲିସ ଲକ୍ଷାଧିକ ଟଙ୍କାର ସ୍କ୍ରାପ୍ ସହ ଏକ ଗାଡିକୁ ଜବତ କରିଛି। ଏହି ଘଟଣାରେ ପୋଲିସ ଫ୍ୟାକ୍ଟ୍ରିର ୨ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମାଲିକ ଫେରାର ଅଛନ୍ତି। ସୂଚନା ଅନୁସାରେ, କୁଲୁଙ୍ଗା ଶିଳ୍ପାଞ୍ଚଳରେ ଅରୁଣ ଏଣ୍ଟରପ୍ରାଇଜେସ୍ ନାମରେ ଏକ ଫ୍ୟାକ୍ଟ୍ରି ରହିଛି। ଏହି ଫ୍ୟାକ୍ଟ୍ରିରୁ ଏକ ମିନିଟ୍ରକ୍ (ନଂ.ଓଡି୧୪ଜେଡ୍/୧୮୫୬) ଯୋଗେ ୪୦ ଟନ ସ୍କ୍ରାପ୍ ଚାଲାଣ ବେଳେ ପୋଲିସ ରବିବାର ପୂର୍ବାହ୍ନ ସାଢେ ୨ଟାରେ ଚଢ଼ାଉ କରିଥିଲା। ଏହି ସ୍କ୍ରାପ୍‌ର କୌଣସି କାଗଜପତ୍ର ନ ଥିଲା ଏବଂ ଏହା ବେଆଇନ ଜଣାପଡିବା ପରେ ପୋଲିସ ଏହାକୁ ଜବତ କରିଥିଲା।

# ଆଗକୁ ଦୀପାବଳି, ଦୀପ ତିଆରିରେ ବ୍ୟସ୍ତ କାରିଗର



ରାଉରକେଲା ସହରର ଏକ ସ୍ଥାନରେ କାରିଗରମାନେ ଦୀପ ତିଆରି କରୁଛନ୍ତି।

**ରାଉରକେଲା,୫।୧୧(ଦିନେଶ ମିଶ୍ର)**

ଆଉ ସପ୍ତାହକ ପରେ ଆଲୋକର ପର୍ବ ଦୀପାବଳି ପାଳନ ହେବ। ଏଥିପାଇଁ କାରିଗରମାନେ ଦୀପ ତିଆରି କରିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ରାଉରକେଲା ସହରର ଓରାମପଡା, କୁମ୍ଭାରପଡା, ପାନପୋଷ କୁମ୍ଭାରବସ୍ତି ଓ ବନ୍ଧମୁଣ୍ଡା ଅଞ୍ଚଳରେ ବହୁ କାରିଗର ଦୀପାବଳିରେ ଦୀପ ବିକ୍ରି କରି ଦୁଇ ପଇସା ରୋଜଗାର ପାଇଁ ଲାଗି ପଡିଛନ୍ତି। ଦୀପାବଳି ସମୟରେ ଦୀପର ଚାହିଦା ଅଧିକ ରହିଥିବାରୁ ସେମାନେ ଦିନକୁ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଦୀପ ତିଆରି କରି ଡଜନ ପିଛା ୧୫ରୁ ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ସମୟରେ ମାଟି ସାମଗ୍ରୀର ଚାହିଦା କମିଯିବାରୁ ଏହି କାରିଗରମାନେ ବିଶେଷ କରି ଦୀପାବଳି ଅବା କୌଣସି ପୂଜା ସମୟକୁ ଅପେକ୍ଷା କରିଥାନ୍ତି। ସେମାନେ ମାଟିଦୀପ ହେଉ କି ମାଟିର ମୂର୍ତ୍ତି ତିଆରି କରି ପୂଜା ସମୟରେ ଭଲ ରୋଜଗାର କରନ୍ତି।

ଏ ନେଇ ବାସନ୍ତୀ କଲୋନୀ ସ୍ଥିତ କୁମ୍ଭାରପଡା ବାସିନ୍ଦା ଭୋଳା କୁମ୍ଭାର କୁହନ୍ତି, ଦୀପାବଳିରେ ଦୀପର ଚାହିଦା ଥିବାରୁ ବର୍ଷକର ରୋଜଗାର ଏହି ଦୀପାବଳିରେ ହୋଇଥାଏ। ମାଟି ଦୀପ, କଳସ, ଝୁଣା ଦାନି ଭଳି ସାମଗ୍ରୀ ତିଆରି କରିବା ଆମ କୌଳିକ ବୃତ୍ତି। ଆଜିକୁ ଦୀର୍ଘ ୧୭ ବର୍ଷ ଧରି କୁମ୍ଭାରଶାଳରେ ଦୀପାବଳିରେ ଦୀପ ତିଆରି କରି ସହରର ବ୍ୟବସାୟୀଙ୍କୁ ଯୋଗାଇ ଆସୁଛି। ଆମ ଦୀପ ସହରର ଛେଣ୍ଡ, କଳିଙ୍ଗବିହାର, ପାନପୋଷ ରୋଡ, ଆମ୍ବାଗାନରେ ଥିବା ବ୍ୟବସାୟୀମାନେ ନେଇ ବିକ୍ରି କରିଥାନ୍ତି ବୋଲି ଭୋଳା କହିଥିଲେ।

ସେହିପରି ବନ୍ଧମୁଣ୍ଡା ରାସ୍ତାକଡରେ ଥିବା କିଛି କାରିଗର ପରିବାର ପ୍ରତିବର୍ଷ ହଜାର ହଜାର ଦୀପ ତିଆରି କରିଥାନ୍ତି। ଏହି କାରିଗରମାନେ ଲାଠିକଟା ଇଟାଭାଟି ନଚେତ ମନୋହରପୁର ଅଞ୍ଚଳରୁ ନାଳିମାଟି ଆଣି ଦୀପ ଗଢ଼ିଥାନ୍ତି। ନାଳିମାଟି ଟ୍ରାକ୍ଟର ପିଛା ୨ହଜାର ଟଙ୍କା ଥିବାବେଳେ ବିଶେଷ କରି ଦୀପାବଳିରେ ବ୍ୟବସାୟୀମାନେ ଏଠାରେ ଭିଡ ଜମାଇଥାନ୍ତି। ଏ ନେଇ ବନ୍ଧମୁଣ୍ଡାର କାରିଗର ଘନଶ୍ୟାମ ପ୍ରଜାପତି କହିଛନ୍ତି, ବନ୍ଧମୁଣ୍ଡା ରାସ୍ତାକଡ଼ରେ ଆମେ ଦୀର୍ଘ ବର୍ଷ ଧରି ରହି ମାଟି ଦୀପ, ହାଣ୍ଡି, ସୁରେଇ ଆଦି ସାମଗ୍ରୀ ତିଆରି କରିଆସୁଛୁ। କିନ୍ତୁ ଆମକୁ ସରକାରଙ୍କ ପକ୍ଷରୁ କୌଣସି ସୁବିଧା ମିଳିନାହିଁ। ଫଳରେ ଆମେ ଏହି ବୃତ୍ତିକୁ ନେଇ ଚଳିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଅନ୍ୟପକ୍ଷେ ବିଦ୍ୟୁତ ଲିଟୁ ଲାଇଟ ଆସିଯିବାରୁ ଏହାର ପ୍ରଭାବ ଦୀପାବଳିରେ ପଡୁଛି। କିନ୍ତୁ ଦୀପାବଳି ସାଙ୍ଗକୁ କାର୍ତ୍ତିକ ମାସରେ ଦୀପର ବ୍ୟବହାର ବେଶୀ ରହୁଥିବାରୁ ଆମେ ଏହି ଦୁଇମାସ ଭଲ ରୋଜଗାର କରିଥାଉ। ଯଦି ମାଟିକାରିଗରଙ୍କ ପ୍ରତି ସରକାରଙ୍କ ପକ୍ଷରୁ କୌଣସି ସହଯୋଗ ମିଳନ୍ତା ତେବେ ଏହି ବୃତ୍ତିର ଉନ୍ନତି ହୁଅନ୍ତା ବୋଲି ଘନଶ୍ୟାମ କହିଥିଲେ।

# ରାଉରକେଲା ବିମାନ ବନ୍ଦର ଉପରେ ଆଲୋଚନା



ଆଲୋଚନାରେ ମନ୍ତ୍ରୀ, ବିଧାୟକ ଓ ଆରଏସପି ଭାରପ୍ରାପ୍ର ନିର୍ଦ୍ଦେଶକ।

**ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲଶ ସୁବର୍ଣ୍ଣରେଖା ଅନୁଷ୍ଠାନ କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ବାସନ୍ତୀ ନଗର ସ୍ଥିତ ବ୍ୟାସଭବନ ପରିଦର୍ଶନ କରିଥିଲେ। ପରେ ସେ ଫକୀର ମୋହନ ପାଠାଗାର ବୁଲି ଦେଖିଥିଲେ। ସୁବର୍ଣ୍ଣରେଖା ଏକ ଅନୁଷ୍ଠାନ ହିସାବରେ ଓଡିଆ ଜାତିର ଇତିହାସ ପୁନଃ ଲିଖନ ଉପରେ ଆଗେଇ ଆସୁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଭାଷା ସାହିତ୍ୟର ଉନ୍ନତି ହେଲେ ଏ ଜାତିର ଅଗ୍ରଗତି ହେବା ସହ ଜାତୀୟତା ବୋଧର ଉନ୍ନତି ନିଶ୍ଚିତ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ବୈଠକ ସଞ୍ଚାଳନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଅଭାବ ଅସୁବିଧା ଉପରେ ଉପଦେଷ୍ଟା କଲ୍ୟାଣ କମଳ ପଣ୍ଡା ସୂଚନା ଦେଇଥିଲେ। ସେହିପରି ବିମାନ ବନ୍ଦରରେ ଆଇଏଲଏସ ଓ ରାତ୍ରି ଅବତରଣ ପାଇଁ ବିହିତ ପଦକ୍ଷେପ ନେବାକୁ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ସମୟରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଉପସ୍ଥିତ ଥିଲେ। ପୁଣି ରାଉରକେଲା ବିମାନ ବନ୍ଦରରୁ ଉଡାଣ ହେବ ବୋଲି ଆଶା କରି ରାଉରକେଲା ବିକାଶ ମଞ୍ଚର ଆବାହକ ଡକ୍ଟର ସୁମନ ଦତ୍ତ, ଉପଦେଷ୍ଟା ଅଭୟ ଦାସ, ଆନନ୍ଦ ମହାନ୍ତି, ଅମୂଲ୍ୟ ବରାଳ, ସଞ୍ଜୀବ ମହାନ୍ତି, ଆର୍ତ୍ତ ମହାରଣା, ରାଜୀବ ପାଣି ପ୍ରମୁଖ ଖୁସି ପ୍ରକାଶ କରିଛନ୍ତି।

# କରାଟେକା ଆର୍ଯ୍ୟବ୍ରତ ପୁରସ୍କୃତ

**ରାଉରକେଲା,୫।୧୧(ଦିନେଶ ମିଶ୍ର):** ଚଳିତ ବର୍ଷ ଡେରାଡୁନଠାରେ ଆୟୋଜିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଓଡିଶାର ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ପାଇଥିବା ରାଉରକେଲାର ଆର୍ଯ୍ୟବ୍ରତଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କୃତ କରିଛନ୍ତି। ଆର୍ଯ୍ୟବ୍ରତ ବିଶ୍ୱାଳ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସ୍କୁଲର ଦଶମ ଶ୍ରେଣୀ ଛାତ୍ର। ସେ ଏସୀୟ କୋଚ୍ ରାଜୀବ ସିଂଙ୍କଠାରୁ କରାଟେ ତାଲିମ ନେଉଛନ୍ତି। ଏହି ସଫଳତା ପାଇଁ ରାଜ୍ୟ କରାଟେ ଆସୋସିଏଶନ ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ଡକ୍ଟର ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନ ସଭାପତି ସାରଦା ପ୍ରସାଦ ନାୟକ ଓ ଡିଏଭି ସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଆର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କ୍ରୀଡ଼ାମନ୍ତ୍ରୀ ଆର୍ଯ୍ୟବ୍ରତଙ୍କୁ ପୁରସ୍କୃତ କରୁଛନ୍ତି।

# ଖବରକାଗଜ ବିତରକ ଆଶ୍ରୟସ୍ଥଳ ଉଦ୍‌ଘାଟିତ



ଆଶ୍ରୟସ୍ଥଳରେ ବିଧାୟକଙ୍କ ସହ ବିତରକ ସଂଘ କର୍ମକର୍ତ୍ତା।




ଆଶ୍ରୟସ୍ଥଳରେ ଧରିତ୍ରୀ ବ୍ୟାନର ଲଗାଯାଇଛି।

**ରାଉରକେଲା,୫।୧୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଶିଳ୍ପାଞ୍ଚଳ ସେକ୍ଟର-୨ ବସଷ୍ଟାଣ୍ଡ ଛକରେ ନବନିର୍ମିତ କ୍ଷୁଦ୍ର ଖବରକାଗଜ ବିତରକ ଆଶ୍ରୟସ୍ଥଳ ରବିବାର ଉଦ୍‌ଘାଟିତ ହୋଇଛି। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ତରାଇ ରାଉରକେଲା ଖବରକାଗଜ ବିତରକଙ୍କ ପ୍ରଶଂସା କରିବା ସହିତ ସହରର ପାଠକଙ୍କ ପାଖକୁ ଖରା, ବର୍ଷା ଓ ଶୀତରେ ଖବରକାଗଜ ପହଞ୍ଚାଇବା ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସୁଥିବାରୁ ଖବରକାଗଜ ବିତରକ ସଂଘ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବିତରକମାନେ ଆଗକୁ ଯେଭଳି ସୁରକ୍ଷିତ ଭାବେ ଖବରକାଗଜ ବିତରଣ କରିବେ ସେଥିପାଇଁ ଏକ ବୃହତ୍ ଖବରକାଗଜ ବିତରକ ଆଶ୍ରୟସ୍ଥଳ ନିର୍ମାଣ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ଉଦ୍‌ଘାଟିତ ଆଶ୍ରୟସ୍ଥଳରେ ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ୫୦ବର୍ଷ ପଦାର୍ପଣର ବ୍ୟାନର ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ହକର୍ସ ୟୁନିୟନ ସମ୍ପାଦକ ବିମାନ ମାଇତି, ମିହିର ପାତ୍ର, କିଶୋର ରାଉତ, ଅଶୋକ ବିଶ୍ୱାଳ, ଶରତ ପଣ୍ଡା, ସୁକେନ୍ଦୁ ପାତ୍ର, ମନୋଜ ପଟ୍ଟନାୟକ(କୁନା), ରାଜ ନାୟକ, ନବୀନ ମାଝୀ, ରାଜ ନାଗଙ୍କ ସମେତ ରାଉରକେଲା ଖବରକାଗଜ ବିତରକ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅସୁସ୍ଥତା ଯୋଗୁ ଖବରକାଗଜ ବିତରକ ସଂଘ ସଭାପତି ବିଷ୍ଣୁ ମହାନ୍ତି ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

# ବନ୍ଧମୁଣ୍ଡା ପରିଦର୍ଶନ କରିଲେ ପୂର୍ବତନ ବିଧାୟକ

**ବନ୍ଧମୁଣ୍ଡା,୫।୧୧ (ସୁବ୍ରତ ଡେ):** ରାଉରକେଲାର ପୂର୍ବତନ ବିଧାୟକ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ରବିବାର ବନ୍ଧମୁଣ୍ଡା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବନ୍ଧମୁଣ୍ଡା ଡି କ୍ୟାବିନରେ ଶନିବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିବା ଅଜୟ କୁମାର ସିଂଙ୍କ ଘରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ସହିତ ସେ ବି-ସେକ୍ଟର ସ୍ଥିତ ଛଲିଆ ପଣ୍ଡାଙ୍କ ଘରକୁ ଯାଇ ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ଭେଟିଥିଲେ। ଏହା ପରେ ଅଞ୍ଚଳର ଅନ୍ୟ ଲୋକଙ୍କୁ ଭେଟି ଥିଲେ। ପରେ ରାଉରକେଲା ଭଞ୍ଜ ଭବନରେ ଆୟୋଜିତ ନୂଆଁଖାଇ ମିଳନ ସମାରୋହରେ ଯୋଗଦେଇ ଉତ୍ସବରେ ଉପସ୍ଥିତ ଲୋକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ତାଙ୍କ ସହିତ ରଣଜିତ ନାୟକ, ହରି ରାଉତରାୟ, ରାଜୀବ ଧଲ, ମାଣିକ ଚୌଧୁରୀ, ରାଜା ରାୟ ଇତ୍ୟାଦି ଉପସ୍ଥିତ ଥିଲେ।

# ଚୋରି ଅଭିଯୋଗରେ ଜଣେ ଗିରଫ

**ରାଉରକେଲା,୫।୧୧(ଦିନେଶ ମିଶ୍ର):** ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ସୁନା ଓରଫ ଭୋକିଲା। ତାଙ୍କଠାରୁ ସାଢେ ୩ହଜାର ଟଙ୍କା ଓ ୨ଟି ମୋବାଇଲ ଜବତ କରିଛି। ରବିବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଗତ ୨୯ ତାରିଖ ବିଳମ୍ବିତ ରାତିରେ ରାଜୁ ବାସନ୍ତୀ କଲୋନୀ ଏଫଲ ବ୍ଲକ ଓ ଅନ୍ୟ ଦୁଇଟି ଘରୁ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୩୯/୨୩) ରୁଜୁ କରି ଘଟଣାର ତଦନ୍ତ କରି ରାଜୁଙ୍କୁ ଗାନ୍ଧିୟାନ ବସ୍ତିରୁ ଗିରଫ କରିଥିଲା।

# ସ୍ୱାସ୍ଥ୍ୟ ପରୀକ୍ଷଣ ସଚେତନତା ଶିବିର

**ରାଉରକେଲା,୫।୧୧(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ସଭାନେତ୍ରୀ ସବିତା ସାହୁଙ୍କ ନେତୃତ୍ୱରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଛି। ଶିବିରରେ ଡାକ୍ତର ଗୋକୁଳାନନ୍ଦ ସାହୁ, ଡାକ୍ତର ଶଶୀଭୂଷଣ ନେପାକ ଓ ଡାକ୍ତର ମହେଶ ପ୍ରସାଦ ବେହେରା ଯୋଗଦେଇ କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷ୍ୟାଳିମାନଙ୍କ ସହ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ବିଶେଷ କରି ମଧୁମେହ, ରକ୍ତଚାପ ସହ ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯାଇଥିଲା। ଟେକ୍ନିସିଆନ ଦିଲୀପ କୁମାର ବାରିକ ରକ୍ତ ପରୀକ୍ଷଣରେ ସହାୟତା କରିଥିଲେ। ତ୍ରିଲୋଚନ ମିଶ୍ର, ଲକ୍ଷ୍ମଣନାଥ ଦାସ, ଦିଲୀପ କୁମାର ସାହୁ, ନୀଳମଣି ମହାପାତ୍ର, ମନ୍ଦିର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ସୁଧୀର ସୁନ୍ଦର ରାୟ, ତ୍ରିନାଥ ପାଢୀ, ପାଣ୍ଡବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଜାତାମଣି ମହାପାତ୍ର, ରଶ୍ମିତା ସାହୁ, ମଞ୍ଜୁ ମହାପାତ୍ର, ନନ୍ଦିତା ପାତ୍ର, ସିପ୍ରା ସାମନ୍ତରାୟ, ଗୀତା ସେନାପତି, ବିଜୟଲକ୍ଷ୍ମୀ ମିଶ୍ର, ପ୍ରୀତି ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ସମିତି କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ବିଜେଡି ସରକାର ଯୋଜନା ଗଢେ ଓ ହଜାଏ: ମନମୋହନ



ଭାଜପା ସାଙ୍ଗଠନିକ ସମ୍ମିଳନୀରେ ମଞ୍ଚାସୀନ ନେତୃବୃନ୍ଦ।

**ରାଉରକେଲା, ୫।୧୧ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏବଂ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ବିଜେଡି ସରକାର ବିରୋଧରେ ବିଷୋଦଗାର କରିଥିଲେ। ଏହାସହ ସେମାନେ ଦଳୀୟ କର୍ମୀ ଏବଂ ନେତାଙ୍କ ସହ ମତ ବିନିମୟ କରିଥିଲେ। ସମ୍ମିଳନୀରେ ରାଜ୍ୟ ସଭାପତି ସାମଲ କହିଥିଲେ, ୨୦୨୪ ସାଧାରଣ ନିର୍ବାଚନ ଓଡ଼ିଶା ପାଇଁ ନିର୍ଣ୍ଣାୟକ ହେବ। ରାଜ୍ୟରେ ବିଜେଡି ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ୧୦ଟିରୁ ଅଧିକ ଯୋଜନା ହଜିଗଲାଣି। କେବଳ ଭୋଟ୍ ହାତେଇବା ପାଇଁ ବିଜେଡି ସରକାର ଯୋଜନା ଗଢେ ଓ ହଜାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଓଡିଶାକୁ ୧୮ଲକ୍ଷ କୋଟି ୮୩ଲକ୍ଷ ଟଙ୍କାର ଅନୁଦାନ ମିଳିଛି। କିନ୍ତୁ ବିଜେଡି ସରକାର ସମସ୍ତ ଅନୁଦାନକୁ ନିଜ ନାଁରେ ରୂପାନ୍ତର କରିଛି ବୋଲି ସାମଲ କହିଥିଲେ। ବୁଥ୍‌ସ୍ତରରେ ପରିଶ୍ରମ ଓ ସମର୍ପଣ ସହିତ କାମ କରିବା ଦରକାର। ମତଦାତାଙ୍କ ପାଖକୁ ଯାଇ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ସହିତ ଦଳୀୟ କର୍ମୀମାନେ ସଙ୍ଗଠିତ ହେବାକୁ ସାମଲ ଆହ୍ୱାନ ଦେଇଥିଲେ। ସେହିପରି ଏମ୍‌ପି ଓରାମ ଆସନ୍ତା ନିର୍ବାଚନରେ ଜିଲାର ୩ଟି ବିଧାନସଭା ଆସନରେ ଭାଜପା ବିଜୟୀ ହେବା ସହିତ ସୁନ୍ଦରଗଡ ଏମ୍‌ପି କ୍ଷେତ୍ର ଦଳ ହାତରେ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ସମ୍ପାଦକ ସରୋଜ କର, ସଂସଦୀୟ କ୍ଷେତ୍ର ପ୍ରଭାରୀ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରବାଳ ବାରିକ ସ୍ୱାଗତ ଭାଷଣ ଓ ଉପସଭାପତି ଦିଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ରାଉରକେଲା ନିର୍ବାଚନ ମଣ୍ଡଳୀ ଅଧୀନ ୧୯୩ ବୁଥ୍‌ର ସଭାପତି ଏବଂ ଅଭିକର୍ତ୍ତା ସାମିଲ ହୋଇଥିଲେ। ସେହିପରି ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସାମଲ ଯୋଗଦେଇ କହିଥିଲେ, ଓଡିଶାକୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ପଦ୍ଧତିରେ ରାଜ୍ୟ ସରକାର ଶାସନ କରୁଛନ୍ତି। ଆମ ଓଡିଶା-ନବୀନ ଓଡିଶା ଯୋଜନା ନାଁରେ ଲୁଟ ଚାଲିଛି। ଓଡିଶାରେ ପ୍ରତ୍ୟେକ ବର୍ଷ ଏକ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି। ରାଜ୍ୟରେ ଜନ୍ମରୁ ମଶାଣି ଯାଏଁ ଖାଲି ଯୋଜନାମାନ କରି ଦୁର୍ନୀତି ଉପରେ ଦୁର୍ନୀତି ଚାଲିଛି। କେନ୍ଦୁଝରେ ଜିଲାର ୧୧ ଜଣ ଜୁଆଙ୍ଗ ଜନଜାତି ଲୋକ ବିଷାକ୍ତ ପାଣି ପିଇ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। କିନ୍ତୁ କେନ୍ଦ୍ରର ମୋଦି ସରକାର ଗତ ୯ ବର୍ଷ ଶାସନକାଳରେ ଭାରତ ଖୁବଶୀଘ୍ର ଜାପାନ ଓ ଜର୍ମାନ ଭଳି ଦେଶକୁ ପଛରେ ପକାଇ ପ୍ରଗତିରେ ୩ ନମ୍ବରରେ ପହଞ୍ଚିଛି। ଏସବୁ ମୋଦିଜୀଙ୍କ ଦୁର୍ନୀତି ପ୍ରତି ଶୂନ୍ୟ ସହିଷ୍ଣୁତା ନୀତି ଯୋଗୁ ସମ୍ଭବ ହୋଇପାରିଛି ବୋଲି ସାମଲ କହିଥିଲେ। ତେଣୁ ଓଡିଶାବାସୀଙ୍କ ହକ୍ ପାଇଁ ଆସନ୍ତା ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଭାଜପା ସମସ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବ ବୋଲି ରାଜ୍ୟ ସଭାପତି ସାମଲ ସୂଚନା ଦେଇଥିଲେ।

## ଦଳରେ ଗ୍ରହଣୀୟତା ପାଇଁ ବୃଥା ବକ୍ତବ୍ୟ: ବିଜେଡି

ରାଜ୍ୟ ଭାଜପା ସଭାପତି ଓ ଏମ୍‌ପି ଦିନରେ ସ୍ୱପ୍ନ ଦେଖୁଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରୁ ଖଣି ଖାଦାନ ରୟାଲଟି, ଜିଏସ୍‌ଟି ମାଧ୍ୟମରେ ରାଜ୍ୟରୁ ପ୍ରତି ମାସରେ କୋଟି କୋଟି ଟଙ୍କା ଆୟ କରୁଛନ୍ତି। ଏହାର ପ୍ରତିବଦଳରେ ସମୁଦ୍ରକୁ ଶଙ୍ଖେ ଅନୁଦାନ ଦେଇ ବାହାବା ନେବା ହାସ୍ୟାସ୍ପଦ। କେନ୍ଦ୍ର ସରକାର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ଧାନର ଏମ୍‌ଏସ୍‌ପି ବୃଦ୍ଧି ଦାବି ପୂରଣ ନ କରି ଓଡ଼ିଶାର ସାମଗ୍ରିକ ପ୍ରଗତିରେ ବାଧକ ସାଜୁଛନ୍ତି। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଦ୍ୱନ୍ଦ୍ୱୀ କେହି ନାହାନ୍ତି। ଖୋଦ୍ ପ୍ରଧାନମନ୍ତ୍ରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି। ଭାଜପା ରାଜ୍ୟ ସଭାପତି ଦଳରେ ଗ୍ରହଣୀୟତା ହାସଲ ପାଇଁ ଏଭଳି ବୃଥା ବକ୍ତବ୍ୟ ଦେଉଛନ୍ତି। ରାଜ୍ୟରେ କୌଣସି ଯୋଜନା ହଜିନାହିଁ। ୫-ଟି ସରକାର ଚାଲିଛି। ଆଗକୁ ସୁନ୍ଦରଗଡ଼ ଜିଲାରେ ବିଜେଡି ବିପୁଳ ଜନସମର୍ଥନ ହାସଲ କରି ବିଜୟଧାରା ଦୋହରାଇବ।



ରଶ୍ମିବାଳା ମିଶ୍ର

**-ରଶ୍ମିବାଳା ମିଶ୍ର, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ**

## ସଂକ୍ଷେପରେ

### ଚୋରି ପରେ କଲ ଉଠାଇ ଧରାପଡ଼ିଲେ ମୋବାଇଲ ଚୋର

ସମ୍ବଲପୁର,୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଗୁରୁପଡାରୁ ୬୦ ହଜାର ଟଙ୍କାର ଆଇଫୋନ ମୋବାଇଲ ଚୋରି ହେବାର କିଛି ସମୟ ପରେ କଲ ଉଠାଇ ଚୋର ଧରାପଡିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପାଳଜୀ ମନ୍ଦିର ନିକଟରେ ଥିବା ଗୁରୁପଡାର ଅବିନାଶ ଗୁରୁ ନିଜ ଘରବାଟରେ ବାଇକ୍ ଉପରେ ମୋବାଇଲକୁ ରଖି କିଛି ସମୟ ପାଇଁ ଘର ଭିତରକୁ ଯାଇ ଫେରିବା ଭିତରେ ତାଙ୍କର ମୋବାଇଲଟି ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଆଖପାଖରେ ଖୋଜାଖୋଜି କରିବା ପରେ ଧନୁପାଲି ଛକ ନିକଟରେ ଭଡା ରହୁଥିବା ଜଣେ ଯୁବକ ପାଖରେ ବୁଲୁଥିବା ନେଇ ସ୍ଥାନୀୟ ଲୋକେ କହିଥିଲେ। ମୋବାଇଲ ଚୋରି ହେବାନେଇ ଧନୁପାଲି ଥାନାକୁ ଖବର ଦେବା ପାଇଁ ବାହାରିବା ସମୟରେ ଥରେ ଅବିନାଶ ନିଜ ନମ୍ବରରେ ଫୋନ କରିବା ପରେ ସାମନାପଟୁ ଜଣେ ଯୁବକ କଲ୍‌ରିସିଭ କରି କଥା ହୋଇଥିଲେ। ତା କଥାସ୍ୱରରୁ ପଡାରେ ବୁଲୁଥିବା ଯୁବକ ପାଖରେ ହିଁ ଫୋନଟି ଥିବା ଆଶଙ୍କା କରି ତା ଘରକୁ ଯାଇ ଫୋନ ବାବଦରେ ପଚାରିବା ପରେ ସେ ସ୍ପଷ୍ଟ ମନା କରିଦେଇଥିଲେ। ଏହି ସମୟରେ ଅବିନାଶଙ୍କ ମାଆ ସୁଜାତା ଗୁରୁ ସମ୍ପୃକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ପଚରାଉଚୁରା କରିବା ସମୟରେ ଘରେ ମୋବାଇଲ ଫୋନ କଭର ପଡିଥିବା ଦେଖି ମୋବାଇଲ ନ ଦେଲେ ଥାନାକୁ ଯିବୁ ବୋଲି କହିବା ପରେ ସମ୍ପୃକ୍ତ ଯୁବକ ଫୋନ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। ଫୋନ୍‌ଟି ଫେରାଇ ଦେଇଥିଲା ବୋଲି ସୁଜାତା ଗୁରୁ କହିଛନ୍ତି।

### ତଅଁଳାପଡ଼ାରେ ବିଜେଡି ବୈଠକ

ସମ୍ବଲପୁର, ୫।୧୧ (ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତଅଁଳାପଡାରେ ରବିବାର ଜିଲା ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡିର ଉପସଭାପତି ବସନ୍ତ ମିଶ୍ର, ସୁରୁବାବୁ ମେହେର, ମହିଳା ବିଜୁ ଜନତାଦଳ ସମ୍ବଲପୁର ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ମହିଳା ବିଜୁ ଜନତାଦଳ ସମ୍ବଲପୁର ଜିଲା ଉପସଭାନେତ୍ରୀ ସଙ୍ଗୀତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦଳୀୟ ସଙ୍ଗଠନକୁ ୱାର୍ଡ ନମ୍ବର ୨୪ ଅଞ୍ଚଳରେ ମଜବୁତ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଯଥାଶୀଘ୍ର ପୂର୍ଣ୍ଣାଙ୍ଗ ବୁଥ କମିଟି ଗଠନ କରିବା ନେଇ ବିଜେଡି କର୍ମୀମାନେ ପଡାବାସୀଙ୍କ ସହ ବିଚାରବିମର୍ଶ କରିଥିଲେ।

# ସମ୍ବଲପୁରବାସୀ ଅବସର ବିନୋଦନରୁ ବଞ୍ଚିତ

## ଅବହେଳିତ ଗୌରୀଶଙ୍କର ପାର୍କ

ସମ୍ବଲପୁର,୫।୧୧
(ଭବାନୀ ଶଙ୍କର ଭୋଇ)



ବଡ଼ବଜାର ନିକଟରେ ରିଙ୍ଗ ରୋଡ଼ କଡ଼ରେ ରହିଛି ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ)ର ଗୌରୀ ଶଙ୍କର ପାର୍କ। ଏଠାରେ ଦୀର୍ଘଦିନ ହେବ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ସହ ପାର୍କରେ ରହିଥିବା ଖେଳଣା ଏବଂ ବ୍ୟାୟାମ ସାମଗ୍ରୀ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି। ସମ୍ବଲପୁର ସହରରେ ଲୋକଙ୍କ ଅବସର ବିନୋଦନ ପାଇଁ କୌଣସି ବିଶେଷ ପାର୍କ ନାହିଁ। ଯେଉଁ କିଛି ପାର୍କ ରହିଛି ସେଗୁଡିକର ଅବସ୍ଥା ମଧ୍ୟ ଗୁରୁତର ହୋଇପଡିଛି। ରିଙ୍ଗରୋଡ କଡରେ ଥିବା ଗୌରୀଶଙ୍କର ପାର୍କ ଯାତାୟତ ଦୃଷ୍ଟିରୁ ସହଜ। ସେଥିପାଇଁ ବିଭିନ୍ନ ଅଞ୍ଚଳରୁ ଏଠାକୁ ଲୋକମାନେ ପରିବାର ସହ ପହଞ୍ଚିଥାନ୍ତି। ତେବେ ଦୀର୍ଘ ଦିନ ହେବ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ଯୋଗୁ ସନ୍ଧ୍ୟାରେ ପରିବାର ନେଇ ଲୋକେ ଆସିବାକୁ କୁଣ୍ଠାବୋଧ କରୁଛନ୍ତି। ସକାଳେ ଏବଂ ସନ୍ଧ୍ୟାରେ ଏହି ପାର୍କକୁ ଅବସର ବିନୋଦନ ସହ ବ୍ୟାୟାମ ପାଇଁ ଶହଶହ ଲୋକ ଆସୁଥିବାବେଳେ ପାର୍କର ଅବସ୍ଥା ଗୁରୁତର ରହିଥିବାରୁ ଲୋକଙ୍କ ସଂଖ୍ୟା ମଧ୍ୟ କମୁଥିବା ନେଇ ଅଭିଯୋଗ ହୋଇଛି। ଏହି ପାର୍କ ଭିତରେ ସ୍ୱାଧୀନତା ସଂଗ୍ରାମୀ ହଲ ସହ ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରାନ୍ତୀୟ କେନ୍ଦ୍ର ରହିଛି। ଯେଉଁଠି ନିୟମିତ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାଏ। ପାର୍କରେ ପୂର୍ବରୁ ରହିଥିବା ଟଏ ଟ୍ରେନ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଯାହାଦ୍ୱାରା ଏଠାକୁ ଆସୁଥିବା ଶିଶୁମାନେ ଏହାକୁ ଉପଭୋଗ କରିପାରୁ ନାହାନ୍ତି। ପାର୍କ ସନ୍ଧ୍ୟା ସମୟରେ ଅନ୍ଧକାର ରହିଲେ ଅନେକ ଅସାମାଜିକ କାର୍ଯ୍ୟକଳାପ ହେବା ଆଶଙ୍କା ରହିଛି। ତେଣୁ ଯଥାଶୀଘ୍ର ଏହି ଗୌରୀଶଙ୍କର ପାର୍କରେ ରହିଥିବା ସମସ୍ୟାର ସମାଧାନ କରାଯିବା ସହ ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଏସ୍‌ଡିଏ ପକ୍ଷରୁ ଚେଷ୍ଟା କରାଯିବାକୁ ସାଧାରଣରେ ଦାବି ହୋଇଆସୁଛି।

### ସେମାନେ କହନ୍ତି...



“ ଗୌରୀଶଙ୍କର ପାର୍କ ନିର୍ମାଣ ହେବା ପରେ ଆଖପାଖର ଲୋକଙ୍କ ଅବସର ବିନୋଦନ ପାଇଁ ଅନେକ ସୁବିଧା ହୋଇଥିଲା। ଲୋକେ ସକାଳୁ ପାର୍କକୁ ଚାଲିବା ଏବଂ ବ୍ୟାୟାମ କରିବା ପାଇଁ ଆସୁଥିଲେ। ବହୁବର୍ଷ ଧରି ପାର୍କ ଭିତରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ହେଲେ ଏବେ ଅବହେଳିତ ହୋଇ ପଡିଛି। ଏହାପ୍ରତି ଏସଡିଏ ଧ୍ୟାନ ଦେବା ଦରକାର।

-ପଙ୍କଜିନୀ ମେହେର, ପଶ୍ଚିମାଞ୍ଚଳ ଏକତା ମଞ୍ଚ, ବଡବଜାର



“ ପାର୍କକୁ ଅନେକ ଲୋକ ଏବଂ ଦର୍ଶକ ଆସୁଛନ୍ତି। ହେଲେ ପାର୍କରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଦେଖାଶୁଣା ଅଭାବରୁ ଗଛପତ୍ର ଏଣେତେଣେ ହୋଇ ରହିଛି। ଅନ୍ଧାର ରହିବା ଯୋଗୁ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସମ୍ବଲପୁର ଉନ୍ନୟନ ପ୍ରାଧୀକରଣ ଶୀଘ୍ର ପାର୍କର ସମସ୍ୟା ଗୁଡିକର ସମାଧାନ କରୁ।

- ସୂର୍ଯ୍ୟ ପାଣିଗ୍ରାହୀ, ସମ୍ବଲପୁର ବାସିନ୍ଦା



“ ମୁଁ ଏସ୍‌ଡିଏ ଅଧକ୍ଷ ଥିବା ସମୟରେ ଗୌରୀଶଙ୍କର ପାର୍କ ନିର୍ମାଣ କରାଯାଇଥିଲା। ଏହା ଭିତରେ ସ୍ୱାଧୀନତା ସଂଗ୍ରାମୀ ହଲ ମଧ୍ୟ ନିର୍ମାଣ କରାଯାଇଛି। ଯେଉଁଠି ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ ତଥ୍ୟ ପ୍ରଦର୍ଶନ କରାଯିବାର ଯୋଜନା ରହିଥିଲା। ଏବେ ସେଠାରେ ଲଳିତକଳା ଏକାଡେମୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଉଛି। ଏସ୍‌ଡିଏ ନିଜେ ଏହାର ଦେଖାଶୁଣା କରୁଛି। ତେବେ କର୍ମଚାରୀ ଅଭାବରୁ ଏହାପ୍ରତି ଦୃଷ୍ଟି ଦେଇପାରୁ ନ ଥିବାରୁ ଏହାକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେବା ଦରକାର। ଯାହାଦ୍ୱାରା ନିୟମିତ ଭାବେ କିଛି କର୍ମଚାରୀ ରହିଲେ ପାର୍କର ଦାୟିତ୍ୱ ନେଇପାରିବେ।

-ବିଜୟ ମହାନ୍ତି, ପୂର୍ବତନ ଅଧକ୍ଷ, ସମ୍ବଲପୁର ଉନ୍ନୟନ ପ୍ରାଧୀକରଣ।



“ କରୋନା ସମୟରେ ଅନେକ ମାସ ପାର୍କ ବନ୍ଦ ରହିବା ଦ୍ୱାରା ଭିତରେ ଥିବା କିଛି ସରଞ୍ଜାମ କାମ କରୁ ନ ଥିବା ଅଭିଯୋଗ ହୋଇଛି। ଆମେ ଏହାର ପରିଚାଳନା ଏବଂ ମରାମତି ପାଇଁ ଭେଣ୍ଡରମାନଙ୍କ ଠାରୁ ପ୍ରସ୍ତାବ ଆଗତ କରିଛୁ। ଖୁବଶୀଘ୍ର ଏହାର ପୁନରୁଦ୍ଧାର କାମ କରାଯିବ। ପାର୍କରେ ରହିଥିବା ସମସ୍ୟା ଗୁଡିକର ସମାଧାନ କରାଯିବ।

- ବେଦଭୂଷଣ, ଉପାଧ୍ୟକ୍ଷ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ

# ମହିଳା କଲେଜ ଖେଳାଳିଙ୍କ ସଫଳତା

## ଆନ୍ତଃମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ସମ୍ବଲପୁର, ୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଭୟ ମହିଳା ଏକକ ଓ ଯୁଗଳ ବର୍ଗରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଦଳଗତ ଭାବେ ଚାମ୍ପିୟନ ହୋଇଛନ୍ତି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଆନ୍ତଃମହାବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମୋଟ ୭ଟି ମହାବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଦଳଗତ ମହିଳା ବର୍ଗ ଫାଇନାଲରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ବିକାଶ ସ୍ନାତକ ମହାବିଦ୍ୟାଳୟ ମୁହାଁମୁହିଁ ହୋଇଥିଲେ। ଏକ ସଂଘର୍ଷପୂର୍ଣ୍ଣ ମହିଳା ଏକକ ଓ ଯୁଗଳ ଫାଇନାଲ ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟର ଯଥାକ୍ରମେ ନୀତୁ କେୱଟ ତଥା ନେହା ଯାଦବ ଓ ସୀମା ଯାଦବ ବିକାଶ ସ୍ନାତକ ମହାବିଦ୍ୟାଳୟକୁ ପରାସ୍ତ କରି ଚଳିତ ୨୦୨୩-୨୪ ବର୍ଷ ପାଇଁ ଚାମ୍ପିୟନ ଆଖ୍ୟା ଲାଭ କରିଛନ୍ତି। ଏଥିପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।



ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ସଫଳତା ପାଇଥିବା ମହିଳା କଲେଜର ଖେଳାଳି।

# ହକି ଟୁର୍ନାମେଣ୍ଟ: ଗଡପୋଷ ଚାମ୍ପିୟନ

କୁଚିଣ୍ଡା,୫।୧୧ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ପଞ୍ଚାୟତର ଡୁରେଇକ୍ରିମାଲ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଦ୍ୱିଦିବସୀୟ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମହାତ୍ମାଗାନ୍ଧୀ ଆଦିବାସୀ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଗଡ଼ପୋଷ ଓ ଲଚଡା ମଧ୍ୟରେ ହୋଇଥିବାବେଳେ ପେନାଲ୍ଟି ସୁଟ ଆଉଟରେ ଗଡପୋଷ ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରୀ ଭାବେ ଫିଲମନ ଲୁଗୁନ, ଇରୁଶ କୁଜୁର, ବିମଳ କୁଲୁ ଓ ନିରନ୍ତର ଏକ୍କା ପ୍ରମୁଖ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ସମ୍ବଲପୁର ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଶୋଭାରାମ ପଧାନ, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, କାଲିଝରନ ଚର୍ଚ୍ଚର ପାରିସ ଫାଦର ସନ୍ତୋଷ ମିଞ୍ଜ, ମହିଳା ନେତ୍ରୀ ପଦ୍ମାବତୀ କିଷାନ, ସନ୍ତୋଷ ବାରିକ, ମହମ୍ମଦ ମୃତୁଜା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ଗ୍ରାମ୍ୟ କମିଟି ସଭାପତି ଶୁଶିଲ କ୍ଷୀର, ସମ୍ପାଦକ ମୁରଲିଧର କଚ୍ଛରୀ, ଯୁବକ ସଂଘର କର୍ମକର୍ତ୍ତା ଉମାକାନ୍ତ ମାଝି, ରାଜେଶ ମାଝି, ହିତେଶ ବାଘ, କୁନା ସାହୁ, ମନବୋଧ କିଷାନ, ଅଚ୍ୟୁତ ଧାନ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।



ଫାଇନାଲ ଖେଳ ପୂର୍ବରୁ ଅତିଥିଙ୍କ ସହ ଖେଳାଳି।

# ମାସର ପ୍ରଥମ ରବିବାର ସ୍ୱଚ୍ଛତା ପାଇଁ ଗଣସଫେଇ

## ଜନସହଭାଗିତା ପାଇଁ ସମ୍ବଲପୁର ମହାନଗର ନିଗମର ପ୍ରୟାସ

ସମ୍ବଲପୁର, ୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମରେ ପରିମଳକୁ ନେଇ ବାରମ୍ବାର ଅଭିଯୋଗ ରହି ଆସିଛି। ପରିମଳ ସମସ୍ୟା ଦୂର କରିବା ପାଇଁ ମହାନଗର ନିଗମ ଅଞ୍ଚଳରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ଜନସାଧାରଣଙ୍କୁ ସହରର ସ୍ୱଚ୍ଛତା ପାଇଁ ସଚେତନ କରିବା ସହ ଲୋକଙ୍କ ଭାଗିଦାରି ବଢାଇବା ପାଇଁ ପ୍ରତି ମାସର ପ୍ରଥମ ରବିବାର ଗଣସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିପାଇଁ ମହାନଗରର ବିଭିନ୍ନ ଅଞ୍ଚଳର ସମାଜିକ ସଙ୍ଗଠନ, ଜନସାଧାରଣଙ୍କୁ ସାମୂହିକ ଭାବେ ନିଜ ଅଞ୍ଚଳ ସଫାସୁତୁରା ରଖିବା ଦିଗରେ ହାତ ବଢାଇବାକୁ ଅନୁରୋଧ କରାଯାଇଛି। ଯେଉଁ ଅଞ୍ଚଳର ସାମାଜିକ ସଙ୍ଗଠନ କିମ୍ବା ଲୋକଙ୍କ ପକ୍ଷରୁ ରାସ୍ତାଘାଟ, ପୋଖରୀ ଆଦି ସଫେଇ ପାଇଁ ଅନୁରୋଧ ଆସିବ ସେହି ଅଞ୍ଚଳରେ ମହାନଗର ନିଗମ ପକ୍ଷରୁ ଗଣ ସଫେଇ ପାଇଁ କର୍ମଚାରୀ, ମେସିନ ସହ ଅନ୍ୟ ସଫେଇ ଉପକରଣ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି।

ନୂଆ ଫ୍ଲାଇଓଭର ଉପରେ ହୋଇଥିବା ଗଣସଫେଇ କାର୍ଯ୍ୟକ୍ରମରେ ୪୦ରୁ ଅଧିକ ଅବସରପ୍ରାପ୍ତ ସୈନିକ ସାମିଲ ହୋଇଥିଲେ। ସୁବେଦାର ମେଜର ଶିବନାରାୟଣ ବେହେରାଙ୍କ ନେତୃତ୍ୱରେ ସୁବେଦାର ବିଜୟ ସାହୁ, ହାବିଲଦାର ଅନିଲ ମିଶ୍ର, ସୁବେଦାର ବିକାଶ ପଣ୍ଡା, ନାୟକ ଶମ୍ଭୁସିଂହ ଯାଦବ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଲକ୍ଷ୍ମୀଟକିଜ ଛକରୁ ଜିଲାସ୍କୁଲ ପର୍ଯ୍ୟନ୍ତ ଗଣସଫେଇ ଅଭିଯାନରେ ସମ୍ବଲ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ୩୬ ୱାର୍ଡର ଭତରା ଗାନ୍ଧୀମନ୍ଦିର ନିକଟରେ ଗଣସଫେଇ କାର୍ଯ୍ୟକ୍ରମରେ ଏସଡିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ। ଲୋକେ କେବଳ ଅଭିଯୋଗ ନ କରି ନିଜ ଅଞ୍ଚଳକୁ ସଫା ରଖିବା ପାଇଁ ସହଯୋଗର ହାତ ବଢାନ୍ତୁ ଏବଂ ଘରର ଅଳିଆକୁ ରାସ୍ତା ଘାଟରେ ନ ପକାଇ ଘର ବାଟକୁ ଆସୁଥିବା ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ ବୋଲି ସମ୍ବଲପୁର ମହାନଗର କମିଶନର ବେଦଭୂଷଣ ଭୋଇ ନିବେଦନ କରିଛନ୍ତି। ବୁର୍ଲା ନେହେରୁ ମୀନା ନିକଟରେ ଲାୟନ୍ସ କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା।



ମହିଳା ଗୋଷ୍ଠୀ ସଦସ୍ୟ ଗଣସଫେଇ ପାଇଁ ବାହାରିଛନ୍ତି।

# ଚୋରା କେନ୍ଦୁପତ୍ର ବୋଝେଇ ଭ୍ୟାନ ଜବତ

ରେଢାଖୋଲ,୫।୧୧
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ଚାରମାଳ ରେଞ୍ଜ ଅଧିନ ବଂଶାଜାଲ ପଞ୍ଚାୟତର ଭାଡିଦର ଗ୍ରାମ ନିକଟରୁ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଏକ ବୋଲେରୋ ପିକଅପ୍ ଭ୍ୟାନକୁ ରବିବାର ସକାଳେ ବନକର୍ମଚାରୀ ଚଢାଉ କରି ଜବତ କରିଥିବା ଜଣାପଡିଛି। ତେବେ ବନକର୍ମଚାରୀମାନଙ୍କୁ ଦେଖି ଚୋରାଚାଲାଣକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଚାରମାଲ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ କହିଛନ୍ତତ। କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ଖବରପାଇ ଡିଏଫ୍‌ଓ ଅରବିନ୍ଦ ମହାନ୍ତି ଚଢାଉ ପାଇଁ ଚାରମାଳ ରେଞ୍ଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାରମାଳ ରେଞ୍ଜରଙ୍କ ସହ ଫରେଷ୍ଟର ବିଜୟ ବିଶ୍ୱାଳ ଓ ବନକର୍ମଚାରୀ ଉକ୍ତ ଭ୍ୟାନକୁ ପିଛା କରି ଭାଡିଦର ଗ୍ରାମ ନିକଟରୁ ଜବତ କରିଥିଲେ। ଜବତ ପିକଅପ୍ ଭ୍ୟନରୁ ୨୭୦ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଛି। ଜବତ ଗାଡିର ନଂ. ଓଡି ୦୨ ଏୟୁ ୩୮୦୨ ବୋଲି ଜଣାପଡିଛି।

# କୁଚିଣ୍ଡା କଲେଜରେ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା, ୫।୧୧ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟରେ ଶନିବାର ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ଡ.ଅମିୟ କୁମାର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତିମୁକ୍ତ ଦେଶ ଗଢ଼ିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସୁଭଦ୍ରା ଦାସ, ମଞ୍ଜୁଶ୍ରୀ ଦାସ, ମମତା ଟପ୍ପୋ, ସୁଷମା କର, ଅଧ୍ୟାପକ ଅଭିନ କିଷାନ, ଚନ୍ଦନ ଖଣ୍ଡଗିରି, ଯୁବ ରେଡକ୍ରସ ଅଧିକାରୀ ଦିବ୍ୟ ନାଗ, ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପିକା ବେଳମତୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଅଧ୍ୟାପିକା ଡ.ସଞ୍ଜୁଶ୍ରୀ ସାହୁ ସଂଯୋଜନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ହୃଦୟକୁ ଛୁଇଁବାର କ୍ଷମତା କବିତାରେ ରହିଛି

ସମ୍ବଲପୁର, ୫।୧୧ (ବି.ଶଙ୍କର)

- ପ୍ରଥମ ସମ୍ବଲପୁର ସାହିତ୍ୟ ଉତ୍ସବ
- କବି, ଗାଳ୍ପିକ, ନାଟ୍ୟକାର, ସାହିତ୍ୟିକଙ୍କ ସମାଗମ

ସାହିତ୍ୟାନୁଷ୍ଠାନ ଅନ୍ୟା ପକ୍ଷରୁ ପ୍ରଥମ ସମ୍ବଲପୁର ସାହିତ୍ୟ ଉତ୍ସବ (ଲିଟିରେରି ଫେଷ୍ଟିଭାଲ) ରବିବାର ବୁଢାରଜା ସ୍ଥିତ ଡଲଫିନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଉତ୍ସବ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ସମ୍ବଲପୁରରେ ଭାଷାକୁ ଭଲପାଇବାର ଭାବ ପ୍ରବଳ ମାତ୍ରାରେ ରହିଛି। ମୁଖ୍ୟବକ୍ତା ପ୍ରଫେସର କାଳୀଦାସ ମିଶ୍ର କହିଥିଲେ ଯେ, ପ୍ରଶିକ୍ଷଣ ମାଧ୍ୟମ କିମ୍ବା ବିନା ଅନୁଭୂତିରେ ଉତ୍ତମ ସାହିତ୍ୟ ସୃଷ୍ଟି ହୋଇପାରିବ କି ନାହିଁ, ସେ ବିଷୟରେ ଚିନ୍ତା କରିବାକୁ ବର୍ତ୍ତମାନ ସାହିତ୍ୟବିତମାନେ ତତ୍ପର। ଏହି ଅବସରରେ ରୋହିତ କୁମାର ଦାଶଙ୍କ ଗଳ୍ପ ସଂକଳନ କବି ଓ ସମ୍ରାଟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉତ୍ସବର ସଂଯୋଜକ ଡ. ଦ୍ୱାରିକାନାଥ ନାୟକ ଅତିଥି ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କବି ସୂର୍ଯ୍ୟ ମିଶ୍ରଙ୍କ ସଂଚାଳନାରେ କବିତା କାହିଁକି ଓ କେମିତି ଶୀର୍ଷକ ଆଲୋଚନା ହୋଇଥିଲା। କବି ଭାଗିରଥି ମିଶ୍ର, ପ୍ରହ୍ଲାଦ ଶତପଥୀ, ସରୋଜ ମହାନ୍ତି, ଦୁର୍ଗାପ୍ରସାଦ ପଣ୍ଡା ଆଲୋଚନା କରିଥିଲେ। କବିତାରେ ଅସତ୍ୟକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରାଯାଇପାରେ। ଯାହା ସତ୍ୟଠାରୁ ମଧ୍ୟ ଅଧିକ ପ୍ରତ୍ୟକ୍ଷ ଓ ପ୍ରବଳ ବୋଧ ହୋଇପାରେ। ଯାହାକୁ ନେଇ ସମାଜକୁ ସଚେତନ କରାଯାଇପାରିବ। ଭାବକୁ ସିଧାସଳଖ ହୃଦୟକୁ ଛୁଆଇଁବାର କ୍ଷମତା କବିତାରେ ରହିଛି। ତେଣୁ ଏହା ଚିରକାଳ ଜ୍ଞାନ ଓ ମନୋରଞ୍ଜନ ଏବଂ ଭାବ କୋଷକୁ ପ୍ରଭାବିତ କରେ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନାଟ୍ୟବିତ ରାଜୀବ ପାଣିଙ୍କ ସଂଯୋଜନାରେ ନାଟକ: ମଞ୍ଚ ଓ ସାହିତ୍ୟ ବିଷୟରେ କେଶରଞ୍ଜନ ପ୍ରଧାନ, ଡ.ପୁରୁଷୋତ୍ତମ ମିଶ୍ର, ଡ. ପରମେଶ୍ୱର ମୁଣ୍ଡ ଏବଂ ଯୁବ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅତୀଶ ଶତପଥୀ ଆଲୋଚକ ଥିଲେ। ସାହିତ୍ୟ ହେଉଛି ମାନବର କଳାତ୍ମକ ଅଭିବ୍ୟକ୍ତି। ସଦାନନ୍ଦ ତ୍ରିପାଠୀଙ୍କ ପରିଚାଳନାରେ ତୃତୀୟ ପର୍ଯ୍ୟାୟରେ ଗଳ୍ପ କାହିଁକି ଓ କେମିତି ବିଷୟ ଆଲୋଚନା ହୋଇଥିଲା। ବିଶାରଦ ଭାବରେ ଆଦିତେଶ୍ୱର ମିଶ୍ର, ଆଲୋଚକ ଭାବେ ପ୍ରଶାନ୍ତ କୁମାର କର, ହୃଷିକେଶ ପୂଜାରୀ ଓ ରୋହିତ କୁମାର ଦାସ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ସୁଶାନ୍ତ କୁମାର ପାଣି ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ସତ୍ରକୁ ଡ. ଗୌରୀଦାସ ପଧାନ ସଞ୍ଚାଳନ କରିଥିଲେ। ସମ୍ବଲପୁରୀ ସାହିତ୍ୟ : ଭାବ ଅଭାବ ବିଷୟକୁ ଅମୃତଲାଲ ସାହୁ, ନକୁଳ ବାଦୀ, ତେଜରୁ ବାରିକ ଓ ମୋହନ ସାହୁ ଆଲୋଚକ ଥିଲେ। ମୁକ୍ତକଣ୍ଠ ପ୍ରଧାନ, ଡ. ମନୋଜ ପଣ୍ଡା, ଲକ୍ଷ୍ମୀ ନାରାୟଣ ହୋତା, ତଫିଜୁଲ ହୋସେନ, ସୁଶୀଲ କୁମାର ପାଣିଗ୍ରାହୀ, ସୁଶାନ୍ତ ଶତପଥୀ କବିତା ପାଠ କରିଥିଲେ। ଖଗେଶ୍ୱର ସେଠଙ୍କ ଲୋକପ୍ରିୟ କାବ୍ୟ ପଏରଛା ସତୀକୁ କେଶରଞ୍ଜନ ପ୍ରଧାନଙ୍କ ଦ୍ୱାରା ନାଟ୍ୟରୂପାନ୍ତର କରାଯାଇଥିଲା। ଏହି ନାଟ୍ୟ ରୂପାନ୍ତରକୁ ପଦମପୁରର ନାଟ୍ୟାନୁଷ୍ଠାନର କଳାକାରମାନେ ମଞ୍ଚସ୍ଥ କରିଥିଲେ। ଶତୃଘନଲାଲ ସାହା, ବୃନ୍ଦାବନ ମିଶ୍ର, ରମେଶ ଚନ୍ଦ୍ର ମିର୍ଦ୍ଧା, କମଳଲୋଚନ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କବି, ଗାଳ୍ପିକ, ନାଟ୍ୟକାର ଓ ସାହିତ୍ୟିକମାନେ ଯୋଗ ଦେଇଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## କେନାଲରେ ଭାସି ବୃଦ୍ଧ ନିଖୋଜ

କୋକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ): ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରେ ଭାସି ଜଣେ ବୃଦ୍ଧ ନିଖୋଜ ହୋଇଥିବା ଜଣାପଡିଛି। ସେ ହେଲେ ଖଇରଭା ଗ୍ରାମର ଭିକାରୀ ରାଉତ (୫୦)। ସୂଚନା ଯେ, ଜୟପାଟଣା ବ୍ଲକ ଉଛୁଳା ପଞ୍ଚାୟତ ଲଡୁଗାଁ ନିକଟସ୍ଥ ଖଇରଭା ଗ୍ରାମର ଭିକାରୀ ରବିବାର ମଧ୍ୟାହ୍ନରେ ଚାଷଜମି ନିକଟରେ ଗୋରୁ ଚରାଇ ଆସିଥିବା ସମୟରେ କେନାଲକୁ ଗାଧେଇବାକୁ ଯାଇଥିଲେ। କେନାଲର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଚାଷଜମି ନିକଟରେ ଥିବା ସ୍ଥାନୀୟ ଲୋକେ ଦେଖି କୋକସରା ଦମକଳ କର୍ମଚାରୀଙ୍କୁ ଖବର ଦେଇଥିଲେ। ରାତି ହେବାରୁ ଉଦ୍ଧାର କାର୍ଯ୍ୟ ସୋମବାର ସକାଳେ ପୁଣି କରାଯିବା ନେଇ ସୂଚନା ମିଳିଛି।

## ସଂକ୍ଷେପରେ

### ଫୁଟ୍‌ବଲ ଟୁର୍ନାମେଣ୍ଟ: ଭୋଜପୁର ବିଜୟୀ

ଖଡ଼ିଆଲ,୫।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆଠାରେ ଦ୍ୱିତୀୟ ମା' ଗୋସେନ ଫୁଟବଲ ଖେଳ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ବୋଡ଼େନ ଓ ଭୋଜପୁର ମଧ୍ୟରେ ହୋଇଥିବା ବେଳେ ଭୋଜପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ଅତିଥି ଭାବେ ସମିତି ସଭ୍ୟ ଶିଶୁପାଳ ବାଗ, ସମୀର ମେହେର, ବରିଷ୍ଠ ଫୁଟବଲ ଖେଳାଳି କୁଳମଣି ମେହେର, ନରେନ୍ଦ୍ର ବାଗ ପ୍ରମୁଖ ଯୋଗଦେଇଥିଲେ। ଖେଳ ପରିଚାଳନା କରିଥିଲେ ସରୋଜ ପଣ୍ଡା, ଅମୁଲ୍ୟ ବାରିକ ଓ ଦୋଳମଣୀ ଶବର। ଫୁଟବଲ ଖେଳରେ ଅଞ୍ଚଳର ୮ଟି ଦଳ ଯୋଗ ଦେଇଛନ୍ତି।

### କେସିଙ୍ଗା ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ

କେସିଙ୍ଗା,୫।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର



ଭାବେ ପ୍ରଶାନ୍ତି ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ତହସିଲଦାର ବଲାଙ୍ଗୀର ଜିଲା ବେଲପଡ଼ା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଦୀର୍ଘ ଦିନ ହେବ ତହସିଲଦାର ପଦବୀ ଖାଲି ରହିଥିଲା। ଫଳରେ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ଦେଖା ଦେଉଥିଲା। କେସିଙ୍ଗା ଜନସାଧାରଣ ଓ ଗଣମାଧ୍ୟମଙ୍କ ସହଯୋଗରେ କାମ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପ୍ରତ୍ୟେକ ଗରିବ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିବି ବୋଲି ନୂତନ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

### ରୋଗଣା ବଳଦ ଚିକିତ୍ସା ପାଇଁ ସହଯୋଗ କଲେ ଯୁବକ



କର୍ଲାମୁଣ୍ଡା,୫।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରରେ ଏକ ରୋଗଣା ବଳଦ ମୃତ୍ୟୁସହ ସଂଗ୍ରାମ କରୁଥିଲା। ଖବର ପାଇ ଖବରଦାତା ପ୍ରଦୀପ କୁମାର ସାହୁ ପ୍ରାଣୀ ଚିକିତ୍ସା ବିଭାଗକୁ ଯୋଗା ଯୋଗ କରିବା ପରେ ଘଟଣାସ୍ଥଳରେ ବିଭାଗ ପକ୍ଷରୁ ଭ୍ରାମମାଣ ଟିମରୁ ଯୋଗେଶ୍ୱର ରଥ ପହଞ୍ଚି ଚିକିତ୍ସା କରିଥିଲେ। ଚିକିତ୍ସା ପରେ ବଳଦ ସୁସ୍ଥ ଥିବା ଜଣାପଡ଼ିଛି। କିଛି ଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜତ ବିଶାଳ କାର୍ଯକ୍ରମରେ ବଳିଥିବା ଭାତ ଫିଙ୍ଗି ଦେଇଥିଲେ। ଏହାକୁ ଖାଇ ବଳଦ ଗୁରୁତର ହୋଇଥିବା ଅନୁମାନ କରାଯାଇଛି। ଅନ୍ୟପଟେ ଏହି ବଳଦ ମାଲିକ କିଏ ଜଣା ପଡ଼ିନାହିଁ। ଏଥିରେ କଂଗ୍ରେସ ମଣ୍ଡଳ ସଭାପତି ହିରୋଜ କୁମାର ସାହୁ, ଅକ୍ଷୟ ସାହୁ, ବିଜୟ ସୁନା ସହଯୋଗ କରିଥିଲେ।

# ୨୯ରୁ ଧାନ ସଂଗ୍ରହ ଆରମ୍ଭ

ଭବାନୀପାଟଣା,୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଶନିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଜିଲାରେ ନଭେମ୍ବର ୨୯ରୁ ମାର୍ଚ୍ଚ ୩୧ ମଧ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ବିସିସିବି ବ୍ୟାଙ୍କ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରା, କଳାହାଣ୍ଡି ଏମପି ପ୍ରତିନିଧି ସହ ଭବାନୀପାଟଣା, ଧର୍ମଗଡ ଓ ଜୁନାଗଡ ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟ ଆଗେଇଥିଲେ। ଜିଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନଗାଡ଼ିକୁ ଜବତ କରିବା ଉପରେ ମତ ଦେଇଥିଲେ। ନର୍ଲା ବିଧାୟକ ଭୂପିନ୍ଦର ସିଂହ ଗତ ଖରିଫରେ ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରି ମିଲରମାନେ ନିଜର କର୍ମଚାରୀ ନ ପଠାଇ ଦଲାଲ ମାଧ୍ୟମରେ ଧାନ ଉଠାଉ ଥିବାରୁ ଚାଷୀମାନେ କଟନୀ ଛଟନୀର ଶିକାର ହେଉଛନ୍ତି ପ୍ରକାଶ କରି ଜିଲାପାଳ ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ କହିଥିଲେ। ସଭାରେ ଗନି ବ୍ୟାଗର ଅସୁବିଧା, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟ ସ୍ଥଳ, ଟୋକନ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା ହୋଇଥିଲା। ଜିଲାର କୋକସରା, ନର୍ଲା, ଏମ.ରାମପୁର, କର୍ଲାମୁଣ୍ଡା ବ୍ଲକରେ ଆସନ୍ତା ୨୯ ତାରିଖ, ଭବାନୀପାଟଣା, କେସିଙ୍ଗା, ଧର୍ମଗଡ଼, ଜୁନାଗଡ, ଗୋଲାମୁଣ୍ଡା, ଜୟପାଟଣା, କଲମପୁର ବ୍ଲକରେ ଡିସେମ୍ବର ୧ରେ ଧାନ କିଣା ଆରମ୍ଭ ହେବ। ଚଳିତବର୍ଷ ଏଫଏକ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୧୮୩ ଟଙ୍କା ଏବଂ ଗ୍ରେଡ ଏ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୨୦୩ ଟଙ୍କା ରଖାଯାଇଛି। ଚଳିତବର୍ଷ ଖରିଫ ଧାନ ବିକ୍ରୟ କରିବା ପାଇଁ ଜିଲାରେ ୧,୧୨,୨୮୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚଳିତ ଖରିଫ ଋତୁରେ ୧୮୨୭୭୭ ହେକ୍ଟର ଧାନ ହୋଇଥିବା ଜମିରୁ ୭,୮୨,୯୫୬ ମେଟ୍ରିକ ଟନ ଧାନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଖରିଫ ୨୦୨୩-୨୪ରେ ଭବାନୀପାଟଣା ଓ ଧର୍ମଗଡ଼ ସବ୍‌ଡିଭିଜନରେ ୭୪ଟି ପାକ୍ସ, ୨୧୩ଟି ଧାନ ସଂଗ୍ରହ କେନ୍ଦ୍ର, ୩୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ କରାଯିବ। ସଭାରେ ବିଭାଗୀୟ ଅଧିକାରୀ, ଜିଲା ଚାଷୀ ପ୍ରତିନିଧି, ମିଲର ସଭାପତି,ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ପାକ୍ସ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ଅଧିକାରୀ ଓ ଜନପ୍ରତିନିଧି।

**ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ**

- ଧାନ ବିକ୍ରି ପାଇଁ ୧ ଲକ୍ଷ ୧୨ହଜାର ୨୮୨ ଚାଷୀ ପଞ୍ଜୀକୃତ
- ୭୪ ପାକ୍ସ, ୨୧୩ଟି ଧାନ ସଂଗ୍ରହ କେନ୍ଦ୍ର, ୩୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ

# ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ବେହେରା,୫।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ପର୍ଶୁରାମ ସେନା ଆୟୋଜନରେ ସ୍ଥାନୀୟ ଏକ ହୋଟେଲରେ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ସଭାପତି ଦନାର୍ଦନପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସତ୍ୟ ନାରାୟଣ ମହାପାତ୍ର, ସୁନୀତି ମୁଣ୍ଡ, ଗିରିସ ବେହେରା, ପ୍ରଶାନ୍ତ ଠାକୁର, ତୁଷାର ରଞ୍ଜନ ପଟଯୋଶୀ, ହେମନ୍ତ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ବ୍ରାହ୍ମଣ ପରିବାର ତଥା ନବରଙ୍ଗପୁର, ଛତିଶଗଡ, କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ପ୍ରତିନିଧି ସମେତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପର୍ଶୁରାମ ସେନା ଓ ପ୍ରଜ୍ଞା ବାହିନୀ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସଞ୍ଜୀବ ମୁଣ୍ଡ ଓ ଜୟନ୍ତ ମୁଣ୍ଡ ମଞ୍ଚ ସଞ୍ଚାଳନ କରିଥିଲେ। ଧର୍ମଗଡ ଏନ୍‌ଏସି ଉପାଧ୍ୟକ୍ଷା ମୋନିଶା ମିଶ୍ର ରକ୍ତ ଦାନ ଶିବିର ଉଦଘାଟନ କରିଥିବାବେଳେ ପ୍ରଜ୍ଞା ବାହିନୀ ସଂଯୋଜୀକା ପ୍ରିୟମ୍ୱଦା ଚାନ୍ଦ ଓ ପ୍ରଭାସିନୀ ଠାକୁର, ଭବାନୀପାଟଣାରୁ ପ୍ରଜ୍ଞା ବାହିନୀର ସ୍ନେହଲତା ଷଡଙ୍ଗୀଙ୍କ ସମେତ ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ପର୍ଶୁରାମ ସେନା ମୁଖ୍ୟ ସଂଯୋଜକ ବିଶ ରଞ୍ଜନ ପାତ୍ରଙ୍କ ସମେତ, ସଞ୍ଜୀବ ମିଶ୍ର, ମନୀନ୍ଦ୍ର ଭୂଷଣ ପାତ୍ର, ମନୀନ୍ଦ୍ର ଭୂଷଣ ପାତ୍ର, ଶାଶ୍ୱତ ପାତ୍ର, ଶାଶ୍ୱତ ପଣ୍ଡା, ଦୀପକ ପଣ୍ଡା, ବ୍ରଜେଶ ପଣ୍ଡା, ମାନସ ଆଚାର୍ଯ୍ୟ, ଶାନ୍ତନୁ କୁମାର ମୁଣ୍ଡ ତଥା ପର୍ଶୁରାମ ସେନାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପର୍ଶୁରାମ ବାହିନୀର ଏଳି କାର୍ଯ୍ୟକ୍ରମକୁ ବ୍ରାହ୍ମଣ ସମାଜର ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଥିଲା।




ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବୁଢ଼ାରଜାଙ୍କ ବାର୍ଷିକ ଦଶରା ପର୍ବ ସମ୍ପନ୍ନ

କୋକସରା,୫।୧୧(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢାରଜା ଦେବଙ୍କ ବାର୍ଷିକ ଦଶରା ପର୍ବ ଶନିବାର ବିଳମ୍ବିତ ରାତିରେ ସମାପନ ହୋଇଯାଇଛି। ମାନସିକଧାରୀ ଶ୍ରଦ୍ଧାଳୁ ଦଶରା ପୂଜାରେ ବୁଢାରଜା ପୀଠରେ ଶୁକ୍ଳ ଭୋଗ ଓ ପାର୍ଶ୍ୱ ଦେବାଦେବୀଙ୍କୁ ରକ୍ତ ଭୋଗରେ ସନ୍ତୁଷ୍ଟ କରିଥିଲେ। ପୀଠରେ ୨ଟି ଲିଙ୍ଗକୁ ପଜା କରାଯାଉଥିବା ବେଳେ ଗୋଟିଏ ଲିଙ୍ଗରେ ଶୁକ୍ଳ ଭୋଗ ନଡିଆ, ଧୂପ ଓ ମୁଆଁ ଦେଇ ପଜା କରାଯାଇଥିବା ବେଳେ ଅନ୍ୟ ଲିଙ୍ଗରେ ରକ୍ତ ଭୋଗ ଲାଗିହୁଏ। ଭକ୍ତମାନେ ମାନସିକ ପୂରଣ ପାଇଁ ଦେଇଥିବା ପଶୁ ପକ୍ଷୀକୁ ବୁଢାରଜାଙ୍କଠାରେ ଅର୍ପଣ କରି ଜେନାବୁଢା ଦେବତା ନିକଟରେ ବଳି ଦେଇଥିବା ଦେଖିବାକୁ ମିଳିଛି। ଗ୍ରାମ ପୂଜକଙ୍କ ଘରୁ ବିରାଟ ପଟୁଆରରେ ଲାଠିଯାତ୍ରା ଆରମ୍ଭ ସମୟରେ ବିଭିନ୍ନ ସାଂସ୍କୃତିକ ଦଳର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୋଭାଯାତ୍ରାରେ ବାହାରି ମୁଖ୍ୟ ବୁଢାରଜା ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରକୁ ଦେବାଦେବୀଙ୍କ ଲାଠି ପହଞ୍ଚିବା ପରେ ଲାଠି ଯାତ୍ରାକୁ ସ୍ୱାଗତ ନିଆଯାଇଥିଲା। ଲାଠିଯାତ୍ରା ପରିକ୍ରମା ସମୟରେ ବାଟରେ ବାଲିଗଜା ଅର୍ପଣ କରାଯାଇଥିଲା। ଲାଠିଯାତ୍ରାରେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ନେତ୍ରୀ ଡ଼.ସୁନିତା ମୁଣ୍ଡ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ। ମଣ୍ଡେଇ ଯାତ୍ରା ସମାପନ ହେବା ପରେ ମନ୍ଦିର ନିକଟରେ ଲାଖବିନ୍ଧା କାର୍ଯ୍ୟକ୍ରମରେ ଶହ ଶହ ଯୁବକ ଭାଗ ନେଇଥିଲେ। ଶହ ଶହ ମାନସିକଧାରୀ ଭକ୍ତ ମନ୍ଦିର ପାର୍ଶ୍ୱରେ ଥିବା ଜେନାବୁଢା ପୀଠରେ ପଶୁପକ୍ଷୀବଳି ଦେଇଥିଲେ। ସନ୍ଧ୍ୟାରେ ବୁଢାରଜା ସାଂସ୍କୃତିକ ମଞ୍ଚ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଉଦ୍‌ଘାଟନ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତ ଓ ଦର୍ଶକଙ୍କୁ ବିମୋହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସମାପନ ପରେ ବିଳମ୍ବିତ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ହୋଇଥିଲା।। ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାରଙ୍କ ନେତୃତ୍ୱରେ ପୋଲିସର ପଦାଧିକାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବାର୍ଷିକ ଦଶରା ପୂଜା ଓ ମହୋତ୍ସବ କାର୍ଯ୍ୟକ୍ରମ ବୁଢାରଜା ପଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଝାରୀ, ଉପସଭାପତି ତିଲୋତ୍ତମା ନାଏକ, ସମ୍ପାଦକ ନକୁଳ ବାଣୁଆ, ସହ ସମ୍ପାଦକ ସନ୍ତୋଷ ମାଝି, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡା, ବିଘ୍ନେଶ୍ୱର ନାଏକ, ଟିକିଚନ୍ଦ୍ର ଧଙ୍ଗଡାମାଝି, ମନୋରଞ୍ଜନ ବାଣୁଆ, ମହେଶ୍ୱର ପୂଝାରୀ, ତ୍ରିନାଥ ପ୍ରସନ୍ନ ରାୟ, ବିନୋଦ ସିଂ, ସୁରେଶ ସାହୁ, ବି. ଭାସ୍କର ରାଓ, ଦୟାନିଧି ନାଏକ, ମହେଶ୍ୱର ପୁଝାରି, ପ୍ରମୁଖ କମିଟିର ଶତାଧିକ କର୍ମକର୍ତ୍ତା ସହଯୋଗ କରିଥିଲେ। ଦଶରା ପଜା ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।



ପ୍ରଭୁ ବୁଢ଼ାରାଜା।

### ଥୁଆମୂଳ ରାମପୁର ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର ୫।୧୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟସ୍ଥିତ ବାବା ଖଣ୍ଡୁଆଳ ପଡିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଭର୍ଚ୍ଚୁଆଲ ମୋଡ ରେ ଯୋଡ଼ିହୋଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଡ଼.ବିଶ୍ୱଜିତ୍ ଦାସ ଯୋଗଦେଇ ଥିବାବେଳେ ବ୍ଲକର ସମସ୍ତ ପିଆରମେମ୍ବର, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଜୋନ ନଂ ୧ ଜିଲା ପରିଷଦ ସଦସ୍ୟା ରୁନି ଖୋସ୍ଲା, ଜୋନ ନଂ୨ ଜିଲା ପରିଷଦ ସଦସ୍ୟା ପ୍ରମିଳା ମାଝି, ବ୍ଲକ ଅଧକ୍ଷ ଦୟାନିଧି ମାଝି, ବ୍ଲକ ବିଜେଡି ସଭାପତି କପିଳାସ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ଗୋବିନ୍ଦ ବାଣୁଆଁ, ବିଜେଡି ଯୁବ ନେତା ଶୁଭମ ଆରୟାନ ନାଏକ, ବିଜେଡି ଯୁବ ଛାତ୍ର ସଭାପତି ସୁଜନ ନାଏକଙ୍କ ସମେତ ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସହ ୨୪ଟି ପଞ୍ଚାୟତର ସମସ୍ତ ସମିତି ସଭ୍ୟ/ସଭ୍ୟା, ସମସ୍ତ ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ମିହିଳା, ସିଆରପି, ଏମ୍ଜିକେ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଜନସାଧାରଣ ଉପସ୍ଥିତି ରହିଥିଲେ। ବ୍ଲକ ଅଧକ୍ଷ ଦୟନୀୟ ମାଝି ଭର୍ଚ୍ଚୁଆଲ ମୋଡରେ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ବିଭିନ୍ନ ଉନ୍ନୟନ ମୂଳକ କାମ ଓ ଅନୁଦାନ ଉପରେ ବିବରଣୀ ପାଠ କରିଥିଲେ।

# ସମାଜକୁ ଶୃଙ୍ଖଳିତ କରି ସୁଦୃଢ଼ କରିବାକୁ ଆହ୍ୱାନ

ସିନାପାଲି,୫।୧୧(ମନଫୁଲ ମେହେର)

**ପଣ୍ଡରାମାଳି ସମାଜ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଡଙ୍ଗରଗାଁଠାରେ ଖଡିଆଳ ଅଞ୍ଚଳ ପଣ୍ଡରାମାଳି ସେବା ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳପତି ପଣ୍ଡରାମାଳି ସମାଜ କଳାହାଣ୍ଡି ପ୍ରକାଶ ନାଏକ, ମୁଖ୍ୟବକ୍ତା ଭାବେ ପୂର୍ବତନ ସଭାପତି ପଣ୍ଡରାମାଳି ସମାଜ ନବରଙ୍ଗପୁର ପୁରୁଷୋତ୍ତମ ପାରି, ସମ୍ମାନିତ ଅତିଥି ଭାବେ ସଭାପତି ପଣ୍ଡରାମାଳି ସମାଜ ଛତିଶଗଡ଼ ନିଳକଣ୍ଠ ବିଶି, ଯୁବ ବାହିନୀ ସଭାପତି ପଣ୍ଡରାମାଳି ସମାଜ କଳାହାଣ୍ଡି ଦୁର୍ଗାପ୍ରସାଦ ନାଏକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାମୁଣ୍ଡା ତୁଳେଶ୍ୱର ନାଏକ, ସଭାପତି ପାନାବେଡା ଗୌରହରି ନାଏକ, ଗୋଦାବରୀ ନାଏକ, ଉପେନ୍ଦ୍ର ଧାକଡ, ଡିଙ୍ଗର ନାଏକ, ବ୍ରଜସୁନ୍ଦର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଭୁବନେଶ୍ୱର ନାଏକ କରିଥିବା ବେଳେ ସ୍ୱାଗତ ଭାଷଣ ଗିରିଶଚନ୍ଦ୍ର ନାଏକ କରିଥିଲେ। କାର୍ଯ୍ୟକ୍ରମରେ ବିବରଣୀ ପାଠ ସେବକରାମ ପାତ୍ର କରିଥିଲେ। ପ୍ରଥମେ ମଞ୍ଚାସୀନ ଅତିଥିମାନେ ଦିପପ୍ରଜଳିତ କରିଥିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜକୁ ମଜଭୁତ କରି ବିକାଶ ଦିଗରେ ସମସ୍ତେ ଚେଷ୍ଟିତ ହେଲେ ସମାଜ ସୁଦୃଢ଼ ହେବ ବୋଲି ଅତିଥିମାନେମତ ପ୍ରକାଶ କରିଥିଲେ। ସେହିପରି ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ପରିବେଶ ସ୍ୱଚ୍ଛତା ଓ ନିର୍ମଳ ଭାବମୂର୍ତ୍ତି ସାଙ୍ଗକୁ ଅର୍ଥିକ ସ୍ଥିତି ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶହଶହ ସଂଖ୍ୟାରେ ଜନସାଧାରଣଙ୍କ ଭିଡ ରହିଥିଲା। ଚନ୍ଦ୍ର ଶେଖର ନାଏକ, ସନ୍ତୋଷ ପାତ୍ର, ଧନୁର୍ଯ୍ୟ ନାଏକ, ସୁପର ନାଏକ, ଆନନ୍ଦ ନାଏକ, ଭଲଭଦ୍ର ନାଏକ, ଲକ୍ଷପତି ନାଏକ, ନରେନ୍ଦ୍ର ନାଏକ, ଖଗେଶ୍ୱର ନାଏକ, ରୋହିତସ ନାଏକ, ରୋହିତ ନଗେଶ, ବିପିନ ମାଳି, ପଦ୍ମଲୋଚନ ନାଏକ, ପୁରୁଷ୍ତମ ମଶ୍ରା, ଅର୍ଜୁନ ନାଏକଙ୍କ ସମେତ ଅନେକ ଉପସ୍ଥିତ ରହି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଲାଞ୍ଜିଗଡ଼ ଡିଏଭିର କ୍ଷୀରୋଦ, ପୂଜିତା ପ୍ରଥମ

ଲାଞ୍ଜିଗଡ଼,୫।୧୧(ରମେଶ ଚନ୍ଦ୍ର ନାୟକ)

**ଡିଏଭି ଜୋନରେ ତୀରନ୍ଦାଜ ପ୍ରତିଯୋଗିତା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଡିଏଭି ଜୋନର ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତା ବେଦାନ୍ତ ଲିମିଟେଡ଼ ଡେପୁଟି ସିଇଓ ଜି.ଜି. ପାଲ ଉଦଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ବାଳକ ବିଭାଗରେ ଡିଏଭି ଲାଞ୍ଜିଗଡ଼ ଚାମ୍ପିୟନ ହୋଇଥିବା ବେଳେ ଡିଏଭି ଭଞ୍ଜନଗର ରନ୍‌ର ଅପ୍ ହୋଇଥିଲା। ସେହିପରି ବାଳିକା ବିଭାଗରେ ଡିଏଭି ଲାଞ୍ଜିଗଡ଼ ଚାମ୍ପିୟନ ହୋଇଥିବା ବେଳେ ଡିଏଭି ଟେନେସା ରନର ଅପ୍ ହୋଇଥିଲା। ବାଳକ ବିଭାଗରେ ଡିଏଭି ଲାଞ୍ଜିଗଡ଼ର କ୍ଷୀରୋଦ କୁମାର ପ୍ରଥମ, ଡିଏଭି ଭଞ୍ଜନଗର ହେମନ୍ତ କୁମାର ସେଠୀ ଦ୍ୱିତୀୟ ଓ ଡିଏଭି ଲାଞ୍ଜିଗଡ଼ ରାଜୀବ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ ଡିଏଭି ଲାଞ୍ଜିଗଡ଼ର ପିଭିଶ୍ରୀ ପୂଜିତା ପ୍ରଥମ, ସଙ୍ଗୀତା ମାଝି ଦ୍ୱିତୀୟ ଓ ସି.ଶ୍ରାଗିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡିଏସଓ ରମେଶ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଡିପିଇଓ ସଞ୍ଜୟ କୁମାର ମିଶ୍ର ଏବଂ ମାମତାଞ୍ଜଳି ହୋତା ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ବିଚାରକ ଭାବେ ଟିଙ୍କିଲି ମହାକୁଲ ଏବଂ ଶକୁନ୍ତଳା ଶବର ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। କ୍ରୀଡ଼ା ଉତ୍ସବରେ ଡିଏଭି ଜୋନର ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ତରଫରୁ ଆନୁଷ୍ଠାନିକ ଭାବରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସୂଚନା ଅନୁଯାୟୀ, ତୀରନ୍ଦାଜ ପ୍ରତିଯୋଗିତାରେ ଡିଏଭି ଟେନେସା, ଡିଏଭି ଭଞ୍ଜନଗର ଏବଂ ଡିଏଭି ଲାଞ୍ଜିଗଡ଼ର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।



ଡିଏଭି ଜୋନର ଆୟୋଜିତ ତୀରନ୍ଦାଜ ପ୍ରତିଯୋଗିତା।

# କୁଆପଥର ବର୍ଷାରେ ଧାନ, କପା ଚାଷ ନଷ୍ଟ

ଗୋଲାମୁଣ୍ଡା,୫।୧୧(ବଟକୃଷ୍ଣ ପଣ୍ଡା)

**ଗଛ ପଡ଼ି ଯାତାୟାତ ବନ୍ଦ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଛି**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ୩ଟି ଗ୍ରାମପଞ୍ଚାୟତରେ ଶନିବାର ରାତିରେ ପ୍ରବଳ ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ଏଥିଯୋଗୁ ଧାନ, କପା, ଆଖୁ, ବିଭିନ୍ନ ପନିପରିବା ଚାଷ ଓ ଡାଲି ଜାତୀୟ ଫସଲ ନଷ୍ଟ ହେବା ସହିତ ବଡ଼ ବଡ଼ ଗଛ ଉପୁଡି ପଡିଥିବା ବେଳେ ଅନେକ ଜାଗାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ଫଳରେ ବ୍ଲକର ଚହକା, ଉଛୁଳା ଓ ବଡ଼ଚେରଗାଁ ପଞ୍ଚାୟତର ଚାଷୀ ଚିନ୍ତାରେ ଅଛନ୍ତି। ଏହି ୩ଟି ପଞ୍ଚାୟତରେ ଧାନ ଓ କପା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଲରେ ଧାନ ଫସଲ ଲହଡି ଭାଙ୍ଗୁଥିବା ବେଳେ କୁଆପଥର ବର୍ଷରେ ଧାନ ବିଲରେ ଧାନ ଫସଲ ସୋଇ ପଡ଼ିଥିବା ବେଳେ ପାଚିଲା ଧନ ସବୁ ବିଲରେ ଗଦା ହୋଇପଡିଛି। ବିଲରେ ବର୍ଷାପାଣି ଚାଲୁଥିବା ବେଳେ ଏପରି ପରିସ୍ଥିରେ ଚାଷୀ ବିଲ ମଧ୍ୟରେ ତାର ବର୍ଷ ଯାକର ଧାନ ଚାଷକୁ ବିଲ ମଧ୍ୟରେ ଖୋଜି ବୁଲୁଛି। ଆଉ କିଛି ଦିନ ପରେ ଚାଷୀ କପା ଚାଷ ଅମଳ କରିବାକୁ ଥିବା ବେଳେ କୁଆପଥର ବର୍ଷା ସବୁ ନଷ୍ଟ କରି ଦେଇଛି। କୁଆପଥର ବର୍ଷା ଯୋଗୁ ଗଛରେ ଝଟକୁଥିବା ଧଳା କପା ପଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅଞ୍ଚଳର ଡାଲି ଜାତୀୟ ଫସଲ ଓ ପନି ପରିବା ଚାଷ ମଧ୍ୟ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଏପରିସ୍ଥଳେ ଚାଷୀକୁ ତାର ବିହନ ମିଳିବା ବି କି ନାହିଁ ଚାଷୀ ଘୋର ଚିନ୍ତରେ ଅଛନ୍ତି। ଅନେକ ଜାଗାରେ ବଡ଼ ବଡ଼ ଗଛ ଉପୁଡି ରାସ୍ତାରେ ପଡ଼ିଛି। ରାସ୍ତାରେ ବଡ଼ ବଡ଼ ଗଛ ପଡି ରହିଥିବାରୁ ବଡ଼ଚେରଗାଁ କେଗାଁ ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ରହିଛି। ଗୋଲାମୁଣ୍ଡା ଅଗ୍ନିଶମ ବିଭାଗ ପକ୍ଷରୁ ଗଛ କାଟି ରାସ୍ତା ସଫା କରୁଥିବା ଦେଖିବାକୁ ମିଳିଛି। କେତେକ ଯାଗାରେ ଲୋକଙ୍କ ଚାଳ ଛପର ମଧ୍ୟ ଉଡାଇ ନେଇଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହେଉଛି। ଅପରପକ୍ଷରେ କ୍ଷୟକ୍ଷତି ଆକଳନ ପାଇଁ ଏହି ଅଞ୍ଚଳରେ କୃଷି ବିଭାଗ ସହିତ ତହସିଲଦାର ଅଶୋକ ପଟ୍ଟନାୟକ ଓ ବିଡ଼ିଓ ଅକ୍ଷୟମିତା କାର୍ତ୍ତିକ ବୁଲୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି ୩ଟି ଗ୍ରାମପଞ୍ଚାୟତରେ ଶହ ଶହ ହେକ୍ଟର ଚାଷ ଜମିରେ ଧାନ, କପା, ଆଖୁ, ଡାଲି ଜାତୀୟ ଫସଲ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ କ୍ଷୟକ୍ଷତି ଆକାଳନ ପରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ବୋଲି ଜଣାପଡିବ ବୋଲି ତହସିଲଦାର ପଟ୍ଟନାୟକ ପ୍ରକାଶ କରିଛନ୍ତି।



କୁଆପଥର ବର୍ଷାରେ ଧାନ କ୍ଷେତରେ ପଡ଼ିଯାଇଛି।

## ସଂକ୍ଷେପରେ

### ମାଗଣା ଚକ୍ଷୁ ପରୀକ୍ଷା ଶିବିର



ଡୁଙ୍ଗୁରିପାଲି,୫।୧୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବେହେରାମାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବେହେରାମାଲ ବୁଢାରଜା ସେବା ସଂଗଠନ ଓ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ଆଖପାଖ ଗାଁର ୧୦୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୩୨ ଜଣଙ୍କୁ ଆଖି ଅପରେଶନ ପାଇଁ ବୀରମହାରାଜପୁରସ୍ଥିତ ପଣ୍ଡାପାଲିକୁ ନିଆଯାଇଥିଲା। ଏହି ମାଗଣା ଚକ୍ଷୁ ପରୀକ୍ଷା ଶିବିର ଦ୍ୱିତୀୟ ବାର୍ଷିକ ବର୍ଷ ରେ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ରାଜକୁମାର ପଧାନ ଯୋଗ ଦେଇ ଉଦଘାଟନ କରିଥିଲେ। ଚକ୍ଷୁ ପରିକ୍ଷାରେ ଡାକ୍ତର ଗାୟତ୍ରୀ ପୁରୋହିତ , ଡାକ୍ତର ପ୍ରଶାନ୍ତ ଦାଶ, ଓ ତାଙ୍କ କର୍ମଚାରୀ ନିୟୋଜିତ ହୋଇ ଥିଲେ। ବୁଢାରଜା ସେବା ସଂଗଠନ ସଭାପତି ଗୋପବନ୍ଧୁ ପ୍ରଧାନ, ସଂପାଦକ ଉମାକାନ୍ତ ନାଏକ, ସୁନୀଲ ପଧାନ,ରଣଜିତ ବେହେରା, ଶେଷଦେବ ପାଣ୍ଡେ, ଶେଷଦେବ ସାହୁ, ଦୀନବନ୍ଧୁ , ଅଜିତ, ବୃନ୍ଦାବନ, ତାପସ,ପିଙ୍କୁ, ସୁଧୀର, ପମୁଖ ସହଯୋଗ କରିଥିଲେ।

### ସିଦ୍ଧାର୍ଥ କଲେଜରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ବିନିକା,୫।୧୧(ରାମ ଗୋପାଳ ବାଘ)

ଗତ ଅକ୍ଟୋବର ୩୦ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ବିନିକାର ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧକ୍ଷ ନାୟକ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। ଏହାଛଡା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ପ୍ରବନ୍ଧ, ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା । କଲେଜ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ବିଷପାନ କରି ମହିଳାଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି,୫।୧୧(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମର ବନ୍ଦପଡ଼ା ନରିହା ଗୋଠ ପଡାର ଜଣେ ବିବାହିତା ମହିଳା ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜଗତରାମ ବକୁଲଙ୍କ ସ୍ତ୍ରୀ ସନ୍ତୋଷିନୀ (୫୦)। ରବିବାର ସକାଳେ ସ୍ୱାମୀ ଘରେ ନ ଥିବା ବେଳେ ସନ୍ତୋଷିନୀ କୀଟନାଶକ ଔଷଧ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଡୁଙ୍ଗୁରିପାଲି ଡାକ୍ତରଖାନା ନେଇଥିଲେ। ସେଠାରେ ସନ୍ତୋଷିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ନଂ ୧୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ତଦନ୍ତ ଜାରିରଖିଛି।

# ସମାଜ ସଂସ୍କାର ପାଇଁ ସେବା, ସମର୍ପଣ ଧ୍ୟେୟ ହେଉ

## ବୀରମହାରାଜପୁରରେ ତୃତୀୟ ମାହେଶ୍ୱରୀ ମହୋତ୍ସବ

ଅମରପାଲି,୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ମାହେଶ୍ୱରୀ ସେନାର ଆୟୋଜନ କ୍ରମେ ମାହେଶ୍ୱରୀ ମହୋତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। କାନପୁରସ୍ଥିତ ମାହେଶ୍ୱରୀ ଶକ୍ତିପୀଠରେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ମାହେଶ୍ୱରୀ ପୀଠର ସଭାପତି ସୟମ୍ଭୁନାଥ ଖଣ୍ଡଗିରିଙ୍କ ନେତୃତ୍ୱରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବୀରମହାରାଜପୁର ସହର ପରିକ୍ରମା କରି ଷ୍ଟାଡିୟମ ରେ ପହଞ୍ଚିଥିଲା। ଏଠାରେ ମାହେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ସାରିବା ପରେ ଏକ ସଭା ଆୟୋଜନ କରାଯାଇଥିଲା। ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ପରିଚାଳନା ନିର୍ଦ୍ଦେଶକ ଫକୀର କର୍ଣ୍ଣ, ସୁଧୀର ମହକୁର, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ,ଶିବ ପଧାନ,



ମାହେଶ୍ୱରୀ ମହୋତ୍ସବରେ ଉପସ୍ଥିତ ଅତିଥି ।

ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର, ଅଧ୍ୟାପିକା ଦେବଯାନୀ ମେସୁଆ, କୁରୁଆଁର ସରପଞ୍ଚ ପୁଷ୍ପାଞ୍ଜଳୀ କଲତା, ରାଜ୍ୟ ମହିଳା ଡୁମାଳ ପରିଷଦ ସଭାନେତ୍ରୀ ହେମବତୀ କରଣ, ରାଜ୍ୟ ଯୁବ ଡୁମାଳ ପରିଷଦ ସଭାପତି ତଥା ଦେଓଗାଁ(ବଲାଙ୍ଗୀର ) ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ରାଜ୍ୟ ଡୁମାଳ ପରିଷଦର ଉପସଭାପତି ମୁରଲୀ ପାତ୍ର ଯୋଗଦେଇ ସଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମାଜ ସଂସ୍କାର ପାଇଁ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମାଜ ସଂସ୍କାର ପାଇଁ ସେବା ,ସହଯୋଗ ଓ ସମର୍ପଣକୁ ଧ୍ୟେୟ କରି କାର୍ଯ୍ୟ କରିବାକୁ ଉପସ୍ଥିତ ଅତିଥି ଓ ସମାଜର ବରିଷ୍ଠ ସଦସ୍ୟମାନେ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ମାହେଶ୍ୱରୀ ସେନାର ଥବିର କର୍ମୀ ସଭା ପରିଚାଳନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବାଘର, ସୟମ୍ଭୁନାଥ ଖଣ୍ଡଗିରି, ମୀନକେତନ ମହାକୁର, ଚନ୍ଦ୍ରକାନ୍ତି ଦନ୍ତା, ଦୟାନିଧି ପ୍ରଧାନ, ଗୋପୀନାଥ ମହାକୁର ପ୍ରମୁଖ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସୁର ସଙ୍ଗମ ଲୋଇସିଂହାର ଶଙ୍କର ବେହେରା ଓ ସାଥୀ ଏବଂ ରୁମକୁ ଝୁମାନା, ସୁବର୍ଣ୍ଣପୁରର ଶାଶ୍ୱତ ତ୍ରିପାଠୀ ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ମାହେଶ୍ୱରୀ ସେନା କାର୍ଯ୍ୟ କର୍ତ୍ତା, ସହଯୋଗୀ ଓ ଡୁମାଳ ସମାଜର ସଦସ୍ୟ ଯୋଗଦାନ କରିଥିଲେ।

# ମା'ଙ୍କୁ ଦିଆଗଲା ମେଲାଣି



ଗଜଲକ୍ଷ୍ମୀଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ସୁବର୍ଣ୍ଣପୁରରେ ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଘୋଡାଘାଟପଡା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଘୋଡାଘାଟପଡାରେ ୫୩ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପରୁ ମା'ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ମହିପଡା, ଗଡଭିତର, ଟିକିରିପଡା, ବଡବଜାର ଆଦି ଦେଇ ମହାନଦୀର କଦମ୍ବପଡା ଘାଟରେ ବିସର୍ଜନ କରାଯାଇଥିଲା। ଶୋଭାଯାତ୍ରାରେ ପଶ୍ଚିମ ଓଡିଶାର ପାରମ୍ପରିକ ନୃତ୍ୟ, ବାଦ୍ୟ ସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ରେକଡ ଡ୍ୟାନ୍ସ, ବଲାଙ୍ଗୀରର ପ୍ରସିଦ୍ଧ ଘଣ୍ଟବାଦ୍ୟ, ବରଗଡର ଦୁଲଦୁଲି ବାଦ୍ୟ, କୋରାପୁଟ, କଳାହାଣ୍ଡି ଆଦି ଜିଲାର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ସାମିଲ ହୋଇଥିଲେ ।

# ଜିଲାସ୍ତରୀୟ ସୁରଭି ଓ ମିଲେଟ୍‌ସ ପ୍ରତିଯୋଗିତା

ବୌଦ୍ଧ,୫।୧୧(ଅଜିତ କୁମାର ବାରିକ)

ଜିଲା ଶିକ୍ଷା ବିଭାଗ ପକ୍ଷରୁ ରବିବାର ବୌଦ୍ଧ ସହରର ଟାଉନହଲଠାରେ ଜିଲାସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଓ ଓଡିଶା ମିଲେଟ୍‌ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରାଜ କହଁର, ହରଭଙ୍ଗା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ କୁମାର ପ୍ରଧାନ, ଜିଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରି, ବାଳିକା ଶିକ୍ଷା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟଅତିଥି କୁଜୁରୁ ମିଲେଟର ଉପାଦେୟତା ତଥା ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଆଗକୁ ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା



ଅତିଥିଙ୍କ ଗହଣରେ କୃତି ପ୍ରତିଯୋଗୀ ।

ବେଳେ ଜିଲା ଶୈକ୍ଷିକ ସଂଯୋଜକ ଶିବଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୫୦ ଜଣ ଛାତ୍ରୀ ଛାତ୍ର ଭାଗ ନେଇଥିଲେ। ଏଥିରେ ୨୭ ଗୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ପ୍ରତିଭା ଚିହ୍ନଟ କରି ତାହାର ବିକାଶ କରିବା ଏବଂ ପିଲାମାନେ ନିଜ ନିଜର ଲକ୍ଷ୍ୟ ସ୍ଥିର କରି ବିବେକ ଅନୁସାରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୪,୧୫ ଓ ୧୬ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବେ।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ତରଫରୁ ସମଗ୍ର ଦେଶରେ ୩୦ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶନିବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଜିଲା ଉନ୍ନୟନ ଅଧିକାରୀ ଅଶିନି ମେହେର ଏବଂ ବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ପାଇଁ ସାଧୁତାର ଶପଥପାଠ କରାଇଥିଲେ। ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅତିଥିମାନେ ଦୁର୍ନୀତି କିଭଳି ଆମ ଦେଶର ପ୍ରଭୂତ କ୍ଷତି ସାଧନ କରୁଛି ସେ ଉପରେ ନିଜର ମତ ରଖିଥିଲେ। ଏକ ଦୁର୍ନୀତି ମୁକ୍ତ ଭବିଷ୍ୟତ ଗଢିବାର ଗୁରୁଦାୟିତ୍ୱ ଯୁବ ସମାଜ ଏବଂ ଛାତ୍ରୀଛାତ୍ରମାନଙ୍କ ଉପରେ ରହିଥିବା ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ସଭାରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଦୁର୍ନୀତୀ ନିବାରଣ ବିଭାଗର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି, ସହରର ସଚେତନ ନାଗରିକ ଯୋଗ ଦେଇଥିଲେ।

# ମାଛ ମାରିବାକୁ ଯାଇ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୁଣାକଟକ,୫।୧୧(ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପାଲି ଗ୍ରାମରେ ମାଛ ମାରିବାକୁ ଯାଇ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କୃଷ୍ଣପାଲି ଗ୍ରାମର ସୁନିଲ ବେହେରା (୩୫) ଲକ୍ଷ୍ମୀ ନାଳକୁ ମାଛ ମାରିବାକୁ ଯାଇ ଘରକୁ ଫେରି ନ ଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ଉକ୍ତ ନାଳରୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାକୁ ନେବା ସହିତ ପୁରୁଣାକଟକ ଥାନାକୁ ଖବର ଦେଇଥିଲେ। ଡାକ୍ତରଖାନାରେ ଡାକ୍ତର ସୁନିଲଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ମୃତ ସୁନିଲଙ୍କ ବିଧବା ମା' ଓ ସ୍ତ୍ରୀ,ଛୋଟ ଛୋଟ ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଉକ୍ତ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି !

# ୧୨୮ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ




ମେଳାରେ ଯୋଗ ଦେଇଥିବା ଅତିଥି।

## ଭବିଷ୍ୟ ଇଂଲିଶ ମିଡ଼ିୟମ ସ୍କୁଲରେ ବିଜ୍ଞାନ ମେଳା

ବିନିକା,୫।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଭବିଷ୍ୟ ଇଂଲିଶ ମିଡିୟମ ସ୍କୁଲରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର ବର୍ଗରେ ୯୫ ଓ ସିନିୟର ବର୍ଗରେ ୩୩ ଏହିପରି ମୋଟ ୧୨୮ ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନେ ଅତିଥି, ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ,ଅଭିଭାବକମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ସୋନପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରେନ୍ଦ୍ର କୁମାର ନାୟକ ଅତିଥିମାନେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଭବିଷ୍ୟ ଟ୍ରଷ୍ଟର ଡ଼ ଭବାନୀ ଶଙ୍କର ମେହେର, ସୁଧାଂଶୁ ଶେଖର ଦାଶ, ସଞ୍ଜୀବ କୁମାର ପାତ୍ର, ସୁଧାଂଶୁ ଶେଖର ଦାଶ, ସଞ୍ଜୀବ ସୁବୁଦ୍ଧି, ସୁନୀଲ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମନୋଜ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳାରେ ଅମିତ ବେହେରା, ଦିପ୍ତିମୟୀ ମିଶ୍ର, ସଲୋନି ମେହେର, ରିଷ୍ଟା ସାହୁ, ପ୍ରତୀକ୍ଷାରାଣୀ ମେହେର, ଝରଣା ଭୋଇ, ଗଙ୍ଗାଧର ସାଲମା, ପ୍ରିୟଙ୍କା ଛତ୍ରଙ୍କ ସମେତ ସ୍କୁଲର ସମସ୍ତ ଷ୍ଟାଫ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳର ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ଗୁରୁତ୍ୱ

## ପଶ୍ଚିମାଞ୍ଚଳ ବରିଷ୍ଠ ନାଗରିକ ସଂସଦର କାର୍ଯ୍ୟକାରିଣୀ ବୈଠକ

ଅମରପାଲି,୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ଶନିବାର ଦିନ ପଶ୍ଚିମାଞ୍ଚଳ ବରିଷ୍ଠ ନାଗରିକ ସେବା ସଂସଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶାର ନୂଆପଡା, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଓ ଆଠମଲ୍ଲିକର ଶତାଧିକ ବରିଷ୍ଠ ନାଗରିକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଏକ ନୂତନ ସଂଘ ଗଠନ କରିଥିଲେ। ସଭାପତି ବସନ୍ତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଗଠନର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଉପଦେଷ୍ଟା ବିକ୍ରମାଦିତ୍ୟ ବହିଦାର, ଗୁରୁ ଡା.ଘାସିରାମ ମିଶ୍ର, ସଂଗଠନ ସମ୍ପାଦକ ଜ୍ୟୋତି ରଞ୍ଜନ ବହିଦାର, ସେବା ସଂସଦର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଗୌରୀଶ୍ୟାମ ପଣ୍ଡା, ସୋନପୁରର ବିଭୁତି ଭୂଷଣ ପାଣିଗ୍ରାହୀ, ନୂଆପଡାର ଶିବ ପ୍ରସାଦ ମିଶ୍ର, ବୌଦ୍ଧର ଗିରିଜା ଶଙ୍କର ରଥ, ଆଠମଲ୍ଲିକର କୃଷ୍ଣଚନ୍ଦ୍ର ପାଢ଼ୀ, ଜ୍ୟୋତି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂଘର ଆଭିମୁଖ୍ୟ, ବିଚାରଧାରା ଓ କିପରି ଭାଇଚାରା ସୃଷ୍ଟି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ମତ ପ୍ରକାଶ କରିଥିଲେ । ଏଥିସହ ଏଠାରେ ଗଠିତ ନୂତନ ସଂଘର ପଞ୍ଜୀକରଣ କରିବା ପାଇଁ ମତପ୍ରକାଶ ପାଇଥିଲା । ନବଗଠିତ ସଂଘର ନାମ ପଶ୍ଚିମାଞ୍ଚଳ ବରିଷ୍ଠ ନାଗରିକ ସେବା ସଂସଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କେବଳ ସହରାଞ୍ଚଳର ବରିଷ୍ଠ ନାଗରିକ ନୁହେଁ, ଗ୍ରାମାଞ୍ଚଳ ରେ ଅନେକ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା, ଶ୍ରମିକ, ଚାଷୀ ଓ ସାଧାରଣ ଲୋକ ମଧ୍ୟ ସମସ୍ୟାରେ ଅଛନ୍ତି। ତେଣୁ ସଙ୍ଗଠନ ଗ୍ରାମାଞ୍ଚଳର ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ପାଇଁ ମଧ୍ୟ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ସନ୍ତୋଷ କୁମାର ଷଡ଼ଙ୍ଗୀ, ଶିବ ନାୟକ, ଗୋପୀନାଥ ମହାକୁର, ପ୍ରଶାନ୍ତ କୁମାର ଶତପଥୀ, ଅକ୍ରୁର ଦନ୍ତା, ଭୂଷଣ ପାତ୍ର, ପଦ୍ମନାଭ ପଧାନ ଦିଲିପ ମିଶ୍ର, ଦିଲିପ ତ୍ରିପାଠୀ, ଚମରା ମହାକୁର ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀକୃଷ୍ଣ ପଣ୍ଡା ପରିଚାଳନା କରିଥିବା ବେଳେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ରାଜରାସ୍ତା

## ସରିଲା ହରଗୌରୀ ଯାତ୍ରା

ସୋନପୁର,୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରର ଢେରାପଡାଠାରେ ୯ ଦିନ ଧରି ଚାଲିଥିବା ହରଗୌରୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ପଡ଼ାର ମହିଳା ଶିବାନୀ ପାତ୍ର ଓ ଲକ୍ଷ୍ମୀ ପାତ୍ର ହରଗୌରୀଙ୍କୁ ମୁଣ୍ଡ ଉପରେ ଧାରଣ କରି ବିଭିନ୍ନ ଦ୍ୱାର ପରିକ୍ରମା କରିଥିଲେ। ପରେ ହରଗୌରୀଙ୍କୁ ଭସାଣି ପାଇଁ ଏକ ସୁସଜ୍ଜିତ ଗାଡ଼ିରେ ବସା ଯାଇଥିଲା । ମଧ୍ୟରାତ୍ରିରେ ବିଭିନ୍ନ ସାଂସ୍କୃତିକ ଦଳ ସହ ହଜାର ହଜାର ଦର୍ଶକଙ୍କ ମେଳରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଶେଷ ଆକର୍ଷଣ ସ୍ୱରୂପ ଛତିଶଗଡ଼ ଦୁର୍ଗରୁ ଆସିଥିବା ଆନନ୍ଦ ଧୁମାଲ ଓ ସାଥୀଙ୍କ ମ୍ୟୁଜିକ ବ୍ୟାଣ୍ଡ, ଗଞ୍ଜାମର ଯୋଡି ଶଙ୍ଖ, ଖଟଖଟିଆର ଶବର ଶବରୁଣୀ, ଅମ୍ବାଦୋଳାର ଘୁମୁରା, ବଲାଙ୍ଗୀରର ରନିଙ୍ଗ ମେଲୋଡି ଓ ଦୁଲଦୁଲି ଦର୍ଶକ ମନଭରି ଉପଭୋଗ କରିଥିଲେ। ଶୋଭାଯାତ୍ରା ରବିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଭସାଣି ଶୋଭାଯାତ୍ରାରେ ଯାତ୍ରା କମିଟି ସଭାପତି ଦିଲିପ ପାତ୍ର, ସମ୍ପାଦକ ଜନ୍ମେଞ୍ଜୟ ପାତ୍ର, ଉପ ସଭାପତି ଆନନ୍ଦ ପାତ୍ର, ସହ ସଂପାଦକ ସତ୍ୟ ନାରାୟଣ ରାଓ, ସୁରଜ ପାତ୍ର, ପ୍ରଦ୍ୟୁମ୍ନ ପାତ୍ର, ରାଜୁ ରାଓ , ମନୋରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ବୈକୁଣ୍ଠ ପାତ୍ର, ଅକ୍ଷୟ ପାତ୍ର, ଦୟାନିଧି ପାତ୍ର, ଗୋବିନ୍ଦ ପାତ୍ର, ପୁରୁଷୋତ୍ତମ ପାତ୍ର, ସନ୍ତୋଷ ପାତ୍ର, ଶ୍ରୀରାମ ପାତ୍ର, ସ୍ୱାଗତ ପାତ୍ର, ସୁଦର୍ଶନ ପାତ୍ର, ବିଶ୍ୱନାଥ ପାତ୍ର, ନାଗେସୁ ପାତ୍ର, ଅକ୍ଷୟ ପାତ୍ର ଓ ବୈକୁଣ୍ଠ ପାତ୍ରଙ୍କ ସମେତ ପଡ଼ାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ହାରଗୌରୀଙ୍କୁ ମହାନଦୀରେ ବିସର୍ଜନ ପାଇଁ ନିଆଯାଉଛି।

# ଉଲୁଣ୍ଡା, ପଣ୍ଡିଆପାଲି ସେମି ଫାଇନାଲରେ

## ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି,୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମରେ ବୀର ମାରୁତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, କମିରା ସରପଞ୍ଚ ଅନୁସୟା ପଧାନ, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ପ୍ରଧାନଶିକ୍ଷକ ପଙ୍କଜ ଖମାରୀ, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ସପନ ପଧାନ, ବୈଷ୍ଣବ ଜଗଦଲା, ସମିତି ସଭ୍ୟା ପ୍ରତିନିଧି ଲମ୍ବୋଦର ମହକୁର,ନୀଳାମ୍ବର ଘିବିଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ରଥପୁର ଓ କଳାପଥର ମଧ୍ୟରେ ହୋଇଥିଲା। ରଥପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ କରିଥିଲା।



ସେମି ଫାଇନାଲରେ ପ୍ରବେଶ କରିଥିବା ପଣ୍ଡିଆପାଲି ଦଳ ।

ଜବାବରେ କଳାପଥର ଦଳ ୭ ଓଭରରେ ୪ ଉଇକେଟ ହରାଇ ୫୫ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭୀମ ସ୍ପୋଟିଂ ସୋନପୁର ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୧୫୮ ରନ କରିଥିଲା। ଜବାବରେ ସୋନପୁର ଦଳ ୭ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା କଳାପଥର ଓ ଦ୍ୱିତୀୟ ମ୍ୟାଚର ବିଜେତା ଉଲୁଣ୍ଡା ମଧ୍ୟରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୯୨ ରନ କରିଥିଲା। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୮୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଉଲୁଣ୍ଡା ଦଳ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିବସରେ ପ୍ରଥମ ମ୍ୟାଚ ପଣ୍ଡିଆପାଲି ଓ ମହଦା ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ପଣ୍ଡିଆପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସମଲେଶରୀ ଟାଇଗର ସୋନପୁର ଓ ରୁଗୁଡ଼ିପାଲି ମଧ୍ୟରେ ହୋଇଥିଲା। ଏଥିରେ ସୋନପୁର ଦଳ ବିଜୟୀ ହୋଇଥିଲା। ସମଲେଶ୍ୱରୀ ଟାଇଗର ସୋନପୁର ଓ ପଣ୍ଡିଆପାଲି ମଧ୍ୟରେ ଅନୁଷ୍ଠିତ କ୍ୱାଟର ଫାଇନାଲ ମ୍ୟାଚରେ ପଣ୍ଡିଆପାଲି ପ୍ରଥମେ ବ୍ୟାଟିଂ କରି ୬୧ ରନ କରିଥିବା ବେଳେ ସମଲେଶ୍ୱରୀ ଟାଇଗର ସୋନପୁର ଦଳ ୫୮ ରନ କରି ପରାସ୍ତ ହୋଇଥିଲା । ଫଳରେ ପଣ୍ଡିଆପାଲି ଦଳ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି ।

## ସଂକ୍ଷେପରେ

### ବିଲରୁ ବୃଦ୍ଧାଙ୍କ ମୃତଦେହ ଜବତ

**ବଡ଼ଗାଁ,୫।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରପାଲି ଗାଁ ନିକଟ ବିଲରେ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତାଙ୍କ ବୟସ ୭୦ ହେବ ବୋଲି ଅନୁମାନ କରାଯାଉଛି। ହେଲେ ତାଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶନିବାର କେତେକ ବ୍ୟକ୍ତି ଧାନ ବିଲକୁ ଯାଇଥିବା ବେଳେ ବୃଦ୍ଧାଙ୍କ ମୃତଦେହ ଦେଖି ସରପଞ୍ଚ ସୁଦୀପ ବାଡାଙ୍କୁ ଜଣାଇଥିଲେ। ଏନେଇ ସରପଞ୍ଚ ପୋଲିସକୁ ଜଣାଇଥିଲେ। ତେବେ ବୃଦ୍ଧାଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନି।

### ଗଞ୍ଜେଇ ଚୋରା ଚାଲାଣ ବେଳେ କାର୍ ଦୁର୍ଘଟଣାଗ୍ରସ୍ତ

**ବଡ଼ଗାଁ,୫।୧୧(ଅଶୋକ ଷଡ଼ଙ୍ଗୀ):** କାର୍ ଯୋଗେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। କେତେକ ବ୍ୟକ୍ତି କାର୍ ଭିତରେ ଥିବା ଗଞ୍ଜେଇ ପ୍ୟାକେଟ ନେଇଯାଇଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡ଼ିଛି। ରବିବାର ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ସାହାଜବାହାଲ ଗ୍ରାମ ଦେଇ ବଡ଼ଗାଁ ପଟକୁ ଆସୁଥିବା ଏକ ଓଆର ୦୨ ବିକେ ୧୩୩୩ ନମ୍ବର କାର ପୂର୍ବାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ କାରକୁ ଜବତ କରି ଥାନାକୁ ନେଇଥିଲା। କାର ଭିତରୁ ପ୍ରାୟ ୧୮ରୁ ଊର୍ଦ୍ଧ୍ୱ ପ୍ୟାକେଟ ଗଞ୍ଜେଇ ଥିବା ଜଣାପଡିଛି। ପୋଲିସ୍ ଘଟଣାର ତଦନ୍ତ କରୁଛି। ତେବେ ଦୁର୍ଘଟଣା ପରେ ଗଞ୍ଜେଇ ଚାଲାଣକାରୀ ଫେରାର ହୋଇଯାଇଛି।

### ବାପାଙ୍କୁ ମାଡ଼ମାରି ପୁଅ ଗିରଫ

**ବଡ଼ଗାଁ,୫।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପେଟଫୋଡରେ ଜଣେ ଯୁବକ ତାଙ୍କ ବୃଦ୍ଧ ବାପାଙ୍କୁ ମାଡମାରିବା ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେ ହେଲେ ରବୀନ୍ଦ୍ର ଖୁଣ୍ଟିଆ(୫୮)। ବାପା ଶେଷଦେବ ଖୁଣ୍ଟିଆ(୮୫)ଙ୍କୁ ସେ ଗତମାସରେ ମାଡ ମାରି ଗୁରୁତର କରିଥିଲେ। ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସୁସ୍ଥ ହେଲାପରେ ବୃଦ୍ଧ ଥାନାରେ ଅଭିଯୋଗ କରିଥିଲେ।

### ଆହତ ଟ୍ରକ୍ ଚାଳକଙ୍କ ମୃତ୍ୟୁ

**ବଡ଼ଗାଁ,୫।୧୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ଗାଁ ନିକଟ ଢାବା ସମ୍ମୁଖରେ ଗତ ୩୦ ତାରିଖରେ ଜଣେ ଟ୍ରକ୍ ଚାଳକଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ଘଟଣା ଅନୁଯାୟୀ, ବିହାର ରାଜ୍ୟ ନାଉଦା ଗାଁର ବବୁଲୁ କୁମାର୍ ମହତୋ ଢାବା ନିକଟରେ ଟ୍ରକ୍ ରଖି ଖାଇବାକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ କୌଣସି ଭାରିଯାନ ତାଙ୍କୁ ଧକ୍କା ଦେଇଥିଲା।

# ସୁନ୍ଦରଗଡ଼ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ସୁନ୍ଦରଗଡ଼,୫।୧୧(ଜୟ ନାରାୟଣ ମେଣ୍ଡୁଲି)**



ଅତିରିକ୍ତ ଜିଲାପାଳ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ ଶାଖା ଏବଂ ଜିଲା ପ୍ରଶାସନ ତରଫରୁ ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର ସମସ୍ତ କାର୍ଯ୍ୟାଳୟ, ସ୍କୁଲ, କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପଞ୍ଚାୟତ ସ୍ତରରେ ବିଭିନ୍ନ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ସପ୍ତାହ ପାଳନ ଅବସରରେ ଆୟୋଜନର ଶୀର୍ଷକ ଥିଲା "ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ହେବା। ଏହି ଅବସରରେ ଶନିବାର ଜିଲା ସଦର ମହକୁମାରେ ଅବସ୍ଥିତ ବିକାଶ ଭବନଠାରେ ଜିଲା ସ୍ତରୀୟ ସଚେତନତା ସଭା ଆୟୋଜିତ ହୋଇଥିଲା। ଏହା ପୂର୍ବରୁ ସହର ମଧ୍ୟରେ ଏକ ସଚେତନତା ରାଲି କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି ଏକ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦ରୁ ଅଧିକ ସ୍ୱୟଂ ସହାୟକ ଦଳ ମହିଳା, ଆଶା କର୍ମୀ, ବିଭାଗୀୟ ଅଧିକାରୀ ଯୋଗଦେଇ ଦୁର୍ନୀତି ବିରୋଧି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସଚେତନତା ସଭାରେ ଅତିରିକ୍ତ ଜିଲପାଳ ଅଭିମନ୍ୟୁ ମାଝି, ସଦର ତହସିଲଦାର କୁଳମଣି ରଣବିଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ଧିରେନ୍ଦ୍ର ସେଠୀ, ଭିଜିଲାନ୍ସ ବିଭାଗର ଡିଏସ୍‌ପି ଦୈତାରୀ ଘଡାଇ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଯୋଗ ଦେଇ ଥିଲେ। ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଦୁର୍ନୀତିକୁ ନେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭିଜିଲାନ୍ସ ଡିଏସ୍‌ପି ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉଦ୍ଦେଶ୍ୟରେ କହିବା ସହିତ ବିଭିଗର କାର୍ଯ୍ୟ ତଥା ସଫଳତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ମାଝି ଦୁର୍ନୀତିଠାରୁ ପ୍ରତ୍ୟେକ ନିବୃତ ରହିବା ସହିତ ସଚୋଟତାର ସହିତ ସମସ୍ତେ କାର୍ଯ୍ୟ କରିବାକୁ ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଦଳର ସଦସ୍ୟ, ଆଶା କର୍ମୀ, ବରିଷ୍ଠ ନାଗରିକ, ଭିଜିଲାନ୍ସ ବିଭାଗର କର୍ମଚାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଭାରେ ସମସ୍ତ ଅଧିକାରୀ ତଥା କର୍ମଚାରୀ ଦୁର୍ନୀତିକୁ କୌଣସି କ୍ଷେତ୍ରରେ ଆଦୌ ପ୍ରଶୟ ନ ଦେବାକୁ ଏବଂ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ପ୍ରୟୋଗ କରୁଥିବାରୁ ଏହା ପ୍ରତି ସମସ୍ତେ ସଜାଗ ରହିବା ଏବଂ ଲୋକଙ୍କ ପାଇଁ ଉର୍ଦ୍ଧିଷ୍ଟ ସେବାକୁ ସେମାନଙ୍କ ପାଖରେ ପହଁଚାଇବା ଉପରେ ଗୁରୁତ୍ୱାରୋପ କରିବାକୁ କହିଥିଲେ। ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପୂର୍ବରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ରଚନା, ତର୍କ ଏବଂ କାର୍ଟୁନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀତ୍ୱ ଲାଭ କରିଥିବା ୧୮ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

## ଖବର ପ୍ରସାରଣର ଦିନକ ପରେ ରାଜପଥରେ ଫାଟ ମରାମତି



ଧରିତ୍ରୀ ପ୍ରଭାବ

**କୁଆଁରମୁଣ୍ଡା,୫।୧୧(ମହେନ୍ଦ୍ର କୁମାର ସାହୁ):** ୧୪୩ ନମ୍ବର ଜାତୀୟ ରାଜପଥର ବାରକୋଟରୁ ବୀରମିତ୍ରପୁର ପର୍ଯ୍ୟନ୍ତ ନବନିର୍ମିତ ୪ ଥାକିଆ ରାସ୍ତାର କୁଆଁରମୁଣ୍ଡା ପଦମପୁର ନିକଟରେ ଫାଟ ସୃଷ୍ଟି ହେବା ଖବର ଶୁକ୍ରବାର ଧରିତ୍ରୀ ଖବରକାଗଜରେ ପ୍ରକାଶ ପାଇବା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖବର ପ୍ରସାରଣର ଗୋଟିଏ ଦିନ ମଧ୍ୟରେ ପଦମପୁର ନିକଟସ୍ଥ ଢଲେଇକୁ ବିଭାଗ ପକ୍ଷରୁ ମରାମତି କରାଯାଇଛି। ଏ ନେଇ ଅଞ୍ଚଳବାସୀ ଧରିତ୍ରୀ ଖବରର ପ୍ରଭାବକୁ ପ୍ରଶଂସା କରିଛନ୍ତି।

## ଏକ୍ସ କ୍ୟାଡର ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

**ନୂଆଗାଁ, ୫।୧୧(ବିଜୟତ୍ରିପାଠୀ)**

ଏକ୍ସ କ୍ୟାଡର ଶିକ୍ଷକ ସଂଘର ଏକ ବୈଠକ ଶନିବାର ନୂଆଗାଁ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ପୂର୍ବତନ ସଭାପତି ବିନୋଦ କୁମାର ମାହାତୋ ସଭାପତିତ୍ୱ କରିଥିଲେ। ପରେ ସଂଘର ନୂତନ କମିଟି ଗଠନ ଉପରେ ମତ ପ୍ରକାଶ ପାଇଥିଲା। ସର୍ବ ସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ଚୟନ ପକ୍ରିୟା କରାଯାଇଥିଲା। ଏଥିରେ ସଭାପତି ଭାବେ ଜନାର୍ଦ୍ଦନ ସାହୁ, ଉପ ସଭାପତି ଜନ୍ମଜୟ ତ୍ରିପାଠୀଙ୍କୁ ସର୍ବ ସମ୍ମତି କର୍ମେ ମନୋନୀତ କରାଯାଇଥିଲା। ସେହିଭଳି ଉପ ସଭାପତି ଭାବେ ରାଜକୁମାର ସାହୁ, ସମ୍ପାଦକ ବଳରାମ ସିଂ, ସହ ସମ୍ପାଦକ ବୁଧରାମ ଖାଖା ଓ ରଙ୍ଗଲାଲ କମାର ତଥା କୋଷାଧକ୍ଷ ଭାବେ ମୀନତି ରାଉତରାୟଙ୍କୁ ମନୋନୀତ କରାଯାଇଥିଲା। ସଂଘ ଉପଦେଷ୍ଟା କମିଟିରେ ଶିକ୍ଷକ ବିନୋଦ ମାହାତ, ବରିଷ୍ଠ ଶିକ୍ଷକ ଦିଲ୍ଲୀପ ସାହୁ, ମଙ୍ଗଲ କେରକେଟା,ରଞ୍ଜିତା ଏକ୍କା, ପର୍ଶୁରାମ ବେହେରା, ଦିଲ୍ଲୀପ ଗୋୱାଲା ଓ ରାଧେଶ୍ୟାମ ବଡାଇକଙ୍କୁ ସର୍ବସମ୍ମତି କର୍ମେ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ସଂଘର ସମସ୍ତ ଶିକ୍ଷକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ବରିଷ୍ଠ ଶିକ୍ଷକ ଦିଲୀପ ସାହୁ ପ୍ରକାଶ କରିଥିଲେ।

# ଅବସର ଭବନରେ ନୂଆଁଖାଇ ଭେଟ୍‌ଘାଟ

**ସୁନ୍ଦରଗଡ,୫।୧୧(ଜୟ ନାରାୟଣ ମେଣ୍ଡୁଲି)**



ପେନ୍‌ସନ ଭୋଗୀଙ୍କ ବାର୍ଷିକ ଜୀବନ ପ୍ରମାଣ ପତ୍ର ଗ୍ରହଣ କରାଯାଉଛି।

ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ତରଫରୁ ରବିବାର ସ୍ଥାନୀୟ ଅବସର ଭବନଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପେନସନ ଭୋଗୀଙ୍କ ବାର୍ଷିକ ଜୀବନ ପ୍ରମାଣ ପତ୍ର ସ୍ଥାନୀୟ ଷ୍ଟେଟବ୍ୟାଙ୍କର ଡେପୁଟି ମ୍ୟାନେଜର ସୌକିନ ବାଗ ଓ ତାଙ୍କ ସହଯୋଗୀଙ୍କ ଜରିଆରେ ଗ୍ରହଣ କରାଯାଇଛି। ସିଦ୍ଧି ଫାଇନାନ୍ସର ଜୋନାଲ ମ୍ୟାନେଜର କିରଣ କୁମାର ମିଶ୍ର ତାଙ୍କ ସଂସ୍ଥା ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜଣାଶୁଣା ବ୍ୟଙ୍ଗ କବି, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଦୁର୍ଗାମାଧବ ପଣ୍ଡାଙ୍କୁ ସଂଘ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କବିଙ୍କ ଦ୍ୱାରା କବିତା ପାଠ ହୋଇଥିଲା। ସଂଘ ସଭାପତି ଦୁର୍ଗାମାଧବ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଗୁଣନିଧି ମହାନ୍ତି, ସମ୍ପାଦକ ରାଜକିଶୋର ମହାରଣା, ଯୁଗ୍ମସମ୍ପାଦକ ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଲଳିତ ମୋହନ ଦାଶ, ବରିଷ୍ଠ ସଭ୍ୟ ଚିରବ୍ରତ ଦତ୍ତ, ଚନ୍ଦ୍ରମଣି ମିଶ୍ର, ମନୋଜ କୁମାର ପୁରୋହିତ, ସୁଧାଂଶୁ କୁମାର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରା ଲୁହାପଥର ଗୁଣ୍ଡ ଚାଲାଣ, ୨ ଟ୍ରକ ଜବତ

**ଲହୁଣୀପଡ଼ା,୫।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ପୋଲିସ ପକ୍ଷରୁ ଚୋରା ଚାଲାଣ ହେଉଥିବା ଲୁହାପଥର ଗୁଣ୍ଡ ବୋଝେଇ ୨ଟି ଟ୍ରକ ଜବତ ହୋଇଛି। ସୂଚନା ଅନୁସାରେ, ୨ଟି ଟ୍ରକରେ ଚୋରା ଲୁହାପଥର ଗୁଣ୍ଡ ଚାଲାଣ ହେଉଥିବା କେ.ବଲାଙ୍ଗ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଦୃଷ୍ଟି ରଖା ଯାଇଥିଲା। କେ ବଲାଙ୍ଗ ଅଞ୍ଚଳରେ ଗାଡି ୨ଟିକୁ ଅଟକାଇ ପୋଲିସ କାଗଜପତ୍ର ଯାଞ୍ଚ କରିଥିଲା। ବିନା ଟିପିରେ ଗାଡି ୨ଟି ଚୋରା ଲୁହାପଥର ଗୁଣ୍ଡ ଚାଲାଣ କରୁଥିବା ଜଣାପଡିଥିଲା। ଟ୍ରକ ୨ ଟିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି, କୋଇଡା ଖଣି ଅଞ୍ଚଳରୁ ଓଡି –୧୪ଜେଡ –୪୩୪୩ ଟ୍ରକ ଏବଂ ଓଡି– ୦୯ୟୁ –୭୩୨୪ ଟ୍ରକଟି ଲୁହାପଥର ଗୁଣ୍ଡ ଲୋଡିଂ କରି କେନ୍ଦୁଝର ଜିଲା ବାଁଶପାଣି ଅଞ୍ଚଳକୁ ନେବାର ଥିଲା। କିନ୍ତୁ ଉକ୍ତ ଟ୍ରକ ୨ଟି ବାଂଶପାଣି ଅଞ୍ଚଳକୁ ନ ଯାଇ ବିନା ଟିପିରେ ବେନିୟମ ଭାବେ ରାଉରକେଲା ପଟେ ଯାଉଥିଲା। ଲୁହାପଥର ଗୁଣ୍ଡ ବେନିୟମ ଚୋରା ଚାଲାଣ ସମ୍ପର୍କରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ରାକେଟକୁ ଠାବ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ତନାଘନା ଜାରି ରହିଛି।

## ହାତୀ ଆତଙ୍କ, ଅଞ୍ଚଳବାସୀ ଭୟଭୀତ

**ବାଲିଶଙ୍କରା, ୫।୧୨(ହୃଦାନନ୍ଦ ବାରିକ):** ସୁନ୍ଦରଗଡ ଫରେଷ୍ଟ ରେଞ୍ଜ ରାଉଲଡେଗା ସେକ୍ସନ ଅନ୍ତର୍ଗତ ବାଲିଶଙ୍କରା ବ୍ଲକ କରୁଆବାହାଲ ବୁନ୍ଦେଲଜଙ୍ଗଲରେ ଜଙ୍ଗଲୀ ହାତୀ ଦିନରେ ବୁଲୁଥିବା ଦେଖି ଗ୍ରାମବାସୀ ଭୟଭୀତ ଅଛନ୍ତି। ଦୀର୍ଘ ଦିନରୁ ଏହି ହାତୀ ଏକୁଟିଆ ବୁଲୁଥିବାବେଳେ କୌଣସି କ୍ଷୟକ୍ଷତି କିମ୍ବା ଜୀବନହାନି କରି ନ ଥିବା ସୂଚନା ମିଳିଛି। ତେବେ ହାତୀ ଘଉଡାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଗତ ମାସରେ ୧୦ରୁ ୧୫ ହାତୀ ମହୁଲଗାଁ, ଧୁଡି ନୂଆଗାଁ, ତେଲିଯୋର, କୁରେଇ, କାଲୋପଡା ଅଞ୍ଚଳରେ ପଶିଥିଲେ।

# ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ




କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଭାଜା ନେତୃବୃନ୍ଦ।

**ରାଜଗାଙ୍ଗପୁର,୫।୧୧(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟରଠାରେ ରବିବାର ସନ୍ଧ୍ୟାରେ ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ଭାଜପାର ସଭାପତି ମନମୋହନ ସାମଲ, ଏମ୍‌ପି ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନଶଙ୍କର ଭୋଇଙ୍କ ସହ ଅନ୍ୟ ନେତୃବୃନ୍ଦମାନେ ଯୋଗଦେଇ ଉପସ୍ଥିତ ଭାଜପାର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ସଙ୍ଗଠନକୁ ମଜବୁତ କରି ଆଗାମୀ ନିର୍ବାଚନରେ ସଫଳ ହେବା ପାଇଁ ବକ୍ତବ୍ୟ ରଖିଥିଲେ।

## ବଲଦମାଲରେ ମେଗା ସ୍ୱାସ୍ଥ୍ୟ ମେଳା

**ସୁନ୍ଦରଗଡ,୫।୧୧(ଜୟ ନାରାୟଣ ମେଣ୍ଡୁଲି)**

ଆୟୁଷ ମନ୍ତ୍ରାଳୟ ଦ୍ୱାରା ଘୋଷିତ ସୁନ୍ଦରଗଡ ସଦର ବ୍ଲକ ବଲଦମାଲ ଗ୍ରାମରେ ଗତ ୩ତାରିଖରେ ଏକ ବିଶାଳ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଅଧକ୍ଷ ସୁବ୍ରତ ମାଝି, ବାରଗାଡ ସରପଞ୍ଚ ବୈଜୟନ୍ତୀ ମୁଣ୍ଡା ସମ୍ମାନିତ ଅତିଥି,ଜିଲା ହୋମିଓପାଥି ଚିକିତ୍ସାଧିକାରୀ ଡା.ରଞ୍ଜନ ମହାନ୍ତି ଯୋଗଦେଇ ଜନସାଧାରଣ ନିଜ ନିଜର ବାଡିବଗିଚାରେ ଥିବା ଔଷଧୀୟ ବୃକ୍ଷକୁ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଶିବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରି ଆୟୁର୍ବେଦ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରଥିଲେ। ଆୟୁର୍ବେଦିୟ ଔଷଧୀୟ ବୃକ୍ଷ ହରିଡା, ବାହାଡା, ଅଁଳା, ସର୍ପଗନ୍ଧା, ଅଶ୍ୱଗନ୍ଧା, ସତାବରୀ ଆଦିର ଔଷଧୀୟ ଗୁଣ, କାର୍ଯ୍ୟ ବର୍ଣ୍ଣନା କରି ଔଷଧୀୟ ବଗିଚାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ହୋମିଓପାଥି ଚିକିତ୍ସାଧିକାରୀ ମହାନ୍ତି ଛୋଟ ଛୋଟ ରୋଗର ଚିକିତ୍ସା କିଭଳି ହୋମିଓପାଥି ଦ୍ୱାରା ହୋଇପାରୁଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ବଲଦମାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ତାଣ୍ଡିଆ ସମାଜ ପାଇଁ ଆୟୁଷ ଚିକିତ୍ସା ଜରୁରୀ ବୋଲି କହିଥିଲେ। ଏହି ମେଳାରେ ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା ଓ ଅନ୍ୟାନ୍ୟ ପରୀକ୍ଷା କରାଇ ଆବଶ୍ୟକ ମାଗଣା ଔଷଧ ଓ ପରାମର୍ଶ ଗ୍ରହଣ କରିଥିଲେ। ଏହି ଅବସରରେ ଯୋଗ ପ୍ରଶିକ୍ଷକ ବୃନ୍ଦାବନ ସାହୁଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ଗ୍ରାମବାସୀ ତଥା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ଔଷଧୀୟ ଚାରା ପ୍ରଦର୍ଶନୀ ବ୍ୟବସ୍ଥା ସହ ଗ୍ରାମବାସୀଙ୍କୁ ଚାରା ବଣ୍ଟନ ଓ ରୋପଣ ବ୍ୟବସ୍ଥା କରାଯାଇଥିଲା। ଆୟୁର୍ବେଦ ଡା. ଅମିତ ତିର୍କୀ, ସୁଧୀର ବାଡା, ରିଣ୍ଟି ପଟେଲ, ନନ୍ଦିନୀ ପଟେଲ, ସୁମନ କୁଲୁ, ବିଜୟଲକ୍ଷ୍ମୀ ନାୟକ, ଅନିମା କେରକେଟା, ହୋମିଓପାଥି ଡ. ଜର୍ଜ ସୋରେନ, ଅସୀମା ସୋରେନ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆୟୁର୍ବେଦ ସହାୟକ ଲଳିତ ରଞ୍ଜନ ନାଏକ, ରୋଶନ ସାମଦ, ମିତ୍ରଭାନୁ ଭୈଷାଲ, ଅସୀମା କେରକେଟା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମିଲେଟ ମିଶନର ଗୁରୁତ୍ୱକୁ ଉପଲବ୍ଧି କରି ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ବ୍ୟବସ୍ଥା ହୋଇଥିଲା।

# ବିଜେଡିର ପ୍ରସ୍ତୁତି ବୈଠକ

**ଲହୁଣୀପଡ଼ା,୫।୧୧(ଦାଶରଥି ପଣ୍ଡା)**




ବିଜେଡି କର୍ମକର୍ତ୍ତା ଏବଂ କର୍ମୀମାନେ ବ୍ଲକ ପ୍ରଶାସନ ସହ ଆଲୋଚନା କରୁଛନ୍ତି।

ନଭେମ୍ବର ୮ରେ ହେବାକୁଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ଲହୁଣୀପଡ଼ା ଠାରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହି କାର୍ଯ୍ୟକ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହେବ। ଉଦଘାଟନୀ ଉତ୍ସବରେ ବ୍ଲକର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ଯୋଗଦେବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ସୁଚାରୁ ରୂପେ ତୁଲେଇବା ପାଇଁ ବିଡିଓ ଅନୁରାଗ ମିଶ୍ର ସହକର୍ମୀଙ୍କ ସହିତ ପ୍ରୟାସ ଜାରି ରଖିଥିବା ବେଳେ ଏହାକୁ କିପରି ସଫଳ କରାଯିବ ସେନେଇ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଉରକେଲା ସାଙ୍ଗଠନିକ ଜିଲା କାର୍ଯକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପ ସଭାପତି ଭୀମସେନ ଚୌଧୁରୀ, ରଣଜିତ କିଷାନ, ବଣେଇଁ ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଷ୍ଟାଲୀନ ପରିଜା, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର,ଏସ୍‌ଡିସି ସଦସ୍ୟ ପ୍ୟାରା ବାର୍ଲା,ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିଥିଲେ। ଏହି ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏହାପରେ ବୈଠକରେ ଉପସ୍ଥିତ ଥିବା ବିଜୁ ଜନତା ଦଳର କର୍ମକର୍ତ୍ତା ଓ କର୍ମୀମାନେ ଉଦଘାଟିତ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡିଶା ସ୍ଥାନରେ ପହଞ୍ଚି ପରିଦର୍ଶନ କରିବା ସହିତ ବ୍ଲକ ପ୍ରଶାସନ ସହିତ ଆଲୋଚନା କରିଥିଲେ।

# ରାଗି କିସମ ଅର୍ଜୁନର କ୍ଷେତ୍ର ପ୍ରଦର୍ଶନୀ

**ସୁନ୍ଦରଗଡ,୫।୧୧(ଜୟ ନାରାୟଣ ମେଣ୍ଡୁଲି)**




ଚାଷୀମାନେ ମିଲେଟ କ୍ଷେତ ବୁଲି ଦେଖୁଛନ୍ତି।

କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼ ଏବଂ ଏନଜିଓ ସେବକର ସହଯୋଗକ୍ରମେ ବାଲିଶଙ୍କରା ବ୍ଲକ ଝିଲିମାଲ ଗ୍ରାମରେ ନଭେମ୍ବର ୨ରୁ ଅଧିକ ଉତ୍ପାଦନକ୍ଷମ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ରାଗି କିସମ ଅର୍ଜୁନାର କ୍ଷେତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଖପାଖ ୧୯ ପଞ୍ଚାୟତରୁ ୧୦୦ରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରର ଶସ୍ୟ ବିଜ୍ଞାନୀ ଡ. ଦ୍ୱିବେନ୍ଦୁ ମଣ୍ଡଳ, କୃଷି ବିଭାଗର ପାର୍ଥ ସେଠ୍, ଓଡ଼ିଶା ମିଲେଟ୍ ମିଶନର ଜିଲା ପ୍ରୋଗ୍ରାମ କୋର୍ଡିନେଟର ସୁନୀଲ କୁମାର ପଟେଲ ଓ ସୌରଭ ନାଏକ, ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ କୋର୍ଡ଼ିନେଟର ଜାଭିଆର କିରୋ, ଓଡ଼ିଶା ମିଲେଟ୍ ମିଶନ ପ୍ରୋଜେକ୍ଟ ବ୍ଲକ କୋ–ଅର୍ଡ଼ିନେଟର ମୋନାଲିସା ପାଢୀ, ଅତିରିକ୍ତ ବ୍ଲକ କୋର୍ଡ଼ିନେଟର ତରୁଣ କୁମାର ପଟେଲ, ସିଇଓ ଅମିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରର ଶସ୍ୟ ବିଜ୍ଞାନୀ ଡ.ଦ୍ୱିବେନ୍ଦୁ ମଣ୍ଡଳ କ୍ଷେତ୍ର ପ୍ରଦର୍ଶନୀର ଉଦ୍ଦେଶ୍ୟ ଓ ମିଲେଟ ଚାଷ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ବ୍ଲକ କୋର୍ଡିନେଟର ତରୁଣ କୁମାର ପଟେଲ ଚାଷୀଙ୍କ ସହ ମିଲେଟ୍ ଚାଷରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ସମସ୍ତ ଚାଷୀମାନେ ମିଲେଟ୍ କ୍ଷେତ୍ର ବୁଲିଦେଖିଥିଲେ ଏବଂ ଏକ ନିର୍ଦ୍ଧାରିତ ପ୍ଲଟରେ କ୍ରପ୍ କଟିଂ କରାଯାଇ ତାର ପରୀକ୍ଷଣ କରାଯାଇଥିଲା। ଏହି ତାଲିମ୍ ଶିବିରକୁ କେନ୍ଦ୍ରର ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଉଷଠି ଉତ୍ପାଦକ ପ୍ରାଇଭେଟ୍ କମ୍ପାନୀ ଲିମିଟେଡ ଓ ସେବକର କର୍ମଚାରୀ ସହଯୋଗ କରିଥିଲେ।

## ସ୍କୁଟି ଦୁର୍ଘଟଣାରେ ଜଣେ ମୃତ

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକ କୁକୁଡାପାଲି ଡୁମେରପାଲି ଟିକିରାପଡାଠାରେ ରବିବାର ଏକ ସ୍କୁଟି ଦୁର୍ଘଟଣାରେ ଅର୍ଜୁନ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ଏକ ସ୍କୁଟିରେ ଯାଉଥିବାବେଳେ ଟିକିରାପଡାଠାରେ ଭାରସାମ୍ୟ ହରାଇଥିଲେ। ଫଳରେ ସ୍କୁଟିଟି ଦୁର୍ଘଟଣାଗ୍ରସ୍ତ ହୋଇ ନିକଟସ୍ଥ ଚାଷ ଜମିକୁ ପଡ଼ିଥିଲା। ଶାସନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ପ୍ରୟାସର ନୂଆଁଖାଇ ଭେଟଘାଟ୍

ସମ୍ବଲପୁର, ୫।୧୧(ବି.ଶଙ୍କର)

ସମ୍ବଲପୁର ସହରସ୍ଥିତ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ନୂଆଁଖାଇ ଭେଟଘାଟ -୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରୟାସ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଅଧ୍ୟାପିକା ମମତା ସାହୁ , ଗୁରୁ ରଞ୍ଜିତ ନାଗ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରୟାସର ସଭାପତି ଗୁଣନିଧି ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ପାଦକ ପ୍ରଫୁଲ୍ଲ ବାରିକ ସମେତ ପ୍ରୟାସ ପରିବାର କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ଟ୍ରେଲରକୁ ଧକ୍କା ଦେଲା ଟ୍ରକ: ଡ୍ରାଇଭର ଗୁରୁତର

ସମ୍ବଲପୁର,୫।୧୧ (ଭବାନୀ ଶଙ୍କର ଭୋଇ)

-୫୩ ନମ୍ବର ଜାତୀୟ ରାଜପଥ ଆମସଢା-କଟାପାଲି ଠାରେ ଏକ ମିନି ଟ୍ରକ ଟ୍ରଲରକୁ ପଛପଟୁ ଧକ୍କା ଦେବାରୁ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୀର୍ଘ ସମୟ ଧରି ମିନିଟ୍ରକ ଡ୍ରାଇଭର ଚାପି ହୋଇ ରହିଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବାହାର କରାଯିବା ସମ୍ଭବ ନ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସମ୍ବଲପୁର ଓ ବୁର୍ଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ଓ କଟର ସାହାଯ୍ୟରେ ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ଉଦ୍ଧାର ହୋଇଥିବା ଡ୍ରାଇଭରଙ୍କୁ ବୁର୍ଲା ଭିମସାର ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ସୂଚନା ଅନୁସାରେ ସମ୍ବଲପୁର ପଟୁ ଟ୍ରଲରଟି ବରଗଡ ଅଭିମୁଖେ ଯାଉଥିବାବେଳେ ମିନିଟ୍ରକ ତାକୁ ପଛପଟୁ ଧକ୍କା ଦେଇଥିଲା।

### ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ସୋମବାର ୮ଘଣ୍ଟା ବନ୍ଦ ରହିବ ବିଦ୍ୟୁତ୍ ସରବରାହ

ସମ୍ବଲପୁର,୫।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଓ ଏହାର ଆଖପାଖ ବିଭିନ୍ନ ଅଞ୍ଚଳରେ ସୋମବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୮ ଘଣ୍ଟାଧରି ବନ୍ଦ ରହିବ ବିଦ୍ୟୁତ୍ ସରବରାହ। ରକ୍ଷଣାବେକ୍ଷଣ ପାଇଁ ସହରର ଓ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରଖିବାକୁ ବାଧ ହେଉଥିବା ବିଦ୍ୟୁତ ବିତରଣକାରୀ ସଂସ୍ଥା ଟିପିଡବ୍ଲୁଓଡିଏଲ୍ ପକ୍ଷରୁ କୁହାଯାଇଛି। ଏଥିମଧ୍ୟରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଇଁଠାପାଲି, ଫାଟକ, ବୁଢ଼ାରଜା, ଶାନ୍ତିନଗର, ମାଲିପଡ଼ା, ଚେରୁଆପଡ଼ା, ଫାର୍ମରୋଡ଼, ରେଳଷ୍ଟେସନ, ଜିଲା ମୁଖ୍ୟ ଚିକିତ୍ସାଳୟ, କମିଶନରର୍ସ କଲୋନୀ, ବୃନ୍ଦହିଲ୍, ପିଏଚ୍ଡି କଲୋନୀ, ପୋଲିସ ଲାଇନ୍, ଲକ୍ଷ୍ମୀଟକିଜ୍ ଛକ, ନନ୍ଦପଡ଼ା, ଖାଦୁଆପଡ଼ା, ପେନସନପଡ଼ା, ଭିଏସ୍ଏସ୍ମାର୍ଗ, କାଳିବାଡ଼ି, ଧନକଉଡ଼ା, ନେଲସନ୍ ମଣ୍ଡେଲାଛକ, ବଡ଼ବଜାର, ବରେଇପାଲି, ଦୁର୍ଗାପାଲି, ରେମେଡ଼, ବରେଇପାଲି ପିଏଚ୍ପି ପଏଣ୍ଟ, ପୁଟିବନ୍ଧ, ଶାସନ, କାଇଁଶିର ଧମା, ପଡ଼ିଆବାହାଲ ଆଦି ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସେବା ବନ୍ଦ ରହିବ ବୋଲି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ର୍ୟାମ୍ପ ଶୋ, ଆଙ୍କରିଂରେ ପ୍ରତିଯୋଗୀଙ୍କ କମାଲ

## 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩' ପାଇଁ ଦ୍ୱିତୀୟ ଦଫା ଅଡିସନ୍ ସମ୍ପନ୍ନ


'ଟିନ୍ ମିସ୍ ଓ ମାଷ୍ଟର-୨୦୨୩' ପାଇଁ ଦ୍ୱିତୀୟ ଦଫା ଅଡିସନରେ ସାମିଲ ପ୍ରତିଯୋଗୀ।

ସମ୍ବଲପୁର, ୫।୧୧(ପ୍ରମୋଦ ବହିଦାର)

ଆସନ୍ତା ନଭେମ୍ବର ୨୫ରେ ସମ୍ବଲପୁରଠାରେ ହେବାକୁ ଥିବା 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩'ର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ଦଫା ଅଡିସନ୍ ରବିବାର ସମ୍ପନ୍ନ ହୋଇଛି। ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ସମ୍ବଲପୁର ଜଗନ୍ନାଥ କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦ ପକ୍ଷରୁ ୬ରୁ ୧୨ ବର୍ଷ ଶିଶୁଙ୍କ ପାଇଁ ଲିଟିଲ୍ ମିସ୍ ଓ ମାଷ୍ଟର ପ୍ରତିଯୋଗିତାର ପ୍ରଥମ ଦଫା ଅଡିସନ ଗତ ଅକ୍ଟୋବର ୨୯ରେ ସମ୍ପନ୍ନ ହୋଇ ସାରିଥିବାବେଳେ ରବିବାର ୧୨ରୁ ୧୭ ବର୍ଷ ବୟସ୍କ ପିଲାଙ୍କ 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩' ପ୍ରତିଯୋଗିତା ପାଇଁ ଦ୍ୱିତୀୟ ଦଫା ଅଡିସନ୍‌ରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟମରେ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଅବିଭକ୍ତ ସମ୍ବଲପୁର ଜିଲା ସହ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟରୁ ମଧ୍ୟ ୬ରୁ ୧୨ ବର୍ଷ ମଧ୍ୟରେ ୬୦ ରୁ ଅଧିକ ଆଗ୍ରହୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ର୍ୟାମ୍ପ ଶୋ, ଇଣ୍ଟ୍ରୋଡକ୍ସନ୍, ଟ୍ୟାଲେଣ୍ଟ, କୁଇଜ୍ ଓ ଆଙ୍କରିଂ ଆଦି ୫ଟି କ୍ଷେତ୍ରରେ ସେମାନଙ୍କ ପ୍ରତିଭାକୁ ପରଖା ଯାଇଥିଲା। ପ୍ରତିଯୋଗୀମାନେ ନିଜର କମାଲ ଦେଖାଇଥିଲେ। ବିଚାରକ ମଣ୍ଡଳିଙ୍କ ନିଷ୍ପତ୍ତି ଅନୁସାରେ ଉଭୟ ବର୍ଗରୁ ୧୨ଜଣ ଲେଖାଁଏ ମୋଟ ୨୪ ଜଣ ପ୍ରତିଯୋଗୀଙ୍କୁ ଫାଇନାଲ ପାଇଁ ଚୟନ କରାଯାଇଛି। ଏଥିରେ ବିଚାରକ ଭାବେ ଶ୍ରବଣ ବାଗ, ଡଲି ଜୁଲ୍‌ଫିକର, ସୁଚିସ୍ମିତା ଷଡ଼ଙ୍ଗୀ, ସୁଦାମ ପଣ୍ଡା, ମାଷ୍ଟର ପ୍ରେମ୍ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଶ୍ରେଷ୍ଠ ଅଂଶଗ୍ରହଣକାରୀଙ୍କୁ ଆସନ୍ତା ୨୫ ତାରିଖରେ ହେବାକୁ ଥିବା 'ଟିନ୍ ମିସ୍ ଓ ମାଷ୍ଟର-୨୦୨୩' ପାଇଁ ଚୟନ କରିଥିଲେ। କାର୍ଯ୍ୟକ୍ରମକୁ ଅସୀମ ପ୍ରଧାନ ଓ ସୀମନ୍ତିକା ଦାଶ ସଞ୍ଚାଳନ କରିଥିଲେ। ସାଇ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, କାର୍ଯ୍ୟକ୍ରମ ସଂଯୋଜକ ପରଭେଜ୍ ଅଲ୍ଲୀ ଖାନ ଓ ବିତ୍ତ ସଂଯୋଜକ ଭୋଳା ଶଙ୍କର ମହନ୍ତମ ଉପସ୍ଥିତ ଥିଲେ। ନିବେଦିତା ଦାଶ, ପାୟଲ ଭୋଇ, ମନୀଷା ସାହୁ, ସ୍ୱୟଂସିଦ୍ଧା ପଟ୍ଟନାୟକ, ତର୍ପଣ ପ୍ରଧାନ, ମନୋଜ ପ୍ରଧାନ, ଶରତ ନାୟକ, ଉମେଶ ମାଝୀ, ନୁପୁର ଭୋଇ, ସୋମନାଥ ଜାଲ, ସୀମା ଷଣ୍ଢ, ସ୍ୱୟଂଜିତ ପଟ୍ଟନାୟକ, ଧରଣୀଧର ନାଥଙ୍କ ସହିତ ହମ୍ପଟି ଡମ୍ପଟି ପ୍ଲେ ସ୍କୁଲ୍‌ର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା ପାଇଁ ଜିଲାସ୍ତରୀୟ ସମ୍ମିଳନୀ

ସମ୍ବଲପୁର, ୫।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ନୃସିଂହ ଗୁରୁ ଟାଉନ ଉଚ୍ଚ ବିଦ୍ୟାଳୟରେ ରବିବାର ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା ଲାଗୁ କରିବା ଦାବିରେ ଜାତୀୟ ଅଭିଯାନ ଅନ୍ତର୍ଗତ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବାର୍ଦ୍ଧକ୍ୟ ପେନସନ ଯୋଜନା ଜାତୀୟ ଆନ୍ଦୋଳନର ମୁଖ୍ୟ ସଂଯୋଜକ ହିମାଂଶୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷକନେତା ତଥା ସଂଯୋଜକ ଚେରୁ ପାତ୍ର, ନର୍ସିଂ ଅଧିକାରୀ ଅନୁପମା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟର ସମସ୍ତ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଯୋଜକ ମୋଜିବୁଦ୍ଦିନ ଖାନ ବୈଠକକୁ ପରିଚାଳନା କରିଥିବାବେଳେ ଶେଷରେ ଭୀମରାମ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ଦୀପ, ରେବତୀ କିଷାନ, ଦେବକୀ ସେଠ୍, ପ୍ରଣତୀ ସାହୁ, ପଙ୍କଜିନୀ ଡୁଙ୍ଗଡୁଙ୍ଗଙ୍କ ସହିତ ପ୍ରାଥମିକ ଶିକ୍ଷକ ସଂଘ, ଅମଲା ସଂଘର କର୍ମକର୍ତ୍ତା ତଥା ଅନ୍ୟମାନେ ଯୋଗ ଦେଇଥିଲେ।

# ଭିସୁଟରେ ଜାତୀୟ ଶିକ୍ଷା ନୀତି ଶୀର୍ଷକ ସେମିନାର


ବୁର୍ଲାସ୍ଥିତ ଭିସୁଟଠାରେ ଆୟୋଜିତ କାର୍ଯ୍ୟକ୍ରମ।

ସମ୍ବଲପୁର, ୫।୧୧(ବି.ଶଙ୍କର)

ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) ଓ ଭାରତୀୟ ଶିକ୍ଷଣ ମଣ୍ଡଳ (ବିଏସଏମ)ର ମିଳିତ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ନୀତି -୨୦୨୦ ସେମିନାର ରବିବାର ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଙ୍ଗ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି, ଭାରତୀୟ ଶିକ୍ଷଣ ମଣ୍ଡଳ ଅଖିଳ ଭାରତୀୟ ସଂଯୁକ୍ତ ମହାମନ୍ତ୍ରୀ ହିମାଂଶୁ ବର୍ମା, ମହିଳା ପ୍ରକଳ୍ପ ସହପ୍ରମୁଖ ସୁଶ୍ରୀ ଅରନ୍ଧତୀ କୱଡ଼କର, ଶିକ୍ଷାବିତ ତଥା ଆରଏସ୍ଏସ୍ ପଶ୍ଚିମପ୍ରାନ୍ତ ସଂଘ ଚାଳକ ବିପିନ ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ଡିଏସ୍‌ଡବ୍ଲ୍ୟୁ ସଞ୍ଜୟ କୁମାର ପାତ୍ର ଅତିଥିଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୩ ଟି ପର୍ଯ୍ୟାୟରେ ଅଧିବେଶନ ହୋଇଥିଲା। ପ୍ରଥମ ଅଧିବେଶନରେ ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସଞ୍ଜୟ ପାଠକ ଓ ବିପିୟୁଟିର ପରିଦର୍ଶକ ପ୍ରଫେସର ପିୟୁଷ ରଞ୍ଜନ ଦାସ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କୋରାପୁଟ ସେଣ୍ଟ୍ରାଲ ୟୁନିଭର୍ସିଟିର କୁଳପତି ଚକ୍ରଧର ତ୍ରିପାଠୀ ଓ ରାଉରକେଲା ମ୍ୟୁନିସିପାଲ କଲେଜର ଅଧ୍ୟାପକ ସନାତନ ପ୍ରଧାନ, ତୃତୀୟ ଅଧିବେଶନର ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର, ଅବସରପ୍ରାପ୍ତ ପ୍ରିନ୍ସିପାଲ ତରୁଣ ମିଶ୍ର ଯୋଗ ଦେଇ ଭାରତର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ନୂତନ ଶିକ୍ଷାନୀତିର ଦୂରଦୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଏହାର ଗୁରୁତ୍ୱ ସମ୍ପର୍କରେ ବୁଝାଇ ଥିଲେ। ଆସୋସିଏଟ ଡିଏସ୍‌ଡବ୍ଲ୍ୟୁ ଡ. ପୂର୍ଣ୍ଣପ୍ରିୟା ମିଶ୍ର, ସାଂସ୍କୃତିକ ସୋସାଇଟି ଉପସଭାପତି ଡ.ତୃପ୍ତିରଞ୍ଜନ ମହାପାତ୍ର, ଏସ୍‌ଡବ୍ଲ୍ୟୁ କୋର୍ଡିନେଟର ଆନନ୍ଦ କୁମାର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, କର୍ମଚାରୀ ତଥା ଛାତ୍ରୀଛାତ୍ର ସାମିଲ ଥିଲେ। ଶେଷରେ ବିଦ୍ୟାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନେଶ୍ୱରରେ ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୫।୧୧
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ମାନଧାତା ବାବା ମନ୍ଦିର କଲ୍ୟାଣ ମଣ୍ଡପଠାରେ ପୂର୍ବତନ ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ରାମସାଗର ସାହୁଙ୍କ ଆହ୍ୱାନ କ୍ରମେ ବିଜେଡିର ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜୁ ଜନତା ଦଳ ବ୍ଲକ ସଭାପତି ଗୋପୀରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦଳକୁ ସଙ୍ଗଠିତ କରିବାକୁ ଆଲୋଚନା କରାଯାଇଥିଲା। ଚଳିତ ମାସ ୧୯ରେ ମାନେଶ୍ୱର ବ୍ଲକର ଚାନ୍ଦମୁଣ୍ଡା ବନଦୁର୍ଗା ମନ୍ଦିର ନିକଟରେ ଦଳର ଏକ କର୍ମୀ ସମ୍ମିଳନୀ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଦଳକୁ କିଭଳି ତୃଣମୂଳସ୍ତରରୁ ମଜଭୁତ କରାଯାଇପାରିବ ସେ ବିଷୟରେ ରଣନୀତି ପ୍ରସ୍ତୁତ କରିବା ସହ ବୁଥ୍ କମିଟି ଗଠନ ନେଇ ଆଲୋଚନା କରାଯାଇ ମତାମତ ସଂଗ୍ରହ କରାଯାଇଥିଲା। ବୈଠକରେ ବିଜୁ ଜନତା ଦଳର ନବ ନିଯୁକ୍ତ ଜିଲା ସମ୍ପାଦକ ଜଗନ୍ନାଥ ତ୍ରିପାଠୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ଜୋନ-୧ ସଂଯୋଜକ ଆର୍ତ୍ତତ୍ରାଣ ବାଗ୍, ଶାନ୍ତି କୁମାର ସାହୁ, କୈଳାସ ମିର୍ଦ୍ଧା, ଯତୀନ ଛୁରିଆ, ବିନୟ କୁମାର ବଡ଼ପଣ୍ଡା, ବିଶ୍ୱରଞ୍ଜନ ସାହୁ , ସୁରେନ୍ଦ୍ର ମରେଇ, ମନୋରଞ୍ଜନ ଦେଶିଆ, ସୁଶାନ୍ତ ରାଉତ, ପ୍ରକାଶ ମାଝି, ମଦନ ମୋହନ ପୂଝାରୀ ପ୍ରମୁଖ ସାମିଲ ହୋଇଥିଲେ।

## ସମ୍ବଲପୁରୀ, ପଶ୍ଚିମାଞ୍ଚଳର ଅସମ୍ମାନ ବିରୋଧରେ ଏକଜୁଟ ରହିବାକୁ ଆହ୍ୱାନ

ସମ୍ବଲପୁର,୫।୧୧ (ଭବାନୀ ଶଙ୍କର ଭୋଇ)

ହୀରାଖଣ୍ଡ ସାମ୍ମୁଖ୍ୟ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆହ୍ୱାନ କ୍ରମେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ମିଳିତ ବୈଠକରେ ସମ୍ବଲପୁରୀ ଏବଂ ପଶ୍ଚିମାଞ୍ଚଳ ବିରୋଧରେ ଦିଆଯାଉଥିବା ମନ୍ତବ୍ୟକୁ ନିନ୍ଦା କରାଯିବା ସହ ଏହାର ଦୃଢ଼ ଜବାବ ଦେବାକୁ ଘୋଷଣା କରାଯାଇଛି। ସାରା ପଶ୍ଚିମାଞ୍ଚଳବାସୀ ଏକଜୁଟ ହୋଇ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଛି।

ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିତୁ ମଙ୍ଗରାଜ, ଜିତୁ ରାଉତଙ୍କ ଭଳି କିଛି ବ୍ୟକ୍ତି ଅଯଥାରେ ସାମାଜିକ ଗଣମାଧ୍ୟମରେ ମନୋଜ ମିଶ୍ରଙ୍କୁ ଗାଳିଗୁଲଜ କରି ଧମକଚମକ ଦେବା ଯୋଗୁ ଓଡ଼ିଶାରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ସେମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯାଇଥିଲା। ଉତ୍କଳ ଚଳଚ୍ଚିତ୍ର ପ୍ରଯୋଜକ ସଂଘ ମନୋଜ ମିଶ୍ରଙ୍କୁ ପକ୍ଷ ରଖିବାର ସୁଯୋଗ ନଦେଇ ଭୁଲ ତଥ୍ୟ ବା ସୂଚନାକୁ ଆଧାର କରି ଦୁଇବର୍ଷ ପାଇଁ ନିଷେଧାଦେଶ ଘୋଷଣା କରିବାକୁ ମିଳିତ ବୈଠକରେ ନିନ୍ଦା କରାଯାଇଥିଲା। କିଛି ପ୍ରଯୋଜକ, ଅଭିନେତା, ଅଭିନେତ୍ରୀ ସମ୍ବଲପୁରୀ ଭାଷା ବିରୋଧରେ ବକ୍ତବ୍ୟ ଦେଇ ଜନଅସନ୍ତୋଷ ଏବଂ ଘୃଣାର ବାତାବରଣ ସୃଷ୍ଟି କରିଥିବାରୁ ନିଷେଧ ଘୋଷଣା କରିଥିବା ପ୍ରଯୋଜକ ସଂଘର ସଦସ୍ୟମାନେ କ୍ଷମା ମାଗିବାକୁ ବୈଠକରେ ଦାବି ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ରର କଥା କହି ମନୋଜ ମିଶ୍ର ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଦ୍ୱାରା ସମାଲୋଚନା ଓ ଷଡ଼ଯନ୍ତ୍ରର ଶିକାର ହେବା ଦୁଃଖଦାୟକ ତଥା ନିନ୍ଦନୀୟ ଅଟେ ବୋଲି ମିଳିତ ବୈଠକରେ କୁହାଯାଇଛି। ଓଡ଼ିଶା ସରକାର ଏ ଦିଗରେ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବା ଜରୁରୀ ବୋଲି ମିଳିତ ବୈଠକରେ ମତ ପ୍ରକାଶ ପାଇଥିଲା। ସମ୍ବଲପୁରୀ ଭାଷା ସଂସ୍କୃତି, ଐତିହ୍ୟ ପଶ୍ଚିମାଞ୍ଚଳର ସ୍ୱତନ୍ତ୍ର ପରିଚୟ। ଏହାପ୍ରତି ଆକ୍ଷେପ କରି ଜନଭାବନାକୁ ଆଘାତ ଦେଲେ ପରିସ୍ଥିତି ବିସ୍ଫୋରକ ଓ ଅଣାୟତ୍ତ ହେବ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା।

ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଚଳଚ୍ଚିତ୍ର ଓ ଅପେରାକୁ ବିରୋଧ ନ କରିବା, ପୋଷ୍ଟର ନ ଚିରିବା ପାଇଁ ଅନୁରୋଧ କରାଯିବା ସହ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତିର ଉତ୍ଥାନ ଦିଗରେ ପରିଶ୍ରମ ଓ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦିଆଯାଉଛି। ପଶ୍ଚିମ ଓଡ଼ିଶା ପ୍ରତି ଅବହେଳା, ସମ୍ବଲପୁରୀ ଭାଷା ଓ ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଦାବିରେ ଆମର ସଂଗ୍ରାମ ଜାରି ରହିବ ବୋଲି ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି। ମନୋଜ ମିଶ୍ର ଏବଂ ସମ୍ବଲପୁରୀ ଭାଷା ପ୍ରସଙ୍ଗକୁ ନେଇ ବନ୍ଦ ପାଳନ କୌଣସି ଆନ୍ଦୋଳନକୁ ସମର୍ଥନ କରାଯିବ ବୋଲି ବୈଠକରେ ସ୍ପଷ୍ଟ କରାଯାଇଥିଲା। ଏହି ବୈଠକରେ ସମ୍ବଲପୁରର ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇ ମତ ରଖିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ସଭାରେ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଶାନ୍ତ ପାଢ଼ଯୋଶୀ, ସାଂସ୍କୃତିକ ସମାଜର ଶିବ ନାରାୟଣ ପାଣିଗ୍ରାହୀ ତଥା ସାମ୍ମୁଖ୍ୟର ସମ୍ପାଦକ ଦୀନବନ୍ଧୁ ପଣ୍ଡା ମଞ୍ଚାସୀନ ଥିଲେ।

# ଟିକେଶ୍ୱରୀଙ୍କୁ ଭେଟିଲା ଶିଶୁ ମଙ୍ଗଳ ସମିତି


ଶିଶୁ ମଙ୍ଗଳ ସମିତି ସଦସ୍ୟମାନେ ଟିକେଶ୍ୱରୀ ଠାକୁରଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି।

- ସହାୟତା ପ୍ରଦାନ ପ୍ରତିଶ୍ରୁତି
- ସ୍ୱାମୀଙ୍କ ମୃତ୍ୟୁ ପରେ ଜିଉଁଛନ୍ତି କଷ୍ଟପ୍ରଦ ଜୀବନ
- ୩ଶିଶୁଙ୍କ ପାଠପଢ଼ା ବ୍ୟାଘାତ ହୋଇଛି

ଦେବଗଡ,୫।୧୧
(ଶଶାଙ୍କ ଶେଖର ଝାଙ୍କର )

୬ ବର୍ଷ ତଳେ ସ୍ୱାମୀଙ୍କୁ ହରାଇ ନିଜ ତିନି ଶିଶୁଙ୍କୁ ଧରି ଅତ୍ୟନ୍ତ ଦୁଃଖରେ କାଳ କାଟୁଥିବା ତିଲେଇବଣି ବ୍ଲକ ପଥୁରୀନାଳି ଗ୍ରାମର ଅସହାୟ ମହିଳା ଟିକେଶ୍ୱରୀ ଠାକୁରଙ୍କୁ ସହାୟତା ପ୍ରତିଶ୍ରୁତି ଦେଇଛି ଦେବଗଡ ଶିଶୁ ମଙ୍ଗଳ ସମିତି । ରବିବାର ପୂର୍ବାହ୍ନରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ ସମିତି ସଦସ୍ୟ ଟିକେଶ୍ୱର ଧଳ, କୁମୁଦ ଚନ୍ଦ୍ର ଶତପଥି, ସୁଷମା ମଞ୍ଜରୀ ମହାପାତ୍ର ଓ ରମା ସାହୁ ଟିକେଶ୍ୱରୀଙ୍କ ଘରକୁ ଯାଇଥିଲେ। ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଡୋଲପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନିତା ପାତ୍ର ଓ ଆଶାକର୍ମୀ ସୁଭାଷିନୀ ବର୍ଗୀ ସେଠାରେ ପହଞ୍ଚି ପଞ୍ଚାୟତ ପକ୍ଷରୁ ଟିକେଶ୍ୱରୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ କଥା ଦେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୧୭ ମସିହାରେ ଏକ ସଡକ ଦୁର୍ଘଟଣାରେ ଟିକେଶ୍ୱରୀଙ୍କ ସ୍ୱାମୀ ପ୍ରାଣ ହରାଇଥିଲେ। ସେହି ଦିନଠାରୁ ଟିକେଶ୍ୱରୀ ମୂଲ ଲାଗି ବହୁ କଷ୍ଟରେ ତିନି ଶିଶୁଙ୍କର ଭରଣ ପୋଷଣ କରୁଥିଲେ ହେଁ ପାଠ ପଢାଇବା ସମ୍ଭବ ହେଉନାହିଁ। ଅନ୍ୟ ପକ୍ଷରେ ଏକ ଭଙ୍ଗା ଘରେ ରହୁଥିବାରୁ ଏକ ଆବାସ ଗୃହ ମଧ୍ୟ ତାଙ୍କ ପରିବାର ପାଇଁ ଜରୁରୀ ହୋଇପଡ଼ିଛି । ଏନେଇ ସୂଚନା ପାଇବାପରେ ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଶିଶୁ ସମିତି ଅଧ୍ୟକ୍ଷା ଓ ସଦସ୍ୟମାନେ ଟିକେଶ୍ୱରୀଙ୍କ ଘରେ ପହଞ୍ଚି ଥିଲେ ।

# ପ୍ରଥମ ଟେନିସ୍ ବଲ ରେଙ୍ଗାଲି ପ୍ରିମିୟର ଲିଗ୍ ଆରମ୍ଭ

ରେଙ୍ଗାଲି, ୫।୧୧(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ଟେନିସ୍ ବଲ ରେଙ୍ଗାଲି ପ୍ରିମିୟର ଲିଗ୍। ରବିବାର ରେଙ୍ଗାଲି ଡେ ନାଇଟ କ୍ରିକେଟ ପଡ଼ିଆରେ ଏହି ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର ଓରାମ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁ, ବରିଷ୍ଠ ବିଜେଡି ନେତା ନାରାୟଣ ଶର୍ମା, ନରେଶ ମାହାଣା, ସୁଶିଳ କିଷାନ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। କ୍ରିଷ ଏକାଦଶ ଓ ରେଙ୍ଗାଲି ଷ୍ଟାର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିଷ ଏକାଦଶ ବିଜୟ ହୋଇଥିଲା। ରେଙ୍ଗାଲି କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଟେନିସ ବଲ ରେଙ୍ଗାଲି ପ୍ରିମିୟାର ଲିଗର ଆୟୋଜନ କରାଯାଇଛି। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଆସନ୍ତା ୧୦ ନଭେମ୍ବରରେ ଫାଇନାଲ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଆୟୋଜନରେ ରେଙ୍ଗାଲି କ୍ରିକେଟ କ୍ଲବର ଅଜୟ ଭୋଇନା, ଅମର ମହାନନ୍ଦ, ହରି ସିଂ, ସୂର୍ଯ୍ୟରଞ୍ଜନ ପାତ୍ର, ପ୍ରଶାନ୍ତ ଦାସ, ଚନ୍ଦନ ସାହୁ, ନିଖିଳ କୁମାର, ଯୁବରାଜ ପଶାୟତ, ସୁଜିତ ବେହେରା, ଅମର ବାରିକ, ବାବୁଲୁ ଗହୀର ପ୍ରମୁଖ ସହଯୋଗ କରିଥିଲେ।


ଟେନିସ୍ ବଲ ରେଙ୍ଗାଲି ପ୍ରିମିୟର ଲିଗରେ ଅଂଶଗ୍ରହଣ କରିଥିବା ଖେଳାଳି।



ଉତ୍ତରାଖଣ୍ଡ ପାୱାର କର୍ପୋରେଶନ ଲିମିଟେଡ ଦ୍ୱାରା ବିକଶିତ ଅତ୍ୟାଧୁନିକ 'କଞ୍ଜ୍ୟୁମର ସେଲ୍ଫ ସର୍ଭିସ ଆପ୍'କୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ରବିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ଦୁର୍ଗେଶ୍ୱର ଲାଲ୍‌ଙ୍କ ସମେତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆନନ୍ଦ ବର୍ଦ୍ଧନ, ସଚିବ ଅର୍ଥମନ୍ତ୍ରୀ ଡ. ଭି ଶନମୁଗମ୍, ସ୍ୱତନ୍ତ୍ର ସଚିବ ଗୃହ ରିଦ୍ଧିମ୍ ଅଗ୍ରୱାଲ୍, ମହାନିର୍ଦ୍ଦେଶକ ୟୁ କାଷ୍ଟ୍ ପ୍ରଫେସର ଦୁର୍ଗେଶ ପନ୍ତ, ନିର୍ଦ୍ଦେଶକ ଆଇଟିଡିଏ ନିତିକା ଖଣ୍ଡେଲୱାଲ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ପିଏନ୍‌ବିର ଦୀପାବଳି ଧମାକା

**ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)**

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ଚଳିତ ଦୀପାବଳି ଉପଲକ୍ଷେ ଆର୍କଷଣୀୟ 'ଦୀପାବଳୀ ଧାମାକା ୨୦୨୩' ପାର୍ବଣ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ପାଇଁ ହୋମ୍ ଲୋନ୍ ଓ କାର୍ ଲୋନ୍‌ରେ ବିଭିନ୍ନ ଅଫର ପ୍ରଦାନ କରାଯାଇଛି। ଏପରିକି ୮.୪୦% ସୁଧହାରରେ ହୋମ୍ ଲୋନ୍ ଏବଂ ୮.୭୫% ସୁଧହାରରେ କାର୍ ଲୋନ୍‌ର ସୁବିଧା ଗ୍ରାହକ ପାଇପାରିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ସ୍ଥିରୀକୃତ ସର୍ତ୍ତାବଳୀକୁ ଗ୍ରାହକ ଗ୍ରହଣ କରିବାକୁ ପଡ଼ିବ। ଏ ସମ୍ପର୍କିତ ସୂଚନା ପାଇଁ ଗ୍ରାହକ ଟୋଲ୍ ଫ୍ରି ନମ୍ବର ୧୮୦୦ ୧୮୦୦/୧୮୦୦ ୨୦୨୧ କଲ୍ କରି କିମ୍ବା ନିକଟସ୍ଥ ପିଏନ୍‌ବି ବ୍ରାଞ୍ଚରେ ଯୋଗାଯୋଗ କରିପାରିବେ।

# ପିଏନ୍‌ବିର ସତର୍କତା ସଚେତନତା ସପ୍ତାହ



**ଭୁବନେଶ୍ୱର,୫।୧୧**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ପିଏନ୍‌ବିର କର୍ମଚାରୀଙ୍କ ସମେତ ସାଧାରଣ ନାଗରିକମାନେ ମଧ୍ୟ ଭ୍ରଷ୍ଟାଚାର ବିରୋଧରେ ସଚେତନ ହେବା ସହିତ ବିରୋଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରସ୍ଥିତ ମାଝୀପାଲୀ ନ୍ୟୁଟନ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ୩୫୦ରୁ ଅଧିକ ବିଦ୍ୟାର୍ଥୀଙ୍କ ମଧ୍ୟରେ ଭ୍ରଷ୍ଟାଚାରର ଅନ୍ମୂଳନ ଏବଂ ସତର୍କତା ସଚେତନତା ଶୀର୍ଷକ ବିଷୟବସ୍ତୁ ଉପରେ ଏକ ପ୍ରବନ୍ଧ ଏବଂ ପୋଷ୍ଟର ତିଆରି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏପରିକି ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ଓ ନ୍ୟୁଟନ୍ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସର ପ୍ରଧାନ ଶିକ୍ଷକ ତେଜରାଜ ପାତ୍ର ପୁରସ୍କୃତ କରିଥିଲେ। ପରିଶେଷରେ ପିଏନ୍‌ବିର ମୁଖ୍ୟ ପ୍ରବନ୍ଧକ ପାର୍ଥସାରଥୀ ମହାପାତ୍ର ବିଦ୍ୟାର୍ଥୀମାନଙ୍କୁ ଭ୍ରଷ୍ଟାଚାର ଅନ୍ମୂଳନ ଓ ସତ୍ୟନିଷ୍ଠାର ଶପଥ ପାଠ କରାଇଥିଲେ।

# ନିକନ୍ ଇଣ୍ଡିଆର ନୂତନ ଉତ୍ପାଦ

**ଭୁବନେଶ୍ୱର,୫।୧୧**

ନିକନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ନିକନ୍ ଜେଡ୍ ଏଫ୍'କୁ ନିକଟରେ ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ନିକନ୍ ଇଣ୍ଡିଆ ମିରର ଲେସ୍ କ୍ୟାମେରା ଲାଇନ ଅପରେ ଏହି ହାଇବ୍ରିଡ କ୍ୟାମେରା ଆଣିଛି, ଯାହା ଭିଡିଓଗ୍ରାଫି ଏବଂ ଫଟୋଗ୍ରାଫି କଳାକୁ ବୁଦ୍ଧିମନ୍ତ କରାଇବାକୁ ସକ୍ଷମ ହେବ। ଏପରିକି ଇମେଜିଙ୍ଗ ଲ୍ୟାଣ୍ଡସ୍କେପକୁ ବୈପ୍ଳବିକ କରିବା ପାଇଁ, ନିକନ୍ ଜେଡ୍ ଏଫ୍ ଏକ ଫୁଲ ଫ୍ରେମ ସେନ୍ସର, ଏକ୍ସପିଡ୍ ୭ ଇମେଜ ପ୍ରୋସେସିଂ ଇଞ୍ଜିନ ଏବଂ ଟପ-ଟାୟାର୍ ସ୍ପେସିଫିକେଶନ ସହିତ ସଜ୍ଜିତ ହୋଇଛି, ଯାହା ନିକନ୍ ମିରର ଲେସ୍ ଫ୍ଲାଗଶିପ ଉତ୍ପାଦ ନିକନ୍ ଜେଡ୍ ୯ ଏବଂ ଜେଡ୍ ୮ ସହିତ ସମତୁଲ୍ୟ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଚଳିତ ବର୍ଷ ପାର୍ବଣର ଆନନ୍ଦ ଏବଂ ଏକତାକୁ ପାଳନ କରିବା ପାଇଁ ନିକନ୍ ଇଣ୍ଡିଆ ଦିୱାଲି ଅବସରରେ 'ଦିୱାଲି କେ ପଲ୍, ନିକନ କେ ସଙ୍ଗ୍' ନାମକ ଏକ ଇମର୍ସିଭ ଫେଷ୍ଟିଭାଲ ଅଭିଯାନ ଆରମ୍ଭ କରାଯାଇଛି। ନିକନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସଜନ କୁମାର କହିଥିଲେ, ପୋଟ୍ରେଟ ଇମ୍ପ୍ରେସନ ବାଲାନ୍ସ, ସ୍କିନ୍ ସଫ୍ଟେନିଙ୍ଗ ଏବଂ ଆଡଭାନ୍ସ ଅଟୋ ଫୋକସ ପରି ଏଆଇ ଚାଳିତ ବୈଶିଷ୍ଟ୍ୟ ସହିତ ସଜ୍ଜିତ ଏହି କ୍ୟାମେରା ସବୁ ବର୍ଗଙ୍କ ପାଇଁ ବେଶ୍ ସହାୟକ ହେବ। ବିଶେଷ କରି ଏହାକୁ ବିବାହ ଏବଂ ବନ୍ୟଜନ୍ତୁ ଫଟୋଗ୍ରାଫି ପାଇଁ ସହଜ କରିଥାଏ। ଏପରିକି ନିକନ୍ ଜେଡ୍ ଏଫ୍‌ର ଉନ୍ମୋଚନ ସହିତ ଆମେ ଏକ ଶକ୍ତିଶାଳୀ ସାଧନ ଓଡ଼ିଶାରେ ଫଟୋଗ୍ରାଫରମାନଙ୍କୁ ଯୋଗାଇବାକୁ ଲକ୍ଷ୍ୟ ରଖିଛୁ, ଏହା ଏକ ପାରମ୍ପରିକ ବିବାହର ଜଟିଳ ବିବରଣୀ କିମ୍ବା ନିକଟସ୍ଥ ବନ୍ୟପ୍ରାଣୀ ଅଭୟାରଣ୍ୟର ସୌନ୍ଦର୍ଯ୍ୟକୁ କ୍ୟାପଚର କରୁ, ନିକନ୍ ଜେଡ ଏଫ୍ ଏକ ବ୍ୟତିକ୍ରମଣ ଚିତ୍ର ଗୁଣ ଏବଂ ବହୁମୁଖିତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

# ଓଡ଼ିଶା ବଜାରରେ ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ

**ଭୁବନେଶ୍ୱର,୫।୧୧ (ଅଭୟ ଦାଶ)**




ବୁଙ୍ଗେ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ(ବୁଙ୍ଗେ ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ଗୁଣାତ୍ମକ ଖାଇବା ତେଲ 'ଫିଓନା' ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲକୁ ରବିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଓଡ଼ିଶାରେ କମ୍ପାନୀ ଦ୍ୱାରା ବିକଶିତ ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ (ତେଲ) ବ୍ରାଣ୍ଡ 'ଫିଓନା'କୁ ସମ୍ପ୍ରସାରିତ କରିବା ସମ୍ପର୍କରେ ମଧ୍ୟ ଘୋଷଣା କରୁଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବୁଙ୍ଗେ ଇଣ୍ଡିଆର ଏଭିପି ମାର୍କେଟିଂ ମିଲିନ୍ଦ ଆଚାର୍ଯ୍ୟ ଏବଂ ଓଡ଼ିଆ ଅଭିନେତ୍ରୀ ସୁପ୍ରିୟା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ନୂତନ ଉତ୍ପାଦକୁ ରାଜ୍ୟସ୍ତରୀୟ ଉନ୍ମୋଚନ କରିଥିଲେ।

ଅପରପକ୍ଷରେ ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲରେ ଅତ୍ୟାବଶ୍ୟକ ଭିଟାମିନ ସମୂହ ଭିଟାମିନ୍ ଏ, ଡି, ଇ ଓ କେ ଆଦି ବ୍ୟାପକ ପରିମାଣରେ ରହିଛି, ଏପରିକି ଉପରୋକ୍ତ ଭିଟାମିନଗୁଡ଼ିକ ଖାଉଟିଙ୍କର ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏ ସମ୍ପର୍କରେ ବୁଙ୍ଗେ ଇଣ୍ଡିଆର ଏଭିପି ମାର୍କେଟିଂ ମିଲିନ୍ଦ ଆଚାର୍ଯ୍ୟ କହିଥିଲେ, ଆମେ ଶୀର୍ଷ ମାନର ଉତ୍ପାଦ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ, ଯାହା ଉତ୍କର୍ଷ ଏବଂ ନିରାପତ୍ତାକୁ ଅଗ୍ରାଧିକାର ପ୍ରଦାନ କରୁଛି ଏବଂ ଫିଓନା ରିଫାଇନଡ ସନ୍‌ଫ୍ଲାୱାର ଅଏଲର ବଜାର ପ୍ରବେଶ ମଧ୍ୟ ସେହି ବିଶ୍ୱାସକୁ ପ୍ରତିପାଦିତ କରୁଛି। ଉଲ୍ଲେଖଯୋଗ୍ୟ, ଫିଓନା ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲ (ତେଲ) ୫୦୦ ଏମ୍ଏଲ୍, ୧ଲିଟର, ୫ ଲିଟର ଏବଂ ୧୫ ଲିଟର ଭଳି ବିଭିନ୍ନ ପ୍ୟାକ ଆକାରରେ ଏହା ଆସୁଛି ଏବଂ ବୁଙ୍ଗେ ଇଣ୍ଡିଆ ସମଗ୍ର ଓଡ଼ିଶାରେ ସାମଗ୍ରୀ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ, ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମାନ୍ଦାନା ଉକ୍ତ ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର(ଚେହେରା) ଭାବେ ୨୦୨୧ରୁ କାର୍ଯ୍ୟ କରିଆସୁଛନ୍ତି।

# ଏଫ୍‌ସିଆଇ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ

**ଭୁବନେଶ୍ୱର,୫।୧୧**

ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏପରିକି ସଚେତନତା ସମ୍ବନ୍ଧୀୟ ବିଷୟରେ କୁଇଜ, ବିତର୍କ, ପେଣ୍ଟିଂ ଆଦି ଉପରେ ତାଲିମ ଅଧିବେଶନ ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର କର୍ମଚାରୀମାନେ ବହୁ ଉତ୍ସାହରେ ଅଂଶଗ୍ରହଣ କରିଥିବାବେଳେ ମୁଖ୍ୟ ଅତିଥି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ। ସମାଜରୁ ଦୁର୍ନୀତି ଏବଂ ଅପରାଧକୁ ମୂଳୋତ୍ପାଟନ କରିବା ପାଇଁ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସେ ଗୁରୁତ୍ୱାରୋପ କରିଥିଲେ। ଏଫ୍‌ସିଆଇର ଜେନେରାଲ ମ୍ୟାନେଜର ବାନୋଥ ପ୍ରେମ ସିଂ ନାଗରିକମାନଙ୍କୁ ଦୁର୍ନୀତି ଉପରେ ସଚେତନ କରିବାର ଆବଶ୍ୟକତା ବିଷୟରେ କହିଥିଲେ। ଭିଜିଲାନ୍ସ ଡେପୁଟି ଜେନେରାଲ ମ୍ୟାନେଜର ଅଭିନବ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ୟାନ୍ୟ ଖବର

# ନଦୀରେ ଭାସିଯାଉଥିବା ଯୁବତୀ ଉଦ୍ଧାର



ଯୁବତୀଙ୍କୁ ନଦୀରୁ ଉଦ୍ଧାର କରାଯାଇ ଅଣାଯାଉଛି।

**ବରୀ,୫।୧୧(ମହେନ୍ଦ୍ର ସ୍ୱାଇଁ)**

## ଉଦ୍ଧାର କଲେ ୨ ବ୍ୟକ୍ତି

ନଦୀରେ ଭାସି ଯାଉଥିବା ଜଣେ ଯୁବତୀଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରାଯାଇଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତ ରଜାପୁର ଗ୍ରାମର ରଜୁ ଜେନାଙ୍କ ଝିଅ ତୁଳସୀ ଜେନା(୨୦)। ରବିବାର ବିରୁପା ନଦୀର ଶାଖା ଦୁଧେଇ ନଦୀକୁ ତୁଳସୀ ଶୌଚ ହେବାକୁ ଆସି ଭାସିଯାଇଥିଲେ। ବାଲିବିଲସ୍ଥିତ ଦୁଧେଇ ସେତୁ ନିକଟରେ ସେ ଭାସିଯାଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଅବସରପ୍ରାପ୍ତ ସେନା କର୍ମଚାରୀ ଅକ୍ଷୟ ପଡ଼ିହାରୀ ଓ ଦିଲୀପ ପଡ଼ିହାରୀ ପହଞ୍ଚି ପ୍ରଖର ନଦୀ ସ୍ରୋତରୁ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ଲୋକେ ତୁଳସୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଯୁବତୀ ସୁସ୍ଥ ଥିବା ଜଣାପଡ଼ିଛି। ଅକ୍ଷୟ ଓ ଦିଲୀପଙ୍କ ଯୋଗୁ ତୁଳସୀଙ୍କ ଜୀବନ ରକ୍ଷା ପାଇଯାଇଥିବାରୁ ଉଭୟ ଉଦ୍ଧାରକାରୀଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସର୍ଭିସ ରାଇଫଲରୁ ଗୁଳି କରି ଯବାନଙ୍କ ଆତ୍ମହତ୍ୟା

**ମାଲକାନଗିରି, ୫।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକମା ଜିଲା ତଙ୍ଗପାଲରେ କାର୍ଯ୍ୟରତ ସିଆରପିଏଫ ଯବାନ ନିଜ ସର୍ଭିସ ରାଇଫଲରୁ ଗୁଳିଚଳାଇ ଆତ୍ମହତ୍ୟା କରିଛନ୍ତି। ସୁକୁମା ଜିଲା ତଙ୍ଗପାଲର ଲେଦାସ୍ଥିତ ସିଆରପିଏଫ ୨୨୭ ବାହିନୀର ଗୌର କରଣ ନାମକ ଜଣେ ଯବାନ ଗାର୍ଡ ରୁମରେ ଡ୍ୟୁଟି କରୁଥିଲେ। ଏହି ସମୟରେ ସେ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣିବା ମାତ୍ରେ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। କେଉଁ କାରଣରୁ ଯବାନ ଜଣକ ଆତ୍ମହତ୍ୟା କଲେ ତାହା ଜଣାପଡି ନାହିଁ। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସିଆରପିଏଫ ଅଧିକାରୀ କହିଛନ୍ତି। ଯବାନଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଜଗଦଲପୁର ପଠାଯାଇଥିବା ଜଣାପଡିଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.8422 / PSC, Dt.04.11.2023**
**(DR-IV) (2PH-06-2023-24)**

No.D-156:- It is for information of all concerned that **Written Examination** for recruitment to the post of **Homoeopathic Medical Officer**, pursuant to **Advertisement No. 05 of 2023-24** is scheduled to be held on **03.12.2023 (Sunday)** commencing from **10.00 A.M. to 11.30 A.M. (10.00 A.M. to 12.00 P.M. for PWD candidates)** for **Paper-I** and **02.00 P.M. to 03.30 P.M. (02.00 P.M. to 04.00 P.M. for PWD candidates)** for Paper-II in different examination centres **at Cuttack**.

The detailed programme of examination along with venue of examination centres will be notified shortly. The candidates are advised to visit (www.opsc.gov.in) the website of the Commission regularly for further information on examination related Notice(s).

**Sd./- Secretary**
OIPR-12002/11/0109/2324

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.8418 / PSC, Dt.04.11.2023**
**(DR-IV) (2PH-04-2023-24)**

No.D-155:- It is for information of all concerned that **Written Examination** for recruitment to the post of **Ayurvedic Medical Officer**, pursuant to Advertisement **No. 03 of 2023-24** is scheduled to be held on **03.12.2023 (Sunday)** commencing from **10.00 A.M. to 11.30 A.M. (10.00 A.M. to 12.00 P.M. for PWD candidates)** for **Paper-I** and **02.00 P.M. to 03.30 P.M. (02.00 P.M. to 04.00 P.M. for PWD candidates)** for **Paper-II** in different examination centres **at Bhubaneswar**.

The detailed programme of examination along with venue of examination centres will be notified shortly. The candidates are advised to visit (www.opsc.gov.in) the website of the Commission regularly for further information on examination related Notice(s).

**Sd./- Secretary**
OIPR-12002/11/0108/2324

No. B-1190
ଓଡ଼ିଶା ସରକାର
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in
**"e"- Procurement Notice**
**Bid Identification No. SE-R&B-SNG-32 OF 2023-24**
Letter No. 6541 Date: 30.10.2023

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Building work** as detailed in DTCN. | | |
| 2. | Nature of Work | :- | **Building Work** |
| 3. | No. of work | :- | **01 (One) No.** |
| 4. | Tender Cost | :- | **Rs. 6,000/-** |
| 5. | Class of Contractor | :- | **B** |
| 6. | Availability of Bid Document in the website | :- | **From 10.00 A.M. Date:- 06.11.2023 to 05.00 P.M. Date- 16.11.2023** |
| 7. | Date of opening of Bid | :- | **11.00 A.M. On Dt. 17.11.2023** |
| 8. | The bidders have to participate in ONLINE bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer, Sundargarh (R&B) Division**
OIPR-34043/11/0012/2324

**ADDENDUM**
**ODISHA MARITIME BOARD**

No.JJ-35:- For the engagment of the Chief Executive Officer, Chief Nautical Officer, General Manager (Projects and Business Development) and General Manager (HR & IT/ Communications) in **Odisha Maritime Board**, the job application format has now been uploaded on the website. The applicants are requested to find the job application format on the website. To accommodate all prospective applicants, the deadline is extended for another 10 days. Revised deadline: **11.59 P.M. on 15.11.2023**. Details at https://ct.odisha.gov.in/.

OIPR-38039/11/0002/2324

**GOVT. OF ODISHA** No. O-1445
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BHAWANIPATNA**
**Ph.: 06670-235504, E_Mail: serwbpt@yahoo.com**
**Bid Identification No.: BPT/Online-32/2023-24, Date: 03.11.2023**
**NOTICE INVITING TENDERS FOR BRIDGE WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Bridge Works under Biju Setu Yojana in the District of Kalahandi and Nuapada
2. No. of Works : 07 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 13.11.2023 11.00 A.M. | 30.11.2023 5.00 P.M. | 29.11.2023 | 01.12.2023 at 11.00 A.M. |

Further details can be seen from the website "**www.tendersorissa.gov.in**".
**Sd./- Chief Construction Engineer**
**OIPR-25102/11/0044/2324** **Rural Works Circle, Bhawanipatna**

**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER**
**L.I. DIVISION, BHUBANESWAR**
**e-Mail: eeolicdivn.bbsr@ymail.com, Tel.: 0674-2391847**
**e-Procurement Notice**
**Bid Identification No. 3300/2023-24 Dt.01.11.2023**

No. CAD-2699: The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage rate bids in online mode for Installation & Energisation of Lift Irrigation Projects in Puri & Khordha district under BKVY (RIDF-XXIX) 2023-24 in TURNKEY BASIS as mentioned below from the reputed Contractors/Firms having valid HT licence issued by ELBO, Odisha and Civil licence as mentioned below.

1. Nature of Work : Execution of work for installation & Energisation of 30 Nos. L.I. Projects in different blocks of Puri & Khordha district.
2. Estimated Cost : Varies from Rs.23 Lakhs to Rs.48 lakhs
3. Period of Completion : 90 days
4. Date & time of availability of bid documents in the portal : 16.11.2023 at 10.00 A.M.
5. Last date & time for receipt of bids in the portal : 23.11.2023 upto 5.00 P.M.
6. Date & time of seeking clarification : 16.11.2023 at 10.00 A.M. to 23.11.2023 upto 5.00 P.M.
7. Opening date & time : 24.11.2023 at 11.00 A.M.
8. Name & address of the Officer Inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. **www.tendersorissa.gov.in** and other related documents are available in the DTCN for bidding. Any Addendum/Corrigendum/Cancellation of tender will be available in the said website.

**Sd./- Executive Engineer**
**L.I. Division, Bhubaneswar**
**OIPR-32155/11/0021/2324**

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୋଳ**
**ବିଜ୍ଞାପନ**

No. M-46:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୋଳଙ୍କ ତରଫରୁ **୨୨ ଗୋଟି ପ୍ରାଣୀ ସହାୟକ (Attendant)** ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଅଛନ୍ତି। ତଦନୁଯାୟୀ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ନିମିତ୍ତ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂଖ୍ୟା | ବର୍ଗ | ମୋଟ | ମହିଳା | ଭିନ୍ନକ୍ଷମ | ପୁରୁଷ |
|---|---|---|---|---|---|
| ୦୧. | ଅନୁସୂଚିତ ଜନଜାତି (ST) | ୧୨ | ୪ | ୧ | ୭ |
| ୦୨. | ଅନୁସୂଚିତ ଜନଜାତି (SC) | ୯ | ୩ | ୦ | ୬ |
| ୦୩. | ଅଣ ସଂରକ୍ଷିତ (UR) | ୧ | ୦ | ୦ | ୦ |
| | ମୋଟ୍ | ୨୨ | ୭ | ୨ | ୧୩ |

**ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।**

**ଯୋଗ୍ୟତା-** ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ। (କ) ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ କୌଣସି ଏକ ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନରୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ। (ଖ) ଜାତୀୟ ଗୋ ମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧୀନ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ରହିଥିବ। ଯେଉଁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉପରୋକ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ୩ ବର୍ଷର କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଭିଜ୍ଞତା ଥିବ, ସେହି ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ କରିପାରିବେ। (ଗ) ଓଡ଼ିଆ କହିପାରୁଥିବେ, ପଢ଼ିପାରୁଥିବେ ଓ ଲେଖିପାରୁଥିବେ। (ଘ) ଉତ୍ତମ ଚରିତ୍ରବାନ ହୋଇଥିବେ। (ଙ) ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ୱାମୀ/ସ୍ତ୍ରୀ ନ ଥିବେ। (ଚ) ଅନୁଗୋଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ। (ଛ) ଜିଲ୍ଲା କର୍ମ ନିୟୋଜନ ସଂସ୍ଥାରେ ନାମ ପଞ୍ଜୀକୃତ ହୋଇଥିବ।

**ବୟସ ସୀମା —** ପ୍ରାର୍ଥୀ ଓ ପ୍ରାର୍ଥିନୀ ତା.୦୧.୦୧.୨୦୨୩ ସୁଦ୍ଧା ୧୮ ବର୍ଷରୁ କମ୍ ଓ ୫୫ ବର୍ଷରୁ ଅଧିକ ହୋଇ ନ ଥିବେ। ସଂରକ୍ଷିତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ କ୍ଷେତ୍ରରେ ବୟସସୀମା ନିୟମ ଅନୁଯାୟୀ କୋହଳ କରାଯିବ। ଗୋମିତ୍ର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୦୧.୦୧.୨୦୨୩ ତାରିଖ ସୁଦ୍ଧା ୫୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।

**ଶାରୀରିକ ଯୋଗ୍ୟତା-** (କ) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କର ଉତ୍ତମ ମାନସିକ ସ୍ଥିତି ଓ ଉତ୍ତମ ସ୍ୱାସ୍ଥ୍ୟ ଥିବା ଓ କୌଣସି ଶାରୀରିକ ତ୍ରୁଟି ନ ଥିବ। (ଖ) ଉଚ୍ଚତା ପାଞ୍ଚ ଫୁଟରୁ କମ୍ ହୋଇ ନ ଥିବ। କେବଳ ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣ-ସମ୍ପ୍ରସାରିତ ଛାତିର ଚଉଡ଼ା ୩୦ ଇଞ୍ଚ ହୋଇଥିବା ଆବଶ୍ୟକ। (ଗ) ପ୍ରାର୍ଥୀ ଓ ପ୍ରାର୍ଥିନୀ ସାଇକେଲ ଚଳାଇ ପାରୁଥିବେ।

**ଚୟନ ପ୍ରଣାଳୀ - (କ)** ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ, ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର କୃତ୍ରିମ ପ୍ରଜନନର ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ ଯାହାକି (NPCBB) ଅଧୀନରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ତିନି ବର୍ଷର ଅଭିଜ୍ଞତା ପାଇଁ ୩ ବର୍ଷର ଅଭିଜ୍ଞତା ପାଇଁ ୩୦ ନମ୍ବର ଓ ତତ୍ ପରବର୍ତ୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ପାଇଁ ଅଧିକ ୫ ନମ୍ବର ଲେଖାଏଁ ପ୍ରଦାନ କରାଯିବ। (ଖ) ସର୍ବାଧିକ ୫୦ ନମ୍ବର ଓଡ଼ିଆ ଭାଷାରେ ଲେଖାପଢ଼ା ଦକ୍ଷତା ଜାଣିଥିବାର ଲିଖିତ ପରୀକ୍ଷା କରାଯିବ। (ଗ) ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ। ପ୍ରକାଶ ଥାଉକି ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ସଂରକ୍ଷିତ ରହିଅଛି।

ପ୍ରାର୍ଥୀ ଓ ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୋଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଦରଖାସ୍ତ ଗ୍ରହଣ କରିବାର **ଶେଷ ତାରିଖ ୧୮.୧୧.୨୦୨୩** ଅଟେ। ଶେଷ ତାରିଖର ଅପରାହ୍ଣ ୫ ଘଟିକା ପରେ ପହଞ୍ଚିଥିବା ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ପ୍ରାର୍ଥୀ ଓ ପ୍ରାର୍ଥିନୀ ବ୍ୟକ୍ତିଗତ ଭାବେ ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ। ଲଫାପା ଉପରେ ପ୍ରାଣୀ ସହାୟକ ନିମନ୍ତେ ଦରଖାସ୍ତ ଲେଖାଯିବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ନାକଚ ହୋଇଯିବ।

**ସ୍ୱା./- ନିରୋଦ ଦାସ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୋଳ**

**ଦରଖାସ୍ତ ଫର୍ମ**

୧. ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନାମ –
୨. ପୁରୁଷ / ମହିଳା –
୩. ପିତା / ସ୍ୱାମୀଙ୍କ ନାମ –
୪. ବିବାହିତ / ଅବିବାହିତା –
୫. ସ୍ଥାୟୀ ଠିକଣା – ଗ୍ରାମ .................. ପୋ.ଅ. ..................
ଭାୟା ........... ଥାନା ........... ଜିଲ୍ଲା ........... ପିନ୍ ...........
୬. ଯୋଗାଯୋଗ ଠିକଣା – ଗ୍ରାମ .................. ପୋ.ଅ. ..................
ଭାୟା ........... ଥାନା ........... ଜିଲ୍ଲା ........... ପିନ୍ ...........
୭. ମୋବାଇଲ ନମ୍ବର –
୮. ଜନ୍ମ ତାରିଖ –
୯. ବୟସ (୦୧.୦୧.୨୦୨୩ ସୁଦ୍ଧା) –
୧୦. ଜାତୀୟତା –
୧୧. ଜାତି –
୧୨. ଶିକ୍ଷାଗତ ଯୋଗ୍ୟତା –
୧୩. ଅଧୀନରେ କୃତ୍ରିମ ପ୍ରଜନନ କର୍ମୀ ଭାବରେ ଯୋଗଦାନ ତାରିଖ –
୧୪. କୃତ୍ରିମ ପ୍ରଜନନରେ ଅଭିଜ୍ଞତାର ସମୟ –
୧୫. ଉଚ୍ଚତା –
୧୬. ଅଣସମ୍ପ୍ରସାରିତ ଛାତିର ଚଉଡ଼ା (ଇଞ୍ଚରେ) –
୧୭. କର୍ମନିୟୋଜନ ସଂସ୍ଥାରେ ପଞ୍ଜୀକୃତ କ୍ରମିକ ନଂ. ଓ ତାରିଖ –

**ମୁଁ ଏତଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତସାରରେ ନିର୍ଭୁଲ ଓ ସତ୍ୟ ଅଟେ।**

**ଆବେଦନକାରୀଙ୍କ ସ୍ୱାକ୍ଷର**

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣପତ୍ର**

**୧.** ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର (ଆଟେଷ୍ଟେଡ୍ କପି); **୨.** ବୟସର ପ୍ରମାଣପତ୍ର; **୩.** ଜାତିଗତ ପ୍ରମାଣପତ୍ର; **୪.** ଚରିତ୍ର ପ୍ରମାଣପତ୍ର (୨ ଜଣ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ପ୍ରଦତ୍ତ); **୫.** ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର; **୬.** କର୍ମ ନିୟୋଜନ ସଂସ୍ଥାର ପଞ୍ଜୀକୃତ କାର୍ଡର ନକଲ; **୭.** ଏନ୍‌ପିସିବିବି (NPCBB) ଅଧୀନସ୍ଥ କୃତ୍ରିମ ପ୍ରଜନନ କ୍ଷେତ୍ରରେ ଅଭିଜ୍ଞତାର ୩ ବର୍ଷ ବା ତଦୂର୍ଦ୍ଧ୍ୱ ସମୟର ପ୍ରମାଣପତ୍ର (ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ); **୮.** ଦୁଇଟି ପାସ୍‌ପୋର୍ଟ ସାଇଜ ଫଟୋ।

OIPR-06069/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଡି ଭୟରେ କେବଳ ଦୁର୍ନୀତିଗ୍ରସ୍ତ ଭାଜପାରେ ଯୋଗଦେଉଛନ୍ତି: କେଜ୍‌ରିୱାଲ

**ଚଣ୍ଡିଗଡ଼,୫।୧୧(ପି.ଟି.)**

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଦୁର୍ନୀତି ବିରୋଧୀ ଲଢ଼େଇ ଏକ ନାଟକବାଜି ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି। ଭାଜପା ଯେଉଁମାନଙ୍କୁ ପୂର୍ବରୁ ଦୁର୍ନୀତିଗ୍ରସ୍ତ କହି ସମାଲୋଚନା କରୁଥିଲା, ସେମାନେ ଦଳରେ ମିଶିବା ପରେ ମନ୍ତ୍ରୀ ପଦ ଦିଆଯାଉଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଭୟରେ କେବଳ ଦୁର୍ନୀତିଗ୍ରସ୍ତମାନେ ହିଁ ଭାଜପାରେ ଯୋଗଦେଉଛନ୍ତି। ଜଣେ ଯେତେ ବଡ଼ ଦୁର୍ନୀତି ବା ଅପରାଧ କରିଥାଉନା କାହିଁକି ଭାଜପାରେ ଯୋଗଦେଲେ ସିବିଆଇ, ଇଡି କିମ୍ବା ଆୟକର ଅଧିକାରୀମାନେ ତାଙ୍କ ପାଖ ମାଡ଼ିବାକୁ ସାହସ କରୁନାହାନ୍ତି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହରିୟାଣାର ରୋହତକ୍‌ଠାରେ ଏକ ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଇଡି ଯେଉଁମାନଙ୍କୁ ଗିରଫ କରି ଜେଲ ପଠାଉଛି, ସେମାନେ ଦୁର୍ନୀତିଗ୍ରସ୍ତ ନୁହନ୍ତି। ଯେଉଁମାନେ ଇଡି ଭୟରେ ଭାଜପାରେ ମିଶୁଛନ୍ତି, ସେହିମାନେ ହିଁ ଦୁର୍ନୀତିଗ୍ରସ୍ତ ବୋଲି ଏଏପି ନେତା କହିଛନ୍ତି।



ଅରବିନ୍ଦ କେଜ୍‌ରିୱାଲ




ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭୋପାଳରେ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ।

# ମାଗଣା ରାଶନ ୫ ବର୍ଷ ବଢ଼ାଇବା ଆର୍ଥିକ ଦୁଃସ୍ଥିତିର ସୂଚନା ଦେଉଛି: କଂଗ୍ରେସ

**ନୂଆଦିଲ୍ଲୀ,୫।୧୧**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେୱାଇ)ରେ ମାଗଣା ରାଶନ ଯୋଗାଣକୁ ଆଉ ୫ ବର୍ଷ ବଢ଼ାଇବା ପାଇଁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିରୁ ଦେଶରେ ଆର୍ଥିକ ଦୁଃସ୍ଥିତି ଉଚ୍ଚସ୍ତରରେ ରହିଥିବା ଓ ଅସମାନତା ବଢୁଥିବାର ସୂଚନା ମିଳୁଛି ବୋଲି ରବିବାର କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ପାଇଁ ଭୋଟ ହାତେଇବାକୁ ଯାଇ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟରେ ମାଗଣା ରାଶନ ସମୟସୀମା ବଢ଼ାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ଆକାଶଛୁଆଁ ହୋଇଥିବାବେଳେ ସେହି ଅନୁଯାୟୀ ଅଧିକାଂଶ ଭାରତୀୟଙ୍କ ଆୟ ବଢ଼ିନାହିଁ। ୨୦୧୩ ସେପ୍ଟେମ୍ବରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଗୃହୀତ ହୋଇଥିଲା। ସେତେବେଳେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ମୋଦି ଏହାକୁ ବିରୋଧ କରୁଥିଲେ। ପିଏମ୍‌ଜିକେୱାଇ ଏନ୍‌ଏଫ୍‌ଏସ୍‌ଏ ଭିନ୍ନ ଅନ୍ୟ କିଛି ନୁହେଁ ବୋଲି ଜୟରାମ କହିଛନ୍ତି।

# ଛତିଶଗଡ଼ରେ ଜାତି ଜନଗଣନା, ଋଣଛାଡ଼ ପ୍ରତିଶ୍ରୁତି ଦେଲା କଂଗ୍ରେସ

**ନୂଆଦିଲ୍ଲୀ,୫।୧୧**

ଛତିଶଗଡ଼ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲେ ଜାତି ଜନଗଣନା କରାଇବା ସହ କୃଷକମାନଙ୍କ ଋଣ ଛାଡ଼ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଏଥିସହିତ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ସହ ଏଲ୍‌ପିଜି ଗ୍ୟାସ୍ ଉପରେ ସବ୍‌ସିଡି ଦିଆଯିବ ବୋଲି କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି। ଛତିଶଗଡ଼ରେ ଆସନ୍ତା ୭ ଓ ୧୭ ତାରିଖରେ ମତଦାନ ହେବାକୁ ଯାଉଥିବାବେଳେ ରବିବାର ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଜାତି ଗଣନା ସହ ରାଜ୍ୟର ପଛୁଆବର୍ଗ, ସାଧାରଣ ବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ମଧ୍ୟ ଗଣନା କରାଯିବ। ଏହି ଜନଗଣନା କେବଳ ପଛୁଆ ବର୍ଗଙ୍କୁ ରାଜନୈତିକ ସୁବିଧା ଦେବନାହିଁ, ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରି ସାମାଜିକ ଓ ଆର୍ଥିକ ସୁବିଧା ଯୋଗାଇଦେବେ। ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ୩,୨୦୦ ଟଙ୍କାରେ କିଣାଯିବ ଏବଂ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ୍ ଯୋଗାଇଦିଆଯିବ। ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ୧୭.୫ ଲକ୍ଷ ଲୋକଙ୍କୁ ମାଗଣା ଘର ମିଳିବ। କେଜିରୁ ପିଜି ସମସ୍ତଙ୍କ ପାଇଁ ଶିକ୍ଷା ମାଗଣାରେ ଉପଲବ୍ଧ ହେବ। ଖୁବଚାନ୍ଦ ବଘେଲ ସ୍ୱାସ୍ଥ୍ୟ ସହାୟତା ଯୋଜନାରେ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ମିଳିବ। ବ୍ୟବସାୟୀଙ୍କ ଋଣ ଉପରେ ୫୦ ପ୍ରତିଶତ ଛାଡ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବଘେଲ କହିଛନ୍ତି।



ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM — Duration : 3 Year, Eligibility : +2 Pass (Any Stream) 40% Mark
ANM — Duration : 2 Year, Eligibility : +2 Pass (Any Stream)
DMRT / DMLT — Duration : 2 Year, Eligibility : +2 Science
CBCA — Certified Blood Collection Assistant — Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଲୋନ୍! ଲୋନ୍! ଲୋନ୍!
ଦୀପାବଳି ଧମାକା
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲେଜର ସ୍କାନିଂ କଥା କହିବା ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର: ଭାଜପା

### ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ଜଗନ୍ନାଥ ହେଉଛନ୍ତି ସର୍ବସାଧାରଣଙ୍କ ଦେବତା। ରତ୍ନଭଣ୍ଡାରରେ ତାଙ୍କ ଗହଣା କେତେ ଅଛି ତାହା ରାଜ୍ୟବାସୀ ଜାଣିବା ଉଚିତ। କିନ୍ତୁ ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ବଦଳରେ ଲେଜର ସ୍କାନିଂ କରିବା କଥା କହିବା ରାଜ୍ୟ ସରକାରଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦାୟିତ୍ୱ ହେଉଛି ରତ୍ନଭଣ୍ଡାର ଖୋଲିବା। କେବଳ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ଗଜପତି ମହାରାଜା ରତ୍ନଭଣ୍ଡାର ଖୋଲିବା ନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରିବାର କ୍ଷମତା ରହିଛି। ୧୯୫୨ରେ ସ୍ୱତନ୍ତ୍ର ଆଇନ କରି ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ନିଷ୍ପତ୍ତି ନେଇ ରାଜ୍ୟ ସରକାର ଗଜପତିଙ୍କଠାରୁ କ୍ଷମତା ନେଇଗଲେ। ତେଣୁ ରତ୍ନଭଣ୍ଡାର ଖୋଲିବା ଦାୟିତ୍ୱ ସମ୍ପୂର୍ଣ୍ଣରୂପେ ସରକାରଙ୍କ ଦାୟିତ୍ୱ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଗଜପତିଙ୍କ ସୁପାରିସକୁ ସରକାର କାହିଁକି କାର୍ଯ୍ୟକାରୀ କରୁନାହାନ୍ତି। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କଥା ଗଜପତି ମହାରାଜଙ୍କ ମୁହଁରୁ କୁହାଇ ରତ୍ନ ଭଣ୍ଡାର ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ରାଜ୍ୟ ସରକାରଙ୍କର ଷଡ଼ଯନ୍ତ୍ର ନୁହେଁ ତ ବୋଲି ସମୀର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ବଦଳରେ ଲେଜର ସ୍କାନିଂ କରିବା ଓ ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କରିବା କହିବାର ଅର୍ଥ ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା କରି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ନେଇ ରାଜ୍ୟ ସରକାର କମିଟି ଗଠନ କାହିଁକି କରୁନାହାନ୍ତି। ଓଡ଼ିଶାରେ ଅନେକ ଯୋଗ୍ୟ ବ୍ୟକ୍ତି ଅଛନ୍ତି। ରାଜ୍ୟ ସରକାରଙ୍କର କ'ଣ ଓଡ଼ିଆ ଲୋକଙ୍କ ଉପରେ ବିଶ୍ୱାସ ନାହିଁ କି ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ମହାଦେବ ଆପ୍‌କୁ ଦେଶବ୍ୟାପୀ ବ୍ୟାନ୍ କରନ୍ତୁ: କଂଗ୍ରେସ

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ମହାଦେବ ବେଟିଂ ଆପ୍ ସନ୍ଦର୍ଭରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଇଡି ନୋଟିସ୍ ଜାରି କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ସରକାରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ କଠୋର ସମାଲୋଚନା କରାଯାଇଛି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ତଥାକଥିତ ସାଧୁ ମୋଦି ଓ ସନ୍ଥ ଶାହାଙ୍କ ଯଦି ସତ୍‌ସାହସ ଅଛି ତେବେ ମହାଦେବ ଅନଲାଇନ୍ ବେଟିଂ ଆପ୍‌କୁ ତୁରନ୍ତ ସମଗ୍ର ଦେଶରେ ବ୍ୟାନ୍ କରନ୍ତୁ। ଏହାର ମୁଖ୍ୟ କିଙ୍ଗ୍‌ପିନ୍ ରବି ଉପ୍ପଲ ଓ ସୌରଭ ଚନ୍ଦ୍ରାକରଙ୍କୁ ଗିରଫ କରନ୍ତୁ। ଯଦିଓ ମହାଦେବ ଆପ୍ ସାର୍ବଜନୀନ ଏବଂ ସାରା ଦେଶରେ ପରିଚାଳିତ ହେଉଛି, ଛତିଶଗଡ଼ ହେଉଛି ପ୍ରଥମ ରାଜ୍ୟ ଯିଏ ମହାଦେବ ଆପ୍ ବିରୋଧରେ ୭୦ରୁ ଅଧିକ ମାମଲା ରୁଜୁ କରିଛି। ଛତିଶଗଡ଼ ପୋଲିସ ୪୫୦ ଜଣଙ୍କୁ ଗିରଫ କରିବା ସହ ୧୯୧ଟି ଲାପଟପ, ୮୬୫ଟି ମୋବାଇଲ, ୧.୫ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି, ୪୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଏବଂ ୧୬ କୋଟି ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଜବତ କରିଛି। ପ୍ରଥମ ମାମଲା ୨୦୨୨ ମାର୍ଚ୍ଚ ୩୦ରେ ରୁଜୁ ହୋଇଥିଲା। ଛତିଶଗଡ଼ ପୋଲିସ ମଧ୍ୟପ୍ରଦେଶ, ଓଡ଼ିଶା, ଦିଲ୍ଲୀ ଓ ଅନ୍ୟାନ୍ୟ ରାଜ୍ୟରେ ଚଢ଼ାଉ କରି ଅନେକଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମହାଦେବ ଆପ୍ ପାଇଁ ଛତିଶଗଡ଼ରେ କୌଣସି ଶାଖା କିମ୍ବା ଅପରେଶନ୍ ବେସ୍ ନାହିଁ। ଆପ୍‌ର ମାଷ୍ଟରମାଇଣ୍ଡ ଓ କିଙ୍ଗପିନ୍ ରବି ଉପ୍ପଲ ଓ ସୌରଭ ଚନ୍ଦ୍ରାକର ଦୁବାଇରୁ ଆପ୍ ପରିଚାଳନା କରୁଥିବା ଜଣାପଡ଼ିବା ପରେ ଛତିଶଗଡ଼ ପୋଲିସ ୨୦୨୩ ଜୁଲାଇରେ ଲୁକ୍ ଆଉଟ ନୋଟିସ ଜାରି କରିଥିଲା। ମହାଦେବ ଆପ୍‌କୁ ଛତିଶଗଡ଼ରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସହିତ ସମଗ୍ର ଦେଶରେ ଏହାର ସମସ୍ତ କାର୍ଯ୍ୟକୁ ବନ୍ଦ କରିବା ଏବଂ ଏହାର ସମ୍ପ୍ରସାରଣ ରୋକିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଏସବୁ ସତ୍ତ୍ୱେ ଏହି ଆପ୍ ଏବେ ବି କାର୍ଯ୍ୟକ୍ଷମ ରହିଛି। ମୋଦି-ଶାହା-ସିତାରାମନଙ୍କ ଆର୍ଥିକ ମାଷ୍ଟରକ୍ଲାସ ଭାରତରେ ସମସ୍ତ ଅନ୍‌ଲାଇନ ଜୁଆଖେଳକୁ ବୈଧ କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ ଏହି ଅସାଧୁ କାର୍ଯ୍ୟକଳାପ ଉପରେ ୨୮% ଜିଏସ୍‌ଟି ଲାଗୁ କଲେ। କଥିତ ଅପରାଧୀ ମହାଦେବ ଆପ୍‌ର ପରିଚାଳନାଗତ ସ୍ଥିତିକୁ ଦେଖିଲେ, ଆମର ବିଶ୍ୱାସ ଯେହେତୁ ଭାଜପାକୁ ମହାଦେବ ଆପ୍ ଦ୍ୱାରା ପାଣ୍ଠି ପ୍ରଦାନ କରାଯାଇଛି ତେଣୁ ସେ ମୁକ୍ତ ଭାବେ ତା'ର ଅନୈତିକ କାର୍ଯ୍ୟ ଜାରିରଖିଛି। ଦଳକୁ ପାଣ୍ଠି ଯୋଗାଣ ବନ୍ଦ ହୋଇଯିବା ଆଶଙ୍କାରେ ଭାଜପା କିଙ୍ଗ୍‌ପିନ୍‌କୁ ଗିରଫ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ପଞ୍ଚାନନ କହିଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଜାଗା ବିଡିଏକୁ ଦେଲେ ଆନ୍ଦୋଳନ: ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)**

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ୨୦ ଏକରରୁ ଊର୍ଦ୍ଧ୍ୱ ଜାଗା ବିଡିଏକୁ ହସ୍ତାନ୍ତର କରିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ରାଜନୀତି, ପ୍ରଶାସନ, ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛନ୍ତି। ମାତ୍ର ଏବେ ବାଣୀବିହାରର ଜାଗାକୁ ବିଡିଏକୁ ଦେଇ ମନୋରଞ୍ଜନ କ୍ଷେତ୍ର କରାଯାଉଛି। ଏହାକୁ ଛାତ୍ର କଂଗ୍ରେସ ବିରୋଧ କରୁଛି। ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ବାଣୀବିହାରର ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯିବ। ଏପରି ଏକ ନିଷ୍ପତ୍ତିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଓହରିଯାଆନ୍ତୁ। କୁଳପତି ଏହି ଘଟଣାର ସ୍ପଷ୍ଟୀକରଣ ଦିଅନ୍ତୁ। ନ ହେଲେ ଆସନ୍ତା ମଙ୍ଗଳବାରଠାରୁ ଏ ନିଷ୍ପତ୍ତି ପ୍ରତ୍ୟାହାର ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି ଯେ, ରାଜ୍ୟ ସରକାର ପ୍ରାଇଭେଟ ଶିକ୍ଷାନୁଷ୍ଠାନକୁ ଶାଗ, ମାଛ ଦରରେ ଜାଗା ଯୋଗାଇ ଦେଉଥିବା ବେଳେ ଓଡ଼ିଶାର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ପରିସରକୁ ଛୋଟିଆ କରିବାକୁ ଯେଉଁ ଚକ୍ରାନ୍ତ କରିଛନ୍ତି ଏହାକୁ ଓଡ଼ିଶାର ଛାତ୍ର ସମାଜ ନିନ୍ଦା କରୁଛି। ବିଶ୍ୱବିଦ୍ୟାଳୟ ପରିସରରେ ପାନ୍ଥ ନିବାସ, ପାର୍କ ଓ ଫୁଡ୍‌ଷ୍ଟଲ୍ କରାଗଲେ, ସେଠାରେ ବାହାର ଲୋକଙ୍କ ଭିଡ଼ ରହିବ ଏବଂ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହିତ ଅଣଛାତ୍ର ପ୍ରବେଶର ବାଟ ଫିଟିଯିବ। ବିଶ୍ୱବିଦ୍ୟାଳୟର ପ୍ରସାରଣ ପାଇଁ ଭବିଷ୍ୟତକୁ ଆଖି ଆଗରେ ରଖି ମୂଳରୁ ଏହି ଜାଗା ରଖାଯାଇଛି। ରମାଦେବୀ ବିଶ୍ୱବିଦ୍ୟାଳୟ ମଧ୍ୟ ତାହାର ଭିତ୍ତିଭୂମିର ପ୍ରସାରଣ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଜାଗା ମାଗିଥିଲା ତାହାକୁ କର୍ତ୍ତୃପକ୍ଷ ଗ୍ରହଣ କଲେନି। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ବିପଜ୍ଜନକ ପରିସ୍ଥିତିରେ ମୁଖ୍ୟ ପ୍ରବେଶ ପଥକୁ ଆସୁଛନ୍ତି। ବାଣୀବିହାର ଛକଠାରୁ ମୁଖ୍ୟ ପ୍ରବେଶ ପଥକୁ ଆସିବାକୁ ହେଲେ ରାସ୍ତାର ବିପରୀତ ଦିଗରୁ ପ୍ରବେଶ କରିବାକୁ ପଡ଼ିଥାଏ, ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବାଣୀବିହାର ପରିସର ଭିତରକୁ ପ୍ରବେଶର ସୁବିଧା ପାଇଁ ବାଣୀବିହାର ଛକରୁ କୁଳପତିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସିଧା ପ୍ରବେଶ ରାସ୍ତା ପାଇଁ ୩ ବର୍ଷ ତଳେ ପ୍ରସ୍ତାବ ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଆଇ, ପୋଲିସ କମିଶନର ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ବୈଠକ ୨ ଥର କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ ହୋଇନାହିଁ। ପ୍ରଦେଶ ଛାତ୍ର କଂଗ୍ରେସ ତୁରନ୍ତ ଏହି ପ୍ରବେଶପଥ ଓ ରାସ୍ତାର ନିର୍ମାଣ ପାଇଁ ଦାବି କରୁଛି ବୋଲି ୟାସିର କହିଛନ୍ତି।


## Classified Everyday
0674-2580101, 2549949



REAL ESTATE
SALE

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘର କରି ରହିବା ପାଇଁ low cost plot ମିଳୁଛି। 9692213354. D-75055

Book 3BHK, 4BHK flat at Soubhagyanagar, OUAT Square, Near Khimji & Narula Sweets. Rs.6000/- Per sqft with double parking. Handover June-24. Contact: 7978584549. D-74596

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar- 8917439982. D-75253

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75259

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି – 9937417899. D-75256

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

Few Office space left for immediate sale in a prime locality. For details Plz Contact- 7605932509. D-1713

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233




Relax, Refresh your body, Mind at Saikrupa Spa with best therapies. 8984068077. D-1696

Newly open health benefits SPA special offer @999. Contact: 7749034655. D-75168

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open SPA positively health benefit with expert. Contact: 7749976301. D-1681

Full body massage in homely atmosphere in all therapy. Mob: 8114881641. D-73446

Newly open Spa positively health benefits with expert therapist. 9938843929. D-75167



ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇସ୍ରୋର ଭବିଷ୍ୟତ ମହାକାଶ କାର୍ଯ୍ୟକ୍ରମ



ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ 'ଚନ୍ଦ୍ରୟାନ-୩'ର ଲ୍ୟାଣ୍ଡରକୁ ସୁରକ୍ଷିତ ଭାବରେ ଅବତରଣ କରି ଇସ୍ରୋ ଅନ୍ୟ ଏକ କୀର୍ତ୍ତି ଅର୍ଜନ କରିଛି। ଏହାପରେ ଚଳିତ ବର୍ଷ ସେପ୍ଟେମ୍ବର ୨ ତାରିଖରେ ସୂର୍ଯ୍ୟ ଅଭିମୁଖେ 'ଆଦିତ୍ୟ ଏଲ୍-୧' ଯାନକୁ ଉତ୍କ୍ଷେପଣ କରିଛି। ଏହିସବୁ ସଫଳତା ପରେ ଇସ୍ରୋ ଭବିଷ୍ୟତ ପାଇଁ କେତୋଟି ଆକର୍ଷଣୀୟ ମହାକାଶ ଅଭିଯାନର ଯୋଜନା କରିଛି।''

ପୂର୍ବତନ ସୋଭିଏଟ୍ ରୁଷ୍ ୧୯୫୭ ମସିହାରେ ପୃଥିବୀ କକ୍ଷକୁ ପ୍ରଥମ ଉପଗ୍ରହ 'ସ୍ପୁଟନିକ୍-୨' ପଠାଇବା ପରେ ମହାକାଶ ଯୁଗ ଆରମ୍ଭ ହେଲା ଏବଂ ଏହା ପରେ ମହାକାଶ ଅଭିଯାନ କ୍ଷେତ୍ରରେ ରୁଷିଆ ଓ ଆମେରିକା ମଧ୍ୟରେ ପ୍ରତିଯୋଗିତା ଚାଲିଲା। ଭାରତ ଏଥିରେ ପଛରେ ପଡ଼ି ନ ଯାଇ ମହାକାଶ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କଲା। ବିକ୍ରମ ସରାଭାଇଙ୍କ ନେତୃତ୍ୱରେ ୧୯୬୨ ମସିହାରେ ମହାକାଶ ଗବେଷଣା ପାଇଁ 'ଭାରତୀୟ ଜାତୀୟ କମିଟି' ଗଠିତ ହୋଇ ମହାକାଶ ଗବେଷଣା ଆରମ୍ଭ ହେଲା ଏବଂ ଏହା ୧୯୬୯ ମସିହାରେ 'ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର'(Indian Space Research Organistaion, ISRO) (ଇସ୍ରୋ)ରେ ପରିଣତ ହେଲା।

ଇସ୍ରୋ ୧୯୭୫ ମସିହାରେ ଦେଶର ପ୍ରଥମ କୃତ୍ରିମ ଉପଗ୍ରହ 'ଆର୍ଯ୍ୟଭଟ୍ଟ'କୁ ଉତ୍କ୍ଷେପଣ କରିବା ପରେ ଏପର୍ଯ୍ୟନ୍ତ ୧୨୦ରୁ ଅଧିକ ନିଜର ଉପଗ୍ରହକୁ ଅନ୍ତରୀକ୍ଷକୁ ପଠାଇଛି। ଏହା ୨୦୦୮ ମସିହାରେ 'ଚନ୍ଦ୍ରୟାନ-୧' ଅଭିଯାନରେ ଚନ୍ଦ୍ରରେ ଜଳର ସନ୍ଧାନ ପାଇଥିଲା। ଏହା ୨୦୧୪ ମସିହାରେ ସଫଳ ଭାବରେ ମଙ୍ଗଳ ଗ୍ରହକୁ ମଙ୍ଗଳଯାନ ପଠାଇଥିଲା ଏବଂ ପ୍ରଥମ ଚେଷ୍ଟାରେ ଏଥିରେ ସଫଳ ହେବାରେ ପ୍ରଥମ ଦେଶର ଗୌରବ ନେଇଥିଲା। ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ 'ଚନ୍ଦ୍ରୟାନ-୩'ର ଲ୍ୟାଣ୍ଡରକୁ ସୁରକ୍ଷିତ ଭାବରେ ଅବତରଣ କରି ଅନ୍ୟ ଏକ କୀର୍ତ୍ତି ଅର୍ଜନ କରିଛି। ଏହାପରେ ଚଳିତ ବର୍ଷ ସେପ୍ଟେମ୍ବର ୨ ତାରିଖରେ ସୂର୍ଯ୍ୟ ଅଭିମୁଖେ 'ଆଦିତ୍ୟ ଏଲ୍-୧' ଯାନକୁ ଉତ୍କ୍ଷେପଣ କରିଛି। ଏହିସବୁ ସଫଳତା ପରେ ଇସ୍ରୋ ଭବିଷ୍ୟତ ପାଇଁ କେତୋଟି ଆକର୍ଷଣୀୟ ମହାକାଶ ଅଭିଯାନର ଯୋଜନା କରିଛି।



### ମହାକାଶକୁ ଭାରତୀୟ ମହାକାଶଚାରୀଙ୍କୁ ପ୍ରେରଣ

ଆଜି ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ ଓ ଚାଇନା ନିଜ ଯାନରେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇଛନ୍ତି। ଇସ୍ରୋ ୨୦୨୫ ମସିହାରେ ତିନି ଜଣ ମହାକାଶଚାରୀଙ୍କୁ ନିଜସ୍ୱ 'ଗଗନଯାନ'ରେ ମହାକାଶକୁ ପଠାଇବ। ସେମାନେ ପୃଥିବୀଠାରୁ ୪୦୦ କିମି ଉଚ୍ଚରେ ପୃଥିବୀକୁ ପରିକ୍ରମଣ କରି ତିନି ଦିନ ପରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଗଗନଯାନର ଓଜନ ୩.୭ ଟନ୍ ହେବ। ଏଥିରେ ଦୁଇଟି କୋଠରି ଅଛି। ଗୋଟିଏ ହେଉଛି ମହାକାଶଚାରୀ କୋଠରି ଏବଂ ଅନ୍ୟଟି ସେବା କୋଠରି, ଯେଉଁଠି ଯାନର ଯନ୍ତ୍ରପାତି ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ରହିବ। କୌଣସି ପ୍ରକାର ଅଘଟଣ ହେଲେ ମହାକାଶରୁ ମହାକାଶଚାରୀମାନଙ୍କୁ ନିରାପଦରେ ଭୂପୃଷ୍ଠକୁ ଫେରାଇ ଆଣିବା ପାଇଁ ଜରୁରିକାଳୀନ ବ୍ୟବସ୍ଥା ଅଛି।

ମହାକାଶଚାରୀମାନେ ମହାକାଶକୁ ଯିବା ପୂର୍ବରୁ ଇସ୍ରୋ କେତୋଟି ମାନବବିହୀନ ଯାନ ପଠାଇ ପରୀକ୍ଷା କରିବ। ଏହା ଏହି ବର୍ଷ ଅକ୍ଟୋବର ୨୧ ତାରିଖରେ ଏହାର ପ୍ରଥମ ପରୀକ୍ଷଣ ଉଡ଼ାଣ କରିଛି। ଏକ ପର୍ଯ୍ୟାୟବିଶିଷ୍ଟ ତରଳ ଇନ୍ଧନ ରକେଟରେ ମହାକାଶଚାରୀ ମଡ୍ୟୁଲ ଓ ମହକାଶଚାରୀଙ୍କ ଜରୁରିକାଳୀନ ପ୍ରତ୍ୟାବର୍ତ୍ତନ ବ୍ୟବସ୍ଥାକୁ ଭୂପୃଷ୍ଠରୁ ୧୬ କିମି ଉଚ୍ଚକୁ ପଠାଯାଇ ଏହାକୁ ଫେରାଇ ଅଣାଯାଇ ବଙ୍ଗୋପସାଗରରେ ପକାଯାଇଛି ଏବଂ ସେଠାରୁ ନୌବାହିନୀ ଜାହାଜ ଏହାକୁ ଉଦ୍ଧାର କରିଛି। ଏହାପରେ ଆଉ କେତୋଟି ପରୀକ୍ଷଣ ପରେ ଦ୍ୱିତୀୟ ପର୍ଯ୍ୟାୟରେ 'ବ୍ୟୋମମିତ୍ର' ନାମକ ଗୋଟିଏ ରୋବୋଟ ପଠାଇ ପରୀକ୍ଷା କରାଯିବ।



### ଶୁକ୍ର ଅଭିଯାନ

ଶୁକ୍ର ହେଉଛି ଆମର ଅନ୍ୟତମ ପଡ଼ୋଶୀ ଗ୍ରହ। ଏହାର ପୃଷ୍ଠ ଓ ବାୟୁମଣ୍ଡଳକୁ ଅଧ୍ୟୟନ କରିବା ପାଇଁ ଇସ୍ରୋ ସେଠାକୁ 'ଶୁକ୍ରଯାନ-୧' ପଠାଇବା ପାଇଁ ଯୋଜନା କରିଛି। ଏଥିରେ ଯୋଗଦେବା ପାଇଁ ଫ୍ରାନ୍ସ ଅନୁରୋଧ କରିଛି। ଫ୍ରାନ୍ସର ଗୋଟିଏ ଯନ୍ତ୍ର ଏଥିରେ ଖଞ୍ଜାଯିବ। 'ଶୁକ୍ରଯାନ-୧' ଶୁକ୍ର କକ୍ଷରେ ପରିକ୍ରମଣ କରି ଚିତ୍ର ଉତ୍ତୋଳନ କରିବ।

### ମଙ୍ଗଳଯାନ-୨

୨୦୧୪ ମସିହାରେ 'ମଙ୍ଗଳଯାନ-୧'ର ସଫଳତା ପରେ ଇସ୍ରୋ ୨୦୨୪ ମସିହାରେ 'ମଙ୍ଗଳଯାନ-୨' ଉତ୍କ୍ଷେପଣ ପାଇଁ ଯୋଜନା କରିଛି। ମଙ୍ଗଳପୃଷ୍ଠର ମୃତ୍ତିକାକୁ ପରୀକ୍ଷା କରିବା ପାଇଁ ଏଥିରେ ଉଚ୍ଚ-ବିଭେଦନର କ୍ୟାମେରା ଖଞ୍ଜାଯିବ।

### ମହାକାଶ କେନ୍ଦ୍ର

ମହାକାଶରେ ଅବସ୍ଥାପିତ ହୋଇଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ମହାକାଶଚାରୀମାନେ ଅନବରତ ରହି ଗବେଷଣା କରୁଛନ୍ତି। ଆମେରିକା, ୟୁରୋପ, ରୁଷିଆ, ଜାପାନ ଓ କାନାଡାର ମହାକାଶ ସଂସ୍ଥାଗୁଡିକ ମିଳତ ଭାବେ ଏହାକୁ ନିର୍ମାଣ କରିଛନ୍ତି। ଚାଇନା ମଧ୍ୟ ମହାକାଶରେ ନିଜର ଗୋଟିଏ ମହାକାଶ କେନ୍ଦ୍ର ନିର୍ମାଣ କରି ନିଜର ମହାକାଶଚାରୀମାନଙ୍କୁ ସେଠାକୁ ପଠାଇଛି। ଇସ୍ରୋ ନିଜର ଗୋଟିଏ ମହାକାଶ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରିଛି। ଏହି ବର୍ଷ ଅକ୍ଟୋବର ୨୫ ତାରିଖରେ ଇସ୍ରୋର ଅଭିଯାନ ସମ୍ବନ୍ଧରେ ସମୀକ୍ଷା କରୁଥିବା ବେଳେ ୨୦୩୫ ମସିହା ସୁଦ୍ଧା ନିଜର ମହାକାଶ କେନ୍ଦ୍ର ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଚନ୍ଦ୍ରପୃଷ୍ଠରେ ଭାରତୀୟ

ଭାରତ ସଫଳ ଭାବେ ଚନ୍ଦ୍ରପୃଷ୍ଠରେ ନିଜର ଯାନ ଅବତରଣ କରିଛି। ଏହା ପର ପଦକ୍ଷେପ ହେଉଛି ଚନ୍ଦ୍ରପୃଷ୍ଠକୁ ଭାରତୀୟ ମହାକାଶଚାରୀଙ୍କୁ ପଠାଇବା। ଏଥିଲାଗି ଆମ ଦେଶର ପ୍ରଧାନମନ୍ତ୍ରୀ ସମୟ ନିର୍ଘଣ୍ଟ ସ୍ଥିର କରି ସାରିଛନ୍ତି। ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରକୁ ଭାରତୀୟ ମହାକାଶଚାରୀଙ୍କୁ ପଠାଇବା ପାଇଁ ସେ ଗତ ମାସରେ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଯୁକ୍ତରାଷ୍ଟ୍ର ଆମେରିକାର ଚନ୍ଦ୍ର ଅଭିଯାନ କଥା ମନେପଡ଼େ। ଚନ୍ଦ୍ର ଅଭିଯାନ ପାଇଁ ରୁଷିଆ ଓ ଆମେରିକା ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ବେଳେ ୧୯୬୧ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ଆମେରିକା କଂଗ୍ରେସକୁ ନିଜ ଭାଷଣରେ ପ୍ରକାଶ କରିଥିଲେ ଯେ, ଏହି ଦଶନ୍ଧି ଶେଷ ପୂର୍ବରୁ ଆମେ ଜଣେ ମନୁଷ୍ୟକୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇବୁ ଏବଂ ତାକୁ ନିରାପଦରେ ପୃଥିବୀକୁ ଫେରାଇ ଆଣିବୁ। ଫଳସ୍ୱରୂପ 'ନାସା' ଅଦମ୍ୟ ଚେଷ୍ଟାକରି ରାଷ୍ଟ୍ରପତିଙ୍କ ବାକ୍ୟକୁ ରକ୍ଷାକରି ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ଦୁଇଜଣ ଆମେରିକୀୟଙ୍କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରାଇ ନିରାପଦରେ ଫେରାଇ ଆଣିଥିଲା। ଆଶା କରାଯାଏ 'ଇସ୍ରୋ' ସେହିପରି ଆମ ପ୍ରଧାନମନ୍ତ୍ରୀଙ୍କ ବାକ୍ୟକୁ ରକ୍ଷା କରିବ।

-୭୦,ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

# ଛୋଟ କଥା, ହେଲେ...



ଆମ ଶରୀର ପାଇଁ ପାଣି ବା ଜଳ କେତେ ଉପକାରୀ, ସେ ବିଷୟରେ ପ୍ରାୟ ସମସ୍ତେ ଅବଗତ। ଯଦି ପାଣି ପିଇବାରେ ଏପଟ ସେପଟ ହେଲା, ତେବେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ହୋଇଥାଏ। କେବଳ ସେତିକି ନୁହେଁ, ଏ ନେଇ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦିଏ। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ଶରୀର ଉପରେ ଏହାର ଗୁରୁତର ପ୍ରଭାବ ପଡିଥାଏ। ତେଣୁ ଆମକୁ ଆବଶ୍ୟକ ମୁତାବକ ଜଳ ପିଇବା ଦରକାର। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ବି ଏହାର ପ୍ରମୁଖ ଭୂମିକା ରହିଛି। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଅଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନ ହେଲେ ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ୍ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥାଏ। ତେଣୁ ନିଜକୁ ସୁସ୍ଥ ରଖିବାକୁ ହେଲେ ଭିଟାମିନଯୁକ୍ତ ଖାଦ୍ୟ ସହ ଆବଶ୍ୟକ ମୁତାବକ ପାଣି ପିଇବା ନିହାତି ଦରକାର।

# ଉପକାରୀ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ପ୍ରଚୁର ପରିମାଣର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଭୋକ କମ୍ ଲାଗିଥାଏ, ଯେହେତୁ ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ବେଶି ରହିଛି। ଏଥିରେ କ୍ୟାଲୋରି କମ୍ ଥିବାରୁ ଏହା ମେଦବହୁଳତା କମାଇବାରେ ସାହାଯ୍ୟ କରେ। ଏଥିରେ ପ୍ରୋଟିନ୍, ଆଇରନ୍, ଫସ୍‌ଫରସ୍, ଭିଟାମିନ୍ 'ଏ', 'କେ' ଏବଂ 'ସି' ମଧ୍ୟ ରହିଛି। ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ସୁଗାର ପରିମାଣ ଏପରିକି ଉଚ୍ଚ ରକ୍ତଚାପ ସନ୍ତୁଳିତ ରଖିଥାଏ। ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ମଧ୍ୟ ଭରି ରହିଛି। ଏଥିରେ ଥିବା ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ।

# ବୟସ୍କ ବ୍ୟକ୍ତି ଏକୁଟିଆ ରହୁଥିଲେ...



ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ଚାହିଁଥାନ୍ତି। କେତେକ କାରଣରୁ କିଛି ବୟସ୍କ ବ୍ୟକ୍ତିଙ୍କୁ ଏକୁଟିଆ ଜୀବନ ବିତାଇବାକୁ ପଡିଥାଏ। ଏହି ସମୟରେ ସେମାନେ ନିଜ ପରିବାର ଏବଂ ନିକଟ ପରିଜନଙ୍କଠାରୁ ଦୂରରେ ରହିଥାଆନ୍ତି। ଏପରି କି ବେଳେବେଳେ ସମ୍ପର୍କ ମଧ୍ୟ ଛିନ୍ନ ହୋଇଥାଏ। ଏକା ରହିବା ଦ୍ୱାରା ସେମାନଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅନେକ ସମୟରେ ନାନାପ୍ରକାର କଥାକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବୟସ୍କ ବ୍ୟକ୍ତି ଏକୁଟିଆ ରହନ୍ତି ତେବେ ସେମାନଙ୍କ ସ୍ମରଣ ଶକ୍ତି ଏହାଦ୍ୱାରା ପ୍ରଭାବିତ ହୋଇଥାଏ । ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏଭଳି ଏକୁଟିଆ ରହିବା ଦ୍ୱାରା ସେମାନେ ସ୍ୱାସ୍ଥ୍ୟଜନିତ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥାଆନ୍ତି। ଏପରିକି କେତେକ ଗୁରୁତର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ସେମାନେ ଏହି ସମୟରେ ସେମାନେ ପଢ଼ାପଢ଼ି କିମ୍ବା ସାଙ୍ଗସାଥୀଙ୍କ ସହ ବୁଲାବୁଲି କଲେ ସେମାନଙ୍କର ମାନସିକତା ସକାରାତ୍ମକ ରହିଥାଏ।

## ଜାଣି ରଖନ୍ତୁ



● ବେଳେବେଳେ ବିଶେଷ ଭାବରେ ପରୀକ୍ଷା ସମୟରେ ଅଧିକ ପଢ଼ାପଢ଼ି କରିବାକୁ ପଡିଥାଏ। ଏହି ସମୟରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ରେନ୍ ଏବଂ ଆଖିକୁ ଟିକେ ବିଶ୍ରାମ ଦିଅନ୍ତୁ। ପାଠପଢ଼ାରୁ ସାମୟିକ ବିରାମ ନେଇ ବୁଲାଚଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

● ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କଲାବେଳେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ସେ ବିଷୟରେ ତାଙ୍କୁ ଜଣାନ୍ତୁ।

● ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। କାରଣ ଏଭଳି ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ। ହେଲେ ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ।

● ବୟସ ବଢ଼ିବା ସହ ଧୀରେ ଧୀରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ମଧ୍ୟ ଦେଖାଯାଏ। ତେଣୁ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରାନ୍ତୁ। ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

● ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ ରଖନ୍ତୁ। ଏହାସହ ନିକଟସ୍ଥ ହସ୍ପିଟାଲ୍ କେତେକ ପରିଚିତ ତଥା ଅଭିଜ୍ଞ ଡାକ୍ତରଙ୍କର ନମ୍ବର ଡାଏରୀରେ ଟିପି ରଖନ୍ତୁ। ଦରକାର ସମୟରେ ଏହା ନିହାତି ଆପଣଙ୍କର କାମରେ ଆସିବ।

## ସ୍ୱାସ୍ଥ୍ୟ ସୂଚନା

➢ଯଦି ଆପଣ ଦୀର୍ଘଦିନ ଧରି ଥଣ୍ଡାରେ ଆକ୍ରାନ୍ତ ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ପରବର୍ତ୍ତୀ ସମୟରେ ଏହି ଥଣ୍ଡା ଅନ୍ୟ କେତେକ ଗୁରୁତର ରୋଗର କାରଣ ସାଜିଥାଏ।

➢ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଗଜାମୁଗ ଓ ବୁଟମିଶ୍ରିତ ସାଲାଡ ଖାଇଲେ ସେଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ କାଜୁ ଓ ପେସ୍ତାବାଦାମକୁ ସାମିଲ କରନ୍ତୁ।

➢ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ନିଜ ପ୍ରେସକ୍ରିପସନଗୁଡିକୁ ସାଇତି ରଖନ୍ତୁ। କାରଣ ପରବର୍ତ୍ତୀ ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ବେଳେ ଏହାର ଆବଶ୍ୟକତା ପଡିଥାଏ।



➢ଛୋଟ ଛୋଟ କଥାକୁ ନେଇ ଚିନ୍ତା ପ୍ରକଟ କରନ୍ତୁ ନାହିଁ। ଏଥିରୁ ଦୂରେଇ ରହିବା ପାଇଁ ଆପଣ କିଛି ସମୟ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ, ଯାହା ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବ।

➢ଆଖିକୁ ସୁନିଦ୍ରା ପାଇଁ ଶୋଇବା ପୂର୍ବରୁ ଭଲ ଭାବରେ ଗୋଡହାତ ଏବଂ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➢ବେଳେବେଳେ ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। ଏଥିପାଇଁ ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ତେଣୁ ଏ ନେଇ ସଚେତନ ରୁହନ୍ତୁ।

# ବ୍ୟାୟାମ କରିବା ସମୟରେ...

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଷଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଘଣ୍ଟ କରିବା ନିହାତି ଜରୁରୀ। ଆଉ ସେହି ଅନୁସାରେ ପ୍ରତିଦିନ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହା ଠିକ୍ ପୂର୍ବରୁ ଆଦୌ ପାଣି ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।





# ସଚିନଙ୍କ ଶତକର ସମକକ୍ଷ ହେଲେ ବିରାଟ

**କୋଲକାତା, ୫।୧୧ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ବିଶ୍ୱକପ କ୍ରିକେଟ ମ୍ୟାଚରେ ନିଜର ୩୫ତମ ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ଶତକ ଭେଟି ଦେଇଛନ୍ତି ଟିମ୍ ଇଣ୍ଡିଆର ସବୁଠାରୁ ଲୋକପ୍ରିୟ ବ୍ୟାଟର ବିରାଟ କୋହଲି। ବ୍ୟାଟିଂ ପାଇଁ କଷ୍ଟସାଧ ହେଉଥିବା ଇଡେନ ପିଚ୍‌ରେ ସେ ୧୨୧ ବଲ୍‌ରୁ ୧୦୧ ରନରେ ଅପରାଜିତ ରହି ଭାରତର ସ୍କୋରକୁ ୩୨୬ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦର୍ଶକଭରା ଷ୍ଟାଡିୟମରେ କୋଳାହଳ ପରିବେଶରେ ଚାପଗ୍ରସ୍ତ ନ ହୋଇ କୋହଲି ହାସଲ କରିଛନ୍ତି କ୍ୟାରିୟରର ୪୯ତମ ଦିନିକିଆ ଶତକ। ଏଥିସହ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ୪୯ତମ ଓଭରରେ ବୋଲିଂ କରିଥିବା କାଗିଶୋ ରାବାଡ଼ାଙ୍କ ତୃତୀୟ ବଲ୍‌ରେ ସିଙ୍ଗଲ ନେଇ ମ୍ୟାଜିକ ତିନିଅଙ୍କ ସ୍ପର୍ଶ କରିଥିଲେ ବିରାଟ। ତାଙ୍କର ଏହି ସଫଳତାରେ ସମ୍ପୂର୍ଣ୍ଣ ଷ୍ଟାଡିୟମ କୋଳାହଳରେ ପ୍ରକମ୍ପିତ ହୋଇ ଉଠିଥିଲା। କୋହଲି ଏହା ପୂର୍ବରୁ ୨ଟି ମ୍ୟାଚରେ ଶତକର ଦ୍ୱାରରେ ପହଞ୍ଚି ଥିଲେ ହେଁ ଅଳ୍ପକେ ମିସ୍ କରି ଯାଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୯୫, ଶ୍ରୀଲଙ୍କା ବିପକ୍ଷରେ ୮୮ ରନ କରି ଆଉଟ ହୋଇଥିଲେ। ତେଣୁ କୋଲକାତା ମ୍ୟାଚ ପୂର୍ବରୁ ତାଙ୍କଠାରୁ ପ୍ରଶଂସକମାନେ ଶତକ ଆଶା କରିଥିଲେ। ନିରାଶ କରି ନ ଥିଲେ କୋହଲି। କ୍ୟାରିୟରର ୨୭୭ତମ ଇନିଂସରେ ସେ ହାସଲ କରିଥିଲେ ୪୯ତମ ଶତକ। ସଚିନ ତେନ୍ଦୁଲକର ୪୫୨ ଇନିଂସରେ ଏହି ସଫଳତା ପାଇଥିଲେ।



ବିରାଟ କୋହଲିଙ୍କ ମୁଖାପିନ୍ଧି ବୃହତ୍ ତ୍ରିରଙ୍ଗା ଧରି କୋଲକାତାର ଇଡେନ ଗାର୍ଡେନ୍ସ ନିକଟରେ ଭାରତୀୟ ପ୍ରଶଂସକ।



ବିରାଟ କୋହଲି

## ମ୍ୟାଚ୍ ମଝିରେ ନାଚିଲେ କୋହଲି

**କୋଲକାତା,୫।୧୧:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ରବିବାର ନିଜ କ୍ୟାରିୟରର ୪୯ ତମ ଶତକ ହାସଲ କରିଥିବା ବେଳେ ଫିଲ୍ଡିଂ ସମୟରେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପ୍ରଥମେ ଶତକ ହାସଲ କରି ଦେଶବାସୀଙ୍କୁ ଜନ୍ମଦିନର ଉପହାର ଦେଇଥିବା ବେଳେ ଫିଲ୍ଡିଂ କରୁଥିବା ବେଳେ ନାଚିବା ସହିତ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ର ୧୯ତମ ଓଭରରେ ଜାଡେଜା ବୋଲିଂ କରୁଥିବା ବେଳେ କୋହଲି 'ମାଇଁ ନେମ୍ ଇଜ୍ ଲଖନ୍' ଗୀତର ସିଗ୍ନେଚର ଷ୍ଟେପ୍ କରିଥିଲେ। ଏହାର ଦୁଇ ଓଭର ପରେ ମଧ୍ୟ କୋହଲି ଆଉ ଏକ ଗୀତରେ ନାଚୁଥିବାର ଦେଖିବାକୁ ମିଳିଥିଲା। ସେହିପରି କେଶବ ମହାରାଜ ଆଉଟ ହେବା ପୂର୍ବରୁ ଦର୍ଶକଙ୍କୁ ଜୋରରେ ତାଳି ମାରିବା ପାଇଁ କୋହଲି ଇସାରା ମଧ୍ୟ କରିଥିଲେ।

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–କ–ବଭୁମା–ବୋ–ରାବାଡା–୪୦
ଶୁବମନ ଗିଲ୍–ବୋ–ମହାରାଜ–୨୩
ବିରାଟ କୋହଲି–ନଟଆଉଟ–୧୦୧
ଶ୍ରେୟଶ ଆୟର–କ–ମାରକ୍ରମ–ବୋ–ଏନଗିଡି–୭୭
ରାହୁଲ–କ– ଭାନଡର ଡୁସେନ–ବୋଜାନସେନ୍–୮
ସୂର୍ଯ୍ୟକୁମାର ଯାଦବ–କ–ଡି'କକ୍–ବୋ–ଶାମି–୨୨
ରବିନ୍ଦ୍ର ଜାଡେଜା–ନଟ ଆଉଟ–୨୯
ଅତିରିକ୍ତ: ୨୬
**ମୋଟ** (୫୦ ଓଭର/୫ଉଇକେଟ) ୩୨୬।
**ଉଇକେଟ ପତନ:** ୧/୬୨, ୨/୯୩, ୩/୨୨୭, ୪/୨୪୯, ୫/୨୮୫।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ଲୁନ୍‌ଗି ଏନ୍‌ଗିଡି ୮.୨–୦–୬୩–୧
ମାର୍କୋ ଜାନସେନ ୯.୪–୦–୯୪–୧
କାଗିସୋ ରାବାଡା ୧୦–୧–୪୮–୧
କେଶବ ମହାରାଜ ୧୦–୦–୩୦–୧
ଟାବ୍ରେଜ ଶାମ୍‌ସି ୧୦–୦–୭୨–୧
ଏଡେନ ମାରକ୍ରମ ୨–୦–୧୭–୦।

**ଦକ୍ଷିଣ ଆଫ୍ରିକା ଇନିଂସ**
କ୍ୱିଣ୍ଟନ ଡି'କକ୍–ବୋ–ସିରାଜ–୫
ଟେମ୍ବା ବଭୁମା–ବୋ–ରବୀନ୍ଦ୍ର ଜାଡେଜା–୧୧
ରସି ଭାନ୍‌ଡର ଡୁସେନ–ଏଲବିଡବ୍ଲ୍ୟୁ–ଶାମି–୧୩
ଏଡେନ ମାରକ୍ରମ–କ–ରାହୁଲ–ବୋ–ଶାମି–୯
ହେନରିଚ୍ କ୍ଲାସେନ–ଏଲବିଡବ୍ଲ୍ୟୁ–ଜାଡେଜା–୧
ଡେଭିଡ ମିଲର–ବୋ–ଜାଡେଜା–୧୧
ମାର୍କୋ ଜାନସେନ–କ–ଜାଡେଜା–ବୋ–କୁଲଦୀପ–୧୪
କେଶବ ମହାରାଜ–ବୋ–ଜାଡେଜା–୭
କାଗିସୋ ରାବାଡା–କ– ଆଣ୍ଡ ବୋ–ଜାଡେଜା–୬
ଲୁନ୍‌ଗି ଏନ୍‌ଗିଡି–ବୋ–କୁଲଦୀପ–୦
ଟାବ୍ରେଜ ଶାମ୍‌ସି– ନଟଆଉଟ–୪
ଅତିରିକ୍ତ:୨
ମୋଟ: ( ୨୭.୧ ଓଭର/ଅଲଆଉଟ)–୮୩।
ଉଇକେଟ ପତନ: ୧/୬, ୨/୨୨, ୩/୩୫, ୪/୪୦, ୫/୪୦, ୬/୫୯, ୭/୬୭, ୮/୭୯, ୯/୭୯, ୧୦/୮୩।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୫–୦–୧୪–୦
ମହମ୍ମଦ ସିରାଜ ୪–୧–୧୧–୧
ରବୀନ୍ଦ୍ର ଜାଡେଜା ୯–୧–୩୩–୫
ମହମ୍ମଦ ଶାମି ୪–୦–୧୮–୨
କୁଲଦୀପ ଯାଦବ ୫.୧–୧–୭–୨।

## ଜନ୍ମଦିନରେ ଶତକ (ଦିନିକିଆ କ୍ରିକେଟ)

➤ବିନୋଦ କାମ୍ବଲି: ୧୦୦* ବନାମ ଇଂଲଣ୍ଡ, ଜୟପୁର, ୧୯୯୩ (୨୧ତମ ଜନ୍ମଦିନ)
➤ସଚିନ ତେନ୍ଦୁଲକର: ୧୩୪ ବନାମ ଅଷ୍ଟ୍ରେଲିଆ, ଶାରଜା, ୧୯୯୮ (୨୫)
➤ସନଥ ଜୟସୁରିୟା: ୧୩୦ ବନାମ ଭାରତ, କରାଚୀ, ୨୦୦୮ (୩୯)
➤ରସ୍ ଟେଲର: ୧୩୧* ବନାମ ପାକିସ୍ତାନ, ପାଲିକେଲେ, ୨୦୧୧ (୨୭)
➤ଟମ୍ ଲଥାମ: ୧୪୦* ବନାମ ନେଦରଲାଣ୍ଡ୍ସ, ହାମିଲଟନ, ୨୦୨୨ (୩୦)
➤ମିଚେଲ ମାର୍ଶ: ୧୨୧ ବନାମ ପାକିସ୍ତାନ, ବେଙ୍ଗାଲୁରୁ, ୨୦୨୩ (୩୨)
➤ବିରାଟ କୋହଲି: ୧୦୧* ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୩ (୩୫)

**(ଟେଲର, ମାର୍ଶ ଓ କୋହଲି ବିଶ୍ୱକପରେ ଶତକ ହାସଲ କରିଛନ୍ତି)**

## ଦିନିକିଆରେ ସର୍ବାଧିକ ଶତକ

୪୯: ବିରାଟ କୋହଲି (୨୭୭ ଇନିଂସ)
୪୯: ସଚିନ ତେନ୍ଦୁଲକର (୪୫୨ ଇନିଂସ)
୩୧: ରୋହିତ ଶର୍ମା (୨୫୧ ଇନିଂସ)
୩୦: ରିକି ପଣ୍ଟିଂ (୩୬୫ ଇନିଂସ)
୨୮: ସନଥ ଜୟସୁରିୟା (୪୩୩ ଇନିଂସ)

**ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲି**
(ଶେଷ ୧୫ ଇନିଂସ)
ରନ: ୧୦୯୧, ଆଭରେଜ: ୧୦୯.୧୦, ଷ୍ଟ୍ରାଇକ ହାର: ୮୯.୮୬, ଶତକ: ୫, ଅର୍ଦ୍ଧଶତକ: ୫।

**ରବିବାର ବିରାଟ କୋହଲିଙ୍କ ୧୦୧***
ବନାମ ପେସ୍: ୫୭ ବଲ୍‌ରୁ ୬୦ ରନ (୯ ଚୌକା, ଷ୍ଟ୍ରାଇକ ହାର–୧୦୫.୨୬)
ବନାମ ସ୍ପିନ୍: ୬୪ ବଲ୍‌ରୁ ୪୧ ରନ (୧ ଚୌକା, ଷ୍ଟ୍ରାଇକ ହାର–୬୪.୦୬)

# ସଙ୍କଟରେ ଶ୍ରୀଲଙ୍କା–ବାଂଲାଦେଶ ମ୍ୟାଚ୍

**ନୂଆଦିଲ୍ଲୀ,୫।୧୧(ପି.ଟି.)**

ପ୍ରଦୂଷଣକୁ ନେଇ ସଙ୍କଟରେ ଦିନିକିଆ କ୍ରିକେଟ ବିଶ୍ୱକପର ୩୮ତମ ମ୍ୟାଚ୍। ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ସୋମବାର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳା ଯିବାକୁ ଥିବା ମ୍ୟାଚ୍ ବାତିଲ ହେବାର ଆଶଙ୍କା ଦେଖାଦେଇଛି। ଉଭୟ ଦଳ ରବିବାରର ଅଭ୍ୟାସ ସେସନ୍ ବାତିଲ କରିବା ପରେ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ଦିଲ୍ଲୀ ଆକାଶରେ ପ୍ରଦୂଷଣ କାରଣରୁ ଘନ କୁହୁଡ଼ିର ଏକ ଆବରଣ ସୃଷ୍ଟି ହୋଇଛି। ଗୁରୁବାରଠାରୁ ଏୟାର କ୍ୱାଲିଟି ଇଣ୍ଡେକ୍ସ ନିୟମିତ ଭାବରେ ୪୫୭ ଉପରେ ରହିଛି। ତେବେ ମ୍ୟାଚ୍ ଦିନରେ ପ୍ରଦୂଷଣର ସ୍ଥିତିକୁ ଦେଖି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାଂଲାଦେଶ ଚଳିତ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇ ସାରିଥିବା ବେଳେ ଶ୍ରୀଲଙ୍କା ନିକଟରେ ଏକ ସଂକୀର୍ଣ୍ଣ ସୁଯୋଗ ରହିଛି। ୨୦୧୭ରେ ଶ୍ରୀଲଙ୍କା ଖେଳାଳିଙ୍କୁ ଦିଲ୍ଲୀରେ ଶ୍ୱାସକ୍ରିୟାରେ ସମସ୍ୟା ହୋଇଥିବା ବେଳେ ୨୦୧୯ରେ ବାଂଲାଦେଶର କିଛି ଖେଳାଳି ବାନ୍ତି କରିଥିଲେ। ଦିନିକିଆରେ ଉଭୟ ଦଳ ୫୩ ଥର ସାମ୍ନାସାମ୍ନି ହୋଇଥିବା ବେଳେ ଶ୍ରୀଲଙ୍କା ୪୨ ଥର ବିଜୟୀ ହୋଇଛି। ବାଂଲାଦେଶ ୯ ଥର ବିଜୟୀ ହୋଇଥିବା ବେଳେ ଦୁଇଟି ମ୍ୟାଚର ଫଳାଫଳ ମିଳି ନାହିଁ। ଦିନିକିଆ ବିଶ୍ୱକପରେ ୩ ଥର ସାମ୍ନାସାମ୍ନି ହୋଇଥିବା ବେଳେ ପ୍ରତ୍ୟେକ ଥର ଶ୍ରୀଲଙ୍କା ବାଜି ମାରିଛି।

# ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୫।୧୧**
**(ତପନ ସ୍ୱାଇଁ)**

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ରବିବାର ଆସିଛି ଆଉ ଏକ ଶୁଭ ଖବର। ଓଡ଼ିଶା ମହିଳା ଫୁଟବଲ ଦଳ ହୋଇଛି ଚାମ୍ପିୟନ। ପୂରା ମ୍ୟାଚରେ ଚମକ ଦେଖାଇ ଆସିଥିବା ଓଡ଼ିଶା ଦଳ ଫାଇନାଲରେ ଶକ୍ତିଶାଳୀ ମଣିପୁରକୁ ଟାଇବ୍ରେକର ୪–୨ ଗୋଲରେ ହରାଇ ବଡ଼ ସଫଳତା ପାଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧–୧ ଗୋଲରେ ବରାବର ରହିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଓଡ଼ିଶା ପକ୍ଷରୁ ପ୍ୟାରୀ ଖାଖା ୫୧ ଓ ମଣିପୁର ପକ୍ଷରୁ ନଙ୍ଗମେକାପାମ୍ ଶିବାନୀ ଦେବୀ ୭୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଓଡ଼ିଶା ଖେଳାଳିମାନେ ୪ଟି ଗୋଲ ଦେଇଥିବାବେଳେ ମଣିପୁର ଦଳ ମାତ୍ର ୨ ଗୋଲରେ ସନ୍ତୁଷ୍ଟ ରହିଥିଲା। ଓଡ଼ିଶା ପକ୍ଷରୁ ପ୍ୟାରି ଖାଖା, ଗ୍ରେସ୍ ଲାଲରାମପରି ହୌନର, ବନ୍ୟା କବିରାଜ ଓ ଏସ୍. ଲିଣ୍ଡା କୋମ୍ ଗୋଲ ଦେଇଥିଲେ। ମଣିପୁରର କେବଳ ୱାଙ୍ଗ୍‌ଖେମ୍ ଲିନ୍‌ଥୋଇଙ୍ଗାମ୍ବି ଓ ଫାନଜୌବାମ୍ ନିର୍ମଳା ଦେବୀ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ସ୍ୱନ୍ଦିତା ଦାସ ଓଡ଼ିଶା ଗୋଲକିପର ଥିଲେ। ଏହାକୁ ମିଶାଇ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାକୁ ସକ୍ଷମ ହୋଇଛି। ପୂର୍ବରୁ ୨୦୦୭ରେ ଆସାମର ଗୁଆହାଟୀ ଓ ୨୦୧୧ରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଦଳ ଏହି ସଫଳତା ପାଇଥିଲା। ତେବେ ମଣିପୁର ପରି ଦଳକୁ ଏଥର ଫାଇନାଲରେ ହରାଇ ଓଡ଼ିଶା ଏକ ବଡ଼ ଉପଲବ୍ଧି ହାସଲ କରିଛି। ୨୦୧୫ ଓ ୨୦୨୨ରେ ଓଡ଼ିଶା ରୌପ୍ୟ ପଦକ ପାଇଥିବାବେଳେ ୨୦୦୨ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା।

**ଜାତୀୟ କ୍ରୀଡ଼ାରେ ଓଡ଼ିଶାର ସଫଳତା**
୩ ସ୍ୱର୍ଣ୍ଣ: ୨୦୦୭, ୨୦୧୧, ୨୦୨୩
୨ ରୌପ୍ୟ: ୨୦୧୫ ଓ ୨୦୨୨
୧ ବ୍ରୋଞ୍ଜ: ୨୦୦୨



ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟବଲ ଦଳ।

### ଶ୍ରଦ୍ଧାଞ୍ଜଳିଙ୍କ ଉପସ୍ଥିତି କାମଦେଲା

ମୁଖ୍ୟ କୋଚ୍ କ୍ରିସ୍ପିନ ଛେତ୍ରୀଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ୨୦୨୩ ଜାତୀୟ କ୍ରୀଡ଼ାରେ ଭଲ ପ୍ରଦର୍ଶନ ଦେଇ ଆସିଥିଲା। ଲିଗ୍ ମ୍ୟାଚପରେ ଓଡ଼ିଶା ଦଳର ମନୋବଳ ବଢ଼ାଇବାପାଇଁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ମେଣ୍ଟରଭାବେ ଦାୟିତ୍ୱ ଦିଆ ଯାଇଥିଲା। ଶ୍ରଦ୍ଧାଞ୍ଜଳି ସେମିଫାଇନାଲ ପୂର୍ବଦିନ ଗୋଆଯାଇ ଖେଳାଳିଙ୍କୁ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଏହା ବେଶ୍ କାମ ଦେଇଥିଲା। ବେଙ୍ଗଲ ବିପକ୍ଷରେ ବିଜୟୀ ହୋଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ ଫାଇନାଲରେ ଶକ୍ତିଶାଳୀ ମଣିପୁରକୁ ଟକ୍କର ଦେଇ ଓଡ଼ିଶା ଚାମ୍ପିୟନ ମଧ୍ୟ ହୋଇଥିଲା।

### ପୁରସ୍କାର ଘୋଷଣା

ଏହି ସଫଳତାରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ରାଶି ଘୋଷଣା କରିଛନ୍ତି। ଦଳର ୨୫ ସଦସ୍ୟ (ଟିମ୍ ଅଫିସିଆଲ୍‌ଙ୍କ ସମେତ) ଙ୍କୁ ୨,୫୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।

## କାନୋଇଂ କାୟାକିଂରେ ଓଡ଼ିଶାକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୫।୧୧**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଚମତ୍କାର ପ୍ରଦର୍ଶନ ଜାରି ରଖିଛି। କାନୋଇଂ ଓ କାୟାକିଂରେ ଓଡ଼ିଶାର ଖେଳାଳି ରବିବାର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହା ସହିତ ଓଡ଼ିଶାର ସମୁଦାୟ ପଦକ ସଂଖ୍ୟା ୪୩ରେ ପହଞ୍ଚିଛି। ଏହା ମଧ୍ୟରେ ୯ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୨୩ ବ୍ରୋଞ୍ଜ ପଦକ ସାମିଲ ରହିଛି। କାନୋଇଂ ଓ କାୟାକିଂର କେ–୨ଡବ୍ଲ୍ୟୁ ୫୦୦ ଇଭେଣ୍ଟରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସି–୨ଡବ୍ଲ୍ୟୁ ୫୦୦ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। କେ–୨ଡବ୍ଲ୍ୟୁ ୫୦୦ ଇଭେଣ୍ଟରେ ଫୁଲମଣୀ ଖାଖା ଓ ବିଦ୍ୟା ଦେବୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସଚିମା କେରକେଟା ଓ ରଶ୍ମିତା ସାହୁଙ୍କ ଯୋଡି ସି–୨ଡବ୍ଲ୍ୟୁ ୫୦୦ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ସହିତ ଓଡ଼ିଶା କାନୋଇଂ ଓ କାୟାକିଂରେ ଅଦ୍ୟାବଧି ୪ ପଦକ ହାସଲ କରିଛି। ଏହା ସହିତ ଓଡ଼ିଶା ପୁରୁଷ ଖୋ ଖୋ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତେଲଙ୍ଗାନାକୁ ୫୦–୧୮ ପଏଣ୍ଟରେ ପରାସ୍ତ କରିଛି ଓଡ଼ିଶା।

## ପାକିସ୍ତାନ ଖେଳାଳିଙ୍କୁ ଜରିମାନା

**ବେଙ୍ଗାଲୁରୁ, ୫।୧୧ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଏକ ବିଶ୍ୱକପ୍ ଲିଗ୍ ଗେମ୍‌ରେ ସ୍ଲୋ ଓଭର–ରେଟ୍ ବୋଲିଂ ପାଇଁ ପାକିସ୍ତାନ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୨୧ରନରେ ବିଜୟ ଲାଭ କରିଥିଲା। ଏଥିସହିତ ଦଳ ସେମିଫାଇନାଲ ଆଶାକୁ ଉଜ୍ଜୀବିତ କରିଛି। ବାବର ଆଜାମଙ୍କ ଦଳ ଧାର୍ଯ୍ୟସମୟରେ ଟାର୍ଗେଟଠାରୁ ୨ ଓଭରରେ ପଛୁଆ ରହିଯାଇଥିଲା। ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ ରିଚି ରିଚାର୍ଡସନ ବାବର ଆଜାମଙ୍କ ଦଳକୁ ଜରିମାନା କରିଛନ୍ତି।






# କୋହଲିଙ୍କୁ ଶୁଭେଚ୍ଛା ଜଣାଇଲେ ସଚିନ

**କୋଲକାତା,୫।୧୧(ପି.ଟି.)**

୩୫ତମ ଜନ୍ମଦିନରେ ବିରାଟ କୋହଲି ନିଜ କ୍ୟାରିୟରର ୪୯ତମ ଦିନିକିଆ ଶତକ ହାସଲ କରି କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହି ଅବସରରେ ତେନ୍ଦୁଲକର ଟୁଇଟ୍ କରି ବିରାଟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରବିବାର ସଚିନ୍ ଦୁଇଟି ଟୁଇଟ୍ କରିଥିଲେ। ପ୍ରଥମ ଟୁଇଟ୍‌ରେ ବିରାଟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ ଦ୍ୱିତୀୟ ଟୁଇଟ୍‌ରେ ୪୯ତମ ଶତକ ରେକର୍ଡ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପ୍ରଥମ ଟୁଇଟ୍‌ରେ କୋହଲିଙ୍କ ସହିତ ନିଜର ଏକ ଫଟୋ ପୋଷ୍ଟ କରିଥିଲେ ସଚିନ୍। ପ୍ରଦର୍ଶନ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଏମିତି ହୃଦୟ ଜିତୁଥାଅ। ଚଳିତବର୍ଷ ତୁମ ପାଇଁ ଆହୁରି ଶୁଭଙ୍କର ହେଉ, ଜନ୍ମ ଦିନର ଢେରସାରା ଶୁଭେଚ୍ଛା ବୋଲି ସଚିନ୍ ନିଜ ପୋଷ୍ଟରେ ଲେଖିଥିଲେ। ବିରାଟ ୪୯ତମ ଶତକ ପୂରଣ କରିବା ପରେ ସଚିନ୍ ଆଉ ଏକ ଟୁଇଟ୍ କରିଥିଲେ। ଏଥିରେ ଲେଖାଥିଲା ବହୁତ ବଢ଼ିଆ ଖେଳିଲ ବିରାଟ। ୪୯ରୁ ୫୦ ଶତକରେ ପହଞ୍ଚିବା ପାଇଁ ମୋତେ ୩୬୫ ଦିନ ସମୟ ଲାଗିଥିଲା ତେବେ ଆସନ୍ତା କିଛି ଦିନ ମଧ୍ୟରେ ତୁମେ ଏହି ମାଇଲଖୁଣ୍ଟ ହାସଲ କରିବା ନେଇ ମୋର ଆଶା। ତେନ୍ଦୁଲକରଙ୍କ ବ୍ୟତୀତ ଗୌତମ ଗମ୍ଭୀର, ଯୁବରାଜ ସିଂ,ବୀରେନ୍ଦ୍ର ସେହ୍ୱାଗ, ଭେଙ୍କଟେଶ ପ୍ରସାଦ ଓ ଏବି ଡି' ଭିଲର୍ସଙ୍କ ପରି ଖେଳାଳି ଜନ୍ମ ଦିନ ଶୁଭେଚ୍ଛା ଜଣାଇଥିଲେ।

ଜନ୍ମଦିନର ଶୁଭେଚ୍ଛା କୋହଲି। ଆସନ୍ତା ବର୍ଷ ପାଇଁ ଢେରସାରା ଶୁଭେଚ୍ଛା ଓ ଶୁଭକାମନା। ଏହି ଯାତ୍ରା ମଧ୍ୟରେ ତୁମେ ଆହୁରି ଅନେକ ରେକର୍ଡ ଭାଙ୍ଗିବା ନେଇ ମୁଁ ଆଶା କରୁଛି ବୋଲି ଲେଖିଥିଲେ ଗୌତମ ଗମ୍ଭୀର। ଏହା ସହ ଉଭୟ ଆଇପିଏଲ ମ୍ୟାଚ ପରେ ପରସ୍ପରକୁ ଆଲିଙ୍ଗନ କରୁଥିବାର ଏକ ଫଟୋ ଗମ୍ଭୀର ପୋଷ୍ଟ କରିଥିଲେ। ଅନ୍ୟତମ ଭାରତୀୟ କ୍ରିକେଟର ଯୁବରାଜ ସିଂ ମଧ୍ୟ ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ। ସେ ଲେଖିଥିଲେ ଜଣେ ଯୁବ ଖେଳାଳି ଭାବରେ ଟିମ୍ ଇଣ୍ଡିଆକୁ ଆସିବା ସମୟରେ କୋହଲିଙ୍କ ମଧ୍ୟରେ ଥିବା କ୍ଷୁଧା ଏବେ ବି ବଳବତ୍ତର ରହିଛି। କ୍ୟାରିୟର ଆରମ୍ଭରୁ ହିଁ କ୍ରିକେଟର ଉଚ୍ଚତର ସୋପାନରେ ପହଞ୍ଚିବାର ସମସ୍ତ ଲକ୍ଷଣ ଦେଖିବାକୁ ମିଳିଥିଲା। ୩୫ତମ ଜନ୍ମ ଦିବସରେ ଢେରସାରା ଶୁଭେଚ୍ଛା। ହିମୋଗ୍ଲୋବିନ୍ ପରି ଶତକ ତୁମ ରକ୍ତରେ ବହୁଛି। ଜଣେ ଯୁବ ଖେଳାଳି ଭାବେ ତୁମର ଶୃଙ୍ଖଳା ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଥିଲା। ରନ୍ ସଂଗ୍ରହ ପାଇଁ ତୁମର ଏହି କ୍ଷୁଧା ସର୍ବଦା ବଳବତ୍ତର ରହୁ ବୋଲି ଲେଖିବା ସହିତ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ ବୀରେନ୍ଦ୍ର ସେହ୍ୱାଗ। ଏବି ଡି'ଭିଲର୍ସ ଏକ ଭିଡିଓ ମେସେଜ ଜରିଆରେ ବିରାଟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ବେଳେ ବିସିସିଆଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟ ଏହି ଷ୍ଟାର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିରାଟ ନିଜ ୩୫ତମ ଜନ୍ମଦିବସ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ପାଳନ କରିବାକୁ ଇଚ୍ଛା ଜାହିର କରିଥିଲେ ମଧ୍ୟ ବିସିସିଆଇ ପକ୍ଷରୁ ଅନୁମତି ମିଳି ନ ଥିଲା।



କୋହଲିଙ୍କ ଜନ୍ମଦିନରେ ରବିବାର କୋଲକାତାରେ ପ୍ରଶଂସକମାନେ କେକ୍ କାଟୁଛନ୍ତି।

# କ୍ରିକେଟ୍‌ର କିମ୍ବଦନ୍ତୀ ବିରାଟ: ଦ୍ରାବିଡ୍

**କୋଲକାତା,୫।୧୧(ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ରବିବାର ୩୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ କୋହଲିଙ୍କୁ କ୍ରିକେଟର କିମ୍ବଦନ୍ତୀ ଭାବରେ ବର୍ଣ୍ଣନା କରିଛନ୍ତି ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ। ନିଜ ପ୍ରଦର୍ଶନ ଜରିଆରେ ସେ ଚଳିତ ଦଶନ୍ଧିର ଖେଳାଳିଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସମର୍ଥ ହୋଇଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ରାଜ୍ କରିବା ସହିତ ସେ ଅସୀମିତ ରେକର୍ଡ କରିଛନ୍ତି ବୋଲି କହିଛନ୍ତି ଦ୍ରାବିଡ୍। ଆଇସିସିକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଦ୍ରାବିଡ୍ ଏହି ବୟାନ ଦେଇଛନ୍ତି। 'ବିରାଟ ଜଣେ କିମ୍ବଦନ୍ତୀ ଖେଳାଳି ଏହା ନିଃସନ୍ଦେହ, ତେବେ ଦିନିକିଆ ଫର୍ମାଟରେ ସେ ଶ୍ରେଷ୍ଠତ୍ୱର ନୂତନ ପରିଭାଷା ତିଆରି କରିଛନ୍ତି। ଯେଉଁଭଳି ଭାବେ ସେ ଦିନିକିଆରେ ମ୍ୟାଚ୍ ଫିନିଶ କରନ୍ତି, ତାହା ସ୍ୱତନ୍ତ୍ର। ନିଜ ପିଢ଼ିର କ୍ରିକେଟରଙ୍କ ପାଇଁ କୋହଲି ଏକ ବେଞ୍ଚମାର୍କ ପ୍ରତିଷ୍ଠା କରିଛନ୍ତି।'

ବିରାଟ କୋହଲି ଭାରତୀୟ କ୍ରିକେଟ ଓ କ୍ରିକେଟରଙ୍କୁ ନେଇ ଥିବା ଧାରଣାକୁ ଆମୂଳଚୂଳ ପରିବର୍ତ୍ତନ କରିଛନ୍ତି ବୋଲି କହିଛନ୍ତି, ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। କ୍ରିକେଟରେ ବ୍ୟାଟରମାନେ କିଭଳି ପ୍ରଦର୍ଶନ କରିବା ଉଚିତ କୋହଲି ଏହାର ଉଦାହରଣ ବୋଲି ସେ କହିଛନ୍ତି। ଯୁବ ଭାରତୀୟ ଓପନର ଶୁବମନ ଗିଲ୍ ମଧ୍ୟ କୋହଲିଙ୍କ ପ୍ରଶଂସା କରିଛନ୍ତି। ରନ୍ ସଂଗ୍ରହ ପାଇଁ କୋହଲିଙ୍କ କ୍ଷୁଧା ଅତୁଳନୀୟ ବୋଲି ଗିଲ୍ କହିଛନ୍ତି। କୋହଲିଙ୍କ ପରି ଅନ୍ୟ କୌଣସି ଖେଳାଳିଙ୍କୁ ମୁଁ ଦେଖି ନାହିଁ ବୋଲି ସେ କହିଛନ୍ତି।

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ଶ୍ରୀଲଙ୍କା**

**ସ୍ଥାନ: ଦିଲ୍ଲୀ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୭ | ୫ | ୨ | ୧୦ | +୦.୯୨୪ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | -୧.୧୬୨ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୭ | ୧ | ୬ | ୨ | -୧.୫୦୪ |



FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com. Authorised Main Dealers: SAMBALPUR: KISHORE TVS, 9778371171, BOLANGIR: RAJALAXMI TVS, 8260437538, BARGARH: SHUBHAMM TVS, 8860625628, ROURKELA: UNIQUE TVS, 8114372182, 8114372181, GURU GOBIND TVS, 9776280601, 9437203299, JHARSUGUDA: GUNNU TVS, 8586977624, SONEPUR: MINERVA TVS, 6370700730, 6370700732, BHAWANIPATNA: RAAJ RAJESWARI TVS, 7682809880; JUNAGARH: MAA BANJARI TVS, 9437939586, 7978323005. Authorised Dealers: Brajrajnagar: 9937077883, Deogarh: 9437392892, Modipara: 9337016000, Bamra: 9668005302, Kuchinda: 9777189689 Kantapali: 9437096134, Dhama: 7735079641, Rairakhol: 9937503010, Patnagarh: 9938621078, Raj Khariar: 9439144433. Kantabanji: 8596980487, Gaisilat: 7683848645, Saintala: 9861471371, Bangamunda: 9937526500, Tusura: 9437890955 Udanbandh: 9437626855, Lathor: 7008086417, Titlagarh: 9776516666, Belpara: 7008771977, Belpahar: 8249880971. Bandhbahal: 9439810542, Nuapara: 9938098888, Baragarh: 9938739550, Attabira: 9583558398, Paikamal: 9938119999. Bheden: 7008822177, Godbagha: 9438043220, Diptipur: 9937119913, Padampur: 8018570957, Jagadalpur: 7974013864, Dungripally: 9937926986, Kantamal: 7008225996, Birmaharajpur: 8018860710, Narla: 9437707650, Kesinga: 9437625573 Charbahal: 9178236679, M. Rampur: 9078855864, Sinapali: 9937906526, Laikera: 9938465363, Bagdehi: 9438736989, Rajgangpur: 9437172724, Kutra: 6370578102, Bonai: 9124187787.
McCann/Blr/Tvs/139/11/23

# ଫୁସ୍‌ଫୁସ୍ ବିଶେଷଜ୍ଞଙ୍କ ପରାମର୍ଶ ନେଲା ଆଇସିସି

**ନୂଆଦିଲ୍ଲୀ, ୫ା୧୧ (ପି.ଟି.)**

ମାତ୍ରାଧିକ ବାୟୁ ପ୍ରଦୂଷଣ ପାଇଁ ସୋମବାର ଶ୍ରୀଲଙ୍କା-ବାଂଲାଦେଶ ମ୍ୟାଚ ଖେଳାଯିବାକୁ ନେଇ ଆଶଙ୍କା ଦେଖାଦେଇଛି। କାର୍ଯ୍ୟସୂଚୀ ଅନୁସାରେ ନୂଆଦିଲ୍ଲୀରେ ମ୍ୟାଚ ଯେପରି ଖେଳାଯାଇପାରିବ ସେନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବିଶିଷ୍ଟ ଫୁସ୍‌ଫୁସ୍ ବିଶେଷଜ୍ଞ ରଣଦୀପ ଗୁଲେରିଆଙ୍କ ପରାମର୍ଶ ନେଇଛି। ଗତ ୪ ଦିନ ହେଲା ବିଷାକ୍ତ କୁହୁଡିର ଘନ ସ୍ତର ସହରକୁ ଘୋଡ଼ାଇ ରଖିଛି। ଅତିକମ୍‌ରେ

**ଶ୍ରୀଲଙ୍କା-ବାଂଲାଦେଶ ମ୍ୟାଚ**

ମଙ୍ଗଳବାର ପର୍ଯ୍ୟନ୍ତ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ)ଅବା ବାୟୁ ଗୁଣବତ୍ତା ସୂଚକାଙ୍କ ଗୁରୁତର ବର୍ଗରେ ରହିପାରେ। ମ୍ୟାଚ ଅଫିସିଆଲମାନେ ସୋମବାର ଯାହା ନିଷ୍ପତ୍ତି ନେବେ। ବିପଜ୍ଜନକ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଜଳ ସିଞ୍ଚନ ସହ ଡ୍ରେସିଂ ରୁମ୍‌ରେ ଏୟାର ପ୍ୟୁରିଫାୟର ଯନ୍ତ୍ର ଖଞ୍ଜିବା ବ୍ୟବସ୍ଥା କରିପାରେ। ସୋମବାର ଗେମ୍ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦିଲ୍ଲୀ ସ୍ଥିତିର ଆକଳନ କରିବା ଲାଗି ଆଇସିସିକୁ ବିଶିଷ୍ଟ ଫୁସ୍‌ଫୁସ୍ ବିଶେଷଜ୍ଞ ଡାକ୍ତର ରଣଦୀପ ଗୁଲେରିଆଙ୍କ ସହାୟତା ଯୋଗାଇ ଦେଇଥିବା ଆଇସିସିର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ